# ପ୍ରାର୍ଥନା

ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ମୁଁ ଏଇ ଜଗତର ସ୍ତୁତି ଗାନ କଲି ଯେଉଁଠାରେ କି କେବଳ ତୁମକୁ କାମନା କରାଯାଏ ତା' ନୁହେଁ, ତୁମକୁ ବି ଜାଣିହୁଏ ଏବଂ ତୁମ ସହ ଏକ ହୋଇଯାଇ ହୁଏ । ଆଉ ମୁଁ ବିସ୍ମିତ ହେଲି ଯେ ଏମିତି କେତେକ ଲୋକ ବି ଅଛନ୍ତି ଯେଉଁମାନେ ପୂର୍ଣ୍ଣତାର ଅନ୍ୟ ଏକ ଜଗତରେ ପହଞ୍ଚିବାର ଉଦ୍ଦେଶ୍ୟ ନେଇ ଏ ବିଶ୍ୱ ଛାଡ଼ି ଚାଲି ଯିବାକୁ ତୀବ୍ର ଅଭୀପ୍ସା ପୋଷଣ କରନ୍ତି ।

ତୁମେ ମୋ ହୃଦୟରେ ଏତେ ତୃପ୍ତି ଭରି ଦେଇଛ ଯେ ଆନ୍ତର ଓ ବାହ୍ୟ ସକଳ ପରିସ୍ଥିତିରେ ମୁଁ ପରିତୃପ୍ତ ନ ହୋଇ ରହିପାରୁନି । ତଥାପି ମୋ ମଧ୍ୟରେ ଗୋଟିଏ ସତ୍ତା ଆସ୍ପୃହା କରେ ଆହୁରି ବେଶୀ ସୌନ୍ଦର୍ଯ୍ୟ, ଆହୁରି ଆଲୋକ, ଜ୍ଞାନ ଓ ପ୍ରେମ – ଗୋଟାଏ କଥାରେ କହିଲେ, ଆସ୍ପୃହା କରେ ତୁମ ସହ ଆହୁରି ସଜ୍ଞାନ ଓ ଅବିଚ୍ଛିନ୍ନ ସଂପର୍କ ଲାଗି । ... କିନ୍ତୁ ତା'ମଧ୍ୟ ତୁମ ଇଚ୍ଛା ଉପରେ ନିର୍ଭର କରେ, ଏବଂ ଯେତେବେଳେ ଏହାହିଁ ତୁମର ଇଚ୍ଛା ହେବ ସେତେବେଳେ ତୁମେ ମୋ ପାଇଁ ଆଣିଦେବ ପରିପୂର୍ଣ୍ଣ ରୂପାନ୍ତର ।

ଜୁଲାଇ ୨୫, ୧୯୧୪ — ଶ୍ରୀମା



# ପୁଷ୍ପ ମଧ୍ୟସ୍ଥ ସ୍ପନ୍ଦନ

Since flowers are the manifestation of the psychic in the vegetal kingdom, love of flowers would mean that one is attracted by the psychic vibration in them and consequently by the psychic in one's own being.

When one is receptive to the psychic vibration, it puts one more intimately in contact with the psychic in one's own being.

Perhaps even the beauty of flowers is a means used by Nature to awaken in human beings an attraction to the psychic.

(13 January, 1972) – The Mother

ଉଦ୍ଭିଦ ଜଗତରେ ଫୁଲମାନେ ଯେହେତୁ ଚୈତ୍ୟପୁରୁଷଙ୍କ ଅଭିବ୍ୟକ୍ତିକୁ ବୁଝାନ୍ତି, ଫୁଲମାନଙ୍କୁ ଭଲପାଇବା ସୂଚାଇ ଦିଏ ଯେ ତୁମେ ସେମାନଙ୍କ ମଧ୍ୟସ୍ଥ ଚୈତ୍ତ୍ୟିକ ସ୍ପନ୍ଦନ ଦ୍ୱାରା ଆକୃଷ୍ଟ ହୋଇଛ ଓ ପରିଣାମତଃ ନିଜ ସତ୍ତାର ଚୈତ୍ୟ-ପୁରୁଷଙ୍କ ଦ୍ୱାରା ମଧ୍ୟ ।

ଯେତେବେଳେ ତୁମେ ଚୈତ୍ତ୍ୟିକ-ସ୍ପନ୍ଦନ ପ୍ରତି ଗ୍ରହଣଶୀଳ ଥାଅ, ସେତେବେଳେ ତାହା ତୁମ ନିଜ ସତ୍ତାସ୍ଥ ଚୈତ୍ୟ ପୁରୁଷଙ୍କ ସହ ତୁମକୁ ଅତି ଅନ୍ତରଙ୍ଗ ଭାବେ ଯୁକ୍ତ କରିଦିଏ ।

ବୋଧହୁଏ ଏପରି କି ଫୁଲର ସୌନ୍ଦର୍ଯ୍ୟକୁ ମଣିଷ ଭିତରେ ଚୈତ୍ୟପୁରୁଷଙ୍କ ପ୍ରତି ଏକ ଆକର୍ଷଣ ଜାଗ୍ରତ୍ କରିବା ଲାଗି ପ୍ରକୃତି ଏକ ଉପାୟ ଭାବେ ବ୍ୟବହାର କରିଥାଏ ।

(୧୩ ଜାନୁଆରୀ, ୧୯୭୨) – ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ

**(The Kingdoms and Godheads of the Greater Mind)**

(୧୯)

## ଶ୍ରୀଅରବିନ୍ଦ

The cosmos is no accident in Time;
There is a meaning in each play of Chance,
There is a freedom in each face of Fate.

ବିଶ୍ୱବ୍ରହ୍ମାଣ୍ଡ କାଳଧାରାରେ ଆକସ୍ମିକ ଘଟନା ମାତ୍ର ନୁହେଁ; ଆକସ୍ମିକତାର ପ୍ରତିଟି ଖେଳରେ ରହିଛି ଏକ ଅର୍ଥ, ନିୟତିର ପ୍ରତିଟି ମୁଖପଟରେ ରହିଛି ଏକ ସ୍ୱାଧୀନତା ।

A Wisdom knows and guides
the mysteried world;
A Truth-gaze shapes its beings and events;
A Word self-born upon creation's heights,
Voice of the Eternal in the temporal spheres,
Prophet of the seeings of the Absolute,
Sows the Idea's significance in Form
And from that seed the growths of Time arise.

ରହସ୍ୟାବୃତ ଜଗତକୁ ଜାଣେ ଏବଂ ପରିଚାଳିତ କରେ ଏକ ପ୍ରଜ୍ଞା; ଏକ ପରମ ସତ୍ୟ-ଦୃଷ୍ଟି ତାହାର ସତ୍ତାସମୂହ ତଥା ଘଟନାବଳିକୁ ଆକାର ଦିଏ; ସୃଷ୍ଟିର ଶିଖରମାଳା ଉପରେ ସ୍ୱୟଂଭୂ ଏକ ମହାବାକ୍, କାଳଗତ ଭୁବନମଣ୍ଡଳରେ ଶାଶ୍ୱତଙ୍କର କଣ୍ଠସ୍ୱର, ପରାତ୍ପରଙ୍କ ଦୃଷ୍ଟିସକଳର ବାର୍ତ୍ତାବହ, ମୂଳ ଭାବନାର ତାତ୍ପର୍ଯ୍ୟକୁ ବପନ କରେ ରୂପାକାରରେ ଏବଂ ସେହି ବୀଜରୁ ସମୁଦ୍‌ଗତ ହୁଏ କାଳର ଯାବତୀୟ ଅଭିବୃଦ୍ଧି ।

On peaks beyond our ken the All-Wisdom sits:
A single and infallible look comes down,
A silent touch from the supernal's air
Awakes to ignorant knowledge in its acts
The secret power in the inconscient depths,
Compelling the blinded Godhead to emerge,
Determining Necessity's nude dance
As she passes through the circuit of the hours
And vanishes from the chase of finite eyes
Down circling vistas of aeonic Time.

ଆମ ଜ୍ଞାନର ପରିସର ସେପାରିରେ ଶୃଙ୍ଗାବଳି ଉପରେ ସମାସୀନା ସର୍ବ-ପ୍ରଜ୍ଞା : ଅବତରଣ କରି ଆସେ ଏକ ଏକକ ଏବଂ ଅଭ୍ରାନ୍ତ ଦୃଷ୍ଟି, ସ୍ୱର୍ଗୀୟ ବ୍ୟୋମଦେଶରୁ ଆଗତ ଏକ ନୀରବ ସ୍ପର୍ଶ ତାହାର କ୍ରିୟାକଳାପଚୟରେ ନିଶ୍ଚେତନ ଗଭୀରତା ମଧ୍ୟରେ ନିହିତ ଗୋପନ ଶକ୍ତିକୁ ଜଗାଇ ଦିଏ ବିମୂଢ଼ ଜ୍ଞାନ ପର୍ଯ୍ୟାୟକୁ, ଦୃଷ୍ଟିହରା ଦେବତ୍ୱକୁ ବହିର୍ଗତ ହେବା ଲାଗି ବାଧ୍ୟ କରେ, ମୁହୂର୍ତ୍ତମାଳାର ଚକ୍ରାତିକ୍ରମ କଲାବେଳେ ଏବଂ ଯୁଗଯୁଗାନ୍ତକାରୀ କାଳର ଘୂର୍ଣ୍ଣାୟମାନ ବିସ୍ତାର ତଳେ ଅନ୍ତର୍ହିତ ହୋଇଯିବା ବେଳେ ଅପରିହାର୍ଯ୍ୟ ବିଧାନର ନଗ୍ନ ନର୍ତ୍ତନ ନିର୍ଦ୍ଧାରଣ କରେ ।

The unseizable forces of the cosmic whirl
Bear in their bacchant limbs the fixity
Of an original foresight that is Fate.

ବିଶ୍ୱାବର୍ତ୍ତର ଅଗ୍ରାହ୍ୟ ଶକ୍ତିପୁଞ୍ଜ ସେମାନଙ୍କର ଉଲ୍ଲାସୋନ୍ମତ୍ତ ଅଙ୍ଗପ୍ରତ୍ୟଙ୍ଗରେ ଧାରଣ କରନ୍ତି ଏକ ଆଦିମୂଳ ଭବିଷ୍ୟଦୃଷ୍ଟିର ଅଟଳତା ଯାହାର ନାମ ନିୟତି ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ସମୟ — ବନ୍ଧୁ ନା ଶତ୍ରୁ ?

## ଶ୍ରୀମା

### ଦ୍ରୁତ ଓ ଧୀର

ଚୈତ୍ୟସତ୍ତାହିଁ ଜୀବନକୁ ପରିଚାଳିତ କରେ, ନିର୍ଦ୍ଦେଶ ଦିଏ, ଏପରିକି ଜୀବନକୁ ସଂଗଠିତ ମଧ୍ୟ କରେ । ଏହା ଚେତନାକୁ ଓ ବ୍ୟକ୍ତିର ବିଭିନ୍ନ ଅଂଶକୁ ମଧ୍ୟ ସଂଗଠିତ କରେ । ଯେତେବେଳେ ଏକଥା ଘଟେ, କାର୍ଯ୍ୟଟି ଖୁବ୍ ଦ୍ରୁତଗତିରେ ଚାଲେ । ବହୁତ ଦ୍ରୁତ ଗତିରେ ଚାଲେ, ମାନେ ... ଆପେକ୍ଷିକ ଭାବେ ଦ୍ରୁତ ଗତିରେ ଚାଲେ ।

ମାନବୀୟ ଚେତନାରେ କିନ୍ତୁ ସବୁକଥା *ଖୁବ୍ ଧୀର* ଗତିରେ ଚାଲୁଥାଏ । ମଣିଷର ସୀମିତ ଆୟୁକାଳ ଭିତରେ କିଛି ଗୋଟାଏ ଉପଲବ୍ଧି କରିବା ପାଇଁ ଆମେ ଯେତେବେଳେ ଆବଶ୍ୟକ ସମୟର ତୁଳନା କରୁ, ଏହା ମନେ ହୁଏ ସତେକି ଅନନ୍ତ କାଳ ଲାଗିଯିବ । କିନ୍ତୁ ସୁଖର କଥା ଯେ ଏମିତି ଏକ ସମୟ ଆସେ ଯେତେବେଳେ ଜଣେ ଏହି ଧାରଣାରୁ ରକ୍ଷା ପାଇଯାଏ, ସେତେବେଳେ ସେ ଆଉ ମାନବୀୟ ପରିମାପରେ ସମୟକୁ ମାପେ ନାହିଁ । ଯେତେବେଳେ ଜଣେ ତା'ର ଚୈତ୍ୟସତ୍ତା ସହିତ ସଂଯୁକ୍ତ ହୋଇଯାଏ, ସେତେବେଳେ ତା'ର ଏହି ପ୍ରକାରର ସମୟର ଧାରଣାରୁ ସଂକୀର୍ଣ୍ଣତା ଚାଲିଯାଏ ଏବଂ ସମସ୍ତ କ୍ଷୋଭ ଓ ଯନ୍ତ୍ରଣା ମଧ୍ୟ ଚାଲିଯାଏ । ଏହି କ୍ଷୋଭପୂର୍ଣ୍ଣ ଯନ୍ତ୍ରଣା ବହୁତ ଖରାପ : ''ମୋତେ ଖୁବ୍ ତ୍ୱରାନ୍ୱିତ ହେବାକୁ ପଡ଼ିବ, ମୋତେ ଖୁବ୍ ଚଞ୍ଚଳ ହେବାକୁ ପଡ଼ିବ, ଆଉ ବେଶୀ ସମୟ ମୋ ହାତରେ ନାହିଁ, ମୋତେ ନିଶ୍ଚୟ ଶୀଘ୍ର ଶୀଘ୍ର ସବୁ ସାରିଦେବାକୁ ହେବ, ଆଉ ବେଶୀ ସମୟ ବି ନାହିଁ ।'' ଏପରି ଅବସ୍ଥାରେ ଜଣେ କୌଣସି କାର୍ଯ୍ୟ ଭଲ ଭାବେ କରିପାରେ ନାହିଁ କିଂବା ସେ ଆଦୌ କିଛି କାମ କରିପାରେ ନାହିଁ । କିନ୍ତୁ ଯେତେବେଳେ ଚୈତ୍ୟସତ୍ତା ସହିତ ସଂଯୋଗ ହୋଇଯାଏ, ସେତିକିବେଳେ ଯାଇ ଏସବୁ ଅନ୍ତର୍ହିତ ହୋଇଯା'ନ୍ତି; ସେତେବେଳେ ଯାଇ ସେ ଟିକିଏ ବିଶାଳ ହେବାକୁ, ଧୀର ଓ ଶାନ୍ତ ହେବାକୁ ଆରମ୍ଭ କରେ ଏବଂ ଶାଶ୍ୱତ ଭିତରେ ବାସ କରିବାକୁ ଆରମ୍ଭ କରେ ।

### ସମୟ — ବନ୍ଧୁ ନା ଶତ୍ରୁ ?

*ପ୍ରଶ୍ନ : ମା ! ସମୟ କେମିତି ବନ୍ଧୁ ହୁଏ ?*

**ଶ୍ରୀମା :** ତୁମେ କଥାଟିକୁ କିପରି ଦେଖୁଛ, ଏହା ନିର୍ଭର କରେ ତା'ରି ଉପରେ । ସବୁକଥା ବି ସେହିପରି — ତୁମେ ବିଷୟଟି ସଙ୍ଗେ କିପରି ସମ୍ବନ୍ଧ ରଖୁଛ ତା'ଉପରେ ସବୁ ନିର୍ଭର କରେ । ତୁମେ ଯଦି ସମୟକୁ ବନ୍ଧୁ ବୋଲି ଭାବିବ, ତା'ହେଲେ ସେ ବନ୍ଧୁ । ଯଦି ତୁମେ ଭାବିବ ଯେ ସମୟ ତୁମର ଶତ୍ରୁ — ତେବେ ସେ ଶତ୍ରୁ ହୋଇଯିବ ।

କିନ୍ତୁ ତୁମେ ଅବଶ୍ୟ ସେକଥା ପଚାରୁ ନାହଁ । ତୁମେ ପଚାରୁଛ ଯେ ସମୟ ଯେତେବେଳେ ଶତ୍ରୁ ହୁଏ ସେତେବେଳେ ଜଣେ କିପରି ଅନୁଭବ କରେ ଏବଂ ସମୟ ଯେତେବେଳେ ବନ୍ଧୁ ହୁଏ, ଜଣକୁ କିପରି ଅନୁଭବ ହୁଏ । ଦେଖ, ତୁମେ ଯେତେବେଳେ ଅଧୀର ହୋଇପଡ଼ ଏବଂ ନିଜକୁ କୁହ, ''ଓଃ ! ମୁଁ ନିଶ୍ଚୟ ଏ କାର୍ଯ୍ୟରେ ସଫଳ ହେବା କଥା କିନ୍ତୁ ମୁଁ କାହିଁକି ସଫଳ ହେଉ ନାହିଁ ?'' ତେଣୁ ତୁମେ ଯେତେବେଳେ ଯଥାଶୀଘ୍ର ସେ କାର୍ଯ୍ୟଟିରେ ସଫଳ ହୋଇ ନ ପାରିଲ ଏବଂ ହତାଶା ଭିତରେ ପଡ଼ିଗଲ, ସେତେବେଳେ ସମୟ ତୁମର ଶତ୍ରୁ ହୋଇଗଲା । କିନ୍ତୁ ତୁମେ ଯେତେବେଳେ ନିଜକୁ କହିବ, ''ଠିକ୍ ଅଛି, ମୁଁ ଏଥର ସଫଳ ହେଲି ନାହିଁ, କିନ୍ତୁ ମୁଁ ଆର ଥରକୁ ସଫଳ ହେବି ଏବଂ ମୁଁ ନିଶ୍ଚିତ ଯେ ଦିନେ ନା ଦିନେ ଏ କାର୍ଯ୍ୟରେ ସଫଳତା ପାଇବି,'' ସେତେବେଳେ ସମୟ ତୁମର ବନ୍ଧୁ ହୋଇଯାଏ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ତ୍ରୟୋବିଂଶ ପରିଚ୍ଛେଦ)

## ଆଧ୍ୟାତ୍ମିକ ଯୁଗାବିର୍ଭାବର ପରିବେଶ (୨)

**ଶେଖ ଅବଦୁଲ କାଶମ**

ଅତୀତରେ ମନୁଷ୍ୟ ଜୀବନକୁ ଆଧ୍ୟାତ୍ମିକ କରିବାର ସକଳ ଉଦ୍ୟମ ଏକ ଯାନ୍ତ୍ରିକତା ଭିତରେ ଗୁଡ଼େଇ ହୋଇ ଯାଉଥିଲା । ଆନ୍ତର ଶକ୍ତିର ଉପଯୋଗ କରିବା ପରିବର୍ତ୍ତେ ବାହ୍ୟ ସାଧନ ଓ ଯାନ୍ତ୍ରିକ ବ୍ୟବସ୍ଥାକୁ ଅବଲମ୍ବନ କରିବା ଯୋଗୁଁ ଉଦ୍ଦିଷ୍ଟ ପରିବର୍ତ୍ତନ ସମ୍ଭବ ହୋଇ ପାରୁ ନଥିଲା । ଧର୍ମ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଯାନ୍ତ୍ରିକତା ଓ ବାହ୍ୟିକତା ପ୍ରବେଶ କରି ତନ୍ମଧ୍ୟସ୍ଥ ଅସଲ ମର୍ମକୁ ନଷ୍ଟ କରି ପକାଉଥିଲା । ଜଡ଼ସ୍ତରୀୟ ମନୁଷ୍ୟର ପରିବର୍ତ୍ତନ ପାଇଁ ପ୍ରାଣଗତ, ବୌଦ୍ଧିକ, ମାନସିକ ଓ ଆଧ୍ୟାତ୍ମିକ କ୍ଷେତ୍ରର ସକଳ ଉଦ୍ୟମ ମୁଖ୍ୟତଃ ଜଡ଼ଗତ ମନର ମାଧ୍ୟମରେହିଁ କାର୍ଯ୍ୟ କରୁଥିଲା । ଫଳରେ ସେଗୁଡ଼ିକ ଯାନ୍ତ୍ରିକତା ଦ୍ୱାରା କବଳିତ ହେବା ସ୍ୱାଭାବିକ ଥିଲା ।

ଯଦି ଆମେ ମନୁଷ୍ୟ ସମାଜର ଅଧ୍ୟାତ୍ମୀକରଣ ଚାହୁଁ ତେବେ ସମୂହ ସ୍ତରରେ ଆମକୁ ଭୌତିକ ଓ ପ୍ରାଣଗତ ମନୁଷ୍ୟର ସୀମାରୁ ବାହାରି ଆସିବାକୁ ହେବ ଏବଂ ଚୈତ୍ୟ ଓ ଯଥାର୍ଥ ମନୋମୟ ସତ୍ତାରେ ପରିଣତ ହେବାକୁ ପଡ଼ିବ । ସମୂହ ସ୍ତରରେ ଏଭଳି ଏକ ପ୍ରଗତି ଓ ପରିବର୍ତ୍ତନ ସମ୍ଭବ ହୋଇ ନ ପାରିଲେ ସମଗ୍ର ମାନବଜାତିର ଅଧ୍ୟାତ୍ମୀକରଣର ଲକ୍ଷ୍ୟ ଏକ ଅଳୀକ କଳ୍ପନା ହୋଇ ରହିଯିବ ।

ସଭ୍ୟତାର କ୍ରମବିକାଶ ଏକ ମହାନ୍ ପ୍ରତିଶ୍ରୁତି ବହନ କରୁଛି । ଜଡ଼ ଓ ଚିଦ୍‌ଗତତା ମଧ୍ୟରେ ରହିଥିବା ସୋପାନଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଅତିକ୍ରମ କରି ତାହା ସେଗୁଡ଼ିକର ଶକ୍ତି ସହିତ ପରିଚିତ ହେଉଛି । ଆଧୁନିକ ଯୁଗର ମନୁଷ୍ୟ ତା'ର ବୁଦ୍ଧିର ପ୍ରୟୋଗ ଦ୍ୱାରା ଜଡ଼ ଓ ପ୍ରାଣ ମଧ୍ୟରେ କାର୍ଯ୍ୟ କରି ତନ୍ମଧ୍ୟସ୍ଥ  ସକଳ ସମ୍ଭାବନାକୁ ବାସ୍ତବ ରୂପ ଦେବା ପାଇଁ ଚେଷ୍ଟା କରି ଚାଲିଛି । 'ଅନ୍ନଂ ବ୍ରହ୍ମ' ଓ 'ପ୍ରାଣୋ ବ୍ରହ୍ମ' – ଏ ଦୁଇଟି କଳ୍ପନାକୁ ସତ୍ୟ ବୋଲି ମାନି ନେବା ପରେ ସେ ଏକ ତୃତୀୟ କଳ୍ପନାକୁ ଧାରଣ କରିଛି । ଆମର ଉପରିଭାଗସ୍ଥ ମନଠାରୁ ଭିନ୍ନ ଏକ ମହାନ୍ ଆତ୍ମ-ଅଭିବ୍ୟକ୍ତିଶୀଳ ଓ ଆତ୍ମ-ସନ୍ଧାନରତ ଅନ୍ତର୍ମନକୁ ସେ ଆବିଷ୍କାର କରିବାକୁ ବସିଲାଣି । ସେହି ଅନ୍ତର୍ମନହିଁ ଆମ ଅସ୍ତିତ୍ୱର ସର୍ବନିୟାମକ ଶକ୍ତି ବୋଲି ସେ ଜାଣିଲାଣି । ଅର୍ଥାତ୍ ସେ 'ମନୋ ବ୍ରହ୍ମ'ର କଳ୍ପନାଟିକୁ ଭିତ୍ତି କରି ଜୀବନର ସମ୍ଭାବନାଗୁଡ଼ିକୁ ରୂପ ଦେବା ପାଇଁ ଅଣ୍ଟା ଭିଡ଼ି ବାହାରିଛି ।

ଏହି କଳ୍ପନାଗୁଡ଼ିକ ଯଦି ତୀବ୍ର ବେଗରେ ଗୋଟିଏ ପରେ ଗୋଟିଏ ସଂଘଟିତ ହୋଇ ଯାଆନ୍ତି ଏବଂ ପ୍ରତ୍ୟେକ ସୋପାନରେ ଯଦି ସମ୍ଭାବନାଗୁଡ଼ିକ କ୍ଷିପ୍ରଗତିରେ ଅଭିବ୍ୟକ୍ତ ହୋଇ ଆସନ୍ତି ତାହାହେଲେ ତାହା ହେବ ଭବିଷ୍ୟତ୍ ପାଇଁ ଏକ ବିରାଟ ପରିବର୍ତ୍ତନର ମହାନ୍ ପ୍ରତିଶ୍ରୁତି ।

ମନୁଷ୍ୟଜାତିର ଅନ୍ୟାନ୍ୟ ଦୁଃସାହସିକ ଅଭିଯାତ୍ରା ପରି ଏହି ଆଶୟଗତ ଯୁଗ ମଧ୍ୟ ଏକ ଦୁଃସାହସିକତାର ଯୁଗ ହୋଇ ରହିବ । ଏଥିରେ ମଧ୍ୟ ଅନେକ ବିପଦ ଓ ଅନିଶ୍ଚିତତା ପୂର୍ଣ୍ଣ ହୋଇ ରହିଛି । ତେଣୁ ଯଥାର୍ଥ ଆବିଷ୍କାରରେ ପହଞ୍ଚି ପାରିବା ପୂର୍ବରୁ ଆମକୁ ଦୀର୍ଘପଥ ଚାଲିବାକୁ ହେବ ।

ତୃତୀୟ ସୋପାନରେ, ଅର୍ଥାତ୍ ମନୋଗତ ଆଶୟଗତତାର ଯୁଗରେ ଆମକୁ ଏହି ଦୃଢ଼ ଧାରଣା ପୋଷଣ କରିବାକୁ ହେବ ଯେ ମନ ହେଉଛି ଚିଦ୍‌ଗତତା ବା ଆତ୍ମାର ଏକ ଗୌଣ ସାମର୍ଥ୍ୟ ମାତ୍ର ଏବଂ ଚିଦ୍‌ଗତତାହିଁ ହେଉଛି ପରମ ଶାଶ୍ୱତ ଓ ପରମ ସତ୍ୟ । ଅର୍ଥାତ୍, 'ଅୟମାତ୍ମା ବ୍ରହ୍ମ' – ଏହି ଧାରଣାଟିହିଁ ଆମକୁ ଯଥାର୍ଥ ସତ୍ୟ-ରହସ୍ୟ ପାଖରେ ପହଞ୍ଚାଇ ଦେଇ ପାରିବ । ତେବେ ଯାଇ ଜୀବନ ଓ ଜଗତର ସକଳ ଦିଗକୁ ଚିଦ୍‌ଗତତାରହିଁ ଆତ୍ମ-ଅଭିବ୍ୟକ୍ତି ରୂପେ ଅଧ୍ୟୟନ କରିହେବ ଓ ଜାଣିହେବ । ସେତେବେଳେ ଯାଇ ମନୁଷ୍ୟଜାତିର ଏକ ଆଧ୍ୟାତ୍ମିକ ଯୁଗ ସମ୍ଭବ ହେବ ।

ଅସ୍ତିତ୍ୱର ଯେଉଁ ତିନୋଟି ମୂଳ ସତ୍ୟରୁ ଆଧ୍ୟାତ୍ମିକ ଯାତ୍ରା ଆରମ୍ଭ ହେବ ତାହା ହେଲା – ଈଶ୍ୱର, ମୁକ୍ତି ଓ ଏକତ୍ୱ । ଏହି ତିନୋଟି ସତ୍ୟ ପ୍ରକୃତରେ ଏକହିଁ ସତ୍ୟ । କାରଣ ଈଶ୍ୱରଙ୍କୁ ଉପଲବ୍ଧି କରିବା ଦ୍ୱାରାହିଁ ଆମେ ମୁକ୍ତି ଓ ଏକତ୍ୱକୁ ଉପଲବ୍ଧି କରିପାରିବା । ମନୁଷ୍ୟ ଯେତେବେଳେ ଈଶ୍ୱରଙ୍କର ଦର୍ଶନ ଲାଭ

କରିବ ଓ ତାଙ୍କୁ ଧାରଣ କରିପାରିବ ସେତେବେଳେ ଯାଇ ସେ ପ୍ରକୃତ ମୁକ୍ତି ଓ ପ୍ରକୃତ ଏକତ୍ୱ ଉପଲବ୍ଧି କରିପାରିବ । ଏହା ବ୍ୟତୀତ ଅନ୍ୟ ପନ୍ଥା ନାହିଁ ।

ମନୁଷ୍ୟ ଈଶ୍ୱରଙ୍କୁ ସବୁଠାରେ ଖୋଜି ବୁଲୁଛି ଏବଂ ତାଙ୍କର କେତେ କେତେ ପ୍ରତିରୂପ ଗଢ଼ି ଦେଉଛି । ମାତ୍ର ସେଇ ପ୍ରତିରୂପଗୁଡ଼ିକ ତା'ର ମାନସିକ ଅହଂ ଓ ପ୍ରାଣିକ ଅହଂରୁହିଁ ଉତ୍ପନ୍ନ ହେଉଛନ୍ତି ଏବଂ ଈଶ୍ୱର ତା' ପାଇଁ ଅନାବିଷ୍କୃତ ଓ ଅଜ୍ଞାତ ହୋଇ ରହି ଯାଉଛନ୍ତି । ମନୁଷ୍ୟ ଯଦି ନିଜର ଅହଂଟିକୁ ବିସର୍ଜନ କରିଦେବ ତାହାହେଲେ ଯାଇ ସେ ତାହାର ଆନ୍ତର ଓ ବାହ୍ୟ ଜୀବନରେ ଆଧ୍ୟାତ୍ମିକତାକୁ ସିଦ୍ଧ କରିପାରିବ ।

ଅଧ୍ୟାତ୍ମବାଦୀ ବ୍ୟକ୍ତିଗଣ ଯେପରି ଅହଂରେ ବାସ ନକରି ଆତ୍ମାରେହିଁ ବାସ କରିଥା'ନ୍ତି, ସେମିତି ଏକ ଆଧ୍ୟାତ୍ମିକ ସମାଜ ସାମୂହିକ ଅହଂକୁ ନେଇ ବଞ୍ଚି ନରହି ଏକ ସମୂହ ଆତ୍ମା ରୂପେ ବଞ୍ଚିବ । ଅହଂରୁ ମୁକ୍ତିହିଁ ହେବ ଏହି ଆଧ୍ୟାତ୍ମିକ ସମାଜର ସର୍ବପ୍ରଥମ ଲକ୍ଷଣ । ମାତ୍ର ଏହାର ଅର୍ଥ ନୁହେଁ ଯେ ସେହି ସମାଜରେ ବ୍ୟକ୍ତିର ଇଚ୍ଛା ଓ ଆକାଙ୍କ୍ଷାକୁ ସମୂହ ଅହଂ ପାଖରେ ବଳି ଦେଇ ଦେଲେ ଅହଂକୈନ୍ଦ୍ରିକତାର ବିଲୋପସାଧନ ଘଟିବ । କାରଣ ସମୂହଗତ ଅହଂ ହେଉଛି ସମୁଦାୟ ବ୍ୟକ୍ତିମାନଙ୍କ ଅହଂଗୁଡ଼ିକରହିଁ ସମଷ୍ଟି । ଅନେକ ସମୟରେ ସମୂହର ଅହଂ ବ୍ୟକ୍ତିର ଅହଂଠାରୁ ଅଧିକ କୁତ୍ସିତ ଓ ଅଧିକ ବର୍ବର ସ୍ୱଭାବର ହୋଇଥାଏ । ସୁତରାଂ ଅଧ୍ୟାତ୍ମଭାବସମ୍ପନ୍ନ ବ୍ୟକ୍ତିର କର୍ତ୍ତବ୍ୟ ହେଲା ନିଜର ବ୍ୟକ୍ତିଗତ ଅହଂଟିକୁ ବର୍ଜନ କରି ଏପରି ଏକ ଆତ୍ମାର ସନ୍ଧାନ କରିବା ଯାହା ସମସ୍ତଙ୍କ ଭିତରେ ଏକ ଓ ଅଭିନ୍ନ ଆତ୍ମା ହୋଇ ରହିଛି । ସେ ଆତ୍ମାଗତ ଏକ ପରିପୂର୍ଣ୍ଣ ଜୀବନ ବଞ୍ଚିବାକୁ ଚେଷ୍ଟା କରିବ । ବ୍ୟକ୍ତିଗତ ଭାବରେ ପରିପୂର୍ଣ୍ଣତାକୁ ଲୋଡ଼ିବା ସଙ୍ଗେ ସଙ୍ଗେ ସେ ନିଜ ପ୍ରକୃତି ଓ ଚେତନା ମଧ୍ୟରେ ଏକ ସର୍ବଗ୍ରାହୀ ବିଶ୍ୱଗତତାକୁ ପ୍ରତିଷ୍ଠିତ କରି ରଖିବ । ଭାରତର ପ୍ରାଚୀନ ଶାସ୍ତ୍ରମାନଙ୍କରେ କୁହାଯାଇଛି ଯେ ଦ୍ୱିତୀୟ ଯୁଗ, ଅର୍ଥାତ୍ ଶକ୍ତିପ୍ରଦର୍ଶନର ଯୁଗରେ ବିଷ୍ଣୁ ରାଜା ରୂପେ ଅବତୀର୍ଣ୍ଣ ହୁଅନ୍ତି ଏବଂ ତୃତୀୟ ଯୁଗରେ ସେ ବିଧାୟକ ଓ ସୂତ୍ର ସଂକଳକ ହୋଇ ଅବତରଣ କରନ୍ତି । ଆଉ ସତ୍ୟ ଯୁଗରେ ସେ ଯଜ୍ଞ ରୂପେ ଅବତୀର୍ଣ୍ଣ ହୁଅନ୍ତି, ଅର୍ଥାତ୍ ପ୍ରାଣୀମାନଙ୍କ ହୃଦୟରେ ସକଳ କର୍ମର କର୍ତ୍ତା ରୂପେ ଓହ୍ଲାଇ ଆସନ୍ତି ।

ଆମ୍ଭେମାନେ କେଉଁ ଦୂରବର୍ତ୍ତୀ ସ୍ୱର୍ଗରେ ନୁହେଁ, ନିଜ ଭିତରେହିଁ ଈଶ୍ୱରଙ୍କୁ ଆବିଷ୍କାର କରି ଆମ ଭିତରେହିଁ ଭଗବତ୍ ସାମ୍ରାଜ୍ୟ ପ୍ରତିଷ୍ଠା କରିବା । ତାହାହିଁ ସତ୍ୟ ଯୁଗ ବା ଆଧ୍ୟାତ୍ମିକ ଯୁଗର ସମାଜରେ ଅଭିବ୍ୟକ୍ତ ହେବ ।

ସମାଜ ଆଧ୍ୟାତ୍ମିକତାର ପ୍ରଥମ ସୋପାନରେ ରହିଥିଲେ ମଧ୍ୟ ମନୁଷ୍ୟର ଅନ୍ତର୍ନିହିତ ଆତ୍ମାର ଉଦ୍‌ଘାଟନ ଓ ଆବିଷ୍କାରକୁହିଁ ତାହା ସର୍ବପ୍ରଥମ ଲକ୍ଷ୍ୟ ରୂପେ ଗ୍ରହଣ କରିବ । ଶିକ୍ଷା, ଜ୍ଞାନ, ବିଜ୍ଞାନ, ନୈତିକତା, କଳା, ଆର୍ଥିକ ଓ ରାଜନୈତିକ ଜୀବନ ଆଦି ସକଳ କ୍ଷେତ୍ରରେ ଏହି ଲକ୍ଷ୍ୟ ପ୍ରଥମ ସ୍ଥାନରେ ରହିବ । ବୈଦିକ ଯୁଗରେ ସମାଜର ଉଚ୍ଚବର୍ଗର ଲୋକମାନଙ୍କ ପାଇଁ ସାଂସ୍କୃତିକ ଶିକ୍ଷାର ବ୍ୟବସ୍ଥା ରହିଥିଲା । ବର୍ତ୍ତମାନ ମଧ୍ୟ ଶିକ୍ଷାର ସକଳ କ୍ଷେତ୍ରରେ ଏହି ବ୍ୟବସ୍ଥା ପ୍ରଚଳିତ ହେବ । ଅର୍ଥାତ୍ ସକଳ ପ୍ରକାର ଜ୍ଞାନକୁ ଶିକ୍ଷା ଭିତରେ ସାମିଲ କରାଯିବ, ମାତ୍ର ସାଂସାରିକ ଦକ୍ଷତା ହାସଲହିଁ ଶିକ୍ଷାର ମୂଳ ଲକ୍ଷ୍ୟ ହୋଇ ରହିବ ନାହିଁ । ଆତ୍ମବିକାଶ ଓ ଆତ୍ମ-ଆବିଷ୍କାରହିଁ ସର୍ବପ୍ରଧାନ ଧ୍ୟେୟ ହୋଇ ରହିବ ।

ଭୌତିକ ଓ ମାନସିକ ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟ କଲାବେଳେ ପୃଥିବୀ ଓ ପ୍ରକୃତିର ପ୍ରକ୍ରିୟାଗୁଡ଼ିକୁ ଜାଣିବା ଓ ଭୌତିକ ଆବଶ୍ୟକତା ପୂରଣ କରିବାହିଁ ଏକମାତ୍ର ଉଦ୍ଦେଶ୍ୟ ହୋଇ ରହିବ ନାହିଁ । ମାତ୍ର ସେଗୁଡ଼ିକର ମଧ୍ୟଦେଇ ବିଶ୍ୱ ଭିତରେ ଥିବା ପରମ ଦିବ୍ୟ ଚେତନାର କ୍ରିୟା ଓ ରୀତିଗୁଡ଼ିକୁ ଜାଣିବା ଏକ ଅଧିକ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହୋଇ ରହିବ । ନୈତିକତା କେବଳ ସମାଜର ସଂସ୍କାର ଓ ଶୃଙ୍ଖଳା ପାଇଁ ଅଭିପ୍ରେତ ହେବ ନାହିଁ । ମନୁଷ୍ୟର ଦିବ୍ୟ ସ୍ୱଭାବଟିର ବିକାଶହିଁ ନୈତିକତାର ଲକ୍ଷ୍ୟ ହେବ । ସେଇଭଳି କଳା କେବଳ ଅନ୍ତର୍ଜଗତ ଓ ବହିର୍ଜଗତର ଚିତ୍ର ଆଙ୍କିବା ପାଇଁ ଉଦ୍ଦିଷ୍ଟ ହେବ ନାହିଁ । ଏହା ବିଶ୍ୱର ସକଳ ଦୃଶ୍ୟ ଓ ଅଦୃଶ୍ୟ ବସ୍ତୁଗୁଡ଼ିକ ମଧ୍ୟରେ ପ୍ରଚ୍ଛନ୍ନ ହୋଇ ରହିଥିବା ପରମ ସତ୍ୟ ଓ ଦିବ୍ୟ ସୌନ୍ଦର୍ଯ୍ୟକୁ ଉଦ୍‌ଘାଟନ କରିବ ।

ଏକ ଆଧ୍ୟାତ୍ମିକ ସମାଜ ବ୍ୟକ୍ତିମାନଙ୍କୁ କୌଣସି ନା କୌଣସି ସାମାଜିକ ସମସ୍ୟାର ଏକକ ରୂପେ ଦେଖିବ ନାହିଁ । ତାହା ସେମାନଙ୍କ ଉପରେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ଆଣି ଲଦି ଦେବାକୁ ଚେଷ୍ଟା କରିବ ନାହିଁ । ଆଧ୍ୟାତ୍ମିକ ସମାଜ ସେମାନଙ୍କୁ ଦୁଃଖସନ୍ତାପରୁ ମୁକ୍ତି ଲୋଡୁଥିବା ଆତ୍ମା ରୂପେହିଁ ଦେଖିବ । ସେମାନଙ୍କୁ ସେ ବର୍ଦ୍ଧିଷ୍ଣୁ ଆତ୍ମା ବା ବିକଶିତ ଆତ୍ମା ରୂପେ ଜାଣିବ । ସେହି ସମାଜରେ କମ୍ ବିକଶିତ ଆତ୍ମାମାନେ ଅଧିକ ବିକଶିତ ଆତ୍ମାମାନଙ୍କଠାରୁ ସହାୟତା ପାଇ ପାରୁଥିବେ ।

ଆଧ୍ୟାତ୍ମିକ ସମାଜର ଅର୍ଥନୀତି ଉତ୍ପାଦନକୁହିଁ ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଚାର କରିବ ନାହିଁ । ତାହା ସକଳ ଶ୍ରେଣୀର ମନୁଷ୍ୟମାନଙ୍କୁ ସେମାନଙ୍କ ସ୍ୱଭାବ ମୁତାବକ କର୍ମର ଆନନ୍ଦ ଯୋଗାଇ ଦେବ । ସେମାନେ ପ୍ରତ୍ୟେକେ ଆନ୍ତର ବିକାଶ ପାଇଁ ମୁକ୍ତ ଅବସର ପାଇ ପାରିବେ । ସମସ୍ତେ ଏକ ସମୃଦ୍ଧ ଓ ସୁନ୍ଦର ଜୀବନ ବଞ୍ଚି ପାରିବେ । ଆଧ୍ୟାତ୍ମିକ ସମାଜର ରାଜନୀତି ମଧ୍ୟ ଭିନ୍ନ ପ୍ରକାରର ହେବ । ଜାତିମାନେ ରାଷ୍ଟ୍ରରୂପୀ ପ୍ରକାଣ୍ଡ ମେସିନ୍‌ଟିଏ ଭଳି ଦେଖାଯିବେ ନାହିଁ । ରାଷ୍ଟ୍ର କେବଳ ନିୟମବଦ୍ଧ ଓ ଅସ୍ତ୍ରସଜ୍ଜିତ ଯନ୍ତ୍ର ହୋଇ ରହିବ ନାହିଁ, ଯାହାକୁ ତା'ର ନାଗରିକମାନେ ଭଗବାନ୍ ଭଳି ପୂଜା କରୁଥିବେ, ତାହାରି ପାଇଁହିଁ ଜୀବନ ବଞ୍ଚୁଥିବେ ଏବଂ ସେହି ଯନ୍ତ୍ରଟିକୁ ଅକ୍ଷୁଣ୍ଣ ରଖିବା ଲାଗି ଅନ୍ୟମାନଙ୍କର ତଥା ନିଜର ରକ୍ତ ବୁହାଉଥିବେ । ଆଧ୍ୟାତ୍ମିକ ସମାଜର ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପାରସ୍ପରିକ ସମ୍ପର୍କ ମଧୁର ହୋଇ ରହିବ । ଶାନ୍ତି ସମୟରେ ସେମାନେ ପରସ୍ପର ଉପରେ ବିଷୋଦ୍‌ଗାର କରୁଥିବେ ଏବଂ ସଂଘର୍ଷ ସମୟରେ ପରସ୍ପରର ସଶସ୍ତ୍ରବାହିନୀ ନିରସ୍ତ୍ର କୋଟି କୋଟି ଲୋକଙ୍କୁ ଆକ୍ରମଣ କରିବାକୁ ଧାଇଁ ଯାଉଥିବେ – ଆଧୁନିକ ପୃଥିବୀରେ ଏସବୁ ଯେମିତି ଦେଖାଯାଉଛି – ଆଗାମୀ ଆଧ୍ୟାତ୍ମିକ ସମାଜରେ ସେପରି ଆଦୌ ଘଟିବ ନାହିଁ ।

ଆଧୁନିକ ସମାଜ ବିଭିନ୍ନ ଜାତିକୁ ଗୋଟିଏ ଗୋଟିଏ ଗୋଷ୍ଠୀ-ଆତ୍ମା ରୂପେ ଦେଖିବ । ପ୍ରତ୍ୟେକ ଜାତି ଭିତରେ ପରମ ଦିବ୍ୟତା ରହିଛି ବୋଲି ଅନୁଭବ କରିବ । ଏହି ଗୋଷ୍ଠୀ-ଆତ୍ମାଗୁଡ଼ିକ ଆପଣା ସ୍ୱଭାବ ଓ ସ୍ୱଧର୍ମ ଅନୁସାରେ ବିକାଶପ୍ରାପ୍ତ ହେବେ । ସେମାନେ ପରସ୍ପରର ବିକାଶରେ ସହାୟକ ହେବେ । ସମଗ୍ର ମାନବଜାତିର ଆଧ୍ୟାତ୍ମିକ, ମନୋଗତ, ପ୍ରାଣଗତ ଓ ଭୌତିକ ଆଦି ସକଳ କ୍ଷେତ୍ରରେ ବୃହତ୍ତମ ଉପଲବ୍ଧି ହାସଲ ପାଇଁ ସମସ୍ତେ ଚେଷ୍ଟିତ ହେବେ । ବ୍ୟକ୍ତି ଭିତରେ ତଥା ସମୂହ ଭିତରେ ଏବଂ ସମସ୍ତଙ୍କ ବାହ୍ୟ ତଥା ଆନ୍ତର ଜୀବନରେ ଦିବ୍ୟ ପରମାତ୍ମାଙ୍କ ପରିଚୟ ଲାଭ କରିବା ସମଗ୍ର ମାନବଜାତିର କର୍ମବ୍ରତ ହୋଇ ରହିବ ।

ପରମ ଦିବ୍ୟତାକୁ ବାହାରୁ ଆଣି ଲୋକମାନଙ୍କ ଉପରେ ଲଦି ଦିଆଯାଇପାରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଓ ଜାତିକୁ ଆପଣା ଭିତରେ ରହିଥିବା ପରମ ଦିବ୍ୟତା ମଧ୍ୟକୁ ବିକଶିତ ହୋଇ ଉଠିବାକୁ ପଡ଼ିବ । ଆଧ୍ୟାତ୍ମିକ ଯୁଗରେ ଏକ ବିକାଶଶୀଳ ଆନ୍ତରମୁକ୍ତିହିଁ ଜୀବନର ଯଥାର୍ଥ ବିଧାନ ହୋଇ ରହିବ । ଆତ୍ମାର ଜ୍ଞାନ ଲାଭ ନକରିବା ପର୍ଯ୍ୟନ୍ତ ମନୁଷ୍ୟକୁ ତା'ର ପରିବାର, ସମାଜ, ଜାତି ଓ ଧର୍ମର ଦାସ ହୋଇ ରହିବାକୁ ପଡ଼ିବ । ଯାବତୀୟ ବାଧ୍ୟବାଧକତାରୁ ମୁକ୍ତ ହେବାକୁ ହେଲେ ଆମକୁ ଆମ ଭିତରର ପରମ ଦିବ୍ୟତା ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ଓ ଅନୁଗତ ହେବାକୁ ପଡ଼ିବ । ଆମର ନିମ୍ନ ପ୍ରକୃତି ଆମର ଅନ୍ତର୍ନିହିତ ଦିବ୍ୟସତ୍ତାର ଆଜ୍ଞାଧୀନ ହେବା ଏକାନ୍ତ ଆବଶ୍ୟକ । ଆଧ୍ୟାତ୍ମିକ ମୁକ୍ତି କହିଲେ ମନ, ପ୍ରାଣର ପୃଥକ୍ ଅହଂ ପ୍ରତିଷ୍ଠାକୁ ବୁଝାଏ ନାହିଁ । ବରଂ ଆମ ଭିତରେ ତଥା ଆମ ଚାରି ପାଖରେ ବିଦ୍ୟମାନ ରହିଥିବା ପରମ ଦିବ୍ୟସତ୍ୟ ପ୍ରତି ନିଜକୁ ସମର୍ପଣ କରିଦେବା ଓ ତାହାରି ବାଧ୍ୟ ହୋଇ ରହିବାହିଁ ଆଧ୍ୟାତ୍ମିକ ମୁକ୍ତି ଅଟେ ।

ଭଗବାନ୍ ଆମ ସତ୍ତାର ପ୍ରାକୃତିକ ଅଙ୍ଗଗୁଡ଼ିକୁ ସମ୍ମାନ କରନ୍ତି ଏବଂ ସେଗୁଡ଼ିକୁ ସ୍ୱାଭାବିକ ଭାବରେ ବିକଶିତ ହେବାକୁ ସୁଯୋଗ ଦିଅନ୍ତି ଯେପରିକି ସେଗୁଡ଼ିକ ଆପଣା ଭିତରେ ଭଗବାନଙ୍କୁହିଁ ଆବିଷ୍କାର କରିପାରିବେ । ଏଥିପାଇଁ ସେଗୁଡ଼ିକୁ ନିଜର ବିଲୋପ ସାଧନ କରିବାକୁ ହେବ ନାହିଁ । ଆମ ସତ୍ତାର ଏଇ ଅଙ୍ଗଗୁଡ଼ିକ ସେମାନଙ୍କ ମୂଳଉତ୍ସ, ଅର୍ଥାତ୍ ପରମ ଆଲୋକ ଓ ସାମର୍ଥ୍ୟକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ତା' ପାଇଁ ଆସ୍ପୃହା ପୋଷଣ କରିବେ ଏବଂ ସେଥିପ୍ରତି ସମ୍ପୂର୍ଣ୍ଣ ସମର୍ପିତ ରହିବେ । ଏହି ଆସ୍ପୃହା, ସମର୍ପଣ ଓ ସ୍ୱୀକୃତି ସ୍ୱେଚ୍ଛାକୃତ ହେବା ଆବଶ୍ୟକ । ସ୍ୱାଧୀନତା ମଧ୍ୟରେହିଁ ଯଥାର୍ଥ ବିକାଶ ସମ୍ଭବ ହୁଏ । ବାଧ୍ୟବାଧକତା ଓ ବଳ ପ୍ରୟୋଗ ଦ୍ୱାରା ବିକୃତି ଓ ବିଶୃଙ୍ଖଳାର ସୃଷ୍ଟି ହୁଏ । ମନୁଷ୍ୟ ଯେତେବେଳେ ନିଜ ଭିତରର ଆଧ୍ୟାତ୍ମିକ ସତ୍ତାକୁ ଉପଲବ୍ଧି କରେ ସେତେବେଳେ ସେ ବାହ୍ୟ ସକଳ ବିଧାନର ବନ୍ଧନ ଭିତରୁ ମୁକ୍ତ ହୋଇଯାଏ । ତା'ର ଜୀବନ ଏକ ଅନ୍ତଃପ୍ରେରଣା ଓ ସ୍ୱାଧୀନତାର ବିଧାନ ଦ୍ୱାରା ପରିଚାଳିତ ହୁଏ ।

ଏକ ଆଧ୍ୟାତ୍ମିକ ଯୁଗ ମନୁଷ୍ୟକୁ ଯାନ୍ତ୍ରିକତା ମାଧ୍ୟମରେ ପରିପୂର୍ଣ୍ଣ କରି ଗଢ଼ିବାର ଚେଷ୍ଟା କରିବ ନାହିଁ । ଏହା ପୁଲିସ, ଉଚ୍ଚ କର୍ମଚାରୀ ଓ ସେନାପତିଙ୍କୁ ଏକ ଉଚ୍ଚତର ଆଦର୍ଶ ରୂପେ ଗ୍ରହଣ କରିବ ନାହିଁ । ଏହା ସାମ୍ୟବାଦୀ ଅମଲାତାନ୍ତ୍ରିକ ବ୍ୟବସ୍ଥା ବା ଶ୍ରମିକ ସୋଭିଏତଙ୍କୁ ମଧ୍ୟ ଏକ ଉଚ୍ଚତର ଲକ୍ଷ୍ୟ ବୋଲି ମାନିବ ନାହିଁ । ମନୁଷ୍ୟ ଜୀବନରେ ଯେମିତି ବାହ୍ୟ ବାଧ୍ୟବାଧକତାର ଉପାଦାନ ଅଧିକରୁ ଅଧିକ ହ୍ରାସ ପାଇ ପାରିବ ସେଥିଲାଗି ତାହା ଚେଷ୍ଟା କରିବ । ମନୁଷ୍ୟ ନିଜ ଆତ୍ମାର ନିର୍ଦ୍ଦେଶ

ପାଖରେହିଁ ବାଧ ହୋଇ ରହିବ, କୌଣସି ବାହ୍ୟ ବିଧାନ ବା ବ୍ୟବସ୍ଥା ପାଖରେ ସେ ବାଧ ହୋଇ ରହିବ ନାହିଁ। ଏକ ଆଧ୍ୟାତ୍ମିକ ସମାଜ (Spiritualised society)ରେ ମନୁଷ୍ୟ ଅନ୍ତରର ଦିବ୍ୟ ଆଲୋକ ଦ୍ୱାରା ପରିଚାଳିତ ହେବ ଏବଂ ନିଜ ସ୍ୱଭାବର ମାର୍ଗକୁ ଅନୁସରଣପୂର୍ବକ ପରମ ଦିବ୍ୟତା ଆଡ଼କୁ ବିକଶିତ ହୋଇଯିବ। ଆଧ୍ୟାତ୍ମିକ ସମାଜର ପରିବେଶ ଏପରି ଅନୁକୂଳ ହୋଇଥିବ ଯେ ସେଠାରେ ସବୁ ମନୁଷ୍ୟ ଜଣେ ଜଣେ ମୁକ୍ତ ମନୁଷ୍ୟ ହୋଇ ରହି ପାରିବେ। ସେମାନେ ଆପଣାର ସ୍ୱତନ୍ତ୍ର ନିୟମ ସୃଷ୍ଟି ନକରି ଗୋଟିଏ ଦିବ୍ୟ ପରମ ବିଧାନର ନିର୍ଦ୍ଦେଶକୁହିଁ ଅନୁସରଣ କରିବେ। ବ୍ୟକ୍ତି ସେଠାରେ ଆପଣାର ସ୍ୱାର୍ଥକୁ ନେଇ ବଞ୍ଚିବ ନାହିଁ, ସେ ନିଜର ଅହଂମୁକ୍ତ ଦିବ୍ୟ ପ୍ରକୃତିର ବିଧାନ ଅନୁସାରେ ଯଥାର୍ଥ ଜୀବନଟିଏ ବଞ୍ଚିବ।

ଏକ ପରିପୂର୍ଣ୍ଣ ଜୀବନର ଅନ୍ୟତମ ଲକ୍ଷଣ ହେଲା ଆନ୍ତର ଚେତନାର ଭୂମିରେ ଅନ୍ୟ ସମସ୍ତଙ୍କ ସହିତ ଏକତ୍ୱ ପ୍ରତିଷ୍ଠା କରିବା। ଏକତ୍ୱ ହେଉଛି ପରମ ଚିନ୍ମୟତାର ତୃତୀୟ ମର୍ମଶବ୍ଦ। ଆଧ୍ୟାତ୍ମିକ ସମାଜରେ ବ୍ୟକ୍ତିମାନେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିବେ ନାହିଁ। ସେମାନଙ୍କ ମଧ୍ୟରେ ଏକ ଚେତନାମୟ ଓ ବହୁବିଚିତ୍ର ଏକତ୍ୱ ପ୍ରତିଷ୍ଠିତ ହେବ। ନିଜ ମଧ୍ୟରେ ପରମ ଦିବ୍ୟତା ଆଡ଼କୁ ବିକଶିତ ହୋଇ ପାରିବା ଲାଗି ଯେମିତି ଏକ ସ୍ୱାଧୀନତାର ଆବଶ୍ୟକତା ରହିଛି, ସେମିତି ଜୀବନକୁ ପରିପୂର୍ଣ୍ଣ କରିବାକୁ ହେଲେ ଅନ୍ୟ ସମସ୍ତଙ୍କ ସହିତ ଏକ ଆନ୍ତର ଏକତ୍ୱର ମଧ୍ୟ ଆବଶ୍ୟକତା ରହିଛି।

ପରମ ଦିବ୍ୟତାକୁ କେବଳ ନିଜ ଭିତରେ ନୁହେଁ, ଅନ୍ୟ ସମସ୍ତଙ୍କ ଭିତରେ ମଧ୍ୟ ଆବିଷ୍କାର ତଥା ସନ୍ଦର୍ଶନ କରିବା ଏବଂ କେବଳ ନିଜର ବ୍ୟକ୍ତିଗତ ମୁକ୍ତି ଓ ପରିପୂର୍ଣ୍ଣତାକୁ ନୁହେଁ, ଅନ୍ୟ ସମସ୍ତଙ୍କର ମୁକ୍ତି ଓ ପରିପୂର୍ଣ୍ଣତାକୁ ମଧ୍ୟ ଲୋଡ଼ିବା – ଏହା ହେଉଛି ଏକ ଆଧ୍ୟାତ୍ମିକ ସତ୍ତାର ସମ୍ପୂର୍ଣ୍ଣ ବିଧାନ।

କେବଳ ନିଜ ଲାଗି ପରମେଶ୍ୱରଙ୍କୁ ଖୋଜିବାକୁ ଗଲେ ତାହା ଗେଟେଙ୍କର କଳ୍ପିତ ସ୍ୱର୍ଗୀୟ ଅହଂବାଦିତା ବା ନିତ୍‌ସେଙ୍କର କଳ୍ପିତ ଅତିକାୟ ଅହଂବାଦିତା ହେବ। ଅଥବା ତଦ୍ୱାରା କେବଳ ବିଚ୍ଛିନ୍ନ ଆତ୍ମଜ୍ଞାନ ବା ବୈରାଗ୍ୟହିଁ ଉପଲବ୍ଧ ହେବ। ମାତ୍ର ଏପରି ସଂକୀର୍ଣ୍ଣ ଉପଲବ୍ଧି ଆମର କାମ୍ୟ ନୁହେଁ। ଯିଏ ଭଗବାନଙ୍କୁ ସମସ୍ତଙ୍କ ଭିତରେ ଦେଖିପାରୁଛି ସେ ମୁକ୍ତ ଭାବରେ ସେହି ଭଗବାନଙ୍କୁହିଁ ସମସ୍ତଙ୍କ ଭିତରେ ପରମ ଶ୍ରଦ୍ଧା ସହିତ ସେବା କରିବ। ସେ କେବଳ ନିଜର ମୁକ୍ତି ଓ ପରିପୂର୍ଣ୍ଣତାକୁ ଲୋଡ଼ିବ ନାହିଁ। ସେ ସମସ୍ତଙ୍କର ମୁକ୍ତି ଓ ପରିପୂର୍ଣ୍ଣତା ଲୋଡ଼ିବ। ସେ ବୃହତ୍ତମ ବିଶ୍ୱଗତତାକୁ ପ୍ରାପ୍ତ ନହେବା ପର୍ଯ୍ୟନ୍ତ ଆପଣାର ବ୍ୟକ୍ତି ସତ୍ତାଟିକୁ ପରିପୂର୍ଣ୍ଣ ବୋଲି ଅନୁଭବ କରିବ ନାହିଁ। ବିଶ୍ୱଗତ ଜୀବନ ସହିତ ନିଜର ଜୀବନକୁ ଏକାତ୍ମ ନକରିବା ପର୍ଯ୍ୟନ୍ତ ସେ ଆପଣାର ଜୀବନକୁ ଏକ ପରିପୂର୍ଣ୍ଣ ଜୀବନ ବୋଲି ଗ୍ରହଣ କରିବ ନାହିଁ। ସେ କେବଳ ନିଜ ପାଇଁ ବା କେବଳ ସମାଜ ଓ ରାଷ୍ଟ୍ର ପାଇଁ ବଞ୍ଚିବ ନାହିଁ। କୌଣସି ବ୍ୟକ୍ତିଗତ ଅହଂ ବା ସମୂହଗତ ଅହଂ ପାଇଁ ମଧ୍ୟ ସେ ବଞ୍ଚିବ ନାହିଁ। ସେ ନିଜ ଭିତରେ ଥିବା ପରମେଶ୍ୱରଙ୍କ ଲାଗି ଜୀବନ ବଞ୍ଚିବା ସହ ବିଶ୍ୱଜଗତର ସର୍ବତ୍ର ବିଦ୍ୟମାନ ଥିବା ପରମେଶ୍ୱରଙ୍କ ଲାଗି ମଧ୍ୟ ଜୀବନ ବଞ୍ଚିବ।

ଯେତେବେଳେ ମନୁଷ୍ୟର ସାଧାରଣ ମନ ଏହିସବୁ ସତ୍ୟ ବିଷୟରେ ସଚେତନ ହେବାକୁ ଆରମ୍ଭ କରିବ ତଥା ଈଶ୍ୱର, ମୁକ୍ତି ଓ ଏକତ୍ୱ – ଏଇ ତିନୋଟି ମର୍ମସତ୍ୟକୁ ନିଜ ପାଇଁ ତଥା ବିଶ୍ୱର ସମସ୍ତଙ୍କ ଲାଗି ଆସ୍ପୃହା କରିବ ସେତେବେଳେ ଆଧ୍ୟାତ୍ମିକ ଯୁଗର ଆବିର୍ଭାବ ଲାଗି ବାଟ ଖୋଲିଯିବ। ସେତେବେଳେ ସମାଜର ବିକାଶଚକ୍ରଟି ଊର୍ଦ୍ଧ୍ୱାରୋହଣ କରି ଯଥାର୍ଥ ଲକ୍ଷ୍ୟ ଆଡ଼କୁ ଗତି କରିବ। ପ୍ରତୀକ ପ୍ରଧାନ ଯୁଗରେ ମନୁଷ୍ୟ ନାନା ପ୍ରତୀକ ମଧ୍ୟଦେଇ ପରମ ସତ୍ୟର ସନ୍ଧାନ କରୁଥିଲା ଏବଂ ଜୀବନର ସକଳ ବିଭାବ ପଛରେ ପରମ ସତ୍ୟର ଅବସ୍ଥିତିକୁ ଅନୁଭବ କରୁଥିଲା। ସେଇଠୁ ଆରମ୍ଭ ହୋଇଥିବା ଯାତ୍ରା ପରିଶେଷରେ ଏପରି ଏକ ପର୍ଯ୍ୟାୟରେ ଆସି ପହଞ୍ଚିବ ଯେଉଁଠି ସମାଜ ପରମ ସତ୍ୟ ମଧ୍ୟରେହିଁ ସିଧାସଳଖ ଜୀବନ ବଞ୍ଚିବାକୁ ଆରମ୍ଭ କରିବ। ଆପଣାର ବିକାଶକ୍ରମରେ ସମାଜଟି ପ୍ରତୀକ, ଆଦର୍ଶ, ରୀତି, ପରମ୍ପରା ଓ ବୁଦ୍ଧିବାଦିତା ଆଦି ଯେଉଁ ଅବଲମ୍ବନଗୁଡ଼ିକର ସାହାଯ୍ୟ ନେଇଥିଲା ତା'ର ଆଉ ଆବଶ୍ୟକତା ରହିବ ନାହିଁ। ମନୁଷ୍ୟ ସମାଜ ଆପଣାର ସର୍ବୋଚ୍ଚ ପ୍ରକୃତିର ଭୂମିରେ ସିଧାସଳଖ ଦିବ୍ୟଜୀବନକୁ ବଞ୍ଚିବାକୁ ଆରମ୍ଭ କରିବ। ଅର୍ଥାତ୍ ପାର୍ଥିବ ଜୀବନର ସକଳ କ୍ଷେତ୍ରରେ ତଥା ସକଳ ପରିବେଶ ମଧ୍ୟରେ ପରମ ସତ୍ୟ ପୂର୍ଣ୍ଣଭାବରେ ଅଭିବ୍ୟକ୍ତ ହୋଇଯିବ। ସବୁ ମଣିଷଙ୍କର ଆନ୍ତର ଜୀବନ ସହିତ ବାହ୍ୟ ଜୀବନରେ ମଧ୍ୟ ଭଗବତ୍ ସାମ୍ରାଜ୍ୟ ପ୍ରତିଷ୍ଠିତ ହେବ।

(ସମାପ୍ତ)

❑❑❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୪୪)

### ଅନ୍ତରାଳରୁ 'ବିଶ୍ୱଯୁଦ୍ଧ'ର ପରିଚାଳନା (ଘ) :

''... (ଶ୍ରୀଅରବିନ୍ଦ ନିଜ ସମ୍ବନ୍ଧେ ଲେଖିଥିଲେ)* ଏକ ଶକ୍ତିଶାଳୀ ଓ ଗତିଶୀଳ ଆଧ୍ୟାତ୍ମିକ ଶକ୍ତି ରହିଛି, ଯାହାକୁ ଆଧ୍ୟାତ୍ମିକ ଚେତନାରେ ଅଗ୍ରଣୀ ଯୋଗୀ ପୁରୁଷ ଲାଭ କରିଥା'ନ୍ତି । ଯଦିଓ ସକଳ ଯୋଗୀ ଏହି ଶକ୍ତିକୁ ଲାଭ କରିବାକୁ ଆଗ୍ରହୀ ନଥା'ନ୍ତି ବା ଲାଭ କରିଥିଲେ ମଧ୍ୟ ସେଇଟିକୁ ପ୍ରୟୋଗ କରିବାକୁ ମଧ୍ୟ ଚାହାଁନ୍ତି ନାହିଁ । କିନ୍ତୁ ଏହି ଶକ୍ତି ଅନ୍ୟ ଯେକୌଣସି (ଆଧ୍ୟାତ୍ମିକ) ଶକ୍ତି ଅପେକ୍ଷା ଅସାଧାରଣ ସାମର୍ଥ୍ୟଯୁକ୍ତ ଏବଂ ଅଧିକ ମାତ୍ରାରେ ଅବ୍ୟର୍ଥ । ଶ୍ରୀଅରବିନ୍ଦ ଏହି ଶକ୍ତିର ସିଦ୍ଧି ଲାଭ କରିବା ମାତ୍ରେ ସେଇଟିକୁ ପ୍ରୟୋଗ କରିବାକୁ ଆରମ୍ଭ କରି ଦେଇଥିଲେ । ପ୍ରଥମେ ବ୍ୟକ୍ତିଗତ ଲକ୍ଷ୍ୟର ସୀମିତ କ୍ଷେତ୍ରରେ, କିନ୍ତୁ ପରେ ଅବିରାମ ଭାବରେ ବିଶ୍ୱ ଶକ୍ତି ଉପରେ ପ୍ରୟୋଗ କଲେ । ଏଥିରେ ସେ ଯେଉଁସବୁ ସଫଳତା ଲାଭ କଲେ ସେଥିରେ ତାଙ୍କର ଅସନ୍ତୁଷ୍ଟ ହେବାର କୌଣସି କାରଣ ନଥିଲା କିଂବା ଅନ୍ୟ ଧରଣର ପ୍ରକ୍ରିୟାର ଆବଶ୍ୟକତା ବୋଧ କରି ନଥିଲେ । ତେବେ ଦୁଇଥର ପ୍ରକାଶ୍ୟ ଭାବରେ ଅନ୍ୟ ପ୍ରକାର ପନ୍ଥା ଅବଲମ୍ବନ କରିବାକୁ ସେ ଯୁକ୍ତିଯୁକ୍ତ ମନେ କରିଥିଲେ । ପ୍ରଥମଟି ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧ କ୍ଷେତ୍ରରେ । (ଜଗତ୍ ଉଦ୍ଧାର କ୍ଷେତ୍ରରେ)''

(SABCL, Vol. 26; 'On Himself', p.38)

[ଅନ୍ୟଟି ଭାରତ ଉଦ୍ଧାର କ୍ଷେତ୍ରରେ । ପରେ ଯଥା ସ୍ଥାନରେ ଏ ବିଷୟରେ ବର୍ଣ୍ଣନା କରିବୁ ।]

ପୁନଶ୍ଚ ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ଉକ୍ତିରେ : ''ବିଶ୍ୱଯୁଦ୍ଧର ଆରମ୍ଭରେ ଶ୍ରୀଅରବିନ୍ଦ ନିଜକୁ ଏଥିରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ କରି ନଥିଲେ । କିନ୍ତୁ ଯୁଦ୍ଧର ଅଗ୍ରଗାମୀ ଗତିବିଧିରୁ ଯେତେବେଳେ ଏକଥା ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୋଇ ଉଠିଲା ଯେ ହିଟ୍‌ଲର ନିଜର ବିରୁଦ୍ଧ ପକ୍ଷର ସମସ୍ତ ଶକ୍ତି (Allied Powers)କୁ ସମ୍ପୂର୍ଣ୍ଣ ଭାବରେ ପରାଭୂତ କରି ପକାଇବ ଏବଂ ନାଜୀବାଦ ସମଗ୍ର ପୃଥିବୀରେ ପ୍ରାଧାନ୍ୟ ବିସ୍ତାର କରିବ ସେତେବେଳେ ସେ ଏଥିରେ ହସ୍ତକ୍ଷେପ କରିବାକୁ ଆରମ୍ଭ କଲେ । ... ଡନ୍‌କର୍କରେ ଉପୁଜିଥିବା ପରିସ୍ଥିତିର ମୁହୂର୍ତ୍ତରୁ – ଯେତେବେଳେ ସମଗ୍ର ପୃଥିବୀ ଭାବି ନେଇଥିଲା ଯେ ଇଂଲଣ୍ଡର ଅବିଳମ୍ବେ ପତନ ଘଟିବ ଏବଂ ହିଟ୍‌ଲରର ସୁନିଶ୍ଚିତ ବିଜୟ ହେବ ସେତେବେଳେ ଅନ୍ତରାଳରୁ ସେ (ଶ୍ରୀଅରବିନ୍ଦ) ତାଙ୍କର ଆଧ୍ୟାତ୍ମିକ ଶକ୍ତି 'ମିତ୍ର ପକ୍ଷ' ସପକ୍ଷରେ ପ୍ରୟୋଗ କଲେ । ତତ୍‌କ୍ଷଣାତ୍ ଜର୍ମାନୀର ପ୍ରଚଣ୍ଡ ଆକ୍ରମଣାତ୍ମକ ବିଜୟଯାତ୍ରାର ଗତିରୋଧ ଘଟି ଥମିଗଲା ଏବଂ ଯୁଦ୍ଧର ପ୍ରବଣତା ବିପରୀତମୁଖୀ ହେବାକୁ ଆରମ୍ଭ କଲା । ଏହା ଦେଖି ଶ୍ରୀଅରବିନ୍ଦ ତୃପ୍ତିଲାଭ କଲେ । ...''

(ତତ୍ରୈବ : ପୃ. ୩୮-୩୯)

ବର୍ତ୍ତମାନ ଶ୍ରୀମାଶ୍ରୀଅରବିନ୍ଦ ଯୁଦ୍ଧର ପ୍ରତି ମୁହୂର୍ତ୍ତର ଘଟଣାରାଜିକୁ ଯେତେଦୂର ସମ୍ଭବ ପୁଙ୍ଖାନୁପୁଙ୍ଖ ଭାବରେ ନିରୀକ୍ଷଣ କରିବାକୁ ସିଦ୍ଧାନ୍ତ ନେଲେ । ଇତିପୂର୍ବରୁ ଦୈନିକ ଖବରକାଗଜରୁ, ବିଶେଷ କରି 'ହିନ୍ଦୁ' କାଗଜରୁ ଯେତିକିଟା ଖବର ଜଣା ପଡୁଥିଲା ସହରର ଜନୈକ ବ୍ୟକ୍ତି ଆଶ୍ରମକୁ ଯୁଦ୍ଧ ସମ୍ବାଦର ସଂକ୍ଷିପ୍ତ ସରକାରୀ ବିବରଣୀ ପଠାଉ ଥିଲେ । କିନ୍ତୁ ଯୁଦ୍ଧର ଏବେକାର ଗୁରୁଗମ୍ଭୀର ଅବସ୍ଥାରେ ବିଗତ ଦିନର ଖବର

* ସାଧକ ଶ୍ରୀ ଦିଲୀପ କୁମାର ରାୟ ତାଙ୍କର 'Among the Great' ପୁସ୍ତକରେ ଶ୍ରୀଅରବିନ୍ଦଙ୍କର ସଂକ୍ଷିପ୍ତ ଜୀବନୀ ଅନ୍ତର୍ଭୁକ୍ତ କରିବାକୁ ମନସ୍ଥ କରି ସ୍ୱ-ପ୍ରସ୍ତୁତ ପାଣ୍ଡୁଲିପିଟି ଗୁରୁଦେବଙ୍କର ଅନୁମତି ନିମିତ୍ତ ତାଙ୍କ ନିକଟକୁ ପଠାଇ ଦେଇଥିଲେ । ଶ୍ରୀଅରବିନ୍ଦଙ୍କୁ ପାଣ୍ଡୁଲିପିଟି ସଂଶୋଧନ କରିବା ଆୟାସସାଧ୍ୟ ବୋଧ ହେବାରୁ ନିଜକୁ ସେ ତୃତୀୟ ପୁରୁଷ ହିସାବରେ ବ୍ୟକ୍ତ କରି ସ୍ୱଲିଖିତ ନିବନ୍ଧଟି ପ୍ରସ୍ତୁତ କରି ଦେଇଥିଲେ । ତାଙ୍କ ପୁସ୍ତକରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କର ସଂକ୍ଷିପ୍ତ ଜୀବନୀଟି ଶ୍ରୀଅରବିନ୍ଦଙ୍କ ଦ୍ୱାରାହିଁ ଲିଖିତ । ପରେ 'On Himself' ଗ୍ରନ୍ଥରେ ସେଇଟି ସ୍ଥାନିତ ହୋଇଛି । (ସଂଗ୍ରାହକ)

ବା ସହରରୁ ପ୍ରାପ୍ତ ଖବର ଯଥେଷ୍ଟ ନଥିଲା । ସେତେବେଳେ ଆଶ୍ରମରେ ରେଡ଼ିଓ ନଥିଲା । ଉଦାର ତାଙ୍କ ବାସଭବନରେ (ର୍‌ୟୁ ଦ୍ୟୁମା ଷ୍ଟ୍ରିଟ୍‌ର ଏକେବାରେ ଦକ୍ଷିଣ ପ୍ରାନ୍ତରେ, 'ପାର୍କ ଗେଷ୍ଟ ହାଉସ୍'ର ପାଖରେ) ବେଶ୍ ଏକ ବଡ଼ (୯-ଭଲ୍‌ବ୍ ସେଟ୍‌ର) ରେଡ଼ିଓ ରଖିଥିଲେ । ଏବେ ନିତି ବି. ବି. ସି.ରୁ ସଞ୍ଚାରିତ ବେତାର ବାର୍ତ୍ତାରେ ଯୁଦ୍ଧ ଖବର ସବୁ ସ୍ପଷ୍ଟ ଭାବରେ ଶୁଣି ପାରିବା ସକାଶେ ସେ ତାଙ୍କ ଘର ଛାତରେ ଅଧିକ ଉଚ୍ଚତାରେ ଏରିଅଲ୍ ଲଗାଇଲେ । ଶ୍ରୀମାଶ୍ରୀଅରବିନ୍ଦଙ୍କ ଅନୁମତି କ୍ରମେ ନିତି ସନ୍ଧ୍ୟାରେ ପବିତ୍ରଙ୍କ ସହିତ ପବିତା* ଉଦାରଙ୍କ ଘରକୁ ଯାଇ ରାତି ସାଢ଼େ ନ'ଟାରେ ରେଡ଼ିଓରେ ସମ୍ପ୍ରସାରିତ ଖବର ସର୍ଟହ୍ୟାଣ୍ଡରେ ଟିପି ଆଣୁଥିଲେ । ତା'ପରେ ନିଜ କକ୍ଷକୁ ଆସି ସେହି ଖବରକୁ ଟାଇପ୍ କରି ତୁରନ୍ତ ଶ୍ରୀଅରବିନ୍ଦଙ୍କ ନିକଟକୁ ପଠାଇ ଦେଉଥିଲେ । ତେଣୁ ଶ୍ରୀମାଶ୍ରୀଅରବିନ୍ଦ ପ୍ରତିଦିନର ସମ୍ପୂର୍ଣ୍ଣ ଠିକ୍ ଓ ତାଜା ଖବରସବୁ ଜାଣି ପାରୁଥିଲେ । କିନ୍ତୁ ଉଦାରଙ୍କ ବାସଭବନଟି ଆଶ୍ରମଠାରୁ ବେଶ୍ ଦୂରରେ ଥିଲା । ପ୍ରତିଦିନ ରାତିରେ ପବିତ୍ର ଓ ପବିତା ଏତେ ଦୂରକୁ ଯାଇ ଖବର ନୋଟ୍ କରିବା କାର୍ଯ୍ୟଟି ଉଦାରଙ୍କୁ ଭଲ ଲାଗିଲା ନାହିଁ । ତେଣୁ ସେ ଶ୍ରୀମା'ଙ୍କୁ ପରାମର୍ଶ ଦେଲେ ଯେ ତାଙ୍କର ରେଡ଼ିଓ ସେଟ୍‌ଟିକୁ ସେ ଆଶ୍ରମରେହିଁ ସ୍ଥାପନ କରିଦେବେ । ପବିତ୍ରଙ୍କ କକ୍ଷରେ ଏହା ରହିଲା । ଫଳରେ ପବିତା ଅନାୟାସରେ ତାଙ୍କର କର୍ତ୍ତବ୍ୟ-କର୍ମ ସମ୍ପାଦନ କରି ପାରିଲେ । ପରେ ଯୁଦ୍ଧର ପରିସ୍ଥିତି ଅଧିକ ଗୁରୁଗମ୍ଭୀର ହୋଇ ଉଠିବାରୁ ଶ୍ରୀଅରବିନ୍ଦଙ୍କ କକ୍ଷକୁ ଲାଗି ଏକ କକ୍ଷରେ ଏହା ସ୍ଥାପନ କରାଗଲା ଏବଂ ଶ୍ରୀଅରବିନ୍ଦଙ୍କ କକ୍ଷକୁ ଏକ ଟ୍ରାନ୍ସମିଟର ସ୍ପିକର ଖଞ୍ଜାଇ ଦିଆଗଲା । ତଦ୍ଦ୍ୱାରା ଶ୍ରୀଅରବିନ୍ଦ ଦିନରେ ଘଣ୍ଟାକୁ ଘଣ୍ଟା ସମ୍ପ୍ରସାରିତ ଖବର (ଏପରିକି ବି. ବି. ସି.ରୁ ରାତି ଦୁଇଟାରେ ସମ୍ପ୍ରସାରିତ ଶେଷ ଖବରଟି ମଧ୍ୟ) ପ୍ରତ୍ୟକ୍ଷ ଭାବରେ ଜାଣି ପାରିବାକୁ ସକ୍ଷମ ହେଲେ । ଆଶ୍ରମ ଭିତରର ସମସ୍ତ କ୍ରିୟାକଳାପକୁ ଏପରି ଭାବରେ ନିୟନ୍ତ୍ରିତ କରି ଦିଆଗଲା ଯଦ୍ଦ୍ୱାରା ଶ୍ରୀଅରବିନ୍ଦ ବିନା ପ୍ରତିବନ୍ଧକରେ ଯୁଦ୍ଧ ଖବର ସବୁ ସୁସ୍ପଷ୍ଟ ଭାବରେ ଶୁଣି ପାରିବେ ।

ନୀରଦଙ୍କ ଉକ୍ତିରେ : ''ମେ ୧୯୪୦ରେ ହଠାତ୍ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହେବା ସଦୃଶ ଆଶ୍ଚର୍ଯ୍ୟଜନକ ଭାବରେ ଯୁଦ୍ଧର ଗତିବିଧି ପ୍ରବଳ ରୂପ ନେଲା । ହିଟ୍‌ଲରର ଅଗ୍ରଗାମୀ ପଦକ୍ଷେପ ଏବଂ ଇଂଲଣ୍ଡର ଯୁଦ୍ଧ ଘୋଷଣା – ମୋର ବେଶ୍ ମନେଅଛି, ଯୁଦ୍ଧର ଖବର ପ୍ରାପ୍ତ ହେବା ସମ୍ବନ୍ଧରେ 'କଥୋପକଥନ' ଚାଲିଥିବା ବେଳେ ମଝିରେ ବାଧା ଦେଇ ଦୃଢ଼ତାର ସହିତ ଶ୍ରୀଅରବିନ୍ଦ ମନ୍ତବ୍ୟ ଦେଇଥିଲେ ଯେ ହିଟ୍‌ଲର ହଲାଣ୍ଡର ନିରପେକ୍ଷତାକୁ ବେଖାତିର କରି ଅଗ୍ରସର ହେବ ଏବଂ ତା'ପରେ ବେଲ୍‌ଜିୟମ୍‌କୁ ପଶିଯିବ । କିନ୍ତୁ ଏହି ମୁହୂର୍ତ୍ତରେ ସାରା ପୃଥିବୀ ଦୋଦୁଲ୍ୟମାନ ଅବସ୍ଥାରେ କୌତୂହଳୀ ହୋଇ ଉପରୋକ୍ତ ମନ୍ତବ୍ୟ ସମ୍ବନ୍ଧରେ ଭାବୁଥିଲା – ଏପରି ଘଟିବ କି ?

''ସେଦିନ ସନ୍ଧ୍ୟା ଆଗତପ୍ରାୟ; ଶ୍ରୀଅରବିନ୍ଦ ତାଙ୍କ କକ୍ଷରେ ଏକାକୀ ଥିଲେ । ମୁଁ କକ୍ଷ ଭିତରକୁ ପ୍ରବେଶ କରିବା ମାତ୍ରେ ସେ ମୋତେ ଅନାଇ କହିଲେ, 'ହିଟ୍‌ଲର ହଲାଣ୍ଡ ଆକ୍ରମଣ କରିଛି । ଠିକ୍ ଅଛି, ଆମେ ଦେଖିବା ।' – ବାସ୍, ମାତ୍ର ଏତିକି କଥା । ଯୁଦ୍ଧ ସମ୍ପର୍କରେ ତାଙ୍କର ଗୁରୁଗମ୍ଭୀର କଣ୍ଠରେ ଏହି ଧରଣର ଦୁଇଟି କି ତିନୋଟି ସଂକ୍ଷିପ୍ତ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସୂକ୍ଷ୍ମ ଆଭାସର ସୂଚନାତ୍ମକ ମନ୍ତବ୍ୟ ଏବେ ବି ମୋ କର୍ଣ୍ଣକୁହରରେ ଅନୁରଣିତ । ...''

('Twelve Years with Sri Aurobindo'; 119 - 120 ଦ୍ରଷ୍ଟବ୍ୟ)

୧୯୪୦ରେ ଚାମ୍ବରଲେନ୍‌ଙ୍କ ସ୍ଥାନରେ ଚର୍ଚ୍ଚିଲ୍ ପ୍ରଧାନମନ୍ତ୍ରୀ ପଦରେ ଅଭିଷିକ୍ତ ହେଲେ । ଶ୍ରୀଅରବିନ୍ଦ ଏହି ଘଟଣାରେ ବେଶ୍ ତୃପ୍ତି ଲାଭ କରିଥିଲେ । ୧୯୪୦ ମେ ମାସର ଶେଷ ଆଡ଼କୁ ହିଟ୍‌ଲର ହଠାତ୍ ସମସ୍ତଙ୍କୁ ବିସ୍ମୟାଭୂତ କରି ହଲାଣ୍ଡ ଓ ବେଲ୍‌ଜିୟମ୍ ଭିତରଦେଇ ଫ୍ରାନ୍ସ ଉପରେ ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରିଦେଲା । ଇତି ମଧ୍ୟରେ ଘଟଣାରାଜି ଦ୍ରୁତଗତିରେ ତଥା ଅବିରତ ଭାବରେ ଆଗେଇବାକୁ ଲାଗିଲା । କିନ୍ତୁ ମନେ ହେଉଥିଲା ଫ୍ରାନ୍ସ ଲଢ଼େଇ କରିବାକୁ ଅନିଚ୍ଛୁକ ଏବଂ ପ୍ରତିରୋଧ କରିବାକୁ ବୋଧହୁଏ ଇଚ୍ଛାଶକ୍ତି ହରାଇ ବସିଥିଲା ଏବଂ ହିଟ୍‌ଲରର ପାଞ୍ଜେର୍ ଅଞ୍ଚଳ (Panzer Divisons)ର ଆକ୍ରମଣକୁ ନାମକୁ ମାତ୍ର ପ୍ରତିରୋଧ

* ପବିତା (ଖୁବ୍ ସମ୍ଭବତଃ ଶ୍ରୀଅରବିନ୍ଦଙ୍କ ପ୍ରଦତ୍ତ ନାମ)ଙ୍କର ମାତୃପିତୃଦତ୍ତ ନାମ ଥିଲା ମାର୍ଗାରେଟ୍ । ଆଶ୍ରମକୁ ଆସି ସ୍ଥାୟୀ ଭାବରେ ରହିବା ପୂର୍ବରୁ ସେ ଅତୀନ୍ଦ୍ରିୟ ଓ ଆଧ୍ୟାତ୍ମିକ ବିଷୟରେ ସୁନିପୁଣ ଗବେଷକ ଓ ଲେଖକଙ୍କର ସେକ୍ରେଟାରୀ ରୂପେ କାର୍ଯ୍ୟ କରୁଥିଲେ । (ସଂଗ୍ରାହକ)

କରୁଥିଲା । ଏହି ମୁହୂର୍ତ୍ତରେ ଚର୍ଚ୍ଚିଲଙ୍କର ସାହସିକ ଏବଂ ଉନ୍ନତମନା ଉଦାର ମହାନୁଭବ ପ୍ରସ୍ତାବ ଥିଲା ଯୁଦ୍ଧରେ ଇଂଲଣ୍ଡ ଓ ଫ୍ରାନ୍‌ସ ଏକତ୍ର ମିଳି ଜର୍ମାନ୍ ବିରୋଧରେ ଯୌଥ ଆକ୍ରମଣ କରିବାର ପ୍ରସ୍ତାବ । ଫ୍ରାନ୍‌ସ କିନ୍ତୁ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲା । ଫ୍ରାନ୍‌ସର ଏହି ପ୍ରତ୍ୟାଖ୍ୟାନକୁ ଶ୍ରୀମା ତୀବ୍ର ଭାବେ ନିନ୍ଦା କରି ମନ୍ତବ୍ୟ ଦେଇଥିଲେ ଯେ ଏହି ପ୍ରସ୍ତାବଟି ଥିଲା ଭଗବତ୍ କରୁଣାର ଅବଦାନ ଏବଂ ଏହାକୁ ଅଗ୍ରାହ୍ୟ କରିବା ଅର୍ଥ ଫ୍ରାନ୍‌ସକୁ ନାନାବିଧ ଦୁଃଖଯନ୍ତ୍ରଣା ମଧଦେଇ ଗତି କରିବାକୁ ପଡ଼ିବ । ଜର୍ମାନ୍‌ର ସୈନ୍ୟ ଅପ୍ରତିହତ ଭାବେ ପ୍ୟାରିସ୍ ଆଡ଼କୁ ଅଗ୍ରସର ହେଲେ ଏବଂ ୧୯୪୦ର ଜୁନ୍ ୧୫ ତାରିଖରେ ଏହି 'ଉନ୍ନତ ଓ ବିକଶିତ ନଗରୀ' ('open city')କୁ ଅଧିକାର କଲେ ।

ପରେ ବୟୋବୃଦ୍ଧ ସେନାପତି ମାର୍ସାଲ୍ ପେତାଁ (Marshal Pétain) ଏକ ନୂତନ ସରକାର ଗଠନ କଲେ ଏବଂ ୧୯୪୦ ମସିହା ଜୁନ୍ ୨୫ ତାରିଖରେ ହିଟ୍‌ଲରର କୁଟନୀତିମୂଳକ ଚୁକ୍ତିବଦ୍ଧ ସର୍ତ୍ତସକଳକୁ ବିନା ଆପତ୍ତିରେ ଗ୍ରହଣପୂର୍ବକ ତାହା ସହିତ ଏକ ସାମୟିକ ଯୁଦ୍ଧବିରତିର ଚୁକ୍ତିରେ ସ୍ୱାକ୍ଷର କଲେ । (Nirodbaran : 'Sri Aurobindo for All Ages'; pp. 220-221 ଦ୍ରଷ୍ଟବ୍ୟ)

(ଏଠାରେ ଉଲ୍ଲେଖନୀୟ ଯେ ୧୯୪୩ରେ 'କ୍ରିପ୍‌ସ୍ ମିଶନ୍'କୁ ଗ୍ରହଣ କରି ନେବାରେ ଭାରତ ଶ୍ରୀଅରବିନ୍ଦଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ସମାନ ଧରଣର ଭୁଲ୍ କରିଥିଲା । ଶ୍ରୀମା ଏହି ଖବର ପାଇବା ମାତ୍ରେ ଏହି ମର୍ମରେ କହିଥିଲେ ଯେ ଭାରତର ଭାଗ୍ୟ ସଂକଟାପନ୍ନ । ...)

ଏହି ପରିପ୍ରେକ୍ଷୀରେ ଆମେ ଏକ ଚିତ୍ତାକର୍ଷକ ଘଟଣା ଉଲ୍ଲେଖ କରିବୁ, ଅବଶ୍ୟ ଇତିହାସ ଏ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ । ଆମର ବେଶ୍ ସ୍ମରଣରେ ଥିବ ୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ କିପରି ଶ୍ରୀମା ପ୍ୟାରିସ୍‌କୁ ରକ୍ଷା କରିଥିଲେ । (ଶ୍ରୀମା'ଙ୍କ ସାମନାରେ ଧ୍ୱଂସାତ୍ମିକା ଘନକୃଷ୍ଣା କାଳୀଙ୍କର ଅତ୍ୟନ୍ତ କ୍ରୋଧାତ୍ମକ ନୃତ୍ୟର କଥା ଏଠାରେ ସ୍ମରଣୀୟ ।) ପୁନଶ୍ଚ ୧୯୪୦ରେ ଶ୍ରୀମା ପ୍ୟାରିସ୍‌କୁ ଦ୍ୱିତୀୟଥର ସକାଶେ କବଚାବୃତ୍ତ କରି ରଖିଥିଲେ – ସମଗ୍ର ଯୁଦ୍ଧକାଳୀନ ପରିସ୍ଥିତିରେ ପ୍ୟାରିସ୍‌କୁ ସୁରକ୍ଷା ଦେଇଥିଲେ । ଜୁନ୍ ୧୫ ତାରିଖରେ ହିଟ୍‌ଲର ପ୍ୟାରିସ୍‌କୁ ଅଧିକାର କଲା ସତ, କିନ୍ତୁ ତା'ର ବିନ୍ଦୁ ମାତ୍ର ଅଂଶକୁ ଧ୍ୱଂସ କରିପାରି ନଥିଲା । – ନିମ୍ନୋକ୍ତ ଘଟଣା ଘଟିଥିଲା ଜୁନ୍ ୧୩ ତାରିଖରେ; ଯେତେବେଳେ ସମଗ୍ର ବିଶ୍ୱ ଭାବି ନେଇଥିଲା ଯେ ଏଥର ପ୍ୟାରିସ୍ ନିଶ୍ଚିତ ରୂପେ ସମୂଳେ ଧ୍ୱଂସ ହୋଇଯିବ ।

ଏହି ଦିନ ଜର୍ମାନ୍ ସୈନ୍ୟ ପ୍ୟାରିସ୍ ସହର ଠାରୁ ତିରିଶ କିଲୋମିଟରରୁ କମ୍ ଦୂରରେ ରହି ସହର ଆଡ଼କୁ ମାଡ଼ି ଆସୁଥିଲେ । ଶ୍ରୀଅରବିନ୍ଦ ତାଙ୍କ କକ୍ଷରେ ବସି ଏହି ମର୍ମରେ କହିଥିଲେ ଯେ ପ୍ୟାରିସ୍ ବିଗତ ତିନି ଶତାବ୍ଦୀ ଧରି ଉନ୍ନତ ମାନବ ସଭ୍ୟତାର ପ୍ରଧାନ ଉତ୍ସ ରୂପେ ତିଷ୍ଠି ରହି ଆସିଛି । ବର୍ତ୍ତମାନ ହିଟ୍‌ଲର ତାକୁ ଧ୍ୱଂସ କରିଦେବାକୁ ବସିଛି । ତା'ର ଏହି ଅମାନୁଷିକ କାଣ୍ଡ ହେଉଛି ଅସୁରର ପରିଚୟ । ଇତିହାସ ପୁଣି ନିଜକୁ ନିଜେ ଲିପିବଦ୍ଧ କରିବ ଯେ ପୁରାତନ ଗ୍ରୀକ୍-ରୋମାନ୍‌ର ଉନ୍ନତ ସଭ୍ୟତା ଜର୍ମାନୀ ଦ୍ୱାରା ଧ୍ୱଂସପ୍ରାପ୍ତ ହୋଇଥିଲା । ଏକଥା ସତ ଯେ ହିଟ୍‌ଲରର ହାତମୁଠାରେ ପ୍ୟାରିସ୍ ରହିଥିବା ପର୍ଯ୍ୟନ୍ତ ସେ ତାକୁ ଧ୍ୱଂସ କରିଦେବାକୁ ଆଦେଶ ଦେଇ ନଥିଲା; କିନ୍ତୁ ଯେଉଁ ମୁହୂର୍ତ୍ତରେ ସେ ଲକ୍ଷ୍ୟ କଲା ଯେ ପ୍ୟାରିସ୍ ତା' ହାତମୁଠାରୁ ଖସିଯିବାକୁ ବସିଲାଣି, ସେ ତତ୍‌କ୍ଷଣାତ୍ ତାକୁ ଧ୍ୱଂସ କରିବାକୁ ଆଦେଶ ଦେଇଥିଲା । ଜର୍ମାନ୍ ହେଡ୍‌କ୍ୱାଟରସ୍‌ରୁ ହିଟ୍‌ଲର ଏହି ମର୍ମରେ ଆଦେଶ ଦେଇଥିଲା : ପ୍ୟାରିସ୍ କେବେହେଲେ ଶତ୍ରୁ ପକ୍ଷର ହାତକୁ ଯିବା ଉଚିତ ନୁହେଁ, କିଂବା ଯଦି ସେମିତି ଅବସ୍ଥା ଉପୁଜେ, ତେବେ ସେ ତା'ର ସମ୍ପୂର୍ଣ୍ଣ ବିଧ୍ୱସ୍ତ ଅବସ୍ଥା ଦେଖିବ ।

କିନ୍ତୁ ଠିକ୍ ଏହି ମୁହୂର୍ତ୍ତରେ ଶ୍ରୀମା ଫ୍ରାନ୍‌ସର ରାଜଧାନୀ ପ୍ୟାରିସ୍‌କୁ 'ତାଙ୍କର ଏକ ବିଭୂତି'ର ଉପସ୍ଥିତିରେ ସମଗ୍ର ଯୁଦ୍ଧକାଳୀନ ପରିସ୍ଥିତିରେ ନିରାପଦରେ ସୁରକ୍ଷିତ କରି ରଖିଥିଲେ, ଯେଉଁଠି ସେ ତାଙ୍କ ପାର୍ଥିବ ଜୀବନର ପ୍ରଥମ-ପର୍ଯ୍ୟାୟ ବିତାଇ ଥିଲେ । ପରବର୍ତ୍ତୀକାଳରେ ଜଣାପଡ଼ିଥିଲା ଯେ ପ୍ୟାରିସ୍‌ର କେତେକ ସଚେତନ ଓ ଗ୍ରହଣଶୀଳ ବାସିନ୍ଦା ଯୁଦ୍ଧ ଚାଲିଥିବା ସମୟରେ ଏକ ରହସ୍ୟମୟ ଦୃଶ୍ୟ ଦେଖିଥିଲେ । ଯାହା ଥିଲା ଅସାଧାରଣ ଓ ଅନୁପମ ଶୁଭ୍ର ଶକ୍ତିର ଏକ ଅସ୍ପଷ୍ଟ ଆକୃତି, ତାହା ସମଗ୍ର ସହରର ଆକାଶର ଅତି ନିକଟରେ ରହି ଏପଟରୁ ସେପଟ ବାରଂବାର ଗତି କରି ସହରଟିକୁ ଧ୍ୱଂସ ମୁଖରୁ ଉଦ୍ଧାର କରୁଥିଲା । ଅନ୍ୟ କେତେକ ଐତିହାସିକ ଏହିପରି ବର୍ଣ୍ଣନା କରିଥିଲେ ଯେ ପ୍ୟାରିସ୍ ମୁକ୍ତ ହୋଇଯିବା ଦିନ ପ୍ରତ୍ୟେକ ପ୍ୟାରିସ୍‌ବାସୀ ଗୃହ ଭିତରର ଝରକା ଦେଇ ସ୍ଥିର ଦୃଷ୍ଟିରେ ବାହାରକୁ ଅନାଇ ଯୁଦ୍ଧରେ ଘଟିଥିବା ଏକାଧିକ ଅତ୍ୟାଶ୍ଚର୍ଯ୍ୟ ଘଟଣା ମଧ୍ୟରୁ ଅନ୍ୟତମ ଏକ ଘଟଣା ଦେଖିଲେ – ପ୍ୟାରିସ୍‌ର

କିଛି ବି କ୍ଷତି ଘଟିନି, ଏହା ସମ୍ପୂର୍ଣ୍ଣ ନିରାପଦ । ସେହିଦିନ ସେମାନେ ଦେଖିଲେ ଯେ ପାଞ୍ଚ ବର୍ଷ ଧରି ଲାଗି ରହିଥିବା ଇତିହାସର ସବୁଠାରୁ ଅଧିକ ଧ୍ୱଂସାତ୍ମକ ଯୁଦ୍ଧକାଳୀନ ପରିସ୍ଥିତିରେ ପ୍ୟାରିସ୍‌ର ଉତ୍କୃଷ୍ଟ ସଭ୍ୟମାନବ ସମାଜର ପ୍ରତିଭୂ ସ୍ୱରୂପ ନୋତର୍-ଦାମ୍, ସାଁନ୍ତେ ଚାପେଲ୍, ଲୋଭ୍ର୍ ସାକ୍ରେ, କୋଇୟେର୍, ଆର୍କ ଦ' ତ୍ରିଓମ୍‌ଫେ ଇତ୍ୟାଦି ଅତୁଳନୀୟ ସ୍ମାରକ-ସ୍ତମ୍ଭସବୁ ଅକ୍ଷତ ଭାବରେ ସଗୌରବେ ଶିରୋଉନ୍ନତ କରି ଦଣ୍ଡାୟମାନ ରହିଛନ୍ତି ।

ବର୍ତ୍ତମାନ ଆମେ ଡନ୍‌କର୍କରେ ଘଟିଥିବା ଯୁଦ୍ଧ ପରିସ୍ଥିତି ସମ୍ବନ୍ଧେ ବର୍ଣ୍ଣନା କରିବୁ । ଯେତେବେଳେ ଚର୍ଚିଲ୍‌ଙ୍କର ମହାନୁଭବ ପ୍ରସ୍ତାବକୁ ଫ୍ରେଞ୍ଚ୍ ଗଭର୍ଣ୍ଣମେଣ୍ଟ୍ ବାତିଲ କରିଦେଲା ଏବଂ ଜୁନ୍ ୧୫ରେ ହିଟ୍‌ଲର ପ୍ୟାରିସ୍‌କୁ ଦଖଲ କରିବାକୁ ଉଦ୍ୟତ, ସେତେବେଳେ ଫ୍ରାନ୍‌ସରେ ମହଜୁଦ ରହିଥିବା ସହସ୍ରାଧିକ 'ବ୍ରିଟିଶ ଏକସ୍‌ପେଡ଼ିସନାରୀ ଫୋର୍ସ (B.E.F.), ଅର୍ଥାତ୍ ମୁଖ୍ୟ ସୈନ୍ୟବାହିନୀ ଠାରୁ ଅନ୍ୟତ୍ର ମହଜୁଦ ଥିବା ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ କ୍ଷିପ୍ରପଦରେ ଯୁଦ୍ଧରେ ଝାମ୍ପ ଦେବାକୁ ସୁରକ୍ଷିତ ସ୍ୱତନ୍ତ୍ର ସୁଦକ୍ଷ ସୈନ୍ୟଦଳ ହଠାତ୍ ସେମାନଙ୍କର ସୁରକ୍ଷିତ ସ୍ଥାନରୁ ଏବଂ ପୋତାଶ୍ରୟ ଆଦିରୁ ଏକେବାରେ ବିଚ୍ଛିନ୍ନ ହୋଇପଡ଼ିଲେ । ଏପରି ପରିସ୍ଥିତିରେ ସେମାନେ ହୁଏତ ନିଜକୁ ହିଟ୍‌ଲର ନିକଟରେ ଆତ୍ମ-ସମର୍ପଣ କରିବେ ବା ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇଯିବେ । ତେଣୁ ସେମାନେ ତୁରନ୍ତ ଫ୍ରାନ୍‌ସ ଅନ୍ତର୍ଭୁକ୍ତ ଇଂଲିଶ୍ ଚ୍ୟାନେଲ୍‌ର ତୀରଭାଗ ଡନ୍‌କର୍କକୁ ଅପସରି ଯିବାକୁ ବାଧ୍ୟ ହେଲେ । ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ସେମାନଙ୍କ ସକାଶେ ଉଦ୍ଧାର ପାଇବାର ଅନ୍ୟ କୌଣସି ବାଟ ନଥିଲା – ହୁଏତ ସେମାନଙ୍କୁ ତୁରନ୍ତ ଡନ୍‌କର୍କରେ ଏକେବାରେ ସୁରକ୍ଷିତ ରଖାଯିବାର ବନ୍ଦୋବସ୍ତ କରାଯିବ, ନତୁବା ଫ୍ରେଞ୍ଚ୍ ଲାଇନରୁ ସେମାନଙ୍କୁ ଯଥାଶୀଘ୍ର ଇଂଲିଶ୍ ଚ୍ୟାନେଲ୍ ମଧ୍ୟଦେଇ ଅନ୍ୟ ପାରିକୁ ପଠାଇ ଦିଆଯିବ । – ଏହା ପ୍ରକୃତରେ ଥିଲା ଏକ ସଂକଟାପନ୍ନ ଅବସ୍ଥା; କାରଣ ଯଦି ବି. ଇ. ଏଫ୍.କୁ ନିଶ୍ଚିହ୍ନ କରିଦିଆଯାଏ, ଗ୍ରେଟ୍ ବ୍ରିଟେନ୍ ବାସ୍ତବିକ ଏକେବାରେ ଅସୁରକ୍ଷିତ ହୋଇଉଠିବ ଏବଂ ହିଟ୍‌ଲର ଅଧିକ ସଯତ୍ନ ପ୍ରୟାସ ବିନା ଇଉରୋପର ପ୍ରଭୁ ହୋଇଉଠିବ ଏବଂ ସମ୍ଭବତଃ ସମଗ୍ର ପୃଥିବୀର ।''

ତେଣୁ ଏହି ସଙ୍କଟାପନ୍ନ ମୁହୂର୍ତ୍ତରେ ଶ୍ରୀଅରବିନ୍ଦ ଅନ୍ତରାଳରୁ ତାଙ୍କର ଆଧ୍ୟାତ୍ମିକ ଶକ୍ତି 'ମିତ୍ରଶକ୍ତି'ଙ୍କ ସପକ୍ଷରେ ଡନ୍‌କର୍କକୁ ପ୍ରେରଣ କଲେ । ଏହା ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତରାଳରେ ରହି ତାଙ୍କର ଦ୍ୱିତୀୟ ହସ୍ତକ୍ଷେପ । ଏବଂ ଠିକ୍ ପରମୁହୂର୍ତ୍ତରେ ଯୁଦ୍ଧର ଗତିବିଧି ସମ୍ପୂର୍ଣ୍ଣରୂପେ ବିପରୀତମୁଖୀ ହୋଇଉଠିଲା । ହିଟ୍‌ଲରର ସୁନିଶ୍ଚିତ ବିଜୟ ତା'ର ସୁନିଶ୍ଚିତ ପରାଜୟରେ ପରିଣତ ହେଲା ।

ଆଜି ପର୍ଯ୍ୟନ୍ତ କେହି ଜଣେ ହେଲେ ବି ଜାଣନ୍ତି ନାହିଁ ଯେ କାହିଁକି ହିଟ୍‌ଲର ଯିଏକି ଅନାୟାସରେ ବି. ଇ. ଏଫ୍.କୁ ଧୂଳିସାତ୍ କରି ପାରିଥା'ନ୍ତା, ସେ ସେହି ମୁହୂର୍ତ୍ତରେ ହଠାତ୍ ସଂଶୟାପନ୍ନ ହୋଇଉଠିଲା ଏବଂ ପରିଶେଷରେ ଏହି କର୍ମର ଭାର ତାଙ୍କର ସେନାପତି (Goering)*ଙ୍କ ହାତରେ ଅର୍ପଣ କଲା । ଯିଏକି ତା'ର ବୋମାବର୍ଷଣକାରୀ ବିମାନ ବାହିନୀର କାର୍ଯ୍ୟକୁ ଅତି କଦର୍ଯ୍ୟ ଭାବରେ ସମ୍ପାଦନ କରୁଥିଲା ଏବଂ ଆଜି ପର୍ଯ୍ୟନ୍ତ କେହି ଜଣେ ହେଲେ ବି ଜାଣନ୍ତି ନାହିଁ ଯେ ଅବିକଳ ଭାବରେ କହିଲେ କାହିଁକି ସେହି ମୁହୂର୍ତ୍ତରେ ଅପ୍ରତ୍ୟାଶିତ ଭାବରେ ମେ ମାସର ସେହି ରୌଦ୍ରୋଜ୍ଜ୍ୱଳ ଋତୁରେ କୁଆଡୁ ଦିଗନ୍ତବ୍ୟାପୀ ଏକ ଘନ କୁହୁଡ଼ି ଆକାଶର ନିମ୍ନାଭିମୁଖୀ ହୋଇ ସେଇ ଅଞ୍ଚଳକୁ ଏକେବାରେ ଆଚ୍ଛନ୍ନ କରି ପକାଇଲା । ଏହା

---

* ଗ୍ରେଗର୍ ଷ୍ଟ୍ରେସାର୍ ଯିଏକି ପ୍ରକୃତରେ ଜଣେ ଆଦର୍ଶବାଦୀ ଥିଲେ ଏବଂ ସେ ପ୍ରଥମେ ପ୍ରଥମେ ହିଟ୍‌ଲରର ଅନ୍ୟତମ ସହଯୋଗୀ ଥିଲେ ଏବଂ ପରେ ତା' ସହିତ ମତଦ୍ୱୈଧ ହେବାରୁ ସେ ମୃତ୍ୟୁଦଣ୍ଡ ପାଇଥିଲେ । ସେ ତାଙ୍କର ଜନୈକ ବନ୍ଧୁଙ୍କୁ ଏହି ମର୍ମରେ କହିଥିଲେ : 'ମୋ କଥା ନିଶ୍ଚିତ ରୂପେ ମନେରଖିଥିବ ଯେ ଆଜିଠୁ ଜର୍ମାନୀର ଜଣେ ଅଷ୍ଟ୍ରିୟାନ୍ ହିଟ୍‌ଲର ଯିଏକି ଆଜନ୍ମରୁ ମିଥ୍ୟାବାଦୀ; ଜଣେ ପୂର୍ବତନ ଅଫିସର୍ (Goering) ଯିଏକି ଶକ୍ତିର ଅପପ୍ରୟୋଗ କରିବାରେ ଧୁରନ୍ଧର ଏବଂ ଜଣେ ମୁଦ୍‌ଗର ପାଦ ବିଶିଷ୍ଟ ବ୍ୟକ୍ତି (Goebbels)ଙ୍କ କବଳରେ ରହିଲା । ସର୍ବଶେଷରେ ଏମାନଙ୍କ ସମ୍ବନ୍ଧେ ଏହା କହିପାରେ ଯେ ଏମାନେ ମଣିଷ ରୂପରେ ଗୋଟିଏ ଗୋଟିଏ ସଇତାନ ।' ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ଏହି ତିନିଜଣଯାକ 'ପ୍ରାଣ ଜଗତର ଶକ୍ତିରାଜି' ହାତରେ ପୁତ୍ତଳିକା ସଦୃଶ ଥିଲେ ।''

(Georges : 'Beyond Man', p. 230 ଦ୍ରଷ୍ଟବ୍ୟ)

କେବଳ ଡନ୍‌କର୍କକୁ ପୂରା ଆଚ୍ଛାଦନ କରି ନଥିଲା, କିନ୍ତୁ ଲୁଫ୍‌ୱାଫ୍ (Luffwaffe)ର ବିସ୍ତୃତ ବିମାନ ବାହିନୀକୁ ଘନକୃଷ୍ଣ ମେଘମାଳା ଘୋଟିଆସି ଏକେବାରେ ଢାଙ୍କି ପକାଇଲା । ଏହି ରଣଭୂମି ଜର୍ମାନର ତିନି ହଜାରରୁ ଊର୍ଦ୍ଧ୍ୱ ନୃଶଂସ ଭାବରେ ବୋମାବର୍ଷଣକାରୀ ବିମାନ ବାହିନୀ ଓ ଟ୍ୟାଙ୍କର ବାହିନୀଙ୍କର ଆଶ୍ରୟସ୍ଥଳ ଥିଲା । ପରିଶେଷରେ ଏହିସବୁ ରଣଭୂମିରୁ ଓ ଆକାଶମାର୍ଗରୁ ଯୁଦ୍ଧର ଆୟୋଜନ ଚାଲିଥିବା ବେଳେ ସେହି ମୁହୂର୍ତ୍ତରେ ଇଂଲିଶ୍ ଚ୍ୟାନେଲ୍‌ର ଅପର ପାର୍ଶ୍ୱରୁ ଅତି ସାଧାରଣ ଜନବସତିରୁ ପ୍ରାୟ ୯୦୦ ବାଣିଜ୍ୟ ଜାହାଜ ଓ ନୌବାହିନୀ (a rag-tag fleet) ଡନ୍‌କର୍କ ଉପକୂଳରେ ଆସି ହାଜର ହୋଇଗଲେ ଏବଂ ତୁରନ୍ତ ଅପେକ୍ଷମାଣ ୩,୩୮,୨୨୬ ବ୍ରିଟିଶ ଓ ମିତ୍ର ଶକ୍ତିଙ୍କର ସୈନ୍ୟଦଳଙ୍କୁ ସେସବୁଥିରେ ଥରକୁ ଥର ଭର୍ତ୍ତି କରି ଅପର ପାର୍ଶ୍ୱକୁ ସ୍ଥାନାନ୍ତରିତ କରିବାକୁ ଲାଗି ପଡ଼ିଲେ । ମେ ୨୪ରୁ ୪ ଜୁନ୍ ମଧ୍ୟରେ ସମସ୍ତ ସୈନ୍ୟ ଅପର ପାର୍ଶ୍ୱସ୍ଥିତ ଇଂଲଣ୍ଡରେ ନିରାପଦରେ ପହଞ୍ଚି ପାରିଥିଲେ । ଅବଶ୍ୟ ଏମାନଙ୍କୁ ପ୍ରଚୁର ପରିମାଣରେ ଯୁଦ୍ଧ ସରଞ୍ଜାମସବୁକୁ ପଛରେ ଛାଡ଼ି ଆସିବାକୁ ହୋଇଥିଲା ସତ, କିନ୍ତୁ ଏହା ଥିଲା ଏକ ଅତି ଆଶ୍ଚର୍ଯ୍ୟଜନକ ଉଦ୍ଧାର । ପରେ ଏମାନେ ଗଢ଼ିଥିଲେ ବ୍ରିଟିଶ ସୈନ୍ୟବାହିନୀର ସର୍ବପ୍ରଧାନ (hard core) ବାହିନୀ । ଏବଂ ହିଟ୍‌ଲର ବିରୋଧରେ ରୀତିମତ ଲଢ଼ାଇ କରି ବିଜୟ ହାସଲ କରିଥିଲେ ।

ଉପରୋକ୍ତ ଘଟଣା ପରେ 'କଥୋପକଥନ' ସମୟରେ ଶ୍ରୀଅରବିନ୍ଦ ଏହି ମର୍ମରେ କହିଥିଲେ ଯେ ବ୍ରିଟିଶ ସୈନ୍ୟମାନେ ଦିବ୍ୟ ହସ୍ତକ୍ଷେପ ଦ୍ୱାରା ଉଦ୍ଧାର ପାଇଥିଲେ । ... ଫ୍ରାନ୍‌ସର ପତନ ପରେ ହିଟ୍‌ଲର ଯଦି ଇଂଲଣ୍ଡକୁ ଆକ୍ରମଣ କରିଥା'ନ୍ତା, ତେବେ ଇଂଲଣ୍ଡ ସମ୍ପୂର୍ଣ୍ଣ ରୂପେ ବିଧ୍ୱସ୍ତ ହୋଇଯାଇଥା'ନ୍ତା । ଅନ୍ୟତ୍ର ଶ୍ରୀଅରବିନ୍ଦଙ୍କୁ ଯେତେବେଳେ ପ୍ରଶ୍ନ କରାଯାଇଥିଲା : 'ମନେହୁଏ କୁହୁଡ଼ିଟି ସୈନ୍ୟମାନଙ୍କୁ ସ୍ଥାନାନ୍ତରୀକରଣ କରିବାରେ ସାହାଯ୍ୟ କରିଥିଲା ।' ଶ୍ରୀଅରବିନ୍ଦ କେବଳ ଏତିକି କହିଥିଲେ : 'ହଁ, ସେହି ସମୟରେ ସେଠାରେ କୁହୁଡ଼ି ମାଡ଼ିଆସିବାଟା ନିଶ୍ଚିତ ରୂପେ ଉଲ୍ଲେଖଯୋଗ୍ୟ ।' ଡନ୍‌କର୍କରେ ଜର୍ମାନ୍ ସୈନ୍ୟଙ୍କର ପତନ ଏବଂ ଫ୍ରାନ୍‌ସର ଆତ୍ମସମର୍ପଣ ପରେହିଁ ଶ୍ରୀଅରବିନ୍ଦ ତାଙ୍କର ଐଶ୍ୱରୀୟ ଶକ୍ତିକୁ ଅଧିକ ବଳିଷ୍ଠ ତଥା ତେଜୀୟାନ୍ ଭାବରେ 'ମିତ୍ରଶକ୍ତି'ଙ୍କ ସପକ୍ଷରେ ଅବିରତ ପ୍ରେରଣ କରିବାକୁ ଆରମ୍ଭ କଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

---

### ତଥ୍ୟ ନିର୍ଦ୍ଦେଶିକା


(1) Georges : 'Beyond Man', pp. 244-245; (2) 'The Mother', pp. 332-333 & pp. 328 - 329;

(2) Nirodbaran : (i) 'Sri Aurobindo for All Ages', p. 221; (ii) 'Twelve Years with Sri Aurobindo', p. 120;

(3) "The Mother's Agenda" : 5 Nov. 1961


ଦିବ୍ୟକୃପା ଉପରେ ଅବିଚଳ ଆସ୍ଥା ଏବଂ ବିଶ୍ୱାସ ସହକାରେ କେବଳ ମାତ୍ର ସର୍ବସଂହତ ଭାବେ ଶାନ୍ତିମୟ ଏବଂ ଅଚଞ୍ଚଳ ରହିବା ଦ୍ୱାରା ହିଁ ତୁମେ ପରିସ୍ଥିତିସବୁ ଯେତିକି ଉତ୍ତମ ହେବା ସମ୍ଭବ, ତାହା ହେବା ଦିଗରେ ପଥ ସୁଗମ କରି ପାରିବ । **ସବୁଠୁଁ ଉତ୍ତମ ସର୍ବଦା ସଂଘଟିତ ହୁଏ** ସେହିମାନଙ୍କ କ୍ଷେତ୍ରରେ ଯେଉଁମାନେ ସେମାନଙ୍କ ସମଗ୍ର ବିଶ୍ୱାସ ଭଗବାନଙ୍କ ଉପରେ ଏବଂ **କେବଳ ମାତ୍ର** ଭଗବାନଙ୍କ ଉପରେ ହିଁ ନ୍ୟସ୍ତ କରିଥା'ନ୍ତି ।

— ଶ୍ରୀମା

# ହିନ୍ଦୁ ଧର୍ମର ମହାନତା

## ରାମକୃଷ୍ଣ ଦାସ

ମାଧବ ଓ ହରି ଉଭୟଙ୍କ ମଧରେ ବେଶ୍ ମିତ୍ରତା । ଏ ଦୁଇଜଣ ପଢ଼ା ସାଙ୍ଗ । କଲେଜ ପଢ଼ା ଶେଷ କରି ମାଧବ ସେହି କଲେଜରେ ଅଧାପକ ରୂପେ ନିଯୁକ୍ତ ହେଲେ । ହରି ସେହି ସହରରେ ଗୋଟିଏ ବ୍ୟାଙ୍କରେ କୌଣସି କାମ କରିବାକୁ ଲାଗିଲେ । ଯଦ୍ୟପି ସେମାନେ ଗୋଟିଏ ସ୍ଥାନରେ ବାସ କରନ୍ତି ତଥାପି ସେମାନଙ୍କର ରହିବା ଘର ଓ ଭୋଜନ ଥାଏ ପୃଥକ୍ ।

ମାଧବ ପ୍ରତିଦିନ ଭୋର ଚାରିଟା ବାଜୁ ବାଜୁ ଉଠି ସ୍ନାନାଦି ନିତ୍ୟକର୍ମ ଶେଷ କରି ନିଜ କୋଠରିର ଗୋଟିଏ କୋଣରେ କମ୍ବଳ ଆସନ ଉପରେ ବସି ଧାନ କରନ୍ତି, ପରେ କେତେକ ବହି ଗୁଣୁ ଗୁଣୁ ହୋଇ ପଢ଼ନ୍ତି । ପ୍ରାୟ ସାଢ଼େ ଛ'ଟା ସମୟରେ ନଦୀକୂଳରେ ବ୍ୟାୟାମ କରି ଫେରିଆସି କିଛି ଜଳଖିଆ ଖାଇ କ୍ଲାସରେ ପଢ଼ାଇବାକୁ ଥିବା ବିଭିନ୍ନ ପାଠ୍ୟପୁସ୍ତକ ପଢ଼ାପଢ଼ି କରନ୍ତି । ପ୍ରାୟ ୧୦ଟା ସମୟରେ କିଛି ଭୋଜନ କରି କଲେଜକୁ ଚାଲି ଯାଆନ୍ତି । ସାଢ଼େ ଚାରିଟାରେ କଲେଜରୁ ଫେରି ସ୍ନାନାଦି ନିତ୍ୟକର୍ମରୁ ନିବୃତ୍ତ ହୋଇ କିଛି ସମୟ ଧାନ କରିବା ପରେ ଅଳ୍ପ ଜଳଖିଆ କରି ଏକାକୀ କୌଣସି ବଗିଚା କିଂବା ନଦୀକୂଳକୁ ବୁଲିବାକୁ ଚାଲିଯାଆନ୍ତି ।

ହରିର କୌଣସି କାର୍ଯ୍ୟ ଠିକ୍ ସମୟରେ ହୁଏ ନାହିଁ । କେବେ ସେ ସାତଟାରେ ଉଠେ ତ କେବେ ଆଠଟା ବାଜିଯାଏ । କେବେ ମିତ୍ରମାନଙ୍କ ସଙ୍ଗେ ସିନେମା ଦେଖିଗଲେ ଫେରିଆସି ଶୋଉ ଶୋଉ ବାଜିଯାଏ ବାରଟା । ଏହିପରି ପ୍ରତ୍ୟେକ କାର୍ଯ୍ୟ ତା'ର ଅନିୟମିତ । କିନ୍ତୁ ବ୍ୟାଙ୍କ୍ ଯିବା ସମୟଟା ବରାବର ଠିକ୍ ଥାଏ ଏବଂ ଅଫିସ କାର୍ଯ୍ୟ ଖୁବ୍ ଭଲଭାବେ କରେ ।

ମାଧବଙ୍କ ପ୍ରତ୍ୟେକ କାର୍ଯ୍ୟ ନିୟମିତ, ହରିର ପ୍ରତ୍ୟେକ କାର୍ଯ୍ୟ ଅନିୟମିତ । ମାଧବ ଏକାନ୍ତ ପ୍ରିୟ, ଗମ୍ଭୀର, ସରଳ, ମିତଭାଷୀ ଓ ସ୍ୱଭାବରେ ଶାନ୍ତ । ହରିର କେତେକ ମିତ୍ରଙ୍କ ସଙ୍ଗେ ଗଳ୍ପ ନ କଲେ ସମୟ କଟେ ନାହିଁ । ତା'ର ଗମ୍ଭୀରତା ନାହିଁ, କିନ୍ତୁ କାହାରିକୁ ନକଲ କରିବାକୁ ଗଲେ ବିସ୍ଫୋରଣ ପରି ହସ ବାହାରି ପଡ଼େ, କଥା କହିଲେ ମୁଖ ବନ୍ଦ ହୁଏ ନାହିଁ, ସ୍ୱଭାବ ବଡ଼ ଚଞ୍ଚଳ; କିନ୍ତୁ ସରଳ ଓ ଦୟାଳୁ, ଥଟ୍ଟା ଛଡ଼ା କେବେ ମିଥ୍ୟା କହେ ନାହିଁ ।

ଏହି ଦୁଇଜଣଙ୍କର ସ୍ୱଭାବ – ଏକ ଅନ୍ୟର ଏକେବାରେ ବିପରୀତ ହେବା ସତ୍ତ୍ୱେ ଦୁହେଁ ଦୁହିଙ୍କୁ ହୃଦୟରେ ଭଲ ପା'ନ୍ତି । କିନ୍ତୁ ମାଧବର ସ୍ୱଭାବ ଗଳ୍ପ କରିବା ବିରୋଧୀ ଥିବାରୁ ପରସ୍ପର ମଧରେ ଅଧିକ କଥାବାର୍ତ୍ତା ହୁଏ ନାହିଁ । କେବଳ ହରି ଯେତେବେଳେ ମାଧବର ଐକାନ୍ତିକ ଜୀବନ ସମ୍ବନ୍ଧରେ କିଛି ଆଲୋଚନା କରେ, ସେତେବେଳେ ଉତ୍ତରରେ ମାଧବ କେବଳ ହସି ଦେବା ଛଡ଼ା ଆଉ କିଛି କହେ ନାହିଁ । କିନ୍ତୁ ହରି ମନେ ମନେ ମାଧବର ଐକାନ୍ତିକତା, ମିତଭାଷିତା ଓ ଶାନ୍ତ ସ୍ୱଭାବ, ପ୍ରସନ୍ନ-ଚିତ୍ତ ଏବଂ ନିୟମ-ନିଷ୍ଠ ତଥା ବିଶେଷ ଭାବରେ ସାଧକ ଜୀବନକୁ କେବଳ ସମ୍ମାନ କରେ ନାହିଁ ବରଂ ଭକ୍ତି କରେ । ଯଦ୍ୟପି ସେ କେବେ କେବେ ନିଜ ମତପୋଷଣ କରିବାକୁ ତର୍କ କରେ ତଥାପି ତାଙ୍କ ବାକ୍ୟକୁ ପର୍ଯ୍ୟାପ୍ତ ମୂଲ୍ୟ ଦିଏ । ମାଧବ ଭକ୍ତ, ଭଗବାନଙ୍କ ଉପରେ ବିଶ୍ୱାସ କରନ୍ତି ବୋଲି ହରିର ଅନିୟମିତ ଜୀବନ ପ୍ରତି ଦୃଷ୍ଟି ନଦେଇ ତା ସରଳତାକୁ ଦେଖି ଭାବନ୍ତି, 'ଭଗବାନ୍ ଦୟାମୟ, ଏହି ସରଳତା ଗୁଣ ମଧଦେଇ ହରିକୁ ଦିନେ ନା ଦିନେ ପରିବର୍ତ୍ତନ କରିଦେଇ ପାରିବେ ।' ସେ'ନେଇ ସେ ହରିକୁ ଭଲ ପା'ନ୍ତି ।

ଦିନେ ନିତ୍ୟ ନିୟମ ଅନୁସାରେ ମାଧବ ସନ୍ଧ୍ୟାବେଳେ ବୁଲି ବାହାରିବା ସମୟରେ ହରି ମଧ ତାଙ୍କ ସଙ୍ଗେ ଗଲା । ଦୁଇ ବନ୍ଧୁ ନଦୀକୂଳ ସଡ଼କରେ କିଛି ଦୂର ଯାଇ ପ୍ରୟାଗ ସଙ୍ଗମରେ ଗଛମୂଳେ ବସିଲେ । ସେମାନେ ତ୍ରିବେଣୀର ଗଙ୍ଗା ଯମୁନାର ତୀବ୍ର ସ୍ରୋତ ମିଳନରୁ ଉତ୍ପନ୍ନ ଶ୍ୱେତ-ନୀଳ ଜଳ-ହିଲ୍ଲୋଳକୁ ନିରୀକ୍ଷଣ କଲେ । କିଛି ସମୟ ପରେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟର ପଶ୍ଚାତରେ ଥିବା ଦିବ୍ୟ ସୌନ୍ଦର୍ଯ୍ୟରେ ମାଧବଙ୍କ ଚେତନା ବିଲୀନ ହୋଇଗଲା ।

ସେଦିନ ଥିଲା ଜାଗର ଅମାବାସ୍ୟା । ସକାଳଠାରୁ ବହୁ ନରନାରୀ, ଆବାଳବୃଦ୍ଧବନିତା ତ୍ରିବେଣୀରେ ସ୍ନାନ କରି, ଶୁଦ୍ଧ ବସ୍ତ୍ର ପରିଧାନ କରି ପାତ୍ରରେ ଜଳ ଓ ଥାଳିଆରେ ପୁଷ୍ପ, ବେଲପତ୍ର, ଅରୁଆ ଚାଉଳ ଆଦି ନେଇ ଅତି ଉତ୍ସାହରେ ମହାଦେବଙ୍କୁ ପୂଜା କରିବା ସକାଶେ ଯାଉଥା'ନ୍ତି । ସନ୍ଧ୍ୟାର ଅନ୍ଧକାର ମାଡ଼ି ଆସିଲାଣି, କିନ୍ତୁ ଯାତ୍ରୀମାନଙ୍କର ଆସିବା ବନ୍ଦ ହୋଇ ନାହିଁ ।

ହରି ସେମାନଙ୍କୁ ଦେଖି ଏକ ଗଭୀର ବିଚାରରେ ମଗ୍ନ ହୋଇଗଲା । ତା'ର ଆଲୋଚନା କରିବାର ସ୍ୱଭାବ, ପୁଣି ଆଜି ସେ ଗୋଟାଏ ସୁଯୋଗ ପାଇଛି । ଯାତ୍ରୀମାନଙ୍କର ଏହି ମୂର୍ଖତାପୂର୍ଣ୍ଣ କାର୍ଯ୍ୟ ଦେଖି ସେ ମାଧବକୁ ସମ୍ବୋଧନ କରି କିଛି କହିବାକୁ ଗଲା ।

ହରି – ମାଧବ, ଦେଖ ଏ ଯାତ୍ରୀମାନଙ୍କୁ ! ଏମାନଙ୍କ ମଧ୍ୟରେ କେତେକ ବ୍ୟକ୍ତି ବହୁତ ବିଦ୍ୱାନ୍ ପରି ଜଣା ପଡୁଛନ୍ତି, କିନ୍ତୁ କେତେ ବଡ଼ ବିସ୍ମୟଜନକ ବ୍ୟାପାର ! ଯଦି ବିଦ୍ୱାନ୍ ବ୍ୟକ୍ତିଗଣ ପରମ୍ପରାକୁ ମାନି ନିଅନ୍ତି ତେବେ ସାଧାରଣ ବ୍ୟକ୍ତିଙ୍କର ହାଲତ କ'ଣ ହେବ ? ଯଦି ପଥର ପୂଜାରେ ଲାଭ ହୁଏ, ତେବେ ବଡ଼ ବଡ଼ ପର୍ବତ ପୂଜିବା ଉଚିତ । ମୁଁ ମନେ କରେ ଏମାନେ ବିଦ୍ୱାନ୍ ସତ; କିନ୍ତୁ ଏମାନଙ୍କର ସ୍ୱତନ୍ତ୍ର ବିଚାରର ଅଭାବ । ତୁମ୍ଭମାନଙ୍କ ପରି ଧାର୍ମିକ ଭକ୍ତ-ବ୍ୟକ୍ତିମାନଙ୍କର ଅନୁକରଣ କରି ଏମାନେ ଭ୍ରମରେ ପଡୁଛନ୍ତି । ଅତଏବ ଏହି ଭ୍ରମପୂର୍ଣ୍ଣ ବିଚାରର ମୂଳ କାରଣ ହେଲା ଧର୍ମ ଓ ଧର୍ମାଶ୍ରିତ ଧାର୍ମିକ ବ୍ୟକ୍ତି ଓ ଭକ୍ତ । ଏ ଶୀତରେ ଏତେ କଷ୍ଟ କରି, ନିଜ ନିଜର କାର୍ଯ୍ୟ ଛାଡ଼ି, ସମୟ ନଷ୍ଟ କରି ପୁଣି ପଇସା ଖର୍ଚ୍ଚ କରି ଆସିବାରେ କେତେ କ୍ଷତି ହେଉ ନାହିଁ ?

ମାଧବ – ତୁମେ ଧର୍ମ ଏବଂ ଧାର୍ମିକ, ଭକ୍ତ ଓ ଜ୍ଞାନୀ ଲୋକଙ୍କୁ ଯେପରି ବୁଝିଛ ପ୍ରକୃତରେ ତାହା ସେପରି ନୁହେଁ । ଏହିମାନେ ମନୁଷ୍ୟକୁ ପ୍ରକାଶ ଦିଅନ୍ତି ଏବଂ ତାହାର ବୁଦ୍ଧି, ଜ୍ଞାନ ଓ ଭକ୍ତିର ବିକାଶରେ ସାହାଯ୍ୟ କରନ୍ତି । ଏପରି ଆଦର୍ଶ ସମ୍ମୁଖରେ ରଖନ୍ତି, ଯାହାକୁ ଅନୁକରଣ କରି ମନୁଷ୍ୟ ଯଥାର୍ଥ ମାର୍ଗରେ ଅଗ୍ରସର ହୋଇପାରେ ଏବଂ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଲାଭ କରି ପରମ ଲକ୍ଷ୍ୟରେ ପହୁଞ୍ଚିପାରେ । ଧର୍ମ ସ୍ୱୟଂ ଅଭ୍ରାନ୍ତ ମାର୍ଗ, ତାହାକୁ ଅନୁସରଣ କରିବା ବ୍ୟକ୍ତି ହେଲେ ପଥପ୍ରଦର୍ଶକ । ବିଶେଷତଃ, ହିନ୍ଦୁଧର୍ମ ଯେପରି ବିରାଟ ଓ ବିଶାଳ, ସେହିପରି ମଧ୍ୟ ଉଦାର । ଏହା ମୂର୍ଖ ଓ ଶାସ୍ତ୍ରଜ୍ଞାନୀ ପଣ୍ଡିତ ଉଭୟଙ୍କୁ ସାହାଯ୍ୟ କରେ, ପ୍ରପୀଡ଼ିତ ମନୁଷ୍ୟକୁ ଦୁଃଖ-ଶୋକରୁ ମୁକ୍ତ କରେ, ଭକ୍ତମାନଙ୍କୁ ଦିବ୍ୟ ଆନନ୍ଦ ଓ ଅମରତ୍ୱ ପ୍ରଦାନ କରେ, ମୃତ୍ୟୁପୁରୀକୁ ଦିବ୍ୟଧାମରେ ପରିଣତ କରିଦିଏ । ହିନ୍ଦୁ ଧର୍ମ ମନୁଷ୍ୟର ବାଲ୍ୟକାଳରୁ ଯେ ଯେଉଁ ସ୍ତରରେ ଅଛି, ଯାହାର ବୁଦ୍ଧିର ଯେତେ ବିକାଶ ହୋଇଛି, ତାହା ପାଇଁ ସେହି ଅନୁପାତରେ ତାହାର ସମ୍ମୁଖରେ ଗ୍ରହଣଯୋଗ୍ୟ କର୍ତ୍ତବ୍ୟ ରଖିଦିଏ । ଏହା ପାଞ୍ଚ ସେର ଉଠାଇ ପାରିବା ପିଲାର ସମ୍ମୁଖରେ ଦୁଇ ମହଣ ଓଜନର ଜିନିଷ ରଖିଦେଇ ତାକୁ କେବେ ବି ହତୋତ୍ସାହ କରେ ନାହିଁ । ନିଦ୍ରା ନ ହେଉଥିବା ରୋଗୀକୁ ଅଧିକ ନିଦ୍ରାର ଔଷଧ ଦେଇ ଚିରକାଳ ସକାଶେ ମହାନିଦ୍ରାକୁ ପଠାଇ ଦିଏ ନାହିଁ । ପରନ୍ତୁ ମଣିଷକୁ ପାହାଚ ପାହାଚ ଦେଇ ପରିଶେଷରେ ଦିବ୍ୟ ମାନବତ୍ୱରେ ପହଞ୍ଚାଇ ଦିଏ । କିନ୍ତୁ ତୁମ୍ଭେମାନେ ମନୁଷ୍ୟର ଚେତନାର ବିକାଶ ଓ ପାରିପାର୍ଶ୍ୱିକ ଅବସ୍ଥାରେ ସେମାନଙ୍କର ଭିନ୍ନ ଭିନ୍ନ କର୍ମ ଦେଖି ତାହାର ଯଥାର୍ଥ ରହସ୍ୟ ବୁଝି ନ ପାରି ଭ୍ରମରେ ପଡୁଛ ଏବଂ ଧର୍ମ ଉପରେ ଦୋଷାରୋପ କରୁଛ ।

ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ହେଲା ଶାଶ୍ୱତ ସୁଖ ପ୍ରାପ୍ତ କରିବା । କେବଳ ମନୁଷ୍ୟ କାହିଁକି ପଶୁ ପକ୍ଷୀ ପର୍ଯ୍ୟନ୍ତ ବି ଦୁଃଖ କଷ୍ଟ ଚାହାନ୍ତି ନାହିଁ । ସୁଖ-ସ୍ୱରୂପ ଏବଂ ତାହାର ଉଦ୍‌ଗମସ୍ଥଳ ହେଲେ ଏକମାତ୍ର ଭଗବାନ୍ । ଯେପର୍ଯ୍ୟନ୍ତ ମନୁଷ୍ୟ ଭଗବାନଙ୍କୁ ପ୍ରାପ୍ତ ନ ହୋଇଛି, ଭଗବାନଙ୍କ ଚେତନାରେ ବାସ ନ କରିଛି, ସେପର୍ଯ୍ୟନ୍ତ ଯେତେ ଉପାୟ କଲେ ସୁଦ୍ଧା ସ୍ଥାୟୀ ଓ ପରମ ସୁଖ ମିଳିବ ନାହିଁ । କେବେ କେବେ ଅନ୍ୟାନ୍ୟ ବିକୃତ ଉପାୟ ଦ୍ୱାରା କିଛି ସୁଖର ଛାୟା ମାତ୍ର ପଡ଼େ; କିନ୍ତୁ ପରକ୍ଷଣରେ ତାହା ଦୁଃଖ-କଷ୍ଟ ରୂପକ ଅନ୍ଧକାରରେ ବିଲୀନ ହୋଇଯାଏ । ସୁତରାଂ ଏକମାତ୍ର ଧର୍ମହିଁ ବ୍ୟକ୍ତିକୁ ତାହାର ଉପସ୍ଥିତ ଅବସ୍ଥାରେ ତାକୁ ପ୍ରକାଶ ଦେଇ ସେହି ଶାଶ୍ୱତ ଆନନ୍ଦ ଆଡ଼କୁ ନେଇ ଚାଲିଥାଏ ।

ହରି – ଧର୍ମକୁ ପରିଚୟ କରାଏ ଶାସ୍ତ୍ର । ଶାସ୍ତ୍ର ଯେତେବେଳେ ଯେଉଁ ଦେବତା ଓ ଯେଉଁ ତୀର୍ଥର ମହତ୍ତ୍ୱ ବର୍ଣ୍ଣନ କରୁଛି ସେତେବେଳେ ସେହି ଦେବତା ଓ ସେହି ତୀର୍ଥକୁ ସର୍ବଶ୍ରେଷ୍ଠ ବୋଲି କହୁଛି । କେଉଁଠି ଗଣେଶଙ୍କୁ ବ୍ରହ୍ମ, କେଉଁଠି ଶଙ୍କର, ଦୁର୍ଗା ତ' ଅନ୍ୟ କେଉଁଠି ଶ୍ରୀକୃଷ୍ଣ, ବିଷ୍ଣୁ ବା ସଚ୍ଚିଦାନନ୍ଦଙ୍କୁ ବ୍ରହ୍ମ ବୋଲି କହୁଛି । ଗୋଟିଏ ସ୍ଥାନରେ କେଉଁ ତୀର୍ଥ ବା କେଉଁ ବ୍ରତକୁ ସର୍ବଶ୍ରେଷ୍ଠ କହୁଛି ତ' ଅନ୍ୟ ସ୍ଥାନରେ ଅନ୍ୟ ତୀର୍ଥ ଓ ଅନ୍ୟ ବ୍ରତକୁ ସର୍ବଶ୍ରେଷ୍ଠ କହୁଛି । ଏହିସବୁ ବର୍ଣ୍ଣନାରେ ଏକ ଅନ୍ୟର ସମ୍ପୂର୍ଣ୍ଣ ବିରୋଧୀ । ସୁତରାଂ ଶାସ୍ତ୍ରରେ ବିଶ୍ୱାସ କରିବା ଯେପରି କଠିନ ସେହିପରି କୌଣସି ଦେବତାଙ୍କୁ ନିଷ୍ଠାସହ ଉପାସନା କରିବା ମଧ୍ୟ କଠିନ । କାରଣ ବହୁ ଦେବତାବାଦ ମନୁଷ୍ୟ ମନରେ ଭ୍ରମ ଉତ୍ପନ୍ନ କରାଏ ।

ମାଧବ – ଭଗବାନ୍ ଏକ, ସେ ସ୍ୱୟଂ ବହୁ ଦେବତା, ବହୁ ତୀର୍ଥ ରୂପେ ପ୍ରକଟ ହୋଇ ଅଛନ୍ତି ଓ ବହୁ ବ୍ରତ, ବହୁ ପ୍ରକାର ସାଧନା ଓ ସଂଯମର ବ୍ୟବସ୍ଥା କରିଛନ୍ତି । ଏଣୁ ମନୁଷ୍ୟର ସ୍ୱଭାବ, ରୁଚି ଓ ଆବଶ୍ୟକତା ଅନୁସାରେ ସେ ତାହା ଗ୍ରହଣ

କରିପାରିବ । କାରଣ ଭଗବାନଙ୍କ ଉଦ୍ଦେଶ୍ୟ — ମନୁଷ୍ୟକୁ ଶାଶ୍ୱତ ଆନନ୍ଦ, ପରମ ମୁକ୍ତି ଓ ଅଖଣ୍ଡ ଦେବତ୍ୱକୁ ପ୍ରାପ୍ତ କରାଇବା । ଯେପରି ଗୋଟିଏ ରୋଗୀ ପିଲାକୁ ମିଠେଇ ଲୋଭ ଦେଖାଇ ଆରୋଗ୍ୟ ପାଇଁ ତାକୁ ମାତାପିତା ଔଷଧ ଦିଅନ୍ତି, ଠିକ୍ ସେହିପରି ଭଗବାନ୍ କୁଟୁମ୍ବ, ପରିବାର, ଧନ-ମାନ-ଯଶଃରେ ଆସକ୍ତ ପ୍ରାଣୀମାନଙ୍କ ପାଖରେ ନାନା ପ୍ରକାର ଦେବତା ଓ ତୀର୍ଥ ରୂପେ ତାହାର ବାଞ୍ଛିତ କାମନାବାସନା ପୂର୍ଣ୍ଣ କରିବା ଲୋଭ ଦେଖାଇ ଓ ତାକୁ ପୂର୍ଣ୍ଣ କରି ନିଜ ଆଡ଼କୁ ନେଇ ଯାଉଛନ୍ତି । ଗୀତାର ଦଶମ ଅଧ୍ୟାୟରେ ଶ୍ରୀକୃଷ୍ଣ ନିଜ ବିଭୂତି ବର୍ଣ୍ଣନା କରି ଶେଷରେ କହିଅଛନ୍ତି, 'ସଂସାରରେ ଯାହାକିଛି ସବୁ ମୁଁ, — ମୁଁ ସମସ୍ତଙ୍କୁ ଧାରଣ କରିଛି, ମୋ ଛଡ଼ା ଅନ୍ୟ କିଛି ନାହିଁ ।' ଭଗବାନ୍ ଗୀତାର ସପ୍ତମ ଅଧ୍ୟାୟରେ କହିଅଛନ୍ତି —

''ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚିତୁମିଚ୍ଛତି ।
ତସ୍ୟ ତସ୍ୟାଚଲାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ॥
ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।
ଲଭତେ ଚ ତତଃ କାମାନ୍ ମୟୈବ ବିହିତାନ୍ ହିତାନ୍ ॥''

ଅର୍ଥାତ୍, 'ସେହି ବ୍ୟକ୍ତି ସେହି ଶ୍ରଦ୍ଧାରେ ଯୁକ୍ତ ହୋଇ ଯେଉଁ ଦେବତାକୁ ପୂଜା କରିବାକୁ ଚେଷ୍ଟା କରେ, ମୋ ଦ୍ୱାରା ବିଧାନ ହୋଇଥିବା ସେହି ଦେବତା ଦ୍ୱାରା ଇଚ୍ଛିତ ଭୋଗକୁ ପ୍ରାପ୍ତ ହୁଏ । ସକାମୀ ପୁରୁଷମାନେ ଯେଉଁ ଦେବତାମାନଙ୍କୁ ପୂଜିବାକୁ ଚାହାନ୍ତି, ସେହି ଭକ୍ତମାନଙ୍କର ଶ୍ରଦ୍ଧା ସେହି ଦେବତାଙ୍କ ପ୍ରତି ମୁଁ ସ୍ଥିର କରେ ।' ଉଦାହରଣ ସ୍ୱରୂପ : ଗୋଟିଏ ଛୋଟ ଝିଅକୁ ଯଦି ହିନ୍ଦୁ ଧର୍ମ କହନ୍ତା, 'ତୁ ଏକାଗ୍ର ମନରେ ପୂର୍ଣ୍ଣରୂପେ ସମସ୍ତ ସତ୍ତା — ମନ, ପ୍ରାଣ, ଶରୀରକୁ ଭଗବାନଙ୍କୁ ସମର୍ପଣ କର, ସେ ତୋ ମଧ୍ୟରେ କାର୍ଯ୍ୟ କରି, ତୋତେ ରୂପାନ୍ତର କରି, ଅତିମାନବତ୍ୱରେ ପହଞ୍ଚାଇ ଦେବେ ।' ତେବେ ଏହା କ'ଣ ତା' ପକ୍ଷେ ସମ୍ଭବ ହୁଅନ୍ତା ? ରୋଗୀର ସାମର୍ଥ୍ୟ ଅନୁସାରେ ଔଷଧ ଦେଇ ରୋଗ ଆରୋଗ୍ୟ କରାହୁଏ । କିନ୍ତୁ ଶୀଘ୍ର ଆରୋଗ୍ୟ କରିବା ଉଦ୍ଦେଶ୍ୟରେ ବୁଦ୍ଧିମାନ୍ ବୈଦ୍ୟ ଅପରିମିତ ମାତ୍ରାରେ ଔଷଧ ଦେଇ ରୋଗୀକୁ ମୃତ୍ୟୁ ମୁଖରେ ପକାଏ ନାହିଁ । ଠିକ୍ ସେହିପରି ହିନ୍ଦୁ ଧର୍ମ । ଯେପର୍ଯ୍ୟନ୍ତ ସଂସାର ଆସକ୍ତିରୁ ମନୁଷ୍ୟର ବୈରାଗ୍ୟ ଉତ୍ପନ୍ନ ନ ହୋଇଛି, ଅନ୍ତରରେ ଆତ୍ମା ଜାଗ୍ରତ୍ ହୋଇ ଲକ୍ଷ୍ୟସ୍ଥଳରେ ପହୁଞ୍ଚିବାକୁ ବ୍ୟାକୁଳ ନ ହୋଇଛି, ସେପର୍ଯ୍ୟନ୍ତ ଯେଉଁ ବ୍ୟକ୍ତି ଯେଉଁ ଉପଯୋଗୀ କର୍ମ କରୁଛି, ସେହି କର୍ମରେ ହିନ୍ଦୁ ଧର୍ମ ତାକୁ ତାହାର ନିଷ୍ଠା ଉତ୍ପନ୍ନ କରାଏ ଏବଂ ଆବଶ୍ୟକ ଜ୍ଞାନ ଦେଇ ଲକ୍ଷ୍ୟ ଆଡ଼କୁ ଅଗ୍ରସର କରାଏ । ଗୋଟିଏ ବାଳିକାକୁ ଉପଯୁକ୍ତ ସ୍ୱାମୀ ପାଇବା ପାଇଁ ସଂସାରରେ ସୁଖରେ ରହିବାର ବାସନା ପୂର୍ଣ୍ଣ କରାଇବାକୁ ଖୁଦୁରୁକୁଣୀ, କୁମାର ପୂର୍ଣ୍ଣିମା ଏବଂ ସୁଦଶାବ୍ରତରୁ ଆରମ୍ଭ କରି ପରମ ପବିତ୍ର ପତିବ୍ରତା ଧର୍ମ ପର୍ଯ୍ୟନ୍ତ ଶିକ୍ଷା ଦିଏ । ଏହା ଦ୍ୱାରା ତାହାର ହୃଦୟ କ୍ରମଶଃ ଶୁଦ୍ଧ ହୁଏ ଓ ଜ୍ଞାନ, ଭକ୍ତି ଆଡ଼କୁ ଚେତନାର ବିକାଶ ହୁଏ । ସେହିପରି ବାଳକ ବାଳିକାମାନେ ପିଲାଦିନୁ ମାତାପିତା ଓ ଗୁରୁଜନଙ୍କ ଆଜ୍ଞା ପାଳନ କରିବା, ସଦ୍‌ଗୃହସ୍ଥ ହୋଇ ସଦାଚାର ବ୍ରତ ପାଳନ କରିବା, ଗୃହସ୍ଥ ଧର୍ମ ଅନୁସାରେ ଅତିଥି ଅଭ୍ୟାଗତ ଓ ଗୋ-ବ୍ରାହ୍ମଣଙ୍କୁ ସତ୍କାର କରିବା ଦ୍ୱାରା ସେମାନଙ୍କର ହୃଦୟ ଶୁଦ୍ଧ ହୁଏ ଏବଂ ଭଗବାନଙ୍କୁ ଜାଣିବା ପାଇଁ ଆଗ୍ରହ ଜାତ ହୁଏ ।

ବ୍ରତ, ତୀର୍ଥ ଆଉ ଦେବତା ପ୍ରତ୍ୟେକଙ୍କୁ ପୁରାଣ ସର୍ବଶ୍ରେଷ୍ଠ କହିଛି; ତାହାର କାରଣ ଏହି ଯେ ଶ୍ରେଷ୍ଠ ବସ୍ତୁ ପ୍ରତି ନିଷ୍ଠା, ଶ୍ରଦ୍ଧା ଓ ବିଶ୍ୱାସ ସହଜରେ ଜନ୍ମେ । ପୁଣି ଭଗବାନ୍ ସର୍ବଶ୍ରେଷ୍ଠ — ସେ ଯେବେ ବହୁରୂପେ ପ୍ରଘଟ ହୋଇଛନ୍ତି ଏବଂ ଯଦି ପ୍ରତ୍ୟେକ ପୂଜା ତାଙ୍କୁ ମିଳେ ତେବେ ପ୍ରତ୍ୟେକଙ୍କୁ ସର୍ବଶ୍ରେଷ୍ଠ କହିଲେ ସେଥିରେ ବିରୋଧର କାରଣ କେଉଁଠି ? ଏହା କେବଳ ହିନ୍ଦୁ ଧର୍ମର ଉଦାରତା । ଯଦି କେହି ନିଜର ସୁବିଧା ଓ ରୁଚି ଅନୁସାରେ କାଶୀ, ଅଯୋଧ୍ୟା, ବୃନ୍ଦାବନ, ପ୍ରୟାଗ ବା ପୁରୀରେ ବାସ କରେ ଓ ତାହାକୁ ଏକମାତ୍ର ଶ୍ରେଷ୍ଠ ଧାମ ବୋଲି ଧାରଣା କରେ, ତେବେ ତାହାର ସେହି ନିଷ୍ଠାରେ ଚିତ୍ତ ଶୁଦ୍ଧ ହୋଇ ଜ୍ଞାନ ଭକ୍ତି କ୍ରମଶଃ ବିକଶିତ ହେବ ଏବଂ ତାହା ପୂର୍ଣ୍ଣ ହେଲେ ସେ ଦେଖିପାରିବ ଯେ ସେହି ଏକହିଁ ବ୍ରହ୍ମ ଭିନ୍ନ ଭିନ୍ନ ରୂପରେ ପ୍ରଘଟ ହୋଇଛନ୍ତି । ବହୁ ଦେବତାବାଦ, ବହୁ ତୀର୍ଥ ଏବଂ ବହୁ ବ୍ରତ ଭ୍ରମ ବା ପରସ୍ପର ବିରୋଧୀ ନୁହେଁ । ଏହା ମଧ୍ୟରୁ ଯେକୌଣସିଟି ବ୍ୟକ୍ତିକୁ ତାହାର ଗନ୍ତବ୍ୟ ସ୍ଥାନକୁ ନେଇଯିବାରେ ସାହାଯ୍ୟ କରେ । କୌଣସି ତୀର୍ଥ, ବ୍ରତ ବା ଗଣେଶ, ଶିବ, ଦୁର୍ଗା ଓ ବିଷ୍ଣୁଙ୍କୁ ଉପାସନା କରି ତାଙ୍କୁ ସର୍ବଶ୍ରେଷ୍ଠ ମାନିବା, ବାକୀ ସମସ୍ତଙ୍କୁ ଏହାଠାରୁ କମ୍ ବା ଭ୍ରମ ବୋଲି ମନେ କରିବା, ଏପରି ନିଷ୍ଠା ସଂକୁଚିତ, ସୀମିତ ଭାବ; କିନ୍ତୁ ଭ୍ରମ ନୁହେଁ । ଏହି ନିଷ୍ଠା ଅକପଟ ଓ ସରଳ ହେଲେ ଏହା ନିଶ୍ଚୟହିଁ ଅସୀମ, ଅନନ୍ତ ଜ୍ଞାନ ଓ ପରାଭକ୍ତି ଆଡ଼କୁ ନେଇଯାଏ ।

ଏହିପରି ଜଣେ ନିଷ୍ଠାବାନ୍ ଭକ୍ତଙ୍କର ନାମ ନରହରି ।

ସେ ଜାତିରେ ସୁନାରି ବଣିଆ ଥିଲେ । ଯଦ୍ୟପି ପଣ୍ଡରପୁରରେ ବାସ କରୁଥିଲେ ତଥାପି ସେ ଥିଲେ ଶିବ ଭକ୍ତ । ସେ କେବେ ବି ଥରେ ପଣ୍ଡରୀନାଥଙ୍କୁ ଦର୍ଶନ କରୁ ନ ଥିଲେ ବା ଭୁଲ୍‌ରେ ସେହି ମନ୍ଦିର ରାସ୍ତାରେ ଯାଉ ନ ଥିଲେ । ତାଙ୍କର ବ୍ୟବସାୟ ଥିଲା ସ୍ୱର୍ଣ୍ଣ ଅଳଙ୍କାର ତିଆରି କରିବା । ଜଣେ ଭକ୍ତ ପାଣ୍ଡୁରଙ୍ଗଙ୍କ ପ୍ରତିମାର ମାପ ନେଇ ତାଙ୍କର ଗୋଟିଏ କଟିବନ୍ଧନ ତିଆରି କରିବାକୁ ଦେଲେ । କଟିବନ୍ଧନ ତୟାର ହେବା ପରେ ପଣ୍ଡରୀନାଥଙ୍କୁ ପିନ୍ଧାଇବା ସମୟରେ ତାହା ଛୋଟ ହୋଇଗଲା । ପୁନରାୟ ବଡ଼ କରି ତୟାର କରିବାରେ ଚାରି ଆଙ୍ଗୁଳ ବଡ଼ ହୋଇଗଲା । ଏହିପରି ଚାରିଥର ହେଲା । ଛୋଟ କଲେ ଚାରି ଆଙ୍ଗୁଳ ଛୋଟ ହୁଏ, ବଡ଼ କଲେ ଚାରି ଆଙ୍ଗୁଳ ବଡ଼ ହୋଇଯାଏ । ନରହରି ସାଧାରଣ ବଣିଆ ନ ଥିଲେ । ସେ ଥିଲେ ପ୍ରସିଦ୍ଧ କାରିଗର । ସେ ଭାବିଲେ ମାପ ଆଣିବା ଲୋକ ବରାବର ଭୁଲ୍ କରୁଛନ୍ତି । ସେହି ତ୍ରୁଟିରୁ ତାଙ୍କ କାରିଗରିତାର ମୂଲ୍ୟ ହ୍ରାସ ପାଉଛି । ଏହି ତ୍ରୁଟିରୁ ମୁକ୍ତ ହେବା ସକାଶେ ସେ ସ୍ୱୟଂ ମାପ ଆଣିବା ପାଇଁ କଟିବନ୍ଧନ ତୟାର କରାଉଥିବା ଭକ୍ତଙ୍କ ସଙ୍ଗେ ମନ୍ଦିରକୁ ଗଲେ । କିନ୍ତୁ ସେ ଶିବଭକ୍ତ, ପଣ୍ଡରୀନାଥ ବିଷ୍ଣୁପ୍ରତିମାକୁ ଦର୍ଶନ କରିବେ କିପରି ! ଶେଷରେ ଆଖିରେ ପଟି ବାନ୍ଧି ମାପନେବା ନିଶ୍ଚୟ କଲେ । ମୂର୍ତ୍ତିଙ୍କୁ ହାତରେ ଦରାଣ୍ଡିବାରେ ସେ ଅନୁଭବ କଲେ ପାଞ୍ଚ ମୁଖ, ସର୍ପାଳଙ୍କାର ଜଟାଜୁଟ, ବ୍ୟାଘ୍ରଚର୍ମାବୃତ ପ୍ରତିମା । ସେ ଭାବିଲେ ଶଙ୍କରଙ୍କୁ ବୋଧହୁଏ ଲୋକେ ବିଠଲ ବୋଲି କହୁଛନ୍ତି । ଆଖି ଖୋଲିବାରେ ଦେଖିଲେ ବିଠଲ ବିଷ୍ଣୁମୂର୍ତ୍ତି । ହଠାତ୍ ଆଖି ବନ୍ଦ କରି ପୁନରାୟ ସ୍ପର୍ଶ କରିବା ଦ୍ୱାରା ଅନୁଭବ କଲେ ଶଙ୍କର । ଏହିପରି ତିନିବାର ହେଲା ପରେ ସେ ଆଖି ଖୋଲି ଦର୍ଶନ କଲେ ଏବଂ ସେ ନିଶ୍ଚିତ ରୂପେ ଉପଲବ୍ଧି କଲେ ଯେ ଶଙ୍କର ସେ ପଣ୍ଡରୀନାଥ । ସେହି ଦିନଠାରୁ ତାଙ୍କ ମନରୁ ଭେଦଭାବ ଦୂର ହୋଇଗଲା ଏବଂ ତାଙ୍କର ଯେଉଁ ଏକଦେଶୀୟ ସୀମିତ ଜ୍ଞାନ ଥିଲା, ତାହା ହୋଇଗଲା ବ୍ୟାପକ ଓ ପୂର୍ଣ୍ଣ । ସେ ମହାରାଷ୍ଟ୍ର ବାରକଡ଼ି ଭକ୍ତମଣ୍ଡଳୀରେ ସମ୍ମିଳିତ ହୋଇ କୀର୍ତ୍ତନ କଲେ । ଭକ୍ତ ନରହରିଙ୍କର ବହୁତ କବିତା ମରହଟ୍ଟୀ ଭାଷାରେ ଆଜି ମଧ୍ୟ କୀର୍ତ୍ତନ ହେଉଛି ।

ହରି – ଭଗବାନ୍ ତ' ସବୁ ସ୍ଥାନରେ ବ୍ୟାପକ ଓ ସବୁ ସ୍ଥାନରେ ପରିପୂର୍ଣ୍ଣ, ତେବେ ଗୋଟିଏ ପଥରରେ ତାଙ୍କୁ ସୀମିତ କରିଦେବା କ'ଣ ଅଜ୍ଞାନତା ନୁହେଁ ?

ମାଧବ – ଭଗବାନ୍ ସର୍ବବ୍ୟାପୀ; ପ୍ରତିମାରେ, ପର୍ବତରେ ଓ ସବୁସ୍ଥାନରେ । ସେ ସମସ୍ତଙ୍କ ପିତା, ସମସ୍ତଙ୍କୁ ସ୍ନେହ କରନ୍ତି, ସମସ୍ତଙ୍କୁ ଉଚ୍ଚତର ଚେତନାରେ ଉଠାଇ ନେବାକୁ ବ୍ୟବସ୍ଥା କରନ୍ତି । ଜଣେ ବହୁ ଶାସ୍ତ୍ରବିତ୍ ପଣ୍ଡିତ ତାଙ୍କ ଛୋଟ ଶିଶୁ ସଙ୍ଗେ କଥାବାର୍ତ୍ତା କରିବା ସମୟରେ ସେ ଯେଉଁ ଭାଷା ବୁଝିପାରିବ ସେହି ଭାଷା ପ୍ରୟୋଗ କରନ୍ତି ଏବଂ ସେହିପରି ବ୍ୟବହାର କରନ୍ତି ଯଦ୍ୱାରା ଶିଶୁଟି ଯେପରି ନିଃସଙ୍କୋଚରେ ତାଙ୍କ କୋଳରେ ବସି ଆଖିରେ, କାନରେ ଅଙ୍ଗୁଳି ପୂରାଇବାରେ ଭୟ ନ କରେ । ସେ ତା' ପାଖରେ ବଡ଼ ବଡ଼ ବିଜ୍ଞାନ ଆଉ ବେଦାନ୍ତ ଚର୍ଚ୍ଚା କରନ୍ତି ନାହିଁ । ଯେଉଁମାନେ ସ୍ଥୂଳ ଇନ୍ଦ୍ରିୟ ଦ୍ୱାରା ବସ୍ତୁ ଦେଖିବା ଛଡ଼ା, ସ୍ପର୍ଶ କରିବା ଛଡ଼ା ଆଉ କିଛି ଜାଣନ୍ତି ନାହିଁ, ସେମାନେ ଇନ୍ଦ୍ରିୟାତୀତ ମନ-ବୁଦ୍ଧିର ଊର୍ଦ୍ଧ୍ୱସ୍ଥ ସର୍ବବ୍ୟାପକ ବ୍ରହ୍ମଙ୍କୁ ଅନୁଭବ କରିବେ କିପରି ? ସେମାନଙ୍କ ଇନ୍ଦ୍ରିୟଗ୍ରାହ୍ୟ ସକାଶେ ଭଗବାନ୍ ସ୍ୱୟଂ ଅବତାର ନେଇ ଅଥବା ତାଙ୍କ ଭକ୍ତକୁ ଏ ପୃଥିବୀକୁ ପଠାଇ ପ୍ରତ୍ୟେକ ବିଧାନ ସ୍ଥାପନା କରନ୍ତି, ଯାହାକୁ ଆଦର୍ଶ ରୂପେ ମାନି ଲୋକମାନେ ସତ୍-ମାର୍ଗରେ ଚାଲି ପାରିବେ ।

କୌଣସି ଭକ୍ତ ଯେକୌଣସି ପ୍ରକାରେ ଭଗବାନଙ୍କ ମୂର୍ତ୍ତି ତୟାର କରାଇ ନିଜ ସଂକଳ୍ପ-ଶକ୍ତିକୁ ସେହି ପ୍ରତିମାରେ ଏପରି ଦୃଢ଼ଭାବେ କେନ୍ଦ୍ରିତ କରନ୍ତି ଯେ ସେହି ପ୍ରତିମାରେ ସର୍ବବ୍ୟାପକ ଭଗବାନ୍ ପ୍ରକଟ ହୁଅନ୍ତି ଏବଂ ତଦ୍ୱାରା ଅନ୍ୟ ଭକ୍ତ ସକାଶେ ମଧ୍ୟ ତାହା ସୁଲଭ କରି ଦିଅନ୍ତି । ଏହା କେବଳ କଳ୍ପନା ନୁହେଁ, ଯୁକ୍ତିଯୁକ୍ତ ଓ ପ୍ରାମାଣିକ । ଶ୍ରୀରାମକୃଷ୍ଣଙ୍କୁ ପ୍ରସ୍ତରମୂର୍ତ୍ତିରୁ କାଳୀଙ୍କର ଦର୍ଶନ ହୋଇଥିଲା । ଜଗନ୍ନାଥ, ପଣ୍ଡରୀନାଥ, ଅଯୋଧ୍ୟାର ରାମଚନ୍ଦ୍ର ମୂର୍ତ୍ତି, ବୃନ୍ଦାବନ ଓ ଦ୍ୱାରକାର ଶ୍ରୀକୃଷ୍ଣ ମୂର୍ତ୍ତି ଓ ଅନ୍ୟାନ୍ୟ ଅସଂଖ୍ୟ ମୂର୍ତ୍ତିରୁ ଭଗବାନ୍ ପ୍ରକଟ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଓ ସାକ୍ଷାତ୍ କଥାବାର୍ତ୍ତା କରିଛନ୍ତି । ହିନ୍ଦୁଧର୍ମରେ ବହୁ ଦେବତାବାଦ, ବହୁ ବ୍ରତ ଓ ବହୁ ତୀର୍ଥ ଭ୍ରମ ନୁହେଁ, କଳ୍ପନା ନୁହେଁ । ଏହା ପ୍ରତ୍ୟେକ ମନୁଷ୍ୟକୁ ତା'ର ରୁଚି, ସ୍ୱଭାବ ଏବଂ ପାରିପାର୍ଶ୍ୱିକ ଅବସ୍ଥା ଅନୁସାରେ ତାକୁ ତାହାର ଗନ୍ତବ୍ୟ ସ୍ଥାନ ଓ ଲକ୍ଷ୍ୟ ଆଡ଼କୁ ନେଇଯିବାର ଗୋଟିଏ ଗୋଟିଏ ପାବଚ୍ଛ ଓ ଭିନ୍ନ ଭିନ୍ନ ମାର୍ଗ । ଏହା ପ୍ରତ୍ୟେକ ବ୍ୟକ୍ତିକୁ ତାହାର ପରିସ୍ଥିତି ଅନୁସାରେ ସାହାଯ୍ୟ କରେ ଏବଂ ଏହାହିଁ ହିନ୍ଦୁଧର୍ମର ଉଦାରତା ଓ ମହାନତା ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ପ୍ରଥମ ଖଣ୍ଡ, ପୃଷ୍ଠା : ୭୭୧ - ୭୭୫) ❑

# ମା' ଆପଣ ଏମିତି କହିଛନ୍ତି ...

## (୧)

## ହୁତା ହିନ୍ଦୋଚା

[ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତ ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother you said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...'' । ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ବିଭିନ୍ନ ସମୟରେ ମା' ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି । ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother you said so" ...

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ପ୍ରୟାସ କରାଯାଉଛି । — ସମ୍ପାଦନା]

### ୧୯୫୫

ତୁମେ ଲୋକଙ୍କ କଥା ଶୁଣିବା ଉଚିତ ନୁହେଁ । ଯଦି ଶୁଣ, ତେବେ ଗୋଟିଏ କାନରେ ଶୁଣି ଅନ୍ୟ କାନରେ ବାହାର କରିଦିଅ ।

ଯଦି କିଛି ଭୁଲ୍ ବା ସେପରି ଘଟଣା ଘଟେ, ସଙ୍ଗେ ସଙ୍ଗେ ବାରଂବାର ମୋ ନାମ ଉଚ୍ଚାରଣ କର – ମା', ମା'... ବାସ୍ତବରେ ଏହା ଏକ ଧ୍ୟାନ ପରି । ଯେତେବେଳେ ତୁମେ ଭଗବାନଙ୍କ ନାମ ବାରଂବାର ଉଚ୍ଚାରଣ କର ତେବେ ସର୍ବଦା ଅନୁଭବ କରିବ ଯେ ଭଗବାନ୍ ତୁମ ହୃଦୟ ମଧ୍ୟରେ ଅଛନ୍ତି – ସେଠାରେ ତୁମେ ଆନନ୍ଦ ଓ ଶାନ୍ତି ଅନୁଭବ କରିପାରିବ । ନିଃସନ୍ଦେହ, ତୁମେ ବେଳେ ବେଳେ ଦିବ୍ୟ ଉପସ୍ଥିତି ଓ ଶାନ୍ତି ଅନୁଭବ କରିପାର ନାହିଁ, କାରଣ ତୁମ ଚେତନା ଛଳନାରେ ପରିପୂର୍ଣ୍ଣ ତୁମର ମନ ସହିତ ଲାଖି ରହିଥାଏ । ତୁମେ ବୁଝିବା ଉଚିତ ବିରୋଧୀ ଶକ୍ତିଗୁଡ଼ିକ ମିଥ୍ୟା ଏବଂ ଦିବ୍ୟ ଶକ୍ତିହିଁ ସତ୍ୟ । ତୁମେ ତୁମ ଚେତନାକୁ ଦିବ୍ୟ ଜ୍ୟୋତିଃ ଆଡ଼କୁ ଖୋଲି ଧରିବା ଆବଶ୍ୟକ ।

ତୁମେ ଭଲ ଭାବରେ ଖାଇବା ଉଚିତ – ତୁମ ପାଇଁ ନୁହେଁ, ଭଗବାନଙ୍କ ପାଇଁ, ତାଙ୍କର କାର୍ଯ୍ୟ ପାଇଁ । ତୁମେ ତୁମର ଶରୀରକୁ ସୁରକ୍ଷିତ ରଖିବା ଉଚିତ । ଶୋଇବାକୁ ଯିବା ପୂର୍ବରୁ ନମନୀୟ ହୁଅ ଏବଂ ମୋତେ ସ୍ମରଣ କର । ଏହିପରି ପରିବେଶ ମଧ୍ୟରେ ଶୋଇବାକୁ ଯାଅ । ତା'ପରେ ମୋ'ର ଶକ୍ତି କାର୍ଯ୍ୟ କରିବ ଏବଂ ସମଗ୍ର ସତ୍ତାକୁ ସଙ୍ଗଠିତ କରିବ ।

ତୁମେ କେବେ ବି ଏକଥା ଭାବିବ ନାହିଁ ଯେ ଏ କାର୍ଯ୍ୟ କରିବା ତୁମ ପକ୍ଷରେ ଅସମ୍ଭବ ଓ କଷ୍ଟକର ଏବଂ କେବେ ବି କୁହ ନାହିଁ ଯେ ତୁମେ କିଛି କରିପାରିବ ନାହିଁ । ଏହା ପରିବର୍ତ୍ତେ ନିଶ୍ଚିତଭାବେ କୁହ ଯେ – ''ଭଗବାନ୍ ମୋ ପାଇଁ ପ୍ରତ୍ୟେକ କଥା ସହଜ କରି ଦେଇଛନ୍ତି ।'' ବାସ୍ତବରେ ଲକ୍ଷ୍ୟ ହାସଲ କରିବା ପାଇଁ ତୁମକୁ ସର୍ବୋତ୍ତମ ଚେଷ୍ଟା କରିବାକୁ ପଡ଼ିବ – ସମ୍ପୂର୍ଣ୍ଣ ବିଶ୍ୱାସ ଏବଂ ଦୃଢ଼ ଇଚ୍ଛାଶକ୍ତି ରଖ । ଯଦି କୌଣସି ଚେଷ୍ଟା ନକରି ଅଳସୁଆ ହୋଇ ରୁହ ଏବଂ କୁହ – ''ଆଃ ! ମୁଁ ସବୁକିଛି ଚାହେଁ ।'' ତେବେ ଲକ୍ଷ୍ୟରେ ପହଞ୍ଚିବା ତୁମ ପକ୍ଷେ ସମ୍ପୂର୍ଣ୍ଣ ଅସମ୍ଭବ ।

ତୁମେ ଯେତେବେଳେ ମୋର ଉପସ୍ଥିତି, ଶାନ୍ତି ଓ ଆନନ୍ଦକୁ ଅନୁଭବ କର, ସର୍ବଦା ଏହା ଉପରେ ବିଶ୍ୱାସ ରଖ, କାରଣ ସେସବୁ ସତ୍ୟ । କ୍ରମେ ତୁମେ ଦିବ୍ୟ ଉପସ୍ଥିତିକୁ ଅନୁଭବ କରିବ ଏବଂ ତୁମେ ନୂତନ ଶକ୍ତି, ନୂତନ ଚେତନାକୁ ପାଇ ପାରିବ ।

ଅଦିବ୍ୟ ଶକ୍ତିଗୁଡ଼ିକ ସବୁଦିନ ପାଇଁ ଦିବ୍ୟଶକ୍ତିର ଅଧୀନ ହେବେ ଏବଂ ଦିବ୍ୟତ୍ୱର ବିଜୟ ସୁନିଶ୍ଚିତ ହେବ ।

୧୪.୧୨.୫୫

### ୧୯୫୬

ସମସ୍ତ ଅନିଷ୍ଟକର କାର୍ଯ୍ୟ ବିରୋଧୀ ଶକ୍ତିଗୁଡ଼ିକ ଠାରୁ ଉତ୍ପନ୍ନ ହେଉଛି । ଏହି ବିରୋଧୀ ଶକ୍ତିଗୁଡ଼ିକ ତୁମକୁ ଯେତେବେଳେ କବଳିତ କରନ୍ତି ସେତେବେଳେ ତୁମେ ସନ୍ତୁଳନ ହରାଅ ନାହିଁ ଏବଂ କୁହ ନାହିଁ, ''ଓଃ, ବର୍ତ୍ତମାନ ମୁଁ କିଛି କରିପାରିବି ନାହିଁ ।'' ବରଂ ତୁମର ଗୋଟିଏ ଦୃଢ଼ ଇଚ୍ଛା ଏବଂ ବିଶ୍ୱାସ ରହିବା ଦରକାର । ନଚେତ୍ ଦିବ୍ୟଜନନୀ ଏବଂ ତୁମ

ମଧ୍ୟରେ ବିରୋଧୀ ଶକ୍ତି ଏକ ବୃହତ୍ ପ୍ରାଚୀର ଛିଡ଼ା କରାଇ ଦେବ ।

ଭଗବାନ୍ ତୁମକୁ ଗୋଡ଼ ଦେଇଛନ୍ତି ଚାଲିବା ପାଇଁ, ଗୋଟିଏ ସ୍ଥାନରେ ବସି ରହିବା ପାଇଁ ନୁହେଁ । ତୁମେ ନିଶ୍ଚୟ କିଛି ଚେଷ୍ଟା କରିବ – ତୁମେ ମୋତେ ସ୍ମରଣ କର, ମୁଁ ସର୍ବଦା ତୁମ ନିକଟରେ ରହିଛି ତୁମକୁ ସାହାଯ୍ୟ କରିବା ପାଇଁ ।

୨୩.୧.୫୬

ଯେତେବେଳେ ମୁଁ ଅନୁଭବ କରେ ଯେ ଜଣକୁ କିଛି ଦେବାର ଅଛି – ନିଃସନ୍ଦେହରେ ମୋ ପାଖରେ ଅନେକ ଦ୍ରବ୍ୟ ରହିଛି – ମୁଁ କେବେ ଚିନ୍ତା କରେ ନାହିଁ, କ'ଣ ଦେବି; ସରଳ ଭାବରେ ପଦାର୍ଥଗୁଡ଼ିକୁ ପଚାରେ – 'କିଏ ଯିବାକୁ ଚାହୁଁଛ ?' ସଙ୍ଗେ ସଙ୍ଗେ ମୁଁ ଉତ୍ତର ପାଏ, 'ମୁଁ' ! ମୁଁ ସେ ଦ୍ରବ୍ୟକୁ ତୋଳି ଆଣେ ଏବଂ ସେଇ ବ୍ୟକ୍ତିଙ୍କୁ ଦେଇଦିଏ ।

୧୪.୨.୧୯୫୬

ମଣିଷ ପ୍ରକୃତିରେ ଏକଥା କିଛି ନୂଆ ନୁହେଁ । କେତେବେଳେ ଏହା ଆଲୋକରେ ଏବଂ କେତେବେଳେ ଏହା ଅନ୍ଧକାର ଭିତରେ ଥାଏ । ମାତ୍ର ମୁଁ ମଣିଷ ଜୀବନରେ କିଛି ନୂଆ କଥା ଚାହେଁ ।

ମଣିଷର ପ୍ରକୃତି ବିଭାଜିତ । ମଣିଷମାନେ କେତେକ ସମୟରେ ବିରୋଧୀ ଶକ୍ତି ଉପରେ ବିଶ୍ୱାସ ରଖନ୍ତି, ପୁଣି କେତେକ ସମୟରେ ଦିବ୍ୟ ଶକ୍ତି ଉପରେ ବିଶ୍ୱାସ ରଖିଥା'ନ୍ତି । ଯେତେବେଳେ ସେମାନେ ବିରୋଧୀ ଶକ୍ତିର କବଳରେ ଥା'ନ୍ତି, ଭାବିବାକୁ ଆରମ୍ଭ କରନ୍ତି – 'ଏହି ଜିନିଷଟି ଭଲ ଏବଂ ସେ ଜିନିଷଟି ଖରାପ, ଏ ଲୋକଟି ଭଲ, ସେ ଲୋକ ଖରାପ ।' – ଏହିପରି ... । ସେମାନେ ବିଭିନ୍ନ ପ୍ରକାରର ପାର୍ଥିବ କାମନାକୁ ଭଲ ପାଇବା ଓ ନପାଇବା ସହ ସେମାନଙ୍କ ଭିତରେ ଥିବା ଅହଂକାର ମଧ୍ୟରେ ବାସ କରନ୍ତି । ବାସ୍ତବତଃ ସେମାନେ ନିଜେ ସେମାନଙ୍କ ଚେତନାରେ ନାନା ନିମ୍ନ ଜିନିଷ ଏବଂ ମିଥ୍ୟାକୁ ପ୍ରଶ୍ରୟ ଦିଅନ୍ତି ଓ ଅସୁଖୀ ହୁଅନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ବାସ୍ତବରେ ଏହା କିଛି ନୁହେଁ, ସେମାନଙ୍କର ଆତ୍ମା ଏବଂ ଭଗବାନଙ୍କ ମଧ୍ୟରେ ଏକ ଘନ ପରଦା ପଡ଼ିଥାଏ । ତେଣୁ ସେମାନେ କିପରି ସେମାନଙ୍କ ଜୀବନରେ କୌଣସି ନୂତନତ୍ୱକୁ ଅନୁଭବ କରିପାରିବେ ? ଭଗବାନ୍ ଏବଂ ମଣିଷମାନଙ୍କ ମଧ୍ୟରେ କିଛି ବାଧା ପ୍ରତିବନ୍ଧକ ନରହିବା ବିରୋଧୀ ଶକ୍ତିଗୁଡ଼ିକ ପସନ୍ଦ କରନ୍ତି ନାହିଁ, ଏବଂ ସେମାନେ ନିରନ୍ତର ମଣିଷମାନଙ୍କୁ ଭଗବାନ୍ ଏବଂ ତାଙ୍କର କରୁଣା ଠାରୁ ଦୂରକୁ ଦୂରେଇ ଦେବାକୁ ଚେଷ୍ଟା କରନ୍ତି । ଏହା ହେଉଛି ବିରୋଧୀ ଶକ୍ତିଗୁଡ଼ିକର ସଇତାନୀ ପ୍ରକୃତି ଏବଂ ଖୁବ୍ ଦକ୍ଷତାର ସହିତ ସେମାନେ ଖରାପ କାର୍ଯ୍ୟମାନ କରିଥା'ନ୍ତି । ସେମାନେ ସର୍ବଦା ମଣିଷ ଜୀବନକୁ ଅଧିକାର କରିବାକୁ ଚେଷ୍ଟା କରନ୍ତି । ଏହି ସମୟରେ ମଣିଷ ଭଗବାନଙ୍କୁ ସ୍ମରଣ କରିବା ଉଚିତ ଏବଂ ବିରୋଧୀ ଶକ୍ତିର ମିଥ୍ୟା ପରାମର୍ଶଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବା ଉଚିତ ।

ବିରୋଧୀ ଶକ୍ତିଗୁଡ଼ିକ ଉପରେ ବିଜୟ ହାସଲ କରିବାର ସର୍ବୋତ୍ତମ ଉପାୟ ହେଲା ନିରନ୍ତର ଭଗବାନଙ୍କର ନାମ ସ୍ମରଣ କରିବା; ଖାଇବା, ଶୋଇବା ଠାରୁ ଆରମ୍ଭ କରି ଯାହାବି କର ସର୍ବଦା ଭଗବାନଙ୍କୁ ସ୍ମରଣ କରିବ ଏବଂ କହିବ – 'ମୁଁ କେବଳ ଭଗବାନଙ୍କୁ ଚାହେଁ, ଆଉ କିଛି ବି ନୁହେଁ ।' ତୁମେ ଯେତେବେଳେ ଅସୁସ୍ଥ ହୋଇପଡ଼ ବା ତୁମ ଲକ୍ଷ୍ୟରେ ପହଞ୍ଚିବା ପଥରେ ଯଦି କିଛି ଅସୁଖକର ଘଟଣା ଘଟେ, ତୁମେ ଭଗବାନଙ୍କୁ ପ୍ରାର୍ଥନା କର ତୁମ ମାର୍ଗରୁ ସବୁ ବାଧାବିପତ୍ତିକୁ ଦୂରେଇ ଦେବା ପାଇଁ । ତୁମେ ଯଦି ନିରନ୍ତର ପ୍ରାର୍ଥନା କରିବାକୁ ଅଭ୍ୟାସ ଜାରି ରଖ, ତେବେ ତୁମର ପ୍ରାର୍ଥନା ହେବ ନିଷ୍ଠାପର, କାରଣ ଭଗବାନ୍ ପ୍ରତ୍ୟେକ ବ୍ୟକ୍ତିଙ୍କର ହୃଦୟର ଗଭୀରତମ ପ୍ରଦେଶରେ ଅଛନ୍ତି । ସେ ଏକନିଷ୍ଠ ପ୍ରାର୍ଥନାସବୁକୁ ଶୁଣନ୍ତି ଓ ଦେଖନ୍ତି । ମାତ୍ର ତୁମେ ଯଦି ବିରୋଧୀ ଶକ୍ତିର ପକ୍ଷକୁ ଯାଅ ତେବେ ଭଗବାନ୍ ନୀରବ ହୋଇ ଯାଆନ୍ତି ଏବଂ କିଛି କରନ୍ତି ନାହିଁ । ତଥାପି ସେ ପ୍ରତିକ୍ଷଣ ପ୍ରତ୍ୟେକ କଥାକୁ ନିରୀକ୍ଷଣ କରୁଥା'ନ୍ତି । ତେଣୁ ତୁମେ ବିରୋଧୀ ଶକ୍ତିର ପକ୍ଷକୁ ଯିବା ଉଚିତ ନୁହେଁ । ନିରନ୍ତର ଭଗବତ୍ ସ୍ମରଣ ଓ ପ୍ରାର୍ଥନା କରିବା ବାଞ୍ଛନୀୟ ।

ଯେତେବେଳେ ସମଗ୍ର ସତ୍ତାଟି ଦିବ୍ୟ ଜ୍ୟୋତିଃ ଓ ଦିବ୍ୟ ପ୍ରଭାବ ଆଡ଼କୁ ଢଳିଯାଏ ଏବଂ କିଛି ନରଖି ସବୁକିଛି ତାଙ୍କୁ ଦେଇ ଦିଆଯାଏ, ତାକୁ କୁହାଯାଏ ପ୍ରକୃତ ସମର୍ପଣ ଏବଂ ପ୍ରକୃତ ନିଷ୍ଠା । ତୁମେ ପ୍ରଗାଢ଼ ଭାବେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା ଉଚିତ : ''ହେ ପ୍ରଭୁ ! ମୋ ପାଦରେ, ମୋ ହସ୍ତରେ, ମୋ'ର ସମଗ୍ର ଚେତନାରେ ତୁମେ କାର୍ଯ୍ୟ କର; ଯଦି ମୁଁ ଚାଲେ, ତୁମେ ମୋ ସହିତ ଚାଲ, ଯଦି ମୁଁ ଖାଏ, ତୁମେ ମୋ ସହିତ ଖାଅ, ମୁଁ ଯାହାବି କରେ, ତୁମେ ମୋ ସହିତ ସବୁବେଳେ ରହିଥାଅ ।'' ଏହିପରି ଭାବେ ପ୍ରଭୁ ଏବଂ ତାଙ୍କ କରୁଣା ଦ୍ୱାରା ତୁମେ ସୁରକ୍ଷିତ ହୋଇ ରହିପାରିବ ।

ଏକାଗ୍ରତା ପାଇଁ ହୃଦୟହିଁ ସର୍ବୋତ୍ତମ ସ୍ଥାନ । ତୁମ

ହୃଦୟର ଗଭୀରତମ ପ୍ରଦେଶକୁ ଯାଅ ଏବଂ ଦିବ୍ୟ ପରମପ୍ରଭୁଙ୍କ ଉପରେ ଏକାଗ୍ର ହେବା ସମୟରେ ଚିନ୍ତା କର : ''ପରମପ୍ରଭୁହିଁ ସମଗ୍ର ବିଶ୍ୱକୁ ନିୟନ୍ତ୍ରଣ କରୁଛନ୍ତି । ସେ ସର୍ବଜ୍ଞ, ସର୍ବଶକ୍ତିମାନ୍, ସର୍ବବ୍ୟାପୀ, ମୋର ପ୍ରେମ ତାଙ୍କରି ପାଇଁ ।''

ପ୍ରଭୁ ତାଙ୍କର ନିଜର ଇଚ୍ଛା ଓ ଶକ୍ତି ଦ୍ୱାରା ନିଜ ଭିତରୁ ସବୁ ପ୍ରାଣୀ ଏବଂ ସବୁକିଛିକୁ ସୃଷ୍ଟି କରିଛନ୍ତି । ଏଠାରେ ପାର୍ଥିବ ଶରୀରରେ ଜଣେ ତାଙ୍କ ସହିତ ଏକତ୍ୱ ଲାଭ କରିପାରେ । ତାଙ୍କର ଏହି ସୃଷ୍ଟ ଲୀଳାର ପଶ୍ଚାତରେ କିଛି ଉଦ୍ଦେଶ୍ୟ ରହିଛି । ତେଣୁ ଆମର ନିଜସ୍ୱ ଆକାଂକ୍ଷା ରହିବା ଉଚିତ ନୁହେଁ । ତୁମେ ଏ ଜୀବନକୁ ତ୍ୟାଗ କରିବା କଥା ଭାବିବା ଉଚିତ ନୁହେଁ ।

ମୁଁ ଚାହେଁ ପ୍ରତ୍ୟେକେ ସୁଖୀ ରୁହନ୍ତୁ । ତୁମେ ଯଦି ଚେତନଶୀଳ ଭାବେ ପ୍ରଭୁଙ୍କ ସହ ସଂଯୁକ୍ତ ହୋଇପାର, ତୁମେ ସୁଖୀ ହୋଇ ପାରିବ । କାରଣ ଭଗବାନଙ୍କ ବ୍ୟତୀତ ଜୀବନ ଅଦରକାରୀ । ତାଙ୍କ ବ୍ୟତୀତ କାହାରି ସ୍ଥିତି ନାହିଁ । ପ୍ରଭୁହିଁ ସବୁକିଛି ।

୨.୩.୫୬

ମା' ମୋତେ ପୃଥିବୀର ସୃଷ୍ଟିକର୍ତ୍ତାଙ୍କ ସମ୍ପର୍କରେ ବୁଝାଇଲେ :

ପୃଥିବୀର ସୃଷ୍ଟିକର୍ତ୍ତା ତାଙ୍କ ସମ୍ମୁଖରେ ଏକ ବଡ଼ ପାତ୍ର ଧରି ବସିଛନ୍ତି । ମଣିଷମାନେ ସେମାନଙ୍କ ଜୀବନଯାତ୍ରା ଶେଷ ହେବା ପରେ ସୃଷ୍ଟିକର୍ତ୍ତାଙ୍କ ପାଖକୁ ଫେରି ଆସନ୍ତି । ସେମାନେ ସେହି ପାତ୍ରରେ ପତିତ ହୁଅନ୍ତି । ସୃଷ୍ଟିକର୍ତ୍ତା ସେମାନଙ୍କର ଉପାଦାନକୁ ଏକ ନୂତନ ରୂପ ଦେଇ ପୃଥିବୀକୁ ଛାଡ଼ି ଦିଅନ୍ତି ।

ଅଧିକରୁ ଅଧିକ ମଣିଷ ସେହି ପାତ୍ର ଭିତରକୁ ଫେରି ଆସନ୍ତି । ଏହିପରି ଭାବେ ଏକ ଶେଷହୀନ ପ୍ରକ୍ରିୟା ଚାଲେ ।

ମୋର ସନ୍ତାନ, ଏହାହିଁ ମଣିଷ ଜୀବନ । ବାସ୍ତବରେ ଖୁବ୍ କମ୍ ଲୋକ ଯେଉଁମାନେ ଦିବ୍ୟଜୀବନ ସମ୍ପର୍କରେ ଜାଣନ୍ତି ।

୪.୩.୫୬

ମୁଁ ସଇତାନର ସମସ୍ତ କୁକାର୍ଯ୍ୟଗୁଡ଼ିକ ସମ୍ପର୍କରେ ଜାଣେ । ତୁମର ଆତ୍ମା କେବେ ଭୁଲ୍ କାର୍ଯ୍ୟ କରନ୍ତି ନାହିଁ । ତୁମର ଆତ୍ମା ଭଗବତ୍ ଶକ୍ତି ଓ କରୁଣା ଦ୍ୱାରା ସୁରକ୍ଷିତ ଓ ଆବୃତ ହୋଇ ରହିଛନ୍ତି । ବାସ୍ତବରେ ବିରୋଧୀ ଶକ୍ତି କବଳରୁ ତୁମକୁ ମୁକ୍ତ କରିବା ପାଇଁ ମୁଁ ଅବିରତ ଚେଷ୍ଟା କରି ଚାଲିଛି । ମାତ୍ର ଜନ୍ମରୁ ତୁମ ପ୍ରକୃତିରେ କିଛି ଅଭ୍ୟାସ ଗଠିତ ହୋଇ ରହି ଆସିଛି । ସେଗୁଡ଼ିକୁ ଶୀଘ୍ର ପରିବର୍ତ୍ତନ କରିବା ସହଜ ନୁହେଁ । ମୁଁ ଜାଣେ ତୁମର କ'ଣ ଦରକାର ଏବଂ କ'ଣ ଦରକାର ନୁହେଁ । ମୁଁ ସମସ୍ତଙ୍କୁ ସମାନ ଭାବରେ ସାହାଯ୍ୟ କରିବା ପାଇଁ କାର୍ଯ୍ୟ କରୁଛି ।

୪.୪.୫୬

ଏହି ଦିନଗୁଡ଼ିକ ( ୧୯୫୬ ମସିହାର ଫେବ୍ରୁଆରୀ ଠାରୁ ଏପ୍ରିଲ) ଲାଭଦାୟକ ଏବଂ ପ୍ରଗତି ପାଇଁ ପ୍ରତ୍ୟେକଙ୍କ ନିମିତ୍ତ ଭଲ । ତେଣୁ ତୁମେ ଠିକ୍ କଥା ବୁଝିବା ଆବଶ୍ୟକ ଏବଂ ପ୍ରତ୍ୟେକ ଜିନିଷକୁ ଗୋଟିଏ ପଟକୁ ରଖି ଏକ ପ୍ରକୃତ ସଂକଳ୍ପ କର, ତା'ପରେ ଅବଶ୍ୟ ତୁମେ ସବୁ ପ୍ରକାରର ବିରୋଧରୁ ମୁକ୍ତ ହୋଇପାରିବ ଏବଂ ସୁଖୀ ହୋଇ ପାରିବ ।

ମୁଁ ତୁମକୁ ଯାହା କହୁଛି ତାହା ସତ୍ୟ ।

ଯଦି ତୁମେ ବିରୋଧୀ ଶକ୍ତିଗୁଡ଼ିକୁ ପ୍ରତ୍ୟାଖ୍ୟାନ କର ତୁମେ ସ୍ୱାସ୍ଥ୍ୟବାନ୍ ହୋଇ ପାରିବ । ସେହି ସଇତାନୀ ଶକ୍ତିଗୁଡ଼ିକ ସବଳ ହେବା ମୁଁ ଚାହେଁ ନାହିଁ । ତୁମେ ଯଦି ସେମାନଙ୍କ କଥା ନଶୁଣ, ନିଶ୍ଚିତ ତୁମେ ଦ୍ରୁତଗତିରେ ପ୍ରଗତି ଲାଭ କରିପାରିବ ଅଥବା ଧୀର ଅଗ୍ର ପଦକ୍ଷେପ ନେଇ ଉପଲବ୍ଧି ଲାଭ କରିପାରିବ — ତୁମର ଲକ୍ଷ୍ୟ ଦିଗରେ ।

୨୨.୪.୫୬

ତୁମେ ଯଦି ଦୁଷ୍ଟ ଶକ୍ତିର କଥାକୁ ଶୁଣ, ନିଶ୍ଚିତ ଭାବେ ସେ ତୁମର ସତ୍ତା ଉପରେ ପ୍ରଭାବ ବିସ୍ତାର କରିବ । ଯେତେବେଳେ ତା'ର ପ୍ରଭାବଗୁଡ଼ିକ ହୃଦୟ ଓ ମସ୍ତିଷ୍କ ଭିତର ଦେଇ ଅତିକ୍ରମ କରେ, ତୁମେ ଅସୁଖୀ ହୁଅ ଏବଂ ଅଶାନ୍ତି ଅନୁଭବ କର ।

ମୁଁ ପ୍ରତ୍ୟେକ ବ୍ୟକ୍ତିର ଭାବନାକୁ ପଢ଼ିପାରେ । କେହି କେହି ଭାବୁଥା'ନ୍ତି ଯେ ମୁଁ ସେମାନଙ୍କୁ ଭଲପାଏ ନାହିଁ, ମୁଁ ସେମାନଙ୍କର ଯତ୍ନ ନିଏ ନାହିଁ ... ଏହିପରି ... ଏହି ଭ୍ରମାତ୍ମକ ଭାବନା ଯୋଗୁଁ ସେମାନେ ସେମାନଙ୍କ ହୃଦୟରୁ ଭଗବାନଙ୍କୁ ତଡ଼ି ଦିଅନ୍ତି । ଫଳରେ ସଇତାନୀ ଶକ୍ତି ଆନନ୍ଦିତ ହୁଏ ଏବଂ ସେହି ବ୍ୟକ୍ତିମାନଙ୍କର ରକ୍ତ ଏବଂ ଶକ୍ତିକୁ ଶୋଷଣ କରେ ଏବଂ ସେମାନଙ୍କୁ ଅଧିକ ଅପୁଷ୍ଟ ଏବଂ ଅଧିକ ଅସୁଖୀ କରାଏ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, ସେହି ବ୍ୟକ୍ତିମାନେ ଦୁର୍ବଳ ତଥା ମଳିନ ହୋଇ ପଡ଼ନ୍ତି ।

ଯଦି ତୁମେ ପୂର୍ଣ୍ଣଭାବେ ଠିକ୍ ରହିବାକୁ ଚାହଁ, ତେବେ ଗୋଟିଏ କାର୍ଯ୍ୟ କରିବ । ଯେତେବେଳେ ତୁମର ଚେତନା ଭିତରକୁ ବିଭ୍ରାନ୍ତିକର କଥା ଓ ଭାବନା ପ୍ରବେଶ କରିବାକୁ ପ୍ରସ୍ତୁତ ହେବ ତତ୍କ୍ଷଣାତ୍ ସେଗୁଡ଼ିକୁ ତଡ଼ି ଦେବ ଏବଂ ମୋତେ

ସ୍ମରଣ କରିବ । ମୁଁ ସବୁବେଳେ ତୁମ ଡାକ ଶୁଣେ — ମୋର ହଜାର ହଜାର ଅନୁଭୂତି ଅଛି । ଯେତେବେଳେ ଲୋକମାନେ ପ୍ରତିକୂଳ ପରିସ୍ଥିତିରେ ପଡ଼ି ନିଷ୍ଠାର ସହିତ ମୋତେ ଡାକନ୍ତି, ମୁଁ ସଙ୍ଗେ ସଙ୍ଗେ ସେମାନଙ୍କୁ ସାହାଯ୍ୟ କରିଥାଏ ।

ଖଳ ପ୍ରକୃତି ସୁଯୋଗ ପାଇବା ମାତ୍ରେ ତତ୍‌କ୍ଷଣାତ୍ ତୁମ ଭିତରକୁ ପ୍ରବେଶ କରେ ଏବଂ ତୁମ ପ୍ରାଣ ସତ୍ତାର ଶକ୍ତିକୁ ଚୋରାଇ ନିଏ । ସ୍ପଷ୍ଟଭାବେ ଏହା ତୁମର ଦୁର୍ବଳତା; ନଚେତ୍ ଏହା ଘଟନ୍ତା ନାହିଁ । ତୁମେ କାହିଁକି ସଇତାନକୁ ପଚାରିବ, ''ତୁ କ'ଣ କହିଲୁ ?'' ବିପରୀତ ପକ୍ଷେ ତୁମେ ଦୃଢ଼ ଭାବରେ କହିବା ଉଚିତ — ''ନା, ତୁ ଯାହା କହୁଛୁ ମୁଁ ଶୁଣିବି ନାହିଁ — ବାହାରି ଯା' ।'' ତା'ପରେ ନିଶ୍ଚିତ ଭାବେ ସବୁକିଛି ଅନ୍ତର୍ଦ୍ଧାନ ହୋଇଯିବ ଏବଂ ତୁମେ ଆନନ୍ଦ ଅନୁଭବ କରିବ । ତୁମେ ଜାଣିବା ଆବଶ୍ୟକ ଯେ ପ୍ରତ୍ୟେକଙ୍କୁ ମା' ତାଙ୍କର ଶକ୍ତି ଓ ଦୃଢ଼ ଇଚ୍ଛା ପ୍ରଦାନ କରିଛନ୍ତି । ଏସବୁ ଖୁବ୍ ଶକ୍ତିଶାଳୀ ଏବଂ ସକଳ ବିରୋଧୀ ଶକ୍ତି, — ସେମାନେ ଯେତେ ଶକ୍ତିଶାଳୀ ହୁଅନ୍ତୁ ନା କାହିଁକି, ସେମାନଙ୍କ ବିରୋଧରେ ଯୁଦ୍ଧ କରିବାକୁ ସକ୍ଷମ । ନଚେତ୍ ସବୁ ପ୍ରକାର ଭ୍ରାନ୍ତ ପ୍ରସ୍ତାବ ଏବଂ ସୂଚନାଜନିତ ପ୍ରଭାବରୁ ତୁମେ କିଛି ଚମତ୍କାରିତା ଏବଂ ନୂତନତ୍ୱକୁ ଅନୁଭବ କରିପାରିବ ନାହିଁ । ବିପରୀତ ପକ୍ଷେ ତୁମେ ମିଥ୍ୟାଚାରକୁ ଗ୍ରହଣ କରିବା ଦ୍ୱାରା ଭଗବାନ୍ ଏବଂ ତୁମ ଭିତରେ ତୁମେ ଏକ ବିଶାଳ ପ୍ରାଚୀର ନିର୍ମାଣ କରିବ । ତେଣୁ ଖଳ ପ୍ରକୃତି, ଯିଏକି କୁହେ — ''ମା' କିଛି କରି ପାରିବେ ନାହିଁ, ତୁମେ କାହିଁକି ଏଠାରେ ଅଛ ?'' ଇତ୍ୟାଦି — ତା' କଥା ଶୁଣିବ ନାହିଁ । ନିଶ୍ଚିତ ଭାବରେ ଏହା ସତ୍ୟ ନୁହେଁ ।

୨୨.୪.୫୬

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

## ସେତିକି କୁହ, ଯାହା ଅପରିହାର୍ଯ୍ୟ

ମୁଁ କହୁଛି ଯେ ତୁମେମାନେ ସମସ୍ତେ ଏକ ଚେଷ୍ଟା କର — ଓଃ ! ମୁଁ ବେଶୀ ସମୟ ପାଇଁ କରିବାକୁ କହୁନି, ଦିନକୁ ମାତ୍ର ଗୋଟିଏ ଘଣ୍ଟା ଚୁପ୍ ରୁହ — କେବଳ ଯେତିକି ନିତାନ୍ତ ଦରକାର ସେତିକି ବ୍ୟତୀତ ଅନ୍ୟ କିଛି କହିବ ନାହିଁ, ଗୋଟିଏ ଶବ୍ଦ ବେଶୀ ନୁହେଁ କି ଗୋଟିଏ ଶବ୍ଦ କମ୍ ନୁହେଁ ।

ଦୈନନ୍ଦିନ ମାତ୍ର ଘଣ୍ଟାଏ ନିଅ, ଯେଉଁ ସମୟଟି ତୁମ ପାଇଁ ସବୁଠୁ ସୁବିଧାଜନକ, ଏବଂ ସେହି ସମୟତକ ନିଜକୁ ଭଲଭାବେ ନିରୀକ୍ଷଣ କର ଏବଂ ସେତେବେଳେ ଯାହା ଯେତିକି ନିତାନ୍ତ ଦରକାର ସେତିକିଟି ମାତ୍ର ଶବ୍ଦ ଉଚ୍ଚାରଣ କର ।

ପ୍ରଥମରୁ ତୁମ ପାଇଁ ଏହା ଅବଶ୍ୟ କଷ୍ଟକର ହେବ — ତୁମେ କିପରି ଜାଣିବ ଯେ କେଉଁଟା ନିତାନ୍ତ ଦରକାର ଓ କେଉଁଟା ଦରକାର ନୁହେଁ । ସେସବୁ ତୁମେ ପ୍ରତିଦିନ ନିଜେ ନିଜେ ବିଚାର କରି ଦେଖି ଜାଣିପାରିବ ଏବଂ ପ୍ରତିଦିନ ତୁମେ ଏଥିରେ ଉନ୍ନତି କରିପାରିବ ।

ତା'ପରେ ତୁମେ ଦେଖିବ ଯେ ଯେପର୍ଯ୍ୟନ୍ତ ତୁମେ କିଛି କହୁ ନାହଁ, ସେପର୍ଯ୍ୟନ୍ତ ତୁମେ ସଂପୂର୍ଣ୍ଣ ନୀରବ ରହିବା କଷ୍ଟକର ହେଉ ନାହିଁ । କିନ୍ତୁ ଯେତେବେଳେ ତୁମେ କଥାପଦେ କହିବାକୁ ଆରମ୍ଭ କଲ, ସେତେବେଳେ ତୁମେ ଲକ୍ଷ୍ୟ କରିବ ଯେ ପ୍ରାୟ ସର୍ବଦା ତୁମେ ଆବଶ୍ୟକତାଠାରୁ ଦୁଇଟି, ତିନୋଟି କିଂବା ଦଶଟି ବା କୋଡ଼ିଏଟି ଅଦରକାରୀ ଶବ୍ଦ କହିସାରିଛ ଯାହାକି ଆଦୌ ଦରକାର ନ ଥିଲା ।

— ଶ୍ରୀମା

# ଲକ୍ଷ୍ୟ, ସାଧନା ଓ ସିଦ୍ଧି

## ପ୍ରପତ୍ତି

ସୃଷ୍ଟିର ଲକ୍ଷ୍ୟ କ'ଣ ? ଏହି ଦୃଶ୍ୟମାନ ଜଗତ୍ ଓ ଜୀବନର କୌଣସି ସାର୍ଥକତା ଅଛି କି ?

ସୃଷ୍ଟିରେ କିଛି ବି ସ୍ଥିର ନୁହେଁ, ସବୁକିଛି ଗତିଶୀଳ ହୋଇ ଚାଲିଛି ନାନା ଛନ୍ଦରେ ରୂପାୟିତ ହୋଇ, ରୂପ ଓ ଗୁଣର ଅବିଚ୍ଛିନ୍ନ ପରିବର୍ତ୍ତନ ମଧ୍ୟଦେଇ, ସାମୟିକ ଅସ୍ଥିର ସୁଖ-ଦୁଃଖର ଅସରନ୍ତି ପଥ ଦେଇ । ଅନନ୍ତ କାଳସ୍ରୋତର କବଳରେ ଅସୀମ ବିସ୍ତୃତିର ସବୁକିଛି ସତେ ଯେପରି ପରିବେଶ ଓ ପ୍ରବୃତ୍ତିମୂଳକ ତାଡ଼ନାର ଦାସ ହୋଇ ପରାଧୀନଭାବେ ଅନିର୍ଦ୍ଦିଷ୍ଟ ପଥରେ ଧାଇଁ ଚାଲିଛି ! ଅସ୍ଥିରତା, ଅହଙ୍କାର, ଅଜ୍ଞାନତା, ପରାଧୀନତା, ଦୁର୍ବଳତା, ଦୁଃଖ-କଷ୍ଟ, ଅଶାନ୍ତି, ଦ୍ୱନ୍ଦ୍ୱ, ସଂଘର୍ଷ, ବିଶୃଙ୍ଖଳା — ଏସବୁ ଯେପରି ଏଇ ସୃଷ୍ଟି ସକାଶେ ବିଧିନିର୍ଦ୍ଦିଷ୍ଟ ଅଭିଶାପ !

ଏସବୁ ହେଲା ମାନୁଷୀ ମନର ଏକପ୍ରକାର ଦୃଷ୍ଟିକୋଣ ଓ ଚିନ୍ତାଧାରା, ଏହାର ପ୍ରଭାବରେ ପଡ଼ି ଜୀବନ ଓ ଜଗତ୍ ପ୍ରତି ଜାତ ହୁଏ ବୈରାଗ୍ୟ; ସୃଷ୍ଟିର ସବୁକିଛି ମିଥ୍ୟା, ମାୟା, ଅନିତ୍ୟ, ଅସୁଖ ବୋଲି ବୋଧହୁଏ । ଏହି ସମସ୍ୟା, ଜଗତ୍ ଓ ଜୀବନର ଏହି ଅନିବାର୍ଯ୍ୟ ଶୋଚନୀୟ ପରିଣତି ମଧ୍ୟରୁ ଏକମାତ୍ର ସମାଧାନ ବା ନିଷ୍କୃତିର ପନ୍ଥା ହେଲା ଏହି ଦୁଃଖମୟ ଜଗତ୍ ଓ ଜୀବନ ମଧ୍ୟରୁ ପଳାୟନ — ନିର୍ବାଣ ଓ ମୋକ୍ଷର ପନ୍ଥାହିଁ ଏକମାତ୍ର ଅବଲମ୍ବନ — ଏହି ଦୃଶ୍ୟମାନ ସ୍ଥୂଳ ସୃଷ୍ଟିର ପଶ୍ଚାତରେ ଯେଉଁ ନିତ୍ୟ ସତ୍ୟ, ଶୁଦ୍ଧ ପରମ ଚେତନା ବିଦ୍ୟମାନ, ତହିଁରେ ମିଳିତ ହୋଇ ନିଜର, ଅନ୍ୟସବୁ ଅସ୍ତିତ୍ୱର ବିଲୁପ୍ତିକରଣହିଁ ଏକମାତ୍ର ଗ୍ରହଣୀୟ । ତେବେହିଁ ଦୁଃଖ-କଷ୍ଟରୁ ମୁକ୍ତି — ଆତ୍ମମୁକ୍ତି ପ୍ରାପ୍ତ ହୁଏ । ଅବଶିଷ୍ଟ ଜଗତ୍ ତା'ର ଦୁଃଖ-ଦୁର୍ଦ୍ଦଶା ନେଇ ଚିରକାଳ ଏପରି ପଡ଼ି ରହିଥାଉ, ସେଥିରେ ଯାଏ ଆସେ କ'ଣ ? ଯେଉଁମାନେ ଏହି ଆତ୍ମମୁକ୍ତିର ଲାଳସା ଘେନି ଏହି ପନ୍ଥାର ଅବଲମ୍ବନ କରନ୍ତି, ସେମାନଙ୍କରହିଁ ହେଲା ଏହି ଲକ୍ଷ୍ୟ ଏବଂ ସେମାନେ ସେଥିପାଇଁ ସାଧନା କରି ପ୍ରାପ୍ତ ହୁଅନ୍ତି ସେମାନଙ୍କର ଅଭୀଷ୍ଟ ସିଦ୍ଧି — ନିର୍ବାଣ ବା ମୋକ୍ଷ ।

କିନ୍ତୁ ଏହା ଦ୍ୱାରା ଜଗତ୍ ଓ ଜୀବନର ଯେ ଏକ ଲକ୍ଷ୍ୟ ବା ଅର୍ଥ ଅଛି ତାହାର କୌଣସି ସମାଧାନ ହୁଏ ନାହିଁ । ମନେହୁଏ ସତେ ଯେପରି କୌଣସି ଏକ ଅପଶକ୍ତି ତା'ର ଖାମଖିଆଲି ଚେତନାରେ ଏଇ ଦୁଃଖକଷ୍ଟମୟ ଜଗତକୁ ସୃଷ୍ଟି କରି ଚିରଦିନ ସକାଶେ ଏହାକୁ ଏପରି ଛାଡ଼ି ଦେଇ ଏଥିରେ ଆନନ୍ଦ ପାଉଛି, ଏଥିରୁ ଜଗତର ଆଉ ନିଷ୍କୃତି ନାହିଁ !

ତେବେ ଅତି ମନ୍ଥର ଗତିରେ ହେଲେ ମଧ୍ୟ ଜାଗତିକ କ୍ରମ-ବିକାଶର ଯେ ବିରାମ ନାହିଁ — ଜଡ଼ ପରେ ପ୍ରାଣ, ପ୍ରାଣ ପରେ ମନର ବିକାଶ ଯେ ହୋଇ ଚାଲିଛି, ଏହାର କ'ଣ କିଛି ସାର୍ଥକତା ନାହିଁ ? ଏଇ କ୍ରମ-ବିକାଶଧାରାରେ ଯେଉଁ ନୂତନ ଚେତନା ଓ ଆଲୋକର ପ୍ରସ୍ଫୁରଣ ହୋଇ ଚାଲିଛି — ଜଗତର ଏଇ ମିଥ୍ୟାଲୀଳା, ଦୁଃଖଦୁର୍ଦ୍ଦଶା, ଦ୍ୱନ୍ଦ୍ୱ ଓ ସଂଘର୍ଷର ପଶ୍ଚାତରେ ବେଳେବେଳେ ସତ୍ୟ, ଆନନ୍ଦ ଓ ପ୍ରେମର ଯେ କ୍ଷୀଣାଭାସ ମିଳେ ତାହା କ'ଣ ନିରର୍ଥକ ? — ଏ ହେଲା ମାନୁଷୀ ମନର ଅନ୍ୟ ଏକ ଦୃଷ୍ଟିକୋଣ ଓ ଚିନ୍ତାଧାରା । ଏହି ଆଶା-ସଞ୍ଚାରକ ଭାବ ସହ ଅଗ୍ରସର ହୋଇ କୌଣସି କୌଣସି ବିଶେଷ ବିକାଶପ୍ରାପ୍ତ ମାନୁଷୀ ମନ ଗଭୀର ଅନ୍ତର ଚେତନା ସାହାଯ୍ୟରେ ଏଇ ଦୁଃଖକଷ୍ଟର ଜଗତ୍ ବକ୍ଷରେ ସତ୍-ଚିତ୍-ଆନନ୍ଦର ଅଭିବ୍ୟକ୍ତି ନିମିତ୍ତ ଆସ୍ପୃହା କରି ଏହି ନିଶ୍ଚିତ ସନ୍ଧାନ ପାଇଛି ଯେ ବର୍ତ୍ତମାନର ଜଗତ୍ ଯଦିଓ ଏକ ମିଥ୍ୟାଲୀଳାରେ ପରିପୂର୍ଣ୍ଣ, ତଥାପି ଏହାର ପଶ୍ଚାତରେ ରହିଛନ୍ତି ସତ୍-ଚିତ୍-ଆନନ୍ଦର ପରମ ଉତ୍ସ । ସେ ଏହି ଜଗତର ଅଜ୍ଞାନତା ଓ ଅହଙ୍କାର ଦ୍ୱାରା କେବଳ ଆଚ୍ଛାଦିତ ହୋଇ ରହିଛନ୍ତି । ଯେତେବେଳେ ଏହି ଆବରଣକୁ ଏହି ଜଗତ୍ ଓ ଜୀବନରୁ ସଚେତନ ଭାବେ ଦୂର କରିବା ପାଇଁ, ନିଷ୍ଠା ଓ ବିଶ୍ୱାସ ସହ ସାମ୍ପ୍ରତିକ ବିକୃତିର ରୂପାନ୍ତର ନିମିତ୍ତ ସେହି ପରମ ଶକ୍ତିଙ୍କର ଆଶ୍ରୟ ନେଇ ତାଙ୍କର ସାନ୍ନିଧ୍ୟ ଓ ଉପଲବ୍ଧି ନିମିତ୍ତ ଏକାନ୍ତ ବ୍ୟାକୁଳତା ସହ ତାଙ୍କୁ ଆବାହନ କରାଯିବ ସେତେବେଳେ ସେ ନିଶ୍ଚୟ ତାଙ୍କର ପ୍ରେମମୟ କୃପା ଦ୍ୱାରା ଏହି ଅଜ୍ଞାନ, ଦୁର୍ବଳ ଓ ବିକୃତ ଜଗତ୍ ତଥା ଜୀବନର ରୂପାନ୍ତର ସାଧନ କରି ଏଠାରେ ନିଜକୁ ଅଭିବ୍ୟକ୍ତ କରିବେ । ସେତେବେଳେହିଁ ଦୂର ହେବ ମିଥ୍ୟାର ସକଳ ଆବରଣ ଏବଂ ସତ୍ୟର ନିରବଚ୍ଛିନ୍ନ ରାଜୁତିରେ ଜଗତ୍ ଓ ଜୀବନ ହୋଇ ଉଠିବ ଆଲୋକୋଭାସିତ, ଆନନ୍ଦ-ରସାୟିତ ଓ ପ୍ରେମ-ପ୍ଲାବିତ । ସେତେବେଳେ ଏହି ବିକୃତ ଜଗତ୍ ଓ ଜୀବନ ରୂପାନ୍ତରିତ

ହୋଇ ଉଠିବ ଦିବ୍ୟ ଜଗତ୍ ଓ ଦିବ୍ୟ ଜୀବନରେ ଏବଂ ଯେଉଁ ଚେତନା ଦ୍ୱାରା ସୃଷ୍ଟି ସତ୍ୟ-ସମୃଦ୍ଧ ହୋଇ ଅବିରାମ ବିକାଶ କରି ଚାଲିବ ତାହା ବିକୃତ ମାନସ ଚେତନା ନହୋଇ ହୋଇଉଠିବ 'ଅତିମାନସ' ଚେତନା । ସେତେବେଳେହିଁ ହେବ ପୂର୍ଣ୍ଣାଙ୍ଗ ସିଦ୍ଧି — ଯାହା ନୁହେଁ ପଳାୟନର ସିଦ୍ଧି, ଏକ ସ୍ୱାର୍ଥପର ଚିରନିର୍ଦ୍ଦିଷ୍ଟ ସୁରକ୍ଷିତ ଅପୂର୍ଣ୍ଣ ସିଦ୍ଧି; କିନ୍ତୁ ଏକ ନିରବଚ୍ଛିନ୍ନ ଅଗ୍ରଗତି ଓ ବୀରୋଚିତ ଚିରବିଜୟର ସିଦ୍ଧି ।

ଆମ ଆଗରେ ରହିଛି ଉପରୋକ୍ତ ଦୁଇଟି ଲକ୍ଷ୍ୟ ଏବଂ ତାହାର ସାଧନା ଓ ସିଦ୍ଧିର ଦ୍ୱାର ଉନ୍ମୁକ୍ତ । ଆମର ରୁଚିଗତ ନିର୍ଦ୍ଧାରଣ ଅନୁସାରେ ଆମକୁ କୌଣସି ଗୋଟିକୁ ବାଛି ନେବାକୁ ହେବ । ପ୍ରଥମୋକ୍ତ ସିଦ୍ଧି ଅତି ପୁରାତନ, ଅନେକଙ୍କ ଦ୍ୱାରା ସିଦ୍ଧ ଏବଂ ତାହାର ପଥ ସୁନିର୍ଦ୍ଦିଷ୍ଟ । ଦ୍ୱିତୀୟ ସିଦ୍ଧିଟି କିନ୍ତୁ ଏପର୍ଯ୍ୟନ୍ତ ଜଗତରେ ପୂର୍ଣ୍ଣାଙ୍ଗ ଭାବରେ ସିଦ୍ଧ ହୋଇ ନାହିଁ, ଏହାର ପଥ ନୂତନ ଏବଂ ଏହି ଚରମ ବିଜୟର ସିଦ୍ଧି ଲାଭ ହେବା ପୂର୍ବରୁ ଅତିକ୍ରମ କରିବାକୁ ହେବ ଶୁଷ୍କ ମରୁଭୂମି, ପ୍ରବଳ ଘୂର୍ଣ୍ଣିବାତ୍ୟା ଓ ଝଡ଼ଝଞ୍ଜାର ମହାସାଗର ଏବଂ ଦୁର୍ଗମ ଗିରିପଥ । ତେବେ ଯେଉଁମାନଙ୍କର ଅଛି ଏହି ପୂର୍ଣ୍ଣାଙ୍ଗ ସିଦ୍ଧି ସକାଶେ ଅଭୀପ୍ସା, ଏହାର ଦୁର୍ଗମ ପଥରେ ଚାଲିବାର ସାହସ, ନିଷ୍ଠା ଓ ଧୈର୍ଯ୍ୟ, ଏହାର ବିଜୟରେ ପୂର୍ଣ୍ଣ ବିଶ୍ୱାସ ଏବଂ ପରମ ସତ୍ୟଠାରେ ନିଃଶେଷ ସମର୍ପଣ ସହ ତାଙ୍କର ପ୍ରେମାନନ୍ଦମୟ ସେବା କରିବା ପାଇଁ ଯେଉଁମାନେ ଆଗଭର, ସେହିମାନଙ୍କର ସହାୟକ, ପଥପ୍ରଦର୍ଶକ, ଗୁରୁ ଓ ଦିଶାରୀ ରୂପେ ଏହି ଦୁଃଖ-ଦୁର୍ଦ୍ଦଶାମୟ ଅନ୍ଧକାର ଜଗତରେ ଆଲୋକ ଶିଖା ରୂପେ ଆଜି ଅବତୀର୍ଣ୍ଣ ଶ୍ରୀମାଶ୍ରୀଅରବିନ୍ଦ ।

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ପ୍ରଥମ ଖଣ୍ଡ, ପୃ. ୩୨୮-୩୩୦) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯୯)

## ମହେନ୍ଦ୍ରନାଥ ସ୍ୱାଇଁ

**ପ୍ରଶାନ୍ତ ମଧୁରତା :**

On board the "Kaga Maru", ମାର୍ଚ୍ଚ ୭, ୧୯୧୪ ପ୍ରାର୍ଥନାଟିକୁ ଦିବ୍ୟଜନନୀ ଶ୍ରୀମା ''କାଗାମାରୁ'' ନାମକ ଏକ ଜାପାନୀ ଜଳ-ଜାହାଜରେ ଭାରତ ବର୍ଷ ଅଭିମୁଖେ ଯାତ୍ରା ଆରମ୍ଭ କରିବା ସମୟରେ ଉପବେଶନପୂର୍ବକ ଲେଖିଛନ୍ତି । ମା' ଲେଖୁଛନ୍ତି –

''THOU wert with us yesterday as the most marvellous of protections; Thou didst permit Thy law to triumph even in the most external manifestation. Violence was answered by calm, brutality by the strength of sweetness; and where an irreparable disaster would have occurred, Thy power was glorified. O Lord, with what fervent gratitude did I greet Thy Presence. It was for me the sure sign that we would have the strength to act, to think, to live in Thy name and for Thee; not only in intention and will, but effectively in an integral realisation.

"This morning my prayer rises to Thee, always with the same aspiration: to live Thy love, to radiate Thy love, with such potency and effectiveness that all may feel fortified, regenerated and illumined by our contact. To have power to heal life, to relieve suffering, to generate peace and calm confidence, to efface anguish and replace it by the sense of the one true happiness, the happiness that is founded in Thee and never fades. ... O Lord, O marvellous Friend, O all-powerful Master, penetrate all our being, transfigure it till Thou alone livest in us and through us!"

''ଗତକାଲି ତୁମେ ଆମ ସହିତ ସୁରକ୍ଷାର ଏକ ସର୍ବୋତ୍ତମ ଚମତ୍କାର ରୂପରେ ବିରାଜିତ ହୋଇ ରହିଥିଲ; ତୁମେ ତୁମର ବିଧାନକୁ ଅନୁମତି ପ୍ରଦାନ କରିଥିଲ ସବୁଠାରୁ ବାହ୍ୟ ପରିପ୍ରକାଶ ଉପରେ ବିଜୟ ହାସଲ କରିବା ପାଇଁ । ହିଂସ୍ରତାକୁ ଜୟ କରିଛ ପ୍ରଶାନ୍ତି ଦ୍ୱାରା, ନିଷ୍ଠୁରତାର ଉତ୍ତର ସୌମ୍ୟତା ଦ୍ୱାରା ପ୍ରଦାନ କରାଯାଇଥାଏ; ଏବଂ ଯେଉଁଠାରେ ଅପୂରଣୀୟ ବିପର୍ଯ୍ୟୟ ଘଟିଥା'ନ୍ତା, ସେଠାରେ ତୁମର ଶକ୍ତି ଅଧିକ ମହିମାନ୍ୱିତ ହୋଇ ପଡ଼ିଛି । ହେ ପ୍ରଭୁ, ପରିପୂର୍ଣ୍ଣ ହୃଦୟ ନେଇ କୃତଜ୍ଞତାର ସହିତ ମୁଁ ତୁମର ଉପସ୍ଥିତିକୁ ସ୍ୱାଗତ କରୁଛି । ମୋ ନିମନ୍ତେ ଏହା ଏକ ନିଶ୍ଚିତ ସଙ୍କେତ ଯେ ଆମକୁ ଶକ୍ତି ଦିଆଯାଇଛି ତୁମର ନାମ ଧରି ତୁମ ନିମନ୍ତେ କର୍ମ କରିବାକୁ, ଚିନ୍ତା କରିବାକୁ ଏବଂ ବଞ୍ଚି ରହିବାକୁ; କେବଳ ଭିତରର ଭାବରେ ନୁହେଁ ବା ଇଚ୍ଛାରେ ନୁହେଁ, କିନ୍ତୁ ସକ୍ରିୟ ଫଳପ୍ରଦ ଭାବରେ ଏକ ଅଖଣ୍ଡ ସିଦ୍ଧି ମଧ୍ୟରେ ।

''ଆଜି ପ୍ରଭାତରେ ମୋର ପ୍ରାର୍ଥନା ତୁମ ପାଖକୁ ଉଠି ଚାଲିଛି, ସଦାସର୍ବଦା ସେହି ଗୋଟିଏ ପ୍ରକାରର ଅଭୀପ୍ସାକୁ ଧରି : ତୁମର ପ୍ରେମ ଭିତରେ ବଞ୍ଚି ରହିବାକୁ ହେବ, ଚତୁର୍ଦ୍ଦିଗରେ ଏହାକୁ ବିଚ୍ଛୁରିତ କରିବାକୁ ହେବ ଏପରି ସାମର୍ଥ୍ୟ ଓ କ୍ଷମତାର ସହିତ ତଥା ଫଳପ୍ରଦ ସ୍ୱରୂପରେ ଯେ ସମସ୍ତେ ଅନୁଭବ କରିପାରିବେ – ଆମ୍ଭମାନଙ୍କର ସଂସ୍ପର୍ଶରେ ଆସିବା ଦ୍ୱାରା ସେମାନେ ସୁରକ୍ଷିତ, ଆଲୋକିତ ଏବଂ ନବଜୀବନ ପ୍ରାପ୍ତ ହୋଇଛନ୍ତି । ଜୀବନକୁ ନିରାମୟ କରିବା ନିମନ୍ତେ, ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଶାନ୍ତ, ନୀରବ-ନିଶ୍ଚଳ ଭାବ ଉତ୍ପନ୍ନ କରିବାକୁ ହେବ । ଦୁଃଖ-ଅବସାଦକୁ ସମ୍ପୂର୍ଣ୍ଣ ରୂପେ ମୂଳପୋଛ କରିବାକୁ ହେଲେ ତାହା ସ୍ଥାନରେ ଯଥାର୍ଥ ସୁଖକୁ ଅବସ୍ଥାପିତ କରିବା ଦ୍ୱାରା ଯେଉଁ ଆନନ୍ଦ ତୁମ ପାଖରୁ ପ୍ରାପ୍ତ ହୋଇଥାଏ ତାହା ଚିରକାଳ ଅମ୍ଳାନ ... । ହେ ଭଗବାନ୍, ହେ ଅନୁପମ

ବନ୍ଧୁ, ସର୍ବଶକ୍ତିମାନ୍ ପ୍ରଭୁ, ଆମର ସମଗ୍ର ସତ୍ତା ମଧ୍ୟରେ ପ୍ରବେଶ କର, ଏହାକୁ ସମ୍ପୂର୍ଣ୍ଣ ରୂପେ ରୂପାନ୍ତରିତ କରିଦିଅ ଯେପର୍ଯ୍ୟନ୍ତ ତୁମେ ଆମ ଭିତରେ ବାସ କରୁଛ ଏବଂ ଆମ ମାଧ୍ୟମରେ କାର୍ଯ୍ୟ କରୁଛ ସେପର୍ଯ୍ୟନ୍ତ !''

ଆଲୋଚ୍ୟ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ପ୍ରଭୁଙ୍କର ବିଧାନ କେଉଁ ପରିସ୍ଥିତିରେ, କେଉଁ ଭାବରେ କାର୍ଯ୍ୟ କରିଥାଏ ତାହା ବର୍ଣ୍ଣନା କରିଛନ୍ତି । ହିଂସା ଦେଖାଦେଲେ ଆମେ ତାକୁ ଦମନ କରିବାକୁ ହିଂସାର ଆଚରଣ କରିଥାଉ, ଫଳରେ ହିଂସାର ଶକ୍ତି ବୃଦ୍ଧି ପାଇଥାଏ; ନିଜକୁ ସୁରକ୍ଷା ଦେବା ନିମନ୍ତେ ତାହା ଉଗ୍ରରୂପ ଧାରଣ କରିଥାଏ । ହିଂସାକୁ ଶାନ୍ତ କରିବାକୁ ହେଲେ ନୀରବ ନିଶ୍ଚଳତା ଆବଶ୍ୟକ । ନିଷ୍ଠୁରତାକୁ ଶକ୍ତିହୀନ କରିବା ନିମନ୍ତେ ସାମ୍ୟତାହିଁ ଏକମାତ୍ର ଅସ୍ତ୍ର । ଏହି ଅସ୍ତ୍ରଦ୍ୱୟକୁ ବ୍ୟବହାର କରି ହିଂସା ଓ ନିଷ୍ଠୁରତାର ରୂପ-ରଙ୍ଗ ବଦଳାଇ ଦିଆଯାଇପାରେ । ସ୍ଥିର ଅବିଚଳିତ ଅବସ୍ଥାକୁ 'Calmness' କୁହାଯାଏ, ଯାହାକୁ କୌଣସି ବିଶୃଙ୍ଖଳା ପ୍ରଭାବିତ କରିପାରେ ନାହିଁ । ଏହା ନିଶ୍ଚଳତା 'quietness' ଠାରୁ ଅଧିକ ଶକ୍ତିଶାଳୀ । ହିଂସା ଉଦ୍ରେକକାରୀ ଘଟଣା ଭିତରକୁ ପ୍ରବେଶ ନକରି, ବାହାରେ ଦୂରରେ ଠିଆ ହୋଇ ନିଜ ଭିତରେ ସ୍ଥିତ ସ୍ଥିର ଅବିଚଳିତ ଅବସ୍ଥାର ଶକ୍ତିକୁ ତାହା ମଧ୍ୟରେ ପ୍ରବେଶ କରାଇଲେ ଧୀରେ ଧୀରେ ଏହା ହିଂସାର ଅଗ୍ନିରେ ଶୀତଳ ଜଳ ଢାଳିଲା ପରି ହୋଇଥାଏ । ନିଶ୍ଚଳତା ହେଉଛି ନିଜ ଉପରେ ବିଜୟର ଫଳ, ଏହାର ଶକ୍ତି ପ୍ରଭୂତ, ଯଦି ଆମେ ଏହି ଶକ୍ତିକୁ ସହ୍ୟ କରିପାରିବା – 'ଦିବ୍ୟାନନ୍ଦ' ଆଡ଼କୁ ଯିବା ପାଇଁ ମାର୍ଗଟି ପ୍ରାପ୍ତ ହୋଇଯିବ । ଶେଷରେ ଆମେ ଦିବ୍ୟାନନ୍ଦ ପାଖରେ ପହଞ୍ଚି ଯାଇପାରିବା । ପ୍ରଭୁ ଶ୍ରୀଅରବିନ୍ଦ ମହାକାବ୍ୟ 'ସାବିତ୍ରୀ' ଷଷ୍ଠ ପର୍ବର ଦ୍ୱିତୀୟ ଅଧ୍ୟାୟ, ''ଭାଗ୍ୟର ପଥ ଏବଂ ଯନ୍ତ୍ରଣାର ସମସ୍ୟା'' ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ ତାଙ୍କର ଅମୃତମୟ ଭାଷାରେ ପ୍ରକାଶ କରୁଛନ୍ତି –

''Calm is self's victory overcoming fate.
Bear; thou shalt find at last thy road to bliss."

(Savitri, p. 453)

ପଦ୍ୟରୂପର ପ୍ରୟାସ –

''ନିଶ୍ଚଳତା ଅଟେ ଆତ୍ମାର ବିଜୟ ଭାଗ୍ୟକୁ ସେ ଅତିକ୍ରମେ ।
ସକଳ କଥାକୁ ସହି ଚାଲୁଥିଲେ ଆନନ୍ଦ ଲଭିବ ତୁମେ ।''

'calm' ଶବ୍ଦଟିର ଅର୍ଥ ହେଲା ସ୍ଥିର, ଅବିଚଳିତ – କୌଣସି ପ୍ରକାରର ବିଶୃଙ୍ଖଳିତ ପରିସ୍ଥିତି ଏହା ଉପରେ କିଛି ବି ପ୍ରଭାବ ପକାଇ ପାରେ ନାହିଁ । ଏହା ନିରବତା ମଧ୍ୟ ନୁହେଁ । କିନ୍ତୁ ମନ ନିସ୍ତବ୍ଧ ହୋଇଗଲେ ଯାଇ ସ୍ଥିର ଅବିଚଳିତ ଭାବ ପ୍ରତିଷ୍ଠିତ ହେବ, ବ୍ୟକ୍ତି ବା ସାଧକ କିଛି ଆବିଷ୍କାର କରିପାରିବ । ଏକଥା ସତ୍ୟ ଯେ ଚିନ୍ତା କରିବା ଶକ୍ତି ମନୁଷ୍ୟକୁ ପ୍ରଦତ୍ତ ଭଗବାନଙ୍କର ଏକ ଚମତ୍କାର ଉପହାର; ସେଥିପାଇଁ 'Man is a thinking animal' । କିନ୍ତୁ ପ୍ରଭୁ ଶ୍ରୀଅରବିନ୍ଦ 'ଯୋଗ ସମନ୍ୱୟ'ରେ କହିଛନ୍ତି ଚିନ୍ତା କରିବା ଶକ୍ତିଠାରୁ ଚିନ୍ତା ନକରିବା ଶକ୍ତି ଅଧିକ ଚମତ୍କାର । ପୁନଶ୍ଚ କହୁଛନ୍ତି – ''But this power of silence is a capacity and not an incapacity, a power and not a weakness. It is a profound and pregnant stillness."

(The Synthesis of Yoga. p. 316)

''କିନ୍ତୁ ନୀରବ ରହିବାର ଏହି ଶକ୍ତି ହେଉଛି ଏକ ସାମର୍ଥ୍ୟ ଏବଂ ଏକ ଅସାମର୍ଥ୍ୟ ଆଦୌ ନୁହେଁ, ଏହା ଏକ ପ୍ରକୃତ ଶକ୍ତି ଏବଂ ଦୁର୍ବଳତା ନୁହେଁ । ଏହା ହେଉଛି ଏପରି ଏକ ସ୍ଥିରତା ଯାହା ଅଭ୍ୟନ୍ତରରେ ନିହିତ ଅଛି ବିଶାଳ-ଚମତ୍କାରର ସମ୍ଭାବନା ।''

ଆମେ ଯଦି ଅଳ୍ପକ୍ଷଣ ନିମନ୍ତେ ଏହି ଶକ୍ତିକୁ ପ୍ରାପ୍ତ ହେବା ତେବେ ଯଥା ଶୀଘ୍ର ଜାଣିପାରିବା ଯେ ଆମେ କ'ଣ କରୁଛେ, କ'ଣ ସବୁ ଦେଖୁଛେ, – ଏବଂ ଛଳନାର ଗୋଟିଏ କ୍ଷୁଦ୍ରଜାଲ ଭିତରେ ବାସ କରୁଛେ । କେବଳ ନିଜର ଚିନ୍ତାଧାରା, ଅନୁଭୂତି, ଆବେଗ, ପ୍ରତିକ୍ରିୟା ମଧ୍ୟରେ କ୍ଳାନ୍ତିକର ଅବିରାମ ଆବର୍ତ୍ତ ମଧ୍ୟରେ ଘୂରି ବୁଲୁଛେ ଖଣ୍ଡିଆଭୂତ ସଦୃଶ । ନିଜକୁ ଘୋଡ଼ାଇ ରଖୁଛେ, ପୁଣି କେତେବେଳେ ନିଜକୁ ଦେଖୁଛେ, ନିଜ କଥାର ପ୍ରତିଧ୍ୱନିକୁ ଶ୍ରବଣ କରି ଉତ୍‌ଫୁଲ୍ଲିତ ହେଉଛେ । ସୃଷ୍ଟି-ରଙ୍ଗମଞ୍ଚରେ ଅବଲୀଳାକ୍ରମେ ଅଭିନୀତ ହେଉଥିବା ନାଟକକୁ ସାମାନ୍ୟ ଏପଟ ସେପଟ କରି ନୂତନତ୍ୱ ସୃଷ୍ଟି କରୁଛେ ବୋଲି କହୁଛେ । ବିଫଳତା ଗୁଡ଼ାଏ ହାତରେ ଧରି ଆମେ ସଫଳତା ଲାଭ କରିଛେ ବୋଲି ଦେଖାଇ ହେଉଛେ ।

ପୁନଶ୍ଚ ପ୍ରଭୁ ଶ୍ରୀଅରବିନ୍ଦ 'On Himself' ପୁସ୍ତକର ପୃଷ୍ଠା ୨୫୯ରେ କହୁଛନ୍ତି, ''Since 1908 when I got the silence, I never think with my head or brain – it is always in the wideness generally above the head that the thoughts occur."

17 October, 1933 (CWSA, Vol. 25, p. 259)

– ''୧୯୦୮ ମସିହାଠାରୁ ଯେତେବେଳେ ମୁଁ ନିରବତାକୁ ପ୍ରାପ୍ତ ହେଲି, ସେହି ସମୟରୁ ମୁଁ ମୋର ମସ୍ତିଷ୍କ ଦ୍ୱାରା ଆଦୌ ଚିନ୍ତା କରୁ ନାହିଁ – ଏହି କାର୍ଯ୍ୟଟି ସାଧାରଣତଃ ମୋର ମସ୍ତକ ଊର୍ଦ୍ଧ୍ୱରେ ସ୍ଥିତ ଏକ ବିଶାଳ କ୍ଷେତ୍ର ମଧ୍ୟରୁ ଉଦ୍ରେକ ହେଉଅଛି ।'' ସୁତରାଂ ନିରବତା ଓ ନିଶ୍ଚଳତାର ଶକ୍ତି ହିଂସା ଓ ନିଷ୍ଠୁରତା ଅଗ୍ନିର ଉତ୍ତାପକୁ ଶୀତଳତା ପ୍ରଦାନ କରିପାରେ ।

'ମାଧୁର୍ଯ୍ୟ' ଏପରି ଏକ ଦିବ୍ୟ ଶକ୍ତି ଯାହା ସାଧକ-ଭକ୍ତମାନଙ୍କର ମୁଖମଣ୍ଡଳରେ ଜ୍ୟୋତିଃ ସ୍ୱରୂପରେ ପ୍ରତିଭାତ ହେଉଥାଏ । ସେହି ଜ୍ୟୋତିଃ ଦର୍ଶନରେ ଦର୍ଶକର ହୃଦୟ ପ୍ରଫୁଲ୍ଲିତ ହୁଏ ଏବଂ ଏହାର ପ୍ରତିକ୍ରିୟା କାର୍ଯ୍ୟ, କଥା ତଥା ସମ୍ପର୍କରେ ପ୍ରତିଫଳିତ ହୋଇଥାଏ । 'ମଧୁର' ଶବ୍ଦ ଉଚ୍ଚାରଣ ମାତ୍ରକେ ତିକ୍ତତାର କଠିନତା ଦ୍ରବୀଭୂତ ହୋଇଯାଇ ଥାଏ । ନିଷ୍ଠୁରତା ନିଜକୁ ବିସ୍ତାର କରି ପାରେ ନାହିଁ ଏବଂ ସ୍ୱୟଂ ମଧୁରତାରେ ରୂପାନ୍ତରିତ ହୋଇ ଯାଇଥାଏ । ଆପଣମାନେ 'ମଧୁରାଷ୍ଟକମ୍' ନାମକ ମଧୁର ସଙ୍ଗୀତଟିକୁ ଶ୍ରବଣ କରିଥିବେ, ଯାହାର ଶ୍ରବଣରେ ଅନ୍ତରରେ ମଧୁରତାର ନିର୍ଝର ଖୋଲି ଯାଇଥାଏ । ଏହାର ରଚୟିତା ହେଉଛନ୍ତି ବୈଷ୍ଣବ କବି ଶ୍ରୀବଲ୍ଲଭାଚାର୍ଯ୍ୟ, ବୈଷ୍ଣବ ସଂପ୍ରଦାୟର ବିଶିଷ୍ଟ ବ୍ୟକ୍ତିତ୍ୱ । ସେ ହେଉଛନ୍ତି 'ପୁଷ୍ଟିମାର୍ଗ'ର ପ୍ରତିଷ୍ଠାତା, ଯାହାକୁ 'ବଲ୍ଲଭ ସମ୍ପ୍ରଦାୟ' ମଧ୍ୟ କୁହାଯାଏ । ଏହି ସଙ୍ଗୀତରେ ଆଠଟି ପଦ ଅଛି । ସମସ୍ତ ପଦରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଦିବ୍ୟ-ମଧୁର ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଲୀଳା ପ୍ରଦର୍ଶନର ଆନନ୍ଦକୁ ବର୍ଣ୍ଣନା କରାଯାଇଛି । ଫଳତଃ ଏହି ସଙ୍ଗୀତର ମୂର୍ଚ୍ଛନାରେ ଥିବା ମାଧୁର୍ଯ୍ୟ ସକଳଙ୍କ ହୃଦୟକୁ ସ୍ପର୍ଶ କରି ଅନ୍ତର-ପ୍ରଦେଶରେ ଦିବ୍ୟାନନ୍ଦର ସ୍ରୋତ ପ୍ରବାହିତ କରାଉଛି । ଯେତେବେଳେ ''ମଧୁରମ୍ ମଧୁରମ୍, ନୟନମ୍ ମଧୁରମ୍, ଅଧରମ୍ ମଧୁରମ୍, ଆଧାରମ୍ ମଧୁରମ୍, ହୃଦୟମ୍ ମଧୁରମ୍'' ସଙ୍ଗୀତର ମୂର୍ଚ୍ଛନା ବାୟୁମଣ୍ଡଳରେ ଘୂରି ଘୂରି ଆମ କର୍ଣ୍ଣ ପଟହରେ ଅମୃତ-ସ୍ପର୍ଶ ପ୍ରଦାନ କରୁଥାଏ ସେତେବେଳେ ଭଗବାନ୍ ଶ୍ରୀକୃଷ୍ଣଙ୍କର ବାଳ-ଗୋପାଳ ମୂର୍ତ୍ତି ହୃଦୟରେ ଦିବ୍ୟାନନ୍ଦ ସୃଷ୍ଟି କରିଥାଏ, ତିକ୍ତତା ଓ ନିଷ୍ଠୁରତାର ପ୍ରଭାବ ଅନ୍ତର ଭିତରୁ ସମ୍ପୂର୍ଣ୍ଣ ରୂପେ ମିଳେଇ ଯାଇଥାଏ ।

ଆଲୋଚ୍ୟ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ଦିବ୍ୟଜନନୀ ଶ୍ରୀମା କହୁଛନ୍ତି ଯେ ଯେଉଁମାନେ ପ୍ରାର୍ଥନା କରୁଛନ୍ତି, ଅଭୀପ୍‌ସା ପୋଷଣ କରୁଛନ୍ତି, ପରମପ୍ରଭୁଙ୍କ ଦିବ୍ୟ-ପ୍ରେମ ଭିତରେ ବାସ କରିବାକୁ ଇଚ୍ଛା କରୁଛନ୍ତି ଏବଂ ସେହି ପ୍ରେମକୁ ନିଜ ଭିତରୁ ବିଚ୍ଛୁରିତ କରିବାକୁ ଇଚ୍ଛା କରୁଛନ୍ତି ସେମାନେ ନିଶ୍ଚିତ ଭାବରେ ନିଜ ଭିତରେ ଥିବା ଦିବ୍ୟଶକ୍ତି ମାଧ୍ୟମରେ ଅନ୍ୟକୁ କ୍ଷମତାଶାଳୀ ଏବଂ ଆଲୋକିତ କରିପାରିବେ । ଏହା କରିବା ପାଇଁ ସାଧକ-ଭକ୍ତମାନେ ଦିବ୍ୟଜନନୀ ଶ୍ରୀମା ଏବଂ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସହିତ ସଦାସର୍ବଦା ସମ୍ପର୍କିତ ହୋଇ ରହିବାକୁ ହେବ । ସେଥିପାଇଁ ମା' କହୁଛନ୍ତି, "... and illumined by our contact" । ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ରହିବାର ଉପାୟ ହୋଇପାରେ ସର୍ବଦା ଏବଂ ସବୁକାମରେ ତାଙ୍କୁ ସ୍ମରଣ କରିବା, କର୍ମଶେଷରେ କର୍ମଫଳକୁ ସମର୍ପଣ କରିଦେବା ଏବଂ ତାଙ୍କ ଫଟୋ ସମ୍ମୁଖରେ ଉପବେଶନପୂର୍ବକ ପ୍ରଭୁ ଓ ମା'ଙ୍କ ରଚିତ ଗ୍ରନ୍ଥ ଅଧ୍ୟୟନ କରିବା, ସାମୂହିକ ଭାବରେ ଏକତ୍ରିତ ହୋଇ ସତ୍‌ସଙ୍ଗ ମାଧ୍ୟମରେ ଆଲୋଚନା କରିବା, ପରସ୍ପର ଭିତରେ ଭାବର ଆଦାନ ପ୍ରଦାନ କରିବା; ଫଳତଃ ମା'ଙ୍କ କୃପା ଓ ପ୍ରଭୁଙ୍କ କରୁଣା ଲାଭ କରି ଆମେ ଆଲୋକିତ ହୋଇ ପାରିବା । ଏହି ପରିପ୍ରେକ୍ଷୀରେ ନିମ୍ନରେ ବର୍ଣ୍ଣିତ ଘଟଣାଟିକୁ ପାଠ କଲେ ମା'ଙ୍କର କୃପା କିପରି ପ୍ରାପ୍ତ ହୋଇଥାଏ ତାହା ସମ୍ପୂର୍ଣ୍ଣରୂପେ ବୁଝି ହୋଇଯିବ । ତାହାହେଲା –

''ଡ଼ି'' ନାମକ ଜନୈକ ଝିଅ ଓ ତାଙ୍କ ଛୋଟ ଭାଇମାନଙ୍କର ସ୍କୁଲରେ ପରୀକ୍ଷା ଥିବାରୁ ସେମାନେ ତାଙ୍କ ମାତାପିତାଙ୍କ ସହିତ ପଣ୍ଡିଚେରୀ ଦର୍ଶନ ନିମନ୍ତେ ଯାଇ ପାରିଲେ ନାହିଁ । ସେମାନେ ଜେଜେମାଙ୍କ ସହିତ ଘରେ ରହିଲେ । ବାପାଙ୍କ ଅନୁପସ୍ଥିତିରେ ତାଙ୍କ ଅଫିସର ଜଣେ ସହକର୍ମୀ ଆସି ରାତିରେ ଘରେ ଶୋଇବାର ବ୍ୟବସ୍ଥା କରି ଦେଇଥା'ନ୍ତି । ଥରେ ମାଆବାପାଙ୍କ ସହିତ ଜେଜେମା ମଧ୍ୟ ପଣ୍ଡିଚେରୀ ଯିବାର ବ୍ୟବସ୍ଥା ହୋଇଥାଏ । ଅଫିସରୁ କେହି ଆସି ପିଲାମାନଙ୍କର ଯତ୍ନ ନେବାର ବ୍ୟବସ୍ଥା ହୋଇ ପାରିଲା ନାହିଁ । ପିଲାମାନେ ଘରେ ଏକୁଟିଆ ରହିଲେ । ସେମାନଙ୍କର ମାଆ କହୁଥିଲେ, ''ମା ସର୍ବଦା ତୁମ ପାଖେ ପାଖେ ଅଛନ୍ତି, ଭୟ କର ନାହିଁ । ମା'ଙ୍କର ତୁମମାନଙ୍କ ପ୍ରତି ରହିଥିବା ସୁରକ୍ଷାଶକ୍ତି ତୁମର କୌଣସି ଅନିଷ୍ଟ ହେବାକୁ ଦେବ ନାହିଁ ।''

ମାତାପିତାଙ୍କର ଅନୁପସ୍ଥିତିରେ ସେମାନେ ପୂଜା ଘରେ ଶୋଇଲେ । ଦିନେ ତାଙ୍କ ସମ୍ପର୍କୀୟ ଭାଇ ଓ ତାଙ୍କ ସ୍ତ୍ରୀ ସେମାନଙ୍କୁ ଦେଖିବାକୁ ଆସିଲେ । ସେମାନେ ସମସ୍ତେ ମିଶି ରାତି ୧୧.୩୦ ମିନିଟ ପର୍ଯ୍ୟନ୍ତ କଥାବର୍ତ୍ତା କଲେ । ଭାଇ

ସେମାନଙ୍କୁ ଚିଡ଼େଇବା ପାଇଁ କହିଲେ, ''ଯଦି ଚୋର ଆସେ ତୁମେସବୁ କ'ଣ କରିବ ? ମୁଁ ତୁମ ସହିତ ଏଠାରେ ଏହି ପୂଜାଘରେ ଶୋଇଯାଏ, ଏହା କ'ଣ ତୁମେ ଚାହୁଁ ନାହିଁ ।'' 'ଡି' ଉତ୍ତର ଦେଲେ ଯେ ତାଙ୍କର ସେଠାରେ ରହିବା କିଛି ଆବଶ୍ୟକ ନାହିଁ, କିଛି ଭୟ କରିବାର ମଧ୍ୟ ନାହିଁ । ସମସ୍ତେ ସେହି ପୂଜାଘରେ ଶୋଇ ପଡ଼ିଲେ । ରାତିଅଧରେ 'ଡି'ଙ୍କର ହଠାତ୍ ନିଦ ଭାଙ୍ଗିଗଲା । ସେ ଶୁଣିଲେ ଯେପରି ସେହି ଘର ଚଟାଣରେ କେହି ଜଣେ ମୃଦୁ ପଦଚାଳନାପୂର୍ବକ ଆସ୍ତେ ଆସ୍ତେ ଚାଲୁଛନ୍ତି । ତାଙ୍କ ସମ୍ପର୍କୀୟ ଭାଇ ଯେଉଁ ଚୋର କଥା କହିଥିଲେ ତାହା ସ୍ମୃତିରେ ଜାଗ୍ରତ୍ ହୋଇ ଉଠିଲା ଏବଂ ଭିତରଟା ଭୟରେ ଥରିବାକୁ ଲାଗିଲା । ତାହାହେଲେ କ'ଣ କରିବାକୁ ହେବ ? ସୁଇଚ୍ ମାରି ଆଲୁଅ ଲଗାଇ ଦେବେ ? ଠିକ୍ ସେତିକିବେଳେ ତାଙ୍କ ହୃଦୟର ଅନ୍ୟ ଏକ ଅଂଶ କହି ଉଠିଲା, ''କିନ୍ତୁ ଚୋର କିପରି ଏହି କାନ୍ଥକୁ ଭେଦ କରି ପବିତ୍ର ଗୃହ ଭିତରକୁ ପ୍ରବେଶ କରିପାରିବ ? ଦିବ୍ୟଜନନୀ ଶ୍ରୀମାଙ୍କର ସୁରକ୍ଷା ଶକ୍ତି ଆମ୍ଭମାନଙ୍କ ସହିତ ଅଛି, ଏହି ପବିତ୍ର ପୂଜାଗୃହ ଭିତରେ ଚୋର ପଶିବା ସମ୍ଭବ ନୁହଁ ।''

ତପ୍ପରେ 'ଡି'ଙ୍କର ଆନ୍ତରସତ୍ତା ସମ୍ମୁଖକୁ ଆସି କହିଲେ, ''ନିଶ୍ଚିତ ଭାବରେ ସେହି ଛାୟାମୂର୍ତ୍ତି ହେଉଛନ୍ତି ଦିବ୍ୟଜନନୀ ଶ୍ରୀମା'' । ତାଙ୍କ ଭିତରକୁ ଏହି ଚିନ୍ତା ଆସିବା ମାତ୍ରକେ ସେହି ପ୍ରକୋଷ୍ଠ ଭିତରେ ଛୋଟ ଗୋଲାପ ପେଣ୍ଡାର ସୁବାସ (Scent of surrender flowers) ସର୍ବତ୍ର ଚହଟି ଗଲା, ମନେହେଲା ଯେପରି କେହି ଛୋଟ ଛୋଟ ଗୋଲାପ ଫୁଲ ପୂର୍ଣ୍ଣ କେତୋଟି ଝୁଡ଼ି ଘର ଭିତର ସାରା ବିଛାଡ଼ି ଦେଇଛି । 'ଡି' ଧୀରସ୍ଥିର ହୋଇ ଆଖିବୁଜି ବିଛଣା ଉପରେ ବସି ରହିଲେ । ଆସ୍ତେ ଆସ୍ତେ ସେହି ମୃଦୁ ପଦଶବ୍ଦ ଦୂରକୁ ଦୂରକୁ ଭାସିଗଲା ଏବଂ ଗୋଲାପ ଫୁଲର ମହକ ମଧ୍ୟ କୁଆଡ଼େ ମିଳାଇ ଗଲା । ତା'ପରେ ''ଡି'' ଠିଆ ହେଲେ, ଗୋଟିଏ ଧୂପକାଠି ଜଳାଇଲେ ଏବଂ ଦିବ୍ୟଜନନୀଙ୍କ ଫଟୋ ସମ୍ମୁଖରେ ନତଜାନୁ ହୋଇ ମସ୍ତକ ଅବନତପୂର୍ବକ କୃତଜ୍ଞତାର ପ୍ରାର୍ଥନା ନିବେଦନ କଲେ ।

ଥରେ 'ଡି' ଙ୍କୁ ଜ୍ୱର ହେଲା, ଦେହରେ ଖୁବ୍ ଉତ୍ତାପ । ତାଙ୍କ ଗ୍ରାମର ଜନୈକ ସାଧକ-ଭକ୍ତଙ୍କୁ ମା' କେତୋଟି 'ବ୍ଲେସିଙ୍ଗ୍ ପ୍ୟାକେଟ୍' ଦେଇ କହିଥିଲେ ଯାହାର ଆବଶ୍ୟକ ହେବ ସିଏ ଚାହିଁଲେ ତୁମେ ତାଙ୍କୁ ଏଥିରୁ ଗୋଟିଏ ଦେଇ ପାରିବ । 'ଡି' ତାଙ୍କ ନିକଟରୁ ଗୋଟିଏ 'ବ୍ଲେସିଙ୍ଗ୍ ପ୍ୟାକେଟ୍' ପାଇଁ ଆବେଦନ କଲେ ଏବଂ ସେଇଟିକୁ ଆଣି ତକିଆ ତଳେ ରଖି ମା'ଙ୍କୁ ପ୍ରଣାମ କରି ଶୋଇବାକୁ ଗଲେ । ତାଙ୍କ ମା' ସେହି ଗୃହର ଦରଜା ବାହାରେ ଶୋଇଥା'ନ୍ତି, ହଠାତ୍ ଝିଅଟିର ନିଦ ଭାଙ୍ଗିଗଲା । ସେ ଦେଖିଲା ଜଣେ କଳା ମଚ ମଚ ମହିଳା ତାଙ୍କ ପାଖରେ ଠିଆ ହୋଇ ତୀକ୍ଷ୍ଣ ଦୃଷ୍ଟିରେ ତାକୁ ଚାହିଁ ରହିଛି । ସେହି ନାରୀମୂର୍ତ୍ତିଟି ଉଚ୍ଚସ୍ୱରରେ କହିଲା, ''ମୋତେ ସେହି ବ୍ଲେସିଙ୍ଗ୍ ପ୍ୟାକେଟଟିକୁ ଦେଇଦିଅ ।'' 'ଡି' ପ୍ୟାକେଟ୍‌ଟିକୁ ନିଜ ହାତ ମୁଠାରେ ଖୁବ୍ ଜୋର୍‌ରେ ଜାବୁଡ଼ି ଧରି ଚିତ୍କାର କରି କହି ଉଠିଲା, ''ନା, ମୁଁ ମୋ ଆଶୀର୍ବାଦ ପୁଷ୍ପ ପ୍ୟାକେଟ୍‌କୁ ତୁମକୁ ଦେବି ନାହିଁ ।'' ଚିତ୍କାର ଶୁଣି ବାହାରେ ଶୋଇଥିବା ତାଙ୍କ ମା' ମଧ୍ୟ ଉଠି ପଡ଼ିଲେ ଏବଂ ଦେଖିଲେ ଯେ ଏକ କଳାଛାଇ ତାଙ୍କ ଘର ଭିତରୁ ବାହାରି ବାହାରକୁ ଚାଲିଯାଉଛି । 'ଡି'ଙ୍କର ଜ୍ୱର ସେହି ରାତିରେ ସମ୍ପୂର୍ଣ୍ଣ ଛାଡ଼ିଗଲା । ସକାଳେ 'ଡି' ତାଙ୍କୁ ବ୍ଲେସିଙ୍ଗ୍ ପ୍ୟାକେଟ୍ ଦେଇଥିବା ସାଧକଙ୍କ ଘରକୁ ଯାଇ ସବୁକଥା କହିଲେ । ସାଧକ କହିଲେ, ''ସେ ନାରୀ ମୂର୍ତ୍ତିଟି ମଧ୍ୟ ମୋ ପାଖକୁ ଆସିଥିଲା ଏବଂ ମୋଠାରୁ ବ୍ଲେସିଙ୍ଗ୍ ପ୍ୟାକେଟ୍ ନେବା ପାଇଁ ଦାବି କରିଥିଲା । ମୁଁ ରୋକଠୋକ ଜଣାଇ ଦେଲି, ''ନା, ମୁଁ ତୁମକୁ ଆଶୀର୍ବାଦ ପ୍ୟାକେଟ୍ ଦେବି ନାହିଁ । ତୁମେ ପଣ୍ଡିଚେରୀ ଯାଇ ମା'ଙ୍କୁ ମାଗି ପାର ।''

ଭକ୍ତମାନେ ଯେତେବେଳେ ନିଜକୁ ଅସୁରକ୍ଷିତ ମନେ କରୁଥା'ନ୍ତି, ସେତେବେଳେ ମା' ଆମ ପାଖରେ ଉପସ୍ଥିତ ହୋଇ ଆମକୁ କୋଳକୁ ଆଉଜାଇ ନେଇଥା'ନ୍ତି । ତାଙ୍କର କୃପା ପଣତ ତଳେ ଆମକୁ ଘୋଡ଼ାଇ ଦେଇ ସୁରକ୍ଷା ପ୍ରଦାନ କରିଥା'ନ୍ତି । ସକଳ ପ୍ରକାର ଅମଙ୍ଗଳକାରୀ ଶକ୍ତିକୁ ପାଖ ମଡ଼ାଇ ଦିଅନ୍ତି ନାହିଁ । ତାହା ଆମେ ଏହି ଘଟଣାରୁ ଜାଣି ପାରିଲେ ।

('How they came to Sri Aurobindo and The Mother, Vol. 2, ପୃଷ୍ଠା. ୧୧୭-୧୧୮)

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା :**


(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. 1, Shyam Kumari

# କାରା-ଜୀବନୀ

## (୪)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଏଠାରେ ଠିଆ ହାତକଡ଼ି ଘଟଣାଟି କ'ଣ ଟିକିଏ ବୁଝାଇ କହିବା ଆବଶ୍ୟକ; କାରଣ ସେ ସମ୍ବନ୍ଧରେ ବୋଧହୁଏ ଅନେକଙ୍କର କୌଣସି ସ୍ୱଷ୍ଟ ଧାରଣା ନାହିଁ । ଠିଆ ହେଲେ ଆମର ପ୍ରାୟ ମୁଣ୍ଡ ସମାନ ଉଚ୍ଚ କାନ୍ଥ ଦେହରେ କେତେଗୁଡ଼ିଏ ହୁକ୍ ଲଗା ହୋଇଥାଏ । ସେଥିରେ ଗୋଟିଏ ଗୋଟିଏ ହାତକଡ଼ି ଝୁଲାଇ ରଖା ହୋଇଥାଏ, ସେଇ ହାତକଡ଼ିରେ ହାତ ପୂରାଇ କାନ୍ଥ ଆଡ଼କୁ ମୁହଁ କରି ସକାଳ ଛଅଟାରୁ ଅପରାହ୍ଣ ଚାରିଟା ପର୍ଯ୍ୟନ୍ତ ଠିଆ କରି ରଖାଯାଏ, ମଝିରେ କେବଳ ଦଶଟା ବେଳେ ଥରେ ଆହାର ପାଇଁ ଖୋଲି ଦିଆ ହୁଏ । ମୋତେ ହାତକଡ଼ିରେ ଟଙ୍ଗାଇବାର ପ୍ରଥମ ଦିନରେହିଁ କେତେ ଘଣ୍ଟା ମଧ୍ୟରେ କାହିଁକି ଜାଣେନା, ଜରଜର ଭଳି ଲାଗିଲା ଏବଂ ଦେଖୁ ଦେଖୁ ଜ୍ୱର ଖୁବ୍ ବଢ଼ିବାକୁ ଲାଗିଲା । ଏହିପରି ଜ୍ୱର ନେଇ କିଛି କ୍ଷଣ ଠିଆ ହୋଇଥିବା ସମୟରେ ଦେଖିଲି ଯେପରି ଜେଲର୍ – ଅନ୍ତତଃ ସେତେବେଳେ ମୋର ତାଙ୍କୁ ଦେଖି ଜେଲର୍ ବୋଲି ଧାରଣା ହୋଇଥାଏ, କାରଣ ଦେଖିବାକୁ ଅବିକଳ ଜେଲର୍ ପରି – ଏବଂ ଅନ୍ୟ ଜଣେ ଲୋକ ଦେଖିବାକୁ କେତେକଟା ଆମର ସେତେବେଳକାର ଆଲିପୁର ଜେଲର ଡାକ୍ତର ଓନିଏଲ୍ ସାହେବ ପରି, ଏଇ ଦୁଇ ଜଣ ବ୍ୟକ୍ତି କବାଟ ଖୋଲି ମୋ ନିକଟରେ ଉପସ୍ଥିତ । ମୋର ''କ'ଣ ହୋଇଛି'' ବୋଲି ପଚାରିବାରୁ କହିଲି, ''ମୋତେ ଜ୍ୱର ହୋଇଛି ।'' ଏଇ କଥା ଶୁଣି ସେମାନେ କହିଲେ, ''ଓ, ଜ୍ୱର ହୋଇଛି ? ଏଇ ଔଷଧଟି ଖାଅ, ଏଥିରେ ତୁମେ ଭଲ ହୋଇଯିବ ।'' ଏମିତି କହି ମୋ ଆଖିର ଟିକିଏ ଆଡୁଆଳରେ ଯେପରି ପଛରୁ ଗୋଟିଏ ସବୁଜ ବର୍ଣ୍ଣ ଔଷଧ ମାପିବା ଗ୍ଲାସରେ ଏକ ପାନ ଔଷଧ ବାହାର କଲେ ଏବଂ ତାହା କୁଇନାଇନ୍ ବୋଲି କହି ମୋତେ ଖାଇବାକୁ ଦେଲେ । ମୁଁ ତା'କୁ ପ୍ରକୃତରେ ଔଷଧ ମନେ କରି ନିଃସନ୍ଦେହରେ ଯେମିତି ଖାଇବାକୁ ଉଦ୍ୟତ ହେଉଛି, ସେମାନେ ତତ୍‌କ୍ଷଣାତ୍ କହି ଉଠିଲେ, ''ଖବରଦାର ଖାଅନା, ଏହା କୁଇନାଇନ୍ ନୁହେଁ – ଷ୍ଟ୍ରିକ୍‌ନାଇନ୍, ଖାଇଲେ ମରିଯିବ ।'' ମୁଁ ଟିକିଏ ଅପ୍ରସ୍ତୁତ ହୋଇ ପଡ଼ିଲି, ତେବେ କୌଣସି ସନ୍ଦେହ କଲି ନାହିଁ; କେବଳ ସେମାନେ ଟିକିଏ ତାମସା କଲେ ମନେ କରି ସେହି ଔଷଧ ଖାଇଦେଲି । ଖାଇବାରୁ ତାହା ଠିକ୍ କୁଇନାଇନ୍ ପରି ବୋଧ ହେଲା, କିନ୍ତୁ ତିକ୍ତତା ଟିକିଏ କମ୍ । ତା'ପରେ ସେମାନେ ମୋତେ ଗୋଟିଏ ମନ୍ତ୍ରଜପ କରିବା ପାଇଁ ମନେଇବାକୁ ଚେଷ୍ଟା କଲେ । ମନ୍ତ୍ରଟି ଏହିପରି – ''କାଇଜାର ଜାର ହ୍ୟାୟ'', ଅର୍ଥାତ୍ ଜର୍ମାନ ସମ୍ରାଟ୍ କାଇଜାରହିଁ ରୁଷ୍ ସମ୍ରାଟ୍ ''ଜାର'' । କେବଳ ଏହାହିଁ ନୁହେଁ, ଜାର ଶବ୍ଦଟିର ଉଚ୍ଚାରଣ ଯେପରି ''ସାର୍'' ଶବ୍ଦ ସଦୃଶ ହେବ, ତାହା ବି ମୋତେ ବାରଂବାର ସ୍ମରଣ କରାଇ ଦିଆଗଲା ।

ସେମାନଙ୍କର ଯିବା ପରେ ଜ୍ୱର ଏତେ ବୃଦ୍ଧି ପାଇଲା ଯେ ହାତକଡ଼ି ଖୋଲି ମୋତେ କୋଠରିରେ ରଖା ହେଲା; କିନ୍ତୁ ସେଠାରେ ବି ହାତ ପାଦ ଏମିତି ଟାଣି ହେଲା ଯେ ଅବଶେଷରେ ଡାକ୍ତର ଆସି ଛଅ ସାତ ଜଣ ଲୋକ ନେଇ ଧରାଧରି କରି ମୋତେ ହାସପାତାଲକୁ ନେଇଗଲେ । ହାସପାତାଲରେ ପ୍ରାୟ ସଂଜ୍ଞାଶୂନ୍ୟ ଅବସ୍ଥାରେ ଇଞ୍ଜେକ୍‌ସନ୍ ଦିଆ ହେଲା ବୋଲି ମୋର ମନେ ପଡୁଛି ଏବଂ ଥରେ ବ୍ୟାଟେରୀ ମଧ୍ୟ ଚାର୍ଜ କରାଯାଇଥିଲା ତାହା ବି ମୋର ସ୍ମରଣରେ ଅଛି । ଏସବୁ ସ୍ମରଣରେ ଅଛି, କାହିଁକିନା ଏପରି ପ୍ରବଳ ବେଗରେ ବିଦ୍ୟୁତ୍ ଶକ୍ତି ଚାଳନା କରାହୁଏ ଯେ, ସେତେବେଳେ ମୋତେ ବୋଧ ହେଉଥିଲା ଯେପରି ମୋର ସମସ୍ତ ଶରୀର ବିଦୀର୍ଣ୍ଣ ହୋଇଯିବ; ସମସ୍ତ ଶରୀର ବିଦୀର୍ଣ୍ଣ କରି, ସମସ୍ତ ସ୍ନାୟୁମଣ୍ଡଳୀକୁ ଛିନ୍ନବିଚ୍ଛିନ୍ନ କରି ଏଇ ତଡ଼ିତ୍ ନିର୍ଗତ ହୋଇଥାଏ ଏବଂ କିଛି ସମୟ ପାଇଁ ମୋର ସମସ୍ତ ଶକ୍ତିକୁ ପରାଭୂତ କରି କେତେଗୁଡ଼ିଏ କୁତ୍ସିତ ଓ କଦର୍ଯ୍ୟ ଗାଳି ମୋର ମୁହଁରୁ ବାହାରେ, ଯାହା ଜୀବନରେ କେବେ ବି ଉଚ୍ଚାରଣ କରି ନାହିଁ । ବୋଧ ହେଲା ଯେପରି ସେତେବେଳେ ମୋର ଏଇ ଦୁର୍ବଳ ଦଶା ଦେଖି ଏକ ବିପରୀତ ଶକ୍ତି ଅଥବା ମାନସ-ଆତ୍ମା ମୋ ମଧ୍ୟରେ ବାସ କରି ମୋର ସମ୍ପୂର୍ଣ୍ଣ ଇଚ୍ଛା ବିରୋଧରେ

ଏଇ କଥାଗୁଡ଼ିକ କୁହାଇଲା । ତା'ପରେ ବାହ୍ୟ ହିସାବରେ ସଂଜ୍ଞାଶୂନ୍ୟ ଅବସ୍ଥାରେହିଁ ବିତାଇବାକୁ ଲାଗିଲି । କେତେ କ୍ଷଣ ଅଥବା କେତେଦିନ ଏହିପରି ଗଲା, ସେ ସମ୍ବନ୍ଧରେ ମୋର କୌଣସି ଧାରଣା ନାହିଁ । କିନ୍ତୁ ପରେ ଶୁଣିଲି ଯେ ଏହା ପ୍ରାୟ ତିନି ଚାରି ଦିନ ଧରି ଚାଲିଥିଲା । ବାହ୍ୟିକ ହିସାବରେ ସଂଜ୍ଞାଶୂନ୍ୟ ହେଲେ ବି ଆନ୍ତର ରାଜ୍ୟରେ କେତେ ଆକାଶ, ପାତାଳ, ସ୍ୱର୍ଗ, ନର୍କ, ପ୍ରେତ, ପିଶାଚ, ତସ୍କର, ଗନ୍ଧର୍ବ, କିନ୍ନର, ଲୋକ-ଲୋକାନ୍ତର ଦର୍ଶନ କଲି – କିଏ ତା'ର କଳନା କରିବ । ମୋର ଅବସ୍ଥା ଦେଖି ମୋର ସାଥୀମାନେ ପ୍ରାୟ ସମସ୍ତେହିଁ ଆଉ ବଞ୍ଚିବାର ଆଶା ନାହିଁ ବୋଲି ଧାରଣା କରିନେଲେ ।

ସେ ଯାହା ହେଉ କ୍ରମେ ସଂଜ୍ଞା ବି ଲାଭ କଲି ଏବଂ ବଞ୍ଚିଯିବି ବୋଲି ଅନେକଙ୍କର ଭରସା ହେଲା । ଏହିପରି ଟିକିଏ ଆରୋଗ୍ୟ ଲାଭ କରିବା ପରେ ମୋତେ ହାସପାତାଲରୁ ବାହାର କରି ତା' ସଂଲଗ୍ନ ଗୋଟିଏ ନିର୍ଜନ କୋଠରିରେ ରଖା ହେଲା । ସେତେବେଳ ପର୍ଯ୍ୟନ୍ତ ଭ୍ରାନ୍ତିର ରାଜ୍ୟରୁ ସମ୍ପୂର୍ଣ୍ଣ ନିଷ୍କୃତି ପାଇ ନାହିଁ, ଏପରି ଅବସ୍ଥାରେ କିଛି ଦିନ କଟିଗଲା ପରେ ବୋଧ ହେଲା ଯେପରି ଚତୁର୍ଦିଗରେ ମୋର ଆତ୍ମୀୟ ସ୍ୱଜନବର୍ଗଙ୍କର ଆର୍ତ୍ତନାଦ ଓ କାତର ଧ୍ୱନି ଶୁଣି ପାରୁଛି । ଚାରି ଦିଗରୁ ଯେପରି ଏକ ଦୁର୍ବିଷହ ଯନ୍ତ୍ରଣାର ଚିତ୍ର ମୋତେ ଘେରି ପକାଇଲା ଏବଂ ମୋର ବୋଧ ହେବାକୁ ଲାଗିଲା ଯେପରି ମୁହିଁ ସେମାନଙ୍କର ସମସ୍ତ ଯନ୍ତ୍ରଣାର ମୂଳ କାରଣ । ମନର ଏଇ ନିମ୍ନଗତିର ଅବସ୍ଥାରେ ଏକେବାରେ ଆତ୍ମସଂଯମ ହରାଇ ପକାଇଲି ଏବଂ ଏପରି ଆତ୍ମଗ୍ଲାନି ଉପସ୍ଥିତ ହେଲା ଯେ ଆତ୍ମହତ୍ୟା କରିବାକୁ ଉଦ୍ୟତ ହୋଇଗଲି ।

ସେତେବେଳେ ମୋର ପ୍ରଥମ ଦେହ ଖରାପ ଅବସ୍ଥାରେ ଯେଉଁ ମେଡ଼ିକାଲ ସୁପରିନ୍‌ଟେଣ୍ଡେଣ୍ଟ୍ ଚିକିତ୍ସା କରୁଥିଲେ ସେ ବଦଳି ହୋଇ ଯାଇଥିଲେ ଏବଂ ସେ ସ୍ଥାନରେ ଆମର ପୁରାତନ ସୁପରିନ୍‌ଟେଣ୍ଡେଣ୍ଟ୍ ଯାହାଙ୍କୁ ଆମେ ପ୍ରଥମେ ଆଣ୍ଡାମାନରେ ଆସି ଦେଖିଥିଲୁ, ସେହିଁ ନିଯୁକ୍ତ ହୋଇଛନ୍ତି । ଦିନେ ଏହିପରି ମାନସିକ କ୍ଲେଶକୁ ସହ୍ୟ ନକରି ପାରି ମୋତେ ଶୋଇବା ପାଇଁ ଯେଉଁ ସତରଞ୍ଜିଟି ଦେଇଥିଲେ, ତା'ର ଗୋଟିଏ ପଟରୁ ସୂତା ଖୋଲି ଖୋଲି ଖଣ୍ଡିଏ ଦଉଡ଼ି ପ୍ରସ୍ତୁତ କଲି ଏବଂ ପଛପଟ ଝରକାର ଗୋଟେ ଲୁହାର ଶିକୁଳିରେ ବାନ୍ଧି ଫାଶୀ ଦେବାକୁ ଯାଉଥିଲି, ଏପରି ସମୟରେ କେହି ଜଣେ କଏଦୀ ମୋ ପଛ ପଟରେ ଠିଆ ହୋଇ ମୋତେ ଦେଖୁଛି ବୋଲି ବୋଧ ହେବାରୁ ଗଳାରେ ଫାଶୀ ଲଗାଇ ମଧ ପୁଣି ଖୋଲି ଦେଇ ଓହ୍ଲାଇ ପଡ଼ିଲି ।

ପରଦିନ ସକାଳେ ସୁପରିନ୍‌ଟେଣ୍ଡେଣ୍ଟ୍ ସାହେବ ମୋର ବାରାକ୍‌ର ସାମନା ଦେଇ ଯିବା ସମୟରେ ସତରଞ୍ଜିର ଏଭଳି ଦୁରାବସ୍ଥା ଦେଖି ପଚାରିଲେ, ''ଏହାକୁ କ'ଣ କରିଛ ?'' ମୁଁ ଆଉ କ'ଣ କହିବି, ସିଧାସଳଖ କୌଣସି ଉତ୍ତର ନଦେଇ ତାଙ୍କୁ ଗୋଟାଏ ପ୍ରତିପ୍ରଶ୍ନ କରି ବସିଲି । ଜାଣିଥିଲି ସେ ଆମମାନଙ୍କୁ ଖୁବ୍ ସ୍ନେହ କରୁଥିଲେ, ଏଇ ପ୍ରକାର ପ୍ରଶ୍ନ କଲେ ସେ ବିରକ୍ତ ହେବେ ନାହିଁ । ସୁତରାଂ ପଚାରିଲି, ''ଆଚ୍ଛା, ଆପଣ କ'ଣ ମନେ କରନ୍ତି ଆମେସବୁ ଏକ ଅତ୍ୟନ୍ତ ଅନ୍ୟାୟ କାମ କରି ଏଠାକୁ ଆସିଛୁ ?'' ଏଇ ପ୍ରଶ୍ନ କରିବାରୁ ସେ ଟିକିଏ ଅପ୍ରସ୍ତୁତ ହୋଇଗଲେ ଏବଂ କହିଲେ, ''ମୋ ପାଖରୁ କେମିତି ତୁମେ ଏଭଳି ପ୍ରଶ୍ନର ଉତ୍ତର ଆଶା କରୁଛ ? ମୁଁ ହେଲି ଇଂରେଜ, ତୁମେମାନେ ଭାରତବାସୀ । ମୋର ସ୍ୱାର୍ଥ ଆଉ ତୁମ ସ୍ୱାର୍ଥ କ'ଣ ଏକ ? ତା'ଛଡ଼ା ମୁଁ ସରକାରଙ୍କର ଚାକର, କିପରି ତୁମ ସହିତ ଏକ ହେବି ? ତେବେ ତୁମ ଦିଗରୁ ତୁମେମାନେ ଯାହା କର୍ତ୍ତବ୍ୟ ବୋଲି ମନେ କରିଛ, ତାହାହିଁ କରିଛ, ସେଥିପାଇଁ ନିଜକୁ ଦୋଷୀ ମନେ କରିବାର କାରଣ କ'ଣ ହୋଇପାରେ ?''

ଏଇ ଭାବେ ମୋତେ ଆଶ୍ୱସ୍ତ କରିବାରୁ ମୁଁ କହିଲି, ''କ'ଣ କରିବି, କେତେଦିନ ହେଲା ଚାରିପଟେ ଆତ୍ମୀୟ-ସ୍ୱଜନଗଣଙ୍କର ଏପରି ଏକ ଯନ୍ତ୍ରଣାର ଚିତ୍ର ମୋ ମନକୁ ଅଧିକାର କରି ବସିଛି ଯେ ମୁଁ ସହ୍ୟ କରି ନପାରି ଏକେବାରେ ଆତ୍ମହତ୍ୟା କରିବାକୁ ଉଦ୍ୟତ ହୋଇଥିଲି । କିନ୍ତୁ ମୋର ସୌଭାଗ୍ୟ ଅବା ଦୁର୍ଭାଗ୍ୟ ତା' ଜାଣେନା, ମୋ ପଛରୁ କେହି ଜଣେ ଲୋକ ମୋତେ ଦେଖି ନେଇଛି ଭାବି ଆଉ ମୁଁ କିଛି କରି ପାରିଲି ନାହିଁ ।'' ଏକଥା ଶୁଣି ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହେଲେ ଏବଂ ମୋତେ ଭର୍ତ୍ସନା କଲେ । ''ପ୍ରଥମେ ଯେତେବେଳେ ମୁଁ ତୁମକୁ ଦେଖିଥିଲି ସେତେବେଳେ ତୁମ ଉପରେ ମୋର ଗୋଟାଏ ଖୁବ୍ ଉଚ୍ଚ ଧାରଣା ଜନ୍ମିଥିଲା, ତୁମେ ଏପରି କରିବ ବୋଲି କେତେବେଳେ ବି ଆଶା କରି ନାହିଁ । ତୁମର ବର୍ତ୍ତମାନ ଯୁବକ ବୟସ, ଏବେଠାରୁ ଏତେ ନିରାଶା; କୋଡ଼ିଏ ବର୍ଷ ଅବା କେତେ ଟିକିଏ ସମୟ, ଅନାୟାସରେ ଏଇ ସମୟ କଟାଇ ଘରର ପୁଅ ଘରକୁ ଫେରିଯିବ । ମୋତେ ଦେଖ, ମୋର ଏତେ ବୟସ ହୋଇ ଯାଇଛି, ତଥାପି କେତେ କାମ କରୁଛି । ଯା'

ହେଉ,ମୋର ମନେ ହେଉଛି ଅତିରିକ୍ତ କଠିନ ପରିଶ୍ରମ ହିଁ ତୁମର ଏଇ ଅସୁସ୍ଥତାର କାରଣ, କିନ୍ତୁ କ'ଣ କରିବି । ସରକାରଙ୍କର ଆଦେଶ ଏହିପରି ଯେ ତୁମମାନଙ୍କୁ କଠିନ ପରିଶ୍ରମ ବ୍ୟତୀତ ଆଉ କିଛି ବି ଦିଆଯାଇ ପାରିବ ନାହିଁ। ତେବେ ମୁଁ ଏକ ଉପାୟ କହିପାରେ; ଏଠାକାର ଯେଉଁ ପାଗଳ ଗାରଦ ଅଛି, ସେଥିରେ ଯଦି ତୁମକୁ ଭର୍ତ୍ତି କରିଦିଏ, ତା'ହେଲେ ତୁମକୁ କୌଣସି କାର୍ଯ୍ୟ କରିବାକୁ ପଡ଼ିବ ନାହିଁ, ଅର୍ଥାତ୍ ସେଠାରେ କିଛି ବି compulsory labour ନାହିଁ, ଇଚ୍ଛାମତେ ଶାରୀରିକ ବ୍ୟାୟାମ ପାଇଁ ଯଦି କୌଣସି କାମ କରିବାକୁ ଚାହଁ, ତାହା ଅବଶ୍ୟ କରିପାର ।'' ଏକଥା ଶୁଣି ଯେପରି ହାତରେ ଆକାଶ ଖସି ପଡ଼ିଲା ଏବଂ ତତ୍‌କ୍ଷଣାତ୍ ସେଥିରେ ସ୍ୱୀକୃତି ଦେଲି ଏବଂ ତାଙ୍କର ଏଇ ସହୃଦୟ ବ୍ୟବହାର ପାଇଁ ନିଜର କୃତଜ୍ଞତା ଜଣାଇଲି ।

ଏହିପରି ଜେଲରୁ ପାଗଳ ଗାରଦକୁ ଯିବା ପରେ ସେଠାକାର ଡାକ୍ତରବାବୁ ବି ମୋର ଖୁବ୍ ଯତ୍ନ ନେଲେ । ସେ ବି ଆମର ଜଣେ ଦେଶୀୟ ବଙ୍ଗାଳୀ ବ୍ରାହ୍ମଣ, ସହାନୁଭୂତିଶୀଳ ହେବାର କଥା । ମୋର ଖାଇବା ପିଇବା ଇତ୍ୟାଦି ପାଇଁ ମୁଁ କେତେବେଳେ କିଛି ନକହିଲେ ବି ନିଜ ଆଡୁ ସେ ଯଥାସମ୍ଭବ ବ୍ୟବସ୍ଥା କରିବାକୁ ଲାଗିଲେ । ଅନେକ ସମୟରେ ନିଜେ ଆସି ସମ୍ମୁଖରେ ଠିଆ ହୋଇ ଖୁଆଇବାକୁ ଲାଗିଲେ ଏବଂ ସେ ନିଜେ ନଆସିଲେ ବି ଯଦି କେତେବେଳେ ଖାଇବାରେ ଅବହେଳା କରିଛି ଅଥବା ଖାଇବାକୁ ବାରଣ କରିଛି, ତେବେ ଲୋକ ପଠାଇ ତାଙ୍କ ଘରକୁ ନେଇ ତାଙ୍କ ନିଜର ରନ୍ଧାଭାତ ତରକାରି ଆଣି ଖୁଆଇବାର ଚେଷ୍ଟା କରିଛନ୍ତି; ଏପରିକି ତାଙ୍କର ପୁଅଝିଅମାନଙ୍କୁ ''ଦାଦା'' (ବଡ଼ ଭାଇ) ବୋଲି ପରିଚୟ ଦେଇ ମୋ ସହ ଖେଳିବା ପାଇଁ କହିଛନ୍ତି ଏବଂ ସେମାନଙ୍କର ଖେଳନା, ଛବି ଇତ୍ୟାଦି ମୋତେ ଦେଇଛନ୍ତି । ମୋର ବି ସେତେବେଳେ ସାଂଘାତିକ ପୀଡ଼ାର ଯମ ଯନ୍ତ୍ରଣା ପରେ ପ୍ରାୟ ଏକ ପ୍ରକାର ଛୋଟ ପିଲାଙ୍କ ପରି ଅବସ୍ଥା । ସେଠାକାର ପାଗଳ କଏଦୀମାନଙ୍କ ମଧ୍ୟରେ ଯେଉଁମାନେ ଟିକିଏ ଅପେକ୍ଷାକୃତ ସଜ୍ଞାନ, ସେମାନେ ବଗିଚାର କାମ କରନ୍ତି ଏବଂ ସେଇ ପାଗଳ ଗାରଦର ଅଧୀନରେ ବିସ୍ତୃତ ଜମି ଏମାନଙ୍କ ଦ୍ୱାରା କର୍ଷିତ ହୋଇ ନାନାପ୍ରକାର ଫୁଲ ଫଳରେ ସୁଶୋଭିତ ରହୁଥାଏ । ଏଇ ବଗିଚାର ପନିପରିବା settlementର ଅଧିବାସୀମାନଙ୍କର ବ୍ୟବହାର ପାଇଁ ପଠାହୁଏ । ମୋତେ କୁହାଗଲା ଯଦି ମୋ ପକ୍ଷରେ ସମ୍ଭବ ହୁଏ ତେବେ ମୁଁ ଏଇ ପରିବାପତ୍ରର ଦୈନିକ ହିସାବ ରଖିବି । ମୁଁ କିଛିଦିନ ଚେଷ୍ଟା କରି ଦେଖିଲି, ସେତେବେଳ ପର୍ଯ୍ୟନ୍ତ ହିସାବ ରଖିବା ଭଳି ଅବସ୍ଥା ମୋର ହୋଇ ନାହିଁ, କାର୍ଯ୍ୟତଃ ସେ ଦିଗରେ ଆଉ ନିଜକୁ ନିୟୋଜିତ କଲି ନାହିଁ । ଜଣେ ନିମ୍ନପଦସ୍ଥ କର୍ମଚାରୀ ଓ ପହରାବାଲା ସର୍ବଦା ମୋ ସାଥୀରେ ରହିବା ପାଇଁ ଦିଆ ହେଉଥିଲା, ସେମାନଙ୍କୁ ନେଇ ଗାରଦର ସୀମା ଭିତରେ ଯେଉଁ ଆଡ଼କୁ ଇଚ୍ଛା ବୁଲୁଥାଏ ଏବଂ ମଝିରେ ମଝିରେ ସେମାନଙ୍କୁ ନ ଜଣାଇ ବାହାରକୁ ଯେ ଯାଉ ନଥିଲି ଏମିତି ବି ନୁହେଁ । ଉପେନ୍-ଦା', ବାରୀନ୍-ଦା' ଇତ୍ୟାଦି ସୁବିଧା ପାଇଲେ ମୋତେ ଦେଖିବାକୁ ଆସୁଥିଲେ ।

ଏହିପରି କିଛିଦିନ ଗଲା ପରେ ଦିନେ ଶୁଣିଲି ଭାରତରୁ ଜେଲର ଡିରେକ୍‌ଟର ଜେନେରାଲ ଆଣ୍ଡାମାନକୁ ଆସିଛନ୍ତି ଏବଂ ଆମର ଗାରଦ ଦେଖିବାକୁ ଆସୁଛନ୍ତି । ସେ ହେଉଛନ୍ତି ସମଗ୍ର ଭାରତବର୍ଷର ଜେଲ ବିଭାଗର ସର୍ବୋଚ୍ଚ କର୍ମଚାରୀ । ତାଙ୍କ ସହ ମୋର ଆଲିପୁର ଜେଲରେ ପୂର୍ବରୁ ମଧ୍ୟ ଥରେ ଆଳାପ ହୋଇଥିଲା । ସେ ଏଥର ମୋତେ ଦେଖି ଯେପରି ଆଶ୍ଚର୍ଯ୍ୟ ହୋଇଗଲେ । ପୂର୍ବେ ସେ ମୋତେ ଖୁବ୍ ସୁସ୍ଥ ଓ ସବଳ ଦେଖିଥିଲେ, ବର୍ତ୍ତମାନ ମୋର ଏପରି ଅବସ୍ଥା ଦେଖି କହିଲେ, ''ତୁମେ ଏତେ ରୁଗ୍ଣ ହୋଇ ଯାଇଛ ଏବଂ ଓଜନ ମଧ୍ୟ ଏତେ କମ୍ ହୋଇ ଯାଇଛି – କିପରି କୋଡ଼ିଏ ବର୍ଷ କଟାଇବ ?'' ମୁଁ ମୋର ଅସୁସ୍ଥତାର ଇତିବୃତ୍ତ କହିବାରୁ ସେ କହିଲେ, ''ତୁମକୁ କୌଣସି ଭାରତୀୟ ଜେଲକୁ ସ୍ଥାନାନ୍ତରିତ କରିବା ଉଚିତ, ନହେଲେ ଏଠାରେ ରହିଲେ ନିଶ୍ଚୟ ମରିଯିବ; ତୁମକୁ ଆଉ କୋଡ଼ିଏ ବର୍ଷ ଖଟିବାକୁ ହେବ ନାହିଁ । ମୁଁ ତୁମର ଏଠାରୁ ବଦଳି କରିବା ବିଷୟ ସରକାରଙ୍କୁ ଲେଖୁଛି । ଯେଉଁଥିରେ କି ତୁମକୁ ଏଠାରୁ ବଦଳି କରାହୁଏ, ତା' ପାଇଁ ମୁଁ ଯଥାସାଧ୍ୟ ଚେଷ୍ଟା କରିବି ।'' ଏହିପରି କହି ମୋର ଶରୀର ପରୀକ୍ଷା କଲେ ଓ ମୋର ଯେତେବେଳେ ଫିଟ୍‌ସ୍ ହୁଏ ସେତେବେଳେ କ'ଣ ହୁଏ ବୋଲି ପଚାରିଲେ । ସେତେବେଳେ ବି ମଝିରେ ମଝିରେ ମୋତେ କମ୍ପ ଆସି ଜ୍ୱର ହେଉଥାଏ ଓ ଭୟାନକ ଫିଟ୍‌ସ୍ ହୁଏ, ଏପରିକି ଥରେ ଥରେ କାନ୍ଥରେ ମଥା ପିଟୁଥାଏ । ଜ୍ୱର ଯେତେବେଳେ ଖୁବ୍ ଅଧିକ ହୁଏ, ନାନା ପ୍ରକାରର ସ୍ୱପ୍ନ ଦେଖେ । ପଚାରିବାରୁ କହିଲି, 'ଥରେ ଥରେ ମନେ ହୁଏ ଯେପରି ସମସ୍ତ ପୃଥିବୀ ଧ୍ୱଂସ ପଥରେ ଚାଲିଛି ।' ଇଂରାଜୀରେ

ଠିକ୍ ଏଇ କଥାଟି କହିଲି, ‘I see as if the whole world is coming to an end.’ । ଏକଥା ଶୁଣି ସାରି ଡିରେକ୍‌ଟର୍ ସାହେବ କହିଲେ, ‘‘କେତେକଟା ଠିକ୍, ଶୀଘ୍ର ଇଉରୋପରେ ଏକ ମହାଯୁଦ୍ଧର ଆରମ୍ଭ ହେବ ।’’ ସେତେବେଳକୁ ଇଉରୋପରେ ଯୁଦ୍ଧ ଆରମ୍ଭ ହୋଇ ନାହିଁ, ଏପରିକି ସେ ସମ୍ବନ୍ଧରେ କୌଣସି ଜନରବ ବି ଆମେ ଶୁଣି ନାହୁଁ । ଡିରେକ୍‌ଟର୍ ଜେଁ:ଏଂଐନେରାଲ ଚାଲିଯିବା ପରେ କେତେ ମାସ ମଧ୍ୟରେ ମୋର ସ୍ଥାନାନ୍ତର ହୁକୁମ ଆସିଲା ଓ ମୋତେ ମାନ୍ଦ୍ରାଜ ପାଇଁ ଚାଲାଣ ଦିଆଗଲା ।

ମୋତେ ଜାହାଜରେ ପଠାଇ ଦେବା ନିମନ୍ତେ ଯେଉଁମାନେ ଯାଇଥିଲେ, ସେମାନଙ୍କ କଥାରୁ ବୁଝିଲି ଯେ ମୋର ଛାଡ଼ ପାଇବାର ହୁକୁମ ଆସିଛି, ମୋତେ ଦେଶକୁ ପଠାଇ ଦିଆଯିବ । ମୁଁ ବି ତାହା ବିଶ୍ୱାସ କରି ସେମାନଙ୍କ ସହ ଜାହାଜରେ ଯିବା ନିମନ୍ତେ ବାହାରି ପଡ଼ିଲି । ରାସ୍ତାରେ ଦେଖିବାକୁ ପାଇଲି ଆମର ବିପରୀତ ଦିଗରୁ ଜଣେ ବାଳକ ମୋ ଆଡ଼କୁ ଆସୁଛି, ମହାବ୍ୟାଧିରେ ତା’ର ମୁହଁ ଯେପରି ଓହଳି ଯାଇଛି । ବୟସ ମୋ’ଠାରୁ ଅନେକ କମ୍ ହେବ । ମୋ ସହ ରହିଥିବା ଜଣେ ବେଙ୍ଗଲୀ ଟିଣ୍ଡାଲ ଅଥବା ସେଇ ଆକାରର ସେତେବେଳ ପାଇଁ ଆବିର୍ଭୂତ କି ନା ଠିକ୍ କହି ପାରିବି ନାହିଁ, ମୁଁ ତାକୁ ଚିହ୍ନେ କି ନାହିଁ ପଚାରିବାରୁ କଥାଟାକୁ ହସି ଉଡ଼ାଇ ଦେଲି । କିନ୍ତୁ ତାହାକୁ ଦେଖି ମୋର ମନେ ହେଲା ଯେପରି ପୂର୍ବେ କେଉଁଠି ଏହାକୁ ଦେଖିଛି ଏବଂ ପାଦେ, ଦୁଇପାଦ ଅଗ୍ରସର ହୋଇ ଦେଖିଲି ତା’ର ମୁହଁଟି ଠିକ୍ ହୋଇଯାଇଛି, ମହାବ୍ୟାଧିର କୌଣସି ଚିହ୍ନ ବି ନାହିଁ ଏବଂ ଦେଖିବାକୁ ଠିକ୍ ମୋର ଛୋଟ ଭାଇ ପରି, ଯେ ଏବେ ବିଲାତରେ ରହିଛି ତା’ ପରି । ମୋ ପାଖରେ ଥିବା ସେଇ ଟିଣ୍ଡାଲ କହିଲା, ‘‘ଏହାକୁ ଚିହ୍ନିଛ ? – ତୁମର ଭାଇ !’’ ମୁଁ ଦେଖିଲି ସତେ ତ, ବୋଧହୁଏ ମୋ ପାଇଁ ହିଁ ତା’ର ଏଇ ଦୁର୍ଦ୍ଦଶା । ପରିଧାନରେ କେବଳ ମାତ୍ର ଖଣ୍ଡିଏ ଧୋତି, ଦେହରେ କୋଟ୍ ଅବା ସାର୍ଟ କିଛି ବି ନାହିଁ, କିନ୍ତୁ ତିଳେ ମାତ୍ର ନିରୁତ୍ସାହିତ ନୁହେଁ, ବରଂ ମୋତେ କେତେ ଉତ୍ସାହ ଓ ଆଶାର ବାଣୀ ଶୁଣାଇଲା । ସେ ଯେପରି ମୋତେହିଁ ମୁକ୍ତ କରିବା ପାଇଁ ମୋ ଜାଗାକୁ ମୋର ପ୍ରତିନିଧି ରୂପେ ଆସିଛି । କଥାବାର୍ତ୍ତା ଯାହାକିଛି ହେଲା ଇଂରାଜୀରେ ହେଲା ଏବଂ ତା’ ମୁହଁରେ ଏପରି ପରିଷ୍କାର ଇଂରାଜୀ ଶୁଣି ଖୁବ୍ ଖୁସୀ ହେଲି । ତେବେ ମୋର ମନେ ହେଲା ତା’ର ବିଲାତ ଯିବାର କଥା ହୁଏତ କେବଳ ଫାଙ୍କି, ବିଲାତ ନାମରେ ଆମମାନଙ୍କ ପରି ସାରା ପୃଥିବୀ ଘୂରି ବୁଲୁଛି, ଇତ୍ୟାଦି ।’’ ବର୍ତ୍ତମାନ ଭାବି ଦେଖିଲି ଏଇ ସମସ୍ତ ଆବିର୍ଭାବ ଯେପରି ଗୋଟିଏ ଦିଗରେ ଆଶ୍ଚର୍ଯ୍ୟ ଓ କୌତୂହଳ ଉଦ୍ଦୀପକ, ଅପର ଦିଗରେ କିପରି ନିମିଷକ ମଧ୍ୟରେ ଆମର ପୂର୍ବ ସଂସ୍କାରର ସମ୍ପୂର୍ଣ୍ଣ ବିପର୍ଯ୍ୟୟ ଘଟାଇ ଏକ ଅଦ୍ଭୁତ କଳ୍ପନା-ରାଜ୍ୟର ସୃଷ୍ଟି କରୁଛି ଏବଂ ଏପରି କଳ୍ପନା ଯେ ତାହାକୁ କଳ୍ପନା ବୋଲି ବୁଝିବାକୁ ହୁଏତ ନିଜର ଅର୍ଦ୍ଧଜୀବନ ଗତ ହୋଇ ଯାଇପାରେ । ଛାଡ଼ ସେକଥା, ମୋର ଆଣ୍ଡାମାନପ୍ରବାସ ଏହିଠାରେହିଁ ସମାପ୍ତ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ ବିନା ଆୟାସରେ ସତ୍ୟ କହିବା ପାଇଁ ସମର୍ଥ ହେବାକୁ ହେଲେ ପ୍ରକୃଷ୍ଟ ପନ୍ଥା ହେଉଛି ଯେ ଆମେ ସବୁବେଳେ ଏପରି କାର୍ଯ୍ୟ କରୁଥିବା, ଯେଉଁଥିରେ କି ଆମର କୌଣସି କାମକୁ ଗୋପନ କରି ରଖିବା ଲାଗି ଆଦୌ କିଛି ପ୍ରୟୋଜନହିଁ ନଥିବ । ଏବଂ ସେଥିଲାଗି ଆମକୁ ପ୍ରତିଟି ମୁହୂର୍ତ୍ତର କାର୍ଯ୍ୟକ୍ରମ ମଧ୍ୟରେ ନିରନ୍ତର ମନେ ରଖିବାକୁ ପଡ଼ିବ ଯେ ଆମେ ପରମ ଦିବ୍ୟସତ୍ତାଙ୍କର ଦୃଷ୍ଟି ସମକ୍ଷରେହିଁ ଉପସ୍ଥିତ ରହିଛୁ ।

– ଶ୍ରୀମା

# ନୂତନ ଶିକ୍ଷାର ଆହ୍ୱାନ

## (୨୨)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### ନୂତନ ଜାତୀୟ ଶିକ୍ଷାନୀତିର ସମୀକ୍ଷା

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଏହି ନୂତନ ଜାତୀୟ ଶିକ୍ଷାନୀତିର ମୂଳଭିତ୍ତି କ'ଣ ? ଯଦି ମୂଳଭିତ୍ତି ସୁଦୃଢ଼ ନଥାଏ ତେବେ ଜାତୀୟ ଶିକ୍ଷାନୀତିର ଇମାରତଟି ଭୁଶୁଡ଼ି ପଡ଼େ । ପ୍ରତ୍ୟେକ ଦେଶର ସଭ୍ୟତା ଓ ସଂସ୍କୃତିରେ ଗୋଟିଏ ବୈଶିଷ୍ଟ୍ୟ ଓ ମୂଳନୀତି ରହିଛି । ଦେଶ ଓ ଜାତୀୟ ସଂସ୍କୃତିର ଏହି ମୂଳତତ୍ତ୍ୱଟି ଶିକ୍ଷାର ଭିତ୍ତି ରୂପେ ଦେଶକୁ ପରିଚାଳନା ଓ ପୁନର୍ଗଠନ କରେ । ଭାରତର ସଂସ୍କୃତି ଓ ସଭ୍ୟତାର ମୂଳତତ୍ତ୍ୱ ହେଉଛି ଆଧ୍ୟାତ୍ମିକତା । ଏହି ଆଧ୍ୟାତ୍ମିକତା ଶିକ୍ଷାର ମୂଳନୀତି ହେବା ଆବଶ୍ୟକ । ଶିକ୍ଷାର ପରିଚାଳନା, ପୁନର୍ଗଠନ ଏକ ଆଧ୍ୟାତ୍ମିକ ଭିତ୍ତି ଉପରେ ପ୍ରତିଷ୍ଠିତ ହେବା ଉଚିତ । ଆଧ୍ୟାତ୍ମିକତା କହିଲେ ଆମେ ସାଧାରଣତଃ ସଂସାର ତ୍ୟାଗ କରି ଏକ ତପସ୍ୱୀର ଜୀବନ ବଞ୍ଚିବାକୁ ବୁଝିଥାଉ । ଏହା ଦ୍ୱାରା ବ୍ୟକ୍ତିର କିଛି ଉନ୍ନତି ହୋଇପାରେ; କିନ୍ତୁ ସଂସାରର ବା ସମାଜର କିଛି ଉନ୍ନତି ହୋଇପାରେନା । ଏପରିକି ବୌଦ୍ଧିକତା, ଧାର୍ମିକତା ବା ଶୁଦ୍ଧ ନୈତିକତାକୁ ଆମେ ଭୁଲ୍‌କ୍ରମେ ଆଧ୍ୟାତ୍ମିକତା ବୋଲି କହିଥାଉ । ପ୍ରକୃତରେ ଏଗୁଡ଼ିକ ମନସ୍ତରର ଅଟନ୍ତି ଏବଂ ମନ କେବେ ସତ୍ୟକୁ ପୂର୍ଣ୍ଣ ରୂପେ ଦେଖିପାରେନା କି ବୁଝିପାରେନା; ବରଂ ଏହା ସତ୍ୟ ବା ଜ୍ଞାନକୁ ବିକୃତ କରିଦିଏ ଯଦ୍ଦ୍ୱାରା ସତ୍ୟର ମୁଖଟି ଆମ ପାଇଁ ସତତ ଅଜ୍ଞାନତାର ପରଦା ଦ୍ୱାରା ଆବୃତ ହୋଇ ରହେ । ଅବଶ୍ୟ ଏହା ସତ ଯେ ଆମ ପ୍ରକୃତିକୁ ଶୁଦ୍ଧ ଓ ଶୃଙ୍ଖଳିତ କରିବା ପାଇଁ ବୌଦ୍ଧିକତା ଓ ଧାର୍ମିକତା ବା ଶୁଦ୍ଧ ନୈତିକତା ସହାୟକ ହୋଇଥା'ନ୍ତି; କିନ୍ତୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରନ୍ତି ନାହିଁ । ମନୁଷ୍ୟ କେବଳ ଏକ ଶରୀର, ପ୍ରାଣ ଓ ମନଧାରୀ ପ୍ରାଣୀ ନୁହେଁ । ପ୍ରତ୍ୟେକ ମନୁଷ୍ୟର ଏକ ଆତ୍ମା ରହିଛି ଯାହା ତା'ର ମୂଳଭିତ୍ତି । ଏହି ଆତ୍ମାର ଅବସ୍ଥିତି ଯୋଗୁଁ ଶରୀର, ପ୍ରାଣ ଓ ମନ କ୍ରିୟାଶୀଳ ହୁଅନ୍ତି, କାରଣ ଏମାନେ ଆତ୍ମାର ଗୋଟିଏ ଗୋଟିଏ ବିଭାବ ବା ଶକ୍ତି । ତେଣୁ ଯେଉଁ ଶିକ୍ଷା କେବଳ ଶରୀର, ପ୍ରାଣ ଓ ମନର ବିକାଶ ନିମିତ୍ତ ଉଦ୍ଦିଷ୍ଟ ତାହା ଯଥାର୍ଥ ବା ପୂର୍ଣ୍ଣାଙ୍ଗ ଶିକ୍ଷା ନୁହେଁ । ଯେଉଁ ଜାତୀୟ ଶିକ୍ଷା ଏହି ଆତ୍ମାକୁ ଅବହେଳା କରେ ତାହା ପ୍ରକୃତରେ ଜାତୀୟ ଶିକ୍ଷା ନୁହେଁ, କାରଣ ବ୍ୟକ୍ତି ପରି ପ୍ରତ୍ୟେକ ଜାତିର ମଧ୍ୟ ଏକ ଆତ୍ମା ରହିଛି । ଏହି ଆତ୍ମା ପ୍ରତି ସଚେତନ ହେବା ଏବଂ ଜୀବନର ପ୍ରତିଟି ପଦକ୍ଷେପରେ ଏହି ଆତ୍ମାର ବିଧାନକୁ ଅନୁସରଣ କରିବା ହେଉଛି ଆଧ୍ୟାତ୍ମିକତା । ପ୍ରକୃତରେ ଆଧ୍ୟାତ୍ମିକତା ହେଲା ଆତ୍ମଚେତନାରେ ବାସ କରିବା, ଦିବ୍ୟଚେତନା ପ୍ରତି ସମଗ୍ର ସତ୍ତାକୁ ଖୋଲି ଧରିବା । ଆତ୍ମାର ଅନୁସନ୍ଧାନରେ ମନୁଷ୍ୟର ନିରନ୍ତର ପ୍ରୟାସକୁ ଆମେ ଆଧ୍ୟାତ୍ମିକ ବୋଲି କହିପାରିବା । ସେଥିପାଇଁ ଉପନିଷଦ୍‌ରେ କୁହାଯାଇଛି, 'ଆତ୍ମୋଦୀପୋ ଭବ' । ଶ୍ରୀଅରବିନ୍ଦ ଏହି ଆଧ୍ୟାତ୍ମିକତାକୁ ମାନବର ପ୍ରକୃତ ଧର୍ମ ବୋଲି କହିଛନ୍ତି । ତାଙ୍କ ଭାଷାରେ, "Spirituality, not religion, is the future hope of mankind." ''ଧର୍ମ ନୁହେଁ, ଆଧ୍ୟାତ୍ମିକତାହିଁ ଭବିଷ୍ୟତ୍ ମାନବ ସମାଜର ଆଶା ଓ ବିଶ୍ୱାସ ।'' ମା'ଙ୍କ ଭାଷାରେ, "True spirituality is not to renounce life, but to make life perfect with a Divine Perfection. This is what India must show to the world now."

ଅର୍ଥାତ୍, ''ଯଥାର୍ଥ ଆଧ୍ୟାତ୍ମିକତା କହିଲେ ଜୀବନର ବର୍ଜନକୁ ବୁଝାଏ ନାହିଁ; ବରଂ ସେହି ଦିବ୍ୟ ପରିପୂର୍ଣ୍ଣତା ବଳରେ ଜୀବନକୁ ପରିପୂର୍ଣ୍ଣ କରି ଗଠନ କରିବା ହେଉଛି ଯଥାର୍ଥ ଆଧ୍ୟାତ୍ମିକତା । ବର୍ତ୍ତମାନ ଭାରତବର୍ଷକୁ ସମଗ୍ର ପୃଥିବୀ ସମକ୍ଷରେ ଏହି କଥାଟିକୁହିଁ ଦେଖାଇ ଦେବାକୁ ପଡ଼ିବ ।''

(୨୬ ଜାନୁଆରୀ, ୧୯୬୩) — ଶ୍ରୀମା

ଭାରତୀୟ ଶିକ୍ଷାର ବିକାଶ ଧାରାରେ ଯେତେ ନୀତି, ନିୟମ ଓ ବିଚାର ଆସିଛି ସେସବୁ କାର୍ଯ୍ୟରେ ପରିଣତ ହେଲା ବେଳକୁ ପୁଣି ସେହି ପୁରୁଣା ଢଙ୍ଗରେ ପଡ଼ିଯାଉଛି । ଆମର ଜାତୀୟ ଜୀବନ ଓ ଜାତୀୟ ଲକ୍ଷ୍ୟରେ ଏପରି ତ୍ରୁଟି ରହିଛି ବା

ଏପରି କିଛି ବସ୍ତୁର ଅଭାବ ରହିଛି ଯାହା ଆମର ଶିକ୍ଷା, କୃଷି, ଶିଳ୍ପ, ବାଣିଜ୍ୟ ଓ ରାଜନୀତିକୁ ଯଥାର୍ଥ ଭାବେ ଗଢ଼ି ତୋଳିପାରୁ ନାହିଁ ବା ପରିପୁଷ୍ଟ କରିପାରୁ ନାହିଁ । ଆମ ଜାତୀୟ ଜୀବନକୁ ଅଶିକ୍ଷା, ଭୟ ଓ ମିଥ୍ୟା କବଳିତ କରିଛି । ଆମର ଜାତୀୟ ଜୀବନ ଧାରାଟି ଏଥିରୁ ମୁକ୍ତ ହୋଇ ଯେପର୍ଯ୍ୟନ୍ତ ଐକ୍ୟ, ସଂହତି, ଶାନ୍ତି, ସତ୍ୟ, ଜ୍ଞାନ, ପ୍ରେମ, ଶକ୍ତି ଓ ସୌନ୍ଦର୍ଯ୍ୟ ଉପରେ ପ୍ରତିଷ୍ଠିତ ନହୋଇଛି ସେପର୍ଯ୍ୟନ୍ତ ସମସ୍ତ ଜାତୀୟ ଶିକ୍ଷାକୁ ଆମେ ଅଶିକ୍ଷା ବୋଲି କହିପାରିବା । ଏ ସମସ୍ତ ଗୁଣ ହେଉଛି ଆତ୍ମାର ବିଧାନ । ସୁତରାଂ ଆତ୍ମାର ବିଧାନ ଉପରେ ପ୍ରତିଷ୍ଠିତ ଶିକ୍ଷାହିଁ ଯଥାର୍ଥ ଶିକ୍ଷା ଏବଂ ଜୀବନ ହେଉଛି ଯଥାର୍ଥ ଜୀବନ ବା ପରିପୂର୍ଣ୍ଣ ଜୀବନ । ଯଥାର୍ଥ ଶିକ୍ଷା ହେଉଛି ଚେତନାର ଅଭିବୃଦ୍ଧି, ଏକ ନୂତନ ଚେତନାର ଉଦ୍ଭବ ଯାହା ନୂତନ ଜ୍ଞାନ, ନୂତନ ଶକ୍ତି ଓ ନୂତନ ଆନନ୍ଦର ପ୍ରତୀକ । ଆମ ଜାତୀୟ ଜୀବନର ଧାରା ଯେପର୍ଯ୍ୟନ୍ତ ଶକ୍ତିଶାଳୀ, ସାମର୍ଥ୍ୟଯୁକ୍ତ ଓ ଉର୍ବର ନହୋଇଛି, ଜାତୀୟ ଧମନୀରେ ଯେପର୍ଯ୍ୟନ୍ତ ଶୁଦ୍ଧ ରକ୍ତ ପ୍ରବାହିତ ନହୋଇଛି ସେପର୍ଯ୍ୟନ୍ତ ଜାତୀୟ ଶରୀର ବା ତାହାର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସୁସ୍ଥ, ସବଳ, ଦୃଢ଼ ଓ ହୃଷ୍ଟପୁଷ୍ଟ ହୋଇ ପାରିବ ନାହିଁ । ସୁତରାଂ ଜାତୀୟ ଜୀବନର ଲକ୍ଷ୍ୟ ଉପରେ ଜାତୀୟ ଶିକ୍ଷା ନିର୍ଭର କରୁଛି । ଜାତୀୟ ଶିକ୍ଷାନୀତିରେ ଜାତୀୟ ଜୀବନର ପ୍ରକୃତ ଲକ୍ଷ୍ୟଟି ସ୍ପଷ୍ଟଭାବେ ସ୍ଥିରୀକୃତ ହୋଇଛି କି ? ଜାତୀୟ ଜୀବନର ଲକ୍ଷ୍ୟ ଜାତିର ନିଜସ୍ୱ ଅନ୍ତର୍ନିହିତ ତପୋବଳ, ଜ୍ୟୋତିଃ, ଐଶ୍ୱର୍ଯ୍ୟ ଓ ପ୍ରତିଭା ଉପରେ ପ୍ରତିଷ୍ଠିତ ହେବା ଉଚିତ୍ । ଯେଉଁ ସତ୍ୟ, ଜ୍ଞାନ ଓ ତତ୍ତ୍ୱ ଜାତୀୟ ଜୀବନର ନିଜସ୍ୱ ଶକ୍ତି, ତାହା ଯଦି ଜାତୀୟ ଶିକ୍ଷାନୀତିରେ ପ୍ରତିଫଳିତ ହୁଏ, ତେବେ ତାହା ସର୍ବତ୍ର ଗ୍ରହଣଯୋଗ୍ୟ ହୋଇପାରିବ ଏବଂ କାର୍ଯ୍ୟକାରୀ ହୋଇପାରିବ । ମିଥ୍ୟାକୁ ବର୍ଜନ କରି ଆତ୍ମାର ବା ପରମସତ୍ୟର ଅଭିବ୍ୟକ୍ତି ଘଟାଇବା ଏବଂ ସେଥିପାଇଁ ପିଲାମାନଙ୍କୁ ପ୍ରସ୍ତୁତ କରିବା ଜାତୀୟ ଶିକ୍ଷାର ମୂଳ ଲକ୍ଷ୍ୟ ହେବା ଆବଶ୍ୟକ ।

ଯେଉଁ ଶିକ୍ଷା ସମଗ୍ର ମାନବସମାଜର ପରିପୂର୍ଣ୍ଣତା ପ୍ରତି ଅଭିପ୍ରେତ ତାହାହିଁ ପ୍ରକୃତ ଶିକ୍ଷା । ଶ୍ରୀଅରବିନ୍ଦ କହନ୍ତି – "It must be an education that for the individual will make its one central object the growth of the soul and its powers and possibilities, for the nation will keep first in view the preservation, strengthening and enrichment of the nation-soul and its dharma and raise both into powers of the life and ascending mind and soul of humanity. And at no time will it lose sight of man's highest object, the awakening and development of his spiritual being."

(CWSA, Vol. I, p. 427)

ଅର୍ଥାତ୍, ''ବ୍ୟକ୍ତି ପାଇଁ ଏହା ଏପରି ଏକ ଶିକ୍ଷା ହେବ ଯାହାକି ଆତ୍ମା ତାହାର ଶକ୍ତି ଓ ସମ୍ଭାବନାସବୁର ବିକାଶକୁ ନିଜର କେନ୍ଦ୍ରୀୟ ଲକ୍ଷ୍ୟ ମନେ କରିବ, ଜାତି ପାଇଁ ପ୍ରଥମେ ଜାତି-ଆତ୍ମାର ଓ ତାହାର ସ୍ୱକୀୟ ଧର୍ମର ସଂରକ୍ଷଣ, ସମୃଦ୍ଧି ଓ ବଳଶାଳୀ ହେବାର ଉଦ୍ଦେଶ୍ୟ ରଖିବ ଏବଂ ଉଭୟକୁ ମାନବସମାଜର ଜୀବନ, ଊର୍ଦ୍ଧ୍ୱଗାମୀ ମନ ଓ ଆତ୍ମାର ଶକ୍ତି ମଧ୍ୟକୁ ଉଠାଇ ନେବ । ପୁଣି ମାନବ ବ୍ୟକ୍ତିତ୍ୱର ସର୍ବୋଚ୍ଚ ଲକ୍ଷ୍ୟ ଯାହାକି ତାହାର ଆଧ୍ୟାତ୍ମିକ ସତ୍ତାର ଜାଗରଣ ଓ ବିକାଶ, ସେହି ଲକ୍ଷ୍ୟକୁ ମଧ୍ୟ ମୁହୂର୍ତ୍ତେ ହେଲେ ଭୁଲିଯିବ ନାହିଁ ।''

ସୁତରାଂ ଜ୍ଞାନ, ଶକ୍ତି, ଐକ୍ୟ, ପ୍ରେମ ଓ ଆନନ୍ଦର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଶିକ୍ଷାହିଁ ଯଥାର୍ଥ ଶିକ୍ଷା ବା ପୂର୍ଣ୍ଣାଙ୍ଗ ଶିକ୍ଷା । ଏହି ଭିତ୍ତିଭୂମି ଉପରେ ଜାତୀୟ ଶିକ୍ଷା ପ୍ରତିଷ୍ଠିତ ହେଲେ ତାହା ବ୍ୟକ୍ତି, ଜାତି ଓ ଜଗତ୍ – ଏପରିକି ସମଗ୍ର ମାନବ ସମାଜକୁ ସତ୍ୟଦୀପ୍ତ ପଥରେ ଆଗେଇ ନେଇପାରିବ ଏବଂ ଦିବ୍ୟ ସମାଜରେ ଦିବ୍ୟ ମାନବର ଅଭିବ୍ୟକ୍ତିକୁ ଫଳପ୍ରସୂ କରିପାରିବ ।

ଯଥାର୍ଥ ଶିକ୍ଷା ବ୍ୟକ୍ତି, ଜୀବନ ଓ ଜଗତ୍ ପ୍ରତି ଏକ ପୂର୍ଣ୍ଣାଙ୍ଗ ଦୃଷ୍ଟିକୋଣ ନେଇ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ କୋଳାଗ୍ରତ କରି ଆତ୍ମ-ପରିପୂର୍ଣ୍ଣତାର ସକଳ ଦିଗକୁ ଉନ୍ମୋଚିତ କରି ଦିଏ । ଅତୀତ ହେଉଛି ମୂଳଦୁଆ, ବର୍ତ୍ତମାନ ହେଉଛି ଉପାଦାନ ଏବଂ ଭବିଷ୍ୟତ୍ ହେଉଛି ଶିକ୍ଷାର ଲକ୍ଷ୍ୟ । ତେଣୁ ଭାରତର ପ୍ରାଚୀନ ଆଧ୍ୟାତ୍ମିକ ପରମ୍ପରାକୁ ଭିତ୍ତି କରି ବିବର୍ତ୍ତନ ଧାରାରେ ମନୁଷ୍ୟର ଚେତନା ଯେଉଁ ସ୍ତରରେ ରହିଛି, ସେହି ସ୍ଥିତିରୁ ଉପାଦାନ ସଂଗ୍ରହ କରି ଆଧ୍ୟାତ୍ମିକ ସତ୍ୟର ଆଲୋକ ପ୍ରତି ତାହାକୁ ଉନ୍ମୁକ୍ତ କରି ଭବିଷ୍ୟତ୍ ମୁଖେ ଆଗେଇ ଚାଲିବାରେହିଁ ଭାରତର ଶିକ୍ଷା ସୁଦୃଢ଼ ହୋଇପାରିବ ଏବଂ ତା'ର ଜାତୀୟ ଜୀବନଧାରା ସମୃଦ୍ଧ ହୋଇ ପାରିବ ।

ସମଗ୍ର ଜୀବନହିଁ ଶିକ୍ଷା । ଶିକ୍ଷା, ଜୀବନ ଓ ଯୋଗ

ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ଜୀବନ-ବିଦ୍ୟାଳୟର ପ୍ରକୃତ ଶିକ୍ଷକ ହେଲେ ଆତ୍ମା । ଯଦି ଶିକ୍ଷକ ଓ ଶିକ୍ଷାବିତ୍ ଆତ୍ମଚେତନାରେ ବାସ ନକରନ୍ତି, ଯୋଗୀ ନହୁଅନ୍ତି ତେବେ ଶିଶୁର କ୍ରମବର୍ଦ୍ଧିଷ୍ଣୁ ଆତ୍ମାକୁ ଜାଗ୍ରତ କରି ସକଳ ଶିକ୍ଷାର ଭାର ତା'ଉପରେ ନ୍ୟସ୍ତ କରିବାର କୌଶଳ ବା ବିଧାନ ଉଦ୍ଭୂତ ହେବ କିପରି ? ଜାତୀୟ ଶିକ୍ଷାନୀତିର ପ୍ରଣେତା, ଉପଦେଷ୍ଟା ବା ଉଦ୍ୟୋକ୍ତାମାନଙ୍କର ଚେତନାପ୍ରସୂତ ଶିକ୍ଷାନୀତି ଭବିଷ୍ୟତକୁ ଉଦ୍ଭାସିତ କରିପାରିବ କି ? ଅପୂର୍ଣ୍ଣ ଚେତନା ଓ ଅପୂର୍ଣ୍ଣ ଦୃଷ୍ଟିସମ୍ଭୂତ ଶିକ୍ଷା ସର୍ବଦା ଅପୂର୍ଣ୍ଣ ଓ ଖଣ୍ଡିତ ହୋଇ ରହିବ । ଏହା ଧୀରେ ଧୀରେ ଦୁର୍ବଳ ହୋଇ ପଡ଼ିବ, କାରଣ ଆତ୍ମା ଯାହାର ବଳ ସେହିଁ ବଳିଷ୍ଠ ହୋଇଥାଏ । ଶିକ୍ଷାର ଆତ୍ମା ହେଉଛି ଆଧ୍ୟାତ୍ମିକତା । ଏହି ଆଧ୍ୟାତ୍ମିକତା ଆମର ଜାତୀୟ ଶିକ୍ଷାକୁ ପ୍ରଦୀପ୍ତ କରିପାରିବ । ବସ୍ତୁବାଦ ଓ ବୁଦ୍ଧିବାଦର ବହୁ ପ୍ରସାରିତ ଅଙ୍ଗପ୍ରତ୍ୟଙ୍ଗକୁ ଆଧ୍ୟାତ୍ମିକତାହିଁ ସତ୍ୟ, ପ୍ରେମ, ଜ୍ଞାନ, ଐକ୍ୟ, ସଂହତି, ଶାନ୍ତି ଓ ଆନନ୍ଦର ମାଧୁର୍ଯ୍ୟମୟ ସୂତ୍ର ଦ୍ୱାରା ସମନ୍ୱିତ କରିପାରିବ ।

ପ୍ରତ୍ୟେକ ଶିଶୁହିଁ ଏକ ନୂତନ ସ୍ୱପ୍ନକୁ ବାସ୍ତବରୂପ ଦେବା ପାଇଁ ଏହି ପୃଥିବୀକୁ ଆସି ଥାଆନ୍ତି । ସେହି ସ୍ୱପ୍ନକୁ ଦେଖିବା, ବୁଝିବା ଏବଂ ତାକୁ ସାକାର କରିବାର କୌଶଳ ବା ଦକ୍ଷତା ଯଦି ଗୁରୁ ବା ଶିକ୍ଷକର ନଥିବ ତେବେ ସେ ନିଜକୁ ଶିକ୍ଷକ ବୋଲି ଛାତିରେ ହାତ ରଖି କହିପାରିବ କି ? ବିଧିରେ ବନ୍ଧା ମଣିଷ । ମଣିଷର ଅନ୍ତରାତ୍ମା ଯେତେବେଳେ ଏହି ବିଧି ବିରୋଧରେ ବିଦ୍ରୋହ କରିଛି ସେତେବେଳେ ବିଜ୍ଞାନର ସୃଷ୍ଟି ହୋଇଛି । ମଣିଷ କେବେହେଲେ ମାନିବାକୁ ଚାହେଁ ନାହିଁ; କିଛି ହେବାକୁ ଚାହେଁ । ସେ ସୃଷ୍ଟିରେ ସର୍ବଶ୍ରେଷ୍ଠ ପ୍ରାଣୀ, କାରଣ ସେ ସବୁଠାରୁ ବେଶୀ ଅସନ୍ତୁଷ୍ଟ ପ୍ରାଣୀ । କିଛି ହେବାକୁ ଚାହିଁବାର ବ୍ୟାକୁଳତାହିଁ ନୂତନକୁ ଜନ୍ମ ଦିଏ । ଶିକ୍ଷା ଯଦି ବିଧିସର୍ବସ୍ୱ ହୁଏ ତେବେ ବାଟ ବନ୍ଦ ହୋଇଯାଏ । ଉଦ୍‌ଘାଟନ, ଉନ୍ମୋଚନ, ଅନୁଭବ ଓ ଅଭିବୃଦ୍ଧି ଜାତୀୟ ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେବା ଆବଶ୍ୟକ । ପଛରେ ରହିବ ବିଧି, କିନ୍ତୁ ବିଜ୍ଞାନ ଆଗରେ ରହିବ । ଏକଥା ବାଧ ନୁହେଁ ଯେ ସଖ୍ୟ ଦେବାହିଁ ଆଗ ହୋଇ ରହିବ । ବିଜ୍ଞାନକୁ ଅବଲମ୍ବନ କରାଯାଉ, କିନ୍ତୁ ତାହାକୁ ଆଧ୍ୟାତ୍ମିକ ଆଲୋକରେ ଆଲୋକିତ କରାଯାଉ; ନଚେତ୍ ତାହା ବାଟବଣା ହୋଇ ଧ୍ୱଂସମୁଖୀ ହେବାର ସମ୍ଭାବନା ରହିଛି । ଶ୍ରଦ୍ଧା, ଆଗ୍ରହ, ଅଭୟ, ସ୍ୱାତନ୍ତ୍ର୍ୟ, ସ୍ୱାଚ୍ଛନ୍ଦ୍ୟ ଓ ଅନୁଭବକୁ ଭୂମି ରୂପେ ଯଦି ଗ୍ରହଣ କରାଯାଏ ତେବେ ଶିକ୍ଷାର ନୂତନ ଦିଗନ୍ତଗୁଡ଼ିକ ଖୋଲିଯିବ – ସମ୍ମୁଖକୁ ଓ ଗଭୀରକୁ, ସବୁଦିଗକୁ ମଧ୍ୟ ବାଟ ଖୋଲିଯିବ ।

ପ୍ରକୃତ କଥା ହେଲା କେଉଁ ଦୃଷ୍ଟି ନେଇ ଆମେ ଶିକ୍ଷା, ଜୀବନ, ଶିଶୁ ଓ ଜଗତକୁ ଦେଖୁଛନ୍ତି, ତାହା ଉପରେ ନିର୍ଭର କରେ ଶିକ୍ଷାର ଭବିଷ୍ୟତ୍ । ଆମର ଦୃଷ୍ଟିଭଙ୍ଗୀ ଯେତେ ଗଭୀର ହେବ ଆମେ ଶିଶୁର ଗଭୀରକୁ ମଧ୍ୟ ଦେଖି ପାରିବା । ଏକ ଜାତୀୟ ଶିକ୍ଷାନୀତି ଗଢ଼ିଦେଇ ବସିରହିଲେ ଶିକ୍ଷାର ରଥଟି ଆଗକୁ ଗଡ଼ିବ ନାହିଁ । ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରିବା ବର୍ତ୍ତମାନ ସମାଜ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିକ୍ଷାକୁ କେଉଁ ବାଟରେ ମୁହାଁଇବା । ଏହାର କୌଶଳ ବା ଉପାୟ ଏବଂ କାର୍ଯ୍ୟକାରିତାର ନୂତନତାହିଁ ଶିକ୍ଷା ଓ ସମାଜକୁ ନୂତନ ରୂପ ଦେଇ ପାରିବ ।

ଅନ୍ୟପକ୍ଷରେ ଆମର ଜୀବନ ହେଉଛି ଏକ ଗବେଷଣାଗାର । ଦିନରାତି ପ୍ରତିମୁହୂର୍ତ୍ତରେ ଶତ ଶତ ପରୀକ୍ଷା ଏଠାରେ ଚାଲିଛି । ପରୀକ୍ଷାରେ ସଫଳତା ଓ ବିଫଳତା ରହିଛି, ଖାଲ ଢିପ ମଧ୍ୟ ରହିଛି । ସବୁପ୍ରକାର ଅନୁଭୂତିକୁ ଏକ ସାମ୍ୟସ୍ଥିତିରେ ଦେଖି ଆଗକୁ ବଢ଼ିବାର କୌଶଳ ବା ଦକ୍ଷତା କେବଳ ଅନ୍ତରାତ୍ମା ପାଖରେ ଅଛି, କାରଣ ସେ ହିଁ ଜନ୍ମ ଜନ୍ମ ଧରି ଆମ ସହିତ ରହି ଆମର ଦୁର୍ବଳତା, ସବଳତାକୁ ଜାଣିଛନ୍ତି; ଆମର ସ୍ୱଭାବ ଓ ସ୍ୱଧର୍ମକୁ ଜାଣିଛନ୍ତି । ତେଣୁ ସେହି ଆତ୍ମା ଯଦି ଆମ ଯାତ୍ରାପଥର ନେତା ହୋଇ ଆମକୁ ବାଟ ଦେଖାଇ ଆଗେଇ ନିଅନ୍ତି ତେବେ ଶିକ୍ଷାର ସକଳ ସମସ୍ୟା ଦୂରୀଭୂତ ହୋଇ ପାରିବ । ସେଥିପାଇଁ ସକଳ ଶିକ୍ଷାର ମୂଳରେ ଆତ୍ମଶିକ୍ଷା ରହିଛି । ଏହି ଆତ୍ମଶିକ୍ଷା ବା ଆତ୍ମ ସଚେତନତାକୁ ଆଗୁସାର କରି ଜାତୀୟ ଶିକ୍ଷା, ଜାତିର ସ୍ୱଭାବ ଓ ସ୍ୱଧର୍ମକୁ ରକ୍ଷା କରି ଆଗକୁ ମାଡ଼ି ଯିବାରେ ଜାତିର ଭବିଷ୍ୟତ୍ ରହିଛି ।

ଆଜିର ଶିକ୍ଷାକୁ ବାହ୍ୟ ସଫଳତା, ଜୀବିକାର୍ଜନର ବୃତ୍ତି ଏବଂ ଅର୍ଥ ଉପାର୍ଜନ ଉପରେ ଅଧିକ ଗୁରୁତ୍ୱ ଦେବାର ମୋହ ଓ ଭ୍ରାନ୍ତି ଗ୍ରାସ କରିଛି । ଯେଉଁ ବୟସରେ ପିଲାମାନେ ସୌନ୍ଦର୍ଯ୍ୟର ସ୍ୱପ୍ନ ଦେଖୁ ଥାଆନ୍ତେ, ମହାନତା ଓ ପରିପୂର୍ଣ୍ଣତାର ସ୍ୱପ୍ନ ଦେଖୁଥାଆନ୍ତେ, ସେତେବେଳେ ସେମାନେ ଖାଲି ଟଙ୍କାର ସ୍ୱପ୍ନ ଦେଖୁଛନ୍ତି । କେଉଁ ପାଠ ପଢ଼ିଲେ ସେମାନେ ଅଧିକ ପଇସା କମାଇବାକୁ ସମର୍ଥ ହେବେ, କେବଳ ସେଇ କଥା ଚିନ୍ତା କରୁଛନ୍ତି । ତେଣୁ ପରୀକ୍ଷା ଦେଇ ସେଗୁଡ଼ିକରେ ପାସ

କରି ନିଜକୁ ଅଧିକରୁ ଅଧିକ ସମର୍ଥ କରି ରଖିବାହିଁ ସେମାନଙ୍କ ଲାଗି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥାରେ ପରିଣତ ହୋଇ ଯାଇଛି, କାରଣ ତଦ୍ଦ୍ୱାରା ନାନା ଡିପ୍ଲୋମା, ପ୍ରମାଣପତ୍ର ଓ ପଦବୀ ଲାଭ କରି ସେମାନେ ଭଲ ଭଲ ସ୍ଥାନ ଅଧିକାର କରି ରହି ପାରିବେ ଏବଂ ଗୁଡ଼ାଏ ପଇସା ଉପାର୍ଜନ କରି ପାରିବେ । ପ୍ରାଚୀନ ଗୁରୁକୁଳର ଗୁରୁମାନଙ୍କର କେଉଁ ସାର୍ଟିଫିକେଟ୍ ଥିଲା ଯେ ସେମାନେ ଶିକ୍ଷାର୍ଥୀକୁ ଯଥାର୍ଥ ଶିକ୍ଷା ପ୍ରଦାନ କରିବାରେ ଦକ୍ଷତା ଲାଭ କରିଥିଲେ । ଶିକ୍ଷା ଯଦି ସାର୍ଟିଫିକେଟ୍ ଓ ପରୀକ୍ଷାସର୍ବସ୍ୱ ହୋଇଯାଏ ତେବେ ଶିକ୍ଷାର ମାନ-ମହତ ଚାଲିଯାଏ । ସେପରି ଶିକ୍ଷା ବ୍ୟକ୍ତିକୁ ତା'ର ବାହ୍ୟ ଜୀବନ ପାଇଁ ଉପଯୋଗୀ କରିପାରେ; କିନ୍ତୁ ଆନ୍ତର ଜୀବନଟି ଘୁଣ ଖାଇଯାଏ । ବାହ୍ୟ ଓ ଆନ୍ତର ଚେତନା ସହିତ ସଂହତି ସ୍ଥାପନ କରି ନପାରିଲେ ଶିକ୍ଷାଟି ଏକଶିଙ୍ଗିଆ ହୋଇ ମାରି ଗୋଡ଼ାଏ । ସତ୍ୟ, ପ୍ରେମ, ଅହିଂସା, ନିଃସ୍ୱାର୍ଥପରତା, ଉଦାରତା, ସହିଷ୍ଣୁତା, ତ୍ୟାଗ, ଭକ୍ତି, ବିଶ୍ୱାସ ଆଦି ପାଠଗୁଡ଼ାକ କ'ଣ ବହିରୁ ଘୋଷି ପରୀକ୍ଷାରେ ବାନ୍ତି କରିଦେଲେ ଜଣେ ଜୀବନ-ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯିବ ? ପ୍ରକୃତରେ ସଫଳତା ନୁହେଁ, ପୂର୍ଣ୍ଣତା ହେଉଛି ଜୀବନର ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଜଣେ ପରିବାର, ଉତ୍ତମପଦବୀ, ଅର୍ଥ ଉପାର୍ଜନ କିଂବା ଡିଗ୍ରୀ ବା ଡିପ୍ଲୋମା ପାଇଁ ପାଠ ପଢ଼େ ନାହିଁ । ସେ ଶିଖିବା ଲାଗି, ଜାଣିବା ଲାଗି, ପୃଥିବୀକୁ ବୁଝିବା ଲାଗି ଓ ଅଧ୍ୟୟନ କରିବା ଦ୍ୱାରା ଯେଉଁ ଆନନ୍ଦ ଉପଲବ୍ଧ ହୁଏ ସେଇ ଆନନ୍ଦଟିକୁ ପାଇବା ପାଇଁ ପାଠ ପଢ଼ିଥାଏ । ଏହି ଉଦ୍ଦେଶ୍ୟରେ ଶ୍ରୀମା କହନ୍ତି –

"To learn for the sake of knowledge, to study in order to know the secrets of Nature and life, to educate oneself in order to grow in consciousness, to discipline oneself in order to become master of oneself, to overcome one's weaknesses, incapacities and ignorance, to prepare oneself to advance in life towards a goal that is nobler and vaster, more generous and more true..."

(MCW, Vol. 12, p. 351 - 352)

ଅର୍ଥାତ୍, ''ଜ୍ଞାନ ପାଇଁ ଜ୍ଞାନ ଅର୍ଜନ କରିବା, ପ୍ରକୃତି ତଥା ଜୀବନର ରହସ୍ୟଗୁଡ଼ିକ ସହିତ ପରିଚିତ ହେବା ପାଇଁ ଅଧ୍ୟୟନ କରିବା, ଚେତନାର କ୍ଷେତ୍ରରେ ଅଭିବୃଦ୍ଧି ସକାଶେ ନିଜକୁ ଶିକ୍ଷିତ କରିବା, ନିଜ ଉପରେ ପ୍ରଭୁତ୍ୱ ଅର୍ଜନ କରିବା ଲାଗି ନିଜର ଜୀବନକୁ ଶୃଙ୍ଖଳିତ କରିବା, ନିଜର ଦୁର୍ବଳତାଗୁଡ଼ିକୁ ଅତିକ୍ରମ କରିଯିବା, ଅସମର୍ଥତା ତଥା ଅଜ୍ଞାନକୁ ଅତିକ୍ରମ କରିଯିବା, କୌଣସି ଏକ ମହତ୍ତର ଏବଂ ବ୍ୟାପକତର, ଉଦାରତର ଏବଂ ଯଥାର୍ଥତର ଲକ୍ଷ୍ୟ ଦିଗରେ ଜୀବନର କ୍ଷେତ୍ରରେ ଅଗ୍ରସର ହୋଇ ପାରିବା ଲାଗି ନିଜକୁ ପ୍ରସ୍ତୁତ କରିବା ପାଇଁ ଆମେ ପାଠ ପଢ଼ିଥାଉ ।''

ଏହିପରି ଏକ ମହତ୍ ଉଦ୍ଦେଶ୍ୟ ନେଇ ପ୍ରତ୍ୟେକ ପିଲା ପାଠ ପଢ଼ିବା ଉଚିତ । ଆମ ଭିତରେ ଅସଲ ଜ୍ଞାନ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟକୁ ପ୍ରକାଶ କରିବାକୁ ହେଲେ ଆମ ଭିତରେ ଥିବା ଅସଲ ପାଠକୁ ହାସଲ କରିବାକୁ ହେବ ଯାହା ସବୁ ପାଠର ମୂଳ । ଆତ୍ମଜ୍ଞାନ ଦ୍ୱାରା ଜଣେ ଜୀବନ ବିଜ୍ଞାନ ଓ ଜୀବନର କଳା, ସୈଦ୍ଧାନ୍ତିକ (theoretical) ଓ ବ୍ୟାବହାରିକ (practical) ଜ୍ଞାନ ମଧ୍ୟରେ ସଂହତି ସ୍ଥାପନ କରିପାରେ । ଏହା ଦ୍ୱାରା ଜୀବନର ପରିପୂର୍ଣ୍ଣତା ଆସେ । ଜାତୀୟ ଶିକ୍ଷାନୀତିରେ ଏହି ଆତ୍ମଶିକ୍ଷା ବା 'ଆତ୍ମାନାମ୍ ବିଦ୍ଧି'ର ପ୍ରତିଫଳନ ନାହିଁ । ଶ୍ରୀମା'ଙ୍କ ଭାଷାରେ, "We do not want brilliant students; we want living souls."

(August 10, 1960) Mother's Agenda - I

ଅର୍ଥାତ୍, ''ଆମେ ମେଧାବୀ ଛାତ୍ର ଚାହୁଁନା, ଆମେ ଜୀବନ୍ତ ଆତ୍ମା ଚାହୁଁ ।''

ଜାତୀୟ ଶିକ୍ଷାନୀତି ମେଧାବୀ ଛାତ୍ର ସୃଷ୍ଟି କରିବାକୁ ଚାହୁଁଥିଲେ ତାହା ଯଥାର୍ଥ ଶିକ୍ଷାନୀତି ହୋଇ ନପାରେ । ମେଧାବୀ ଓ ଚରିତ୍ରବାନ୍ ହେବା କିଂବା ମଣିଷ ପରି ମଣିଷଟିଏ ହେବା ବହୁତ ଭଲ, କିନ୍ତୁ ଏକ ଜୀବନ୍ତ ଆତ୍ମା ନିରନ୍ତର ଅଗ୍ରଗତି କରିବା ଲାଗି ଏବଂ ଏକ ଉଚ୍ଚତର ଏବଂ ମହତ୍ତର ଜୀବନ ଲାଗି ଅଭୀପ୍ସା ରଖେ, ଜ୍ଞାନ ଓ ପରିପୂର୍ଣ୍ଣତା ଲାଗି ପିପାସା ରଖେ, ଅଧିକ ସମ୍ପୂର୍ଣ୍ଣ ଭାବରେ ସତ୍ୟ ଦ୍ୱାରା ଅନୁପ୍ରେରିତ ହୋଇ ଗୁପ୍ତ ସମ୍ଭାବନାଗୁଡ଼ିକୁ ପ୍ରକଟିତ କରିବା ସକାଶେ ତତ୍ପରତା ପ୍ରକାଶ କରେ ଏବଂ ଉଜ୍ଜ୍ୱଳ ଭବିଷ୍ୟତର ଅଂଶୀଦାର ହେବା ସକାଶେ ନିଜକୁ ପ୍ରସ୍ତୁତ କରୁଥାଏ । ଏହି ପ୍ରକାର ଚେତନା ଜାଗ୍ରତ କରିବା ଜାତୀୟ ଶିକ୍ଷାର ଆଭିମୁଖ୍ୟ ହେବା ଉଚିତ ।

(କ୍ରମଶଃ)

❑❑❑

# ଦଶକର୍ମଧାରା
## (୭)
## ପ୍ରସାଦ ତ୍ରିପାଠୀ

[**ପୂର୍ବାଭାଷ :** ଦଶକର୍ମଧାରା ସମ୍ପର୍କରେ ଏହି ନିବନ୍ଧଗୁଡ଼ିକ ଲେଖିବାର ଅନେକ ଆଗରୁ ଓଡ଼ିଶାରେ ଦଶକର୍ମଧାରା ପ୍ରବର୍ତ୍ତିତ ହୋଇ ସାରିଥିଲା । ହଠାତ୍ ଦିନେ ମାମୁଁ (ଶ୍ରୀ ଗଦାଧର ମିଶ୍ର) ଡାକି କରି କହିଲେ, ''ଆମେ ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର କମିଟି ତରଫରୁ **ଦଶକର୍ମଧାରା** ପ୍ରଚଳନ କରିବା । ଆମ ସମାଜରେ ବିଭିନ୍ନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସଙ୍ଗଠିତ କରି ବିଭିନ୍ନ କାର୍ଯ୍ୟଧାରା ମାଧ୍ୟମରେ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିବା । ସେଥିପାଇଁ ପାଠଚକ୍ର, ମହିଳା ପାଠଚକ୍ର, ଶିକ୍ଷାରେ ଗବେଷଣା, ଡାକ୍ତର, ଇଞ୍ଜିନିୟର, ସାହିତ୍ୟ, କଳା, ବ୍ୟବସାୟ, ଆଇନ, କୃଷି ଏବଂ ଆଲୋକସେନା – ଏହିପରି ଭାବରେ ଦଶଟି ବିଭାଗକୁ ନେଇ ସେମାନଙ୍କୁ ସଙ୍ଗଠିତ କରିବା । ମୁଁ ପଚାରିଲି ମାମୁଁ, ''ଏହି ଦଶଟିରୁ କ'ଣ ଆଉ ଅଧିକ ହୋଇ ପାରିବ ନାହିଁ ?'' ମାମୁଁ କହିଲେ, ''ଏବେ ଏତିକି କରିବା, ପରେ ପୁଣି ଦରକାର ପଡ଼ିଲେ ଅନ୍ୟ କର୍ମଧାରା ସବୁ ଆରମ୍ଭ କରିବା ।'' 'ତା'ପରେ ମୋତେ ୨୦୦୬ ମସିହାରେ କହିଲେ, ''ଏଇ ଦଶକର୍ମଧାରାଗୁଡ଼ିକ ସମ୍ପର୍କରେ ତୁ ଗୋଟିଏ ଗୋଟିଏ ନିବନ୍ଧ ଲେଖ ଏବଂ ସେଗୁଡ଼ିକ ସବୁ ମାତୃଭବନ ପତ୍ରରେ ନିୟମିତ ଭାବରେ ପ୍ରକାଶ ପାଇବ । ପ୍ରତ୍ୟେକ ମାସରେ ଗୋଟିଏ କର୍ମଧାରା ।'' ମୁଁ ୨୦୦୬ ଅଗଷ୍ଟ ମାସରୁ ଏହା ଲେଖିବାକୁ ଆରମ୍ଭ କଲି । ପ୍ରଥମ ଦୁଇଟି ନିବନ୍ଧ ଉପକ୍ରମ, ତା' ପରବର୍ତ୍ତୀ ପ୍ରତି ସଂଖ୍ୟାରେ ଗୋଟିଏ ଗୋଟିଏ କର୍ମଧାରା ସମ୍ପର୍କରେ ଆଲୋଚନା । ମାତ୍ର ଜାଣିବା କଥା ଯେ, ମୁଁ ଏସବୁ ଲେଖିଲା ବେଳେ ଯେଉଁଠାରେ ବି ମାମୁଁଙ୍କ ନାମ ଉଲ୍ଲେଖ କରିଥିଲି, ମାମୁଁ ସବୁ କାଟି ଦେଇଛନ୍ତି । ସବୁଗୁଡ଼ିକର ସୂତ୍ରଧର ସିଏ ଥିଲେ । ପରବର୍ତ୍ତୀ ସମୟରେ ସେ ଆମ ଭିତରୁ ଜଣକୁ କହିଲେ, ''ଦଶକର୍ମଧାରା ବିଷୟଟି ସିଧା ଉର୍ଦ୍ଧ୍ୱରୁ ଆସିଲା । ମୁଁ ଆଦୌ ଭାବି ନାହିଁ ।'' ବାସ୍ତବରେ ଏବେ ସବୁ ଅତି ପ୍ରାଞ୍ଜଳ ଭାବରେ ବୁଝି ହେଉଛି । ମାତ୍ର ସେତେବେଳେ ହୁଏତ ଏତେ ସହଜରେ ବୁଝି ହେଉ ନଥିଲା ।

ଏହି ନିବନ୍ଧଗୁଡ଼ିକ ୨୦୦୬ ମସିହାରେ ଲେଖା ହୋଇଛି । ଏହା ମଧ୍ୟରେ ପ୍ରତି କର୍ମଧାରାରେ କିଛି କିଛି ପୁରାତନ ଲେଖା ସହିତ କର୍ମଧାରାରେ କିଛି କିଛି ନୂତନ କାର୍ଯ୍ୟକ୍ରମ ମଧ୍ୟ ଆଗେଇ ଗଲାଣି । ପ୍ରତ୍ୟେକ ନିବନ୍ଧରେ ପୁରାତନ ଲେଖା ସହିତ ବର୍ତ୍ତମାନର ଅଗ୍ରଗତି ସମ୍ବନ୍ଧରେ କିଛି ସୂଚନା ଦେବା ପାଇଁ ଚେଷ୍ଟା କରିବି । – ଲେଖକ]

### ଶ୍ରୀଅରବିନ୍ଦ କଳା ପରିଷଦ

କଳାର ସ୍ଥାନ ଆଧ୍ୟାତ୍ମିକତାରେ ସାହିତ୍ୟ ଭଳି ଅତି ଉଚ୍ଚରେ । ଏହା ଭଗବାନଙ୍କର ଅତି ନିକଟତର । କଳା କହିଲେ ଅନେକ ପ୍ରକାରର କଳାକୁ ବୁଝାଏ । ଚିତ୍ରକଳା, ଚାରୁକଳା, ଭାସ୍କର୍ଯ୍ୟ, ହସ୍ତକର୍ମ, ସଙ୍ଗୀତ, ନୃତ୍ୟ, ବାଦ୍ୟ ପ୍ରଭୃତି ଅନେକ ବିଷୟର ଜ୍ଞାନକୁ କଳାର ପର୍ଯ୍ୟାୟଭୁକ୍ତ କରାଯାଇ ପାରିବ । ଏହାକୁ ମଧ୍ୟ ଆମେ ଶ୍ରୀଅରବିନ୍ଦ ପାଠଚକ୍ର କିଂବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାର କାର୍ଯ୍ୟକ୍ରମରେ ଏକ ମାଧ୍ୟମ ରୂପେ ବ୍ୟବହାର କରିପାରିବା । ସାଧାରଣତଃ ବିଶ୍ୱାସ କରାଯାଏ ଯେ କଳା ମନୁଷ୍ୟକୁ ସାଧାରଣ ଚେତନାର ସ୍ତରଠାରୁ ଉର୍ଦ୍ଧ୍ୱକୁ ନେଇଯାଏ । ସାଧାରଣତଃ କଳାରେ ମଜ୍ଜି ଯାଇଥିବା ବ୍ୟକ୍ତି, ସେଥିରେ ଏକାଗ୍ର ଥିବା ବ୍ୟକ୍ତି ନିଜକୁ, ସଂସାରକୁ ଏବଂ ସବୁକିଛିକୁ ଭୁଲିଯାଇ ଭିନ୍ନ ଏକ ଚେତନାରେ ଉପନୀତ ହୋଇ ଥାଆନ୍ତି । ଦେଖାଯାଏ, ସଙ୍ଗୀତରେ ସାଧାରଣତଃ ଶିଳ୍ପୀ ଗଭୀର ଭାବରେ ସଙ୍ଗୀତ ମଧ୍ୟରେ ବୁଡ଼ିଯାଏ । ଭାସ୍କର୍ଯ୍ୟରେ ବ୍ୟସ୍ତଥିବା କାରିଗରଟିଏ କେବେହେଲେ ନିଜର କାର୍ଯ୍ୟରେ ସନ୍ତୁଷ୍ଟ ନହୋଇ ଏହାକୁ ଆହୁରି ଅଧିକ ସୁନ୍ଦର କରିବାକୁ ଚେଷ୍ଟା କରିଥାଏ । ନିଜ ମଧ୍ୟରେ ଥିବା ଅନ୍ତର୍ନିହିତ ସତ୍ତାଙ୍କୁ ସେମାନେ ନିଜର କଳା ମାଧ୍ୟମରେ ପ୍ରକାଶିତ କରିବାକୁ ଉଦ୍ୟମ କରିଥା'ନ୍ତି । ଏଥିରେ ସାଧାରଣ ଜ୍ଞାନ ଅପେକ୍ଷା ଅନ୍ତର୍ନିହିତ ଜ୍ଞାନର ଅଧିକ ଆବଶ୍ୟକ ଥାଏ । କଳାରେ କିଛି ଜାଣିଥିବା ଅପେକ୍ଷା ନଜାଣିଥିବା ଜ୍ଞାନ ଅଧିକ ଥାଏ ।

କୌଣସି କିଛି ଆଗରୁ ପ୍ରସ୍ତୁତ ହୋଇ ରହି ନଥାଏ ଯାହାକୁକି କଳା ଆଉ ଥରେ ପ୍ରକାଶ କରେ । ପ୍ରତ୍ୟେକଟି କଳା ସ୍ୱତନ୍ତ୍ର ଏବଂ ନୂତନ । କଳାକାରର କଳ୍ପନା ଓ ଚିନ୍ତାର ସାମର୍ଥ୍ୟ ତାକୁ ପ୍ରତ୍ୟେକ ଥର ଏକ ନୂତନ ସୃଷ୍ଟିରେ ସହାୟତା କରେ । ଗୋଟିଏ ସଙ୍ଗୀତକୁ ଜଣେ ଶିଳ୍ପୀ ଦୁଇଥର ଗାଇଲେ କେବେହେଲେ ଦ୍ୱିତୀୟଥର ଏକଦମ ସମାନ ଭାବରେ ଗାଇ ପାରିବେ ନାହିଁ । ପ୍ରତ୍ୟେକ ଥର କିଛି ନା କିଛି ନୂତନ ହେବା ପାଇଁ ତାହା ବାଧ୍ୟ । କାରଣ ଏହାହିଁ ତା'ର ଅଗ୍ରଗତିର ସୂଚନା ।

ଆମେ 'ଶ୍ରୀଅରବିନ୍ଦ କଳା ପରିଷଦ'ରେ ଏ ସମ୍ପର୍କରେ କ'ଣ କରିପାରିବା । ଆମର ପ୍ରତ୍ୟେକ ଶିକ୍ଷାକେନ୍ଦ୍ରରେ ଚିତ୍ରକଳା ଏକ ନିୟମିତ ବିଷୟ, ମାତ୍ର ଅଧିକାଂଶ ସ୍ଥାନରେ ତାକୁ ଉଚିତ ମର୍ଯ୍ୟାଦା ଦିଆଯାଉ ନାହିଁ । ଯେଉଁମାନେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ଯାଉଥିବେ ସେମାନେ ନିଶ୍ଚୟ ଅନୁଭବ କରିଥିବେ ଯେ କଳାର ଗୁରୁତ୍ୱ ସେଠାରେ କେତେ ଅଧିକ । ସେଠାରେ ଚିତ୍ରକଳା ଏବଂ ଚାରୁକଳା ବ୍ୟତୀତ Embroidery, Marbling, Batik ପ୍ରଭୃତି ବିଭାଗଗୁଡ଼ିକରେ ମଧ୍ୟ ଅନେକ ଗୁରୁତ୍ୱ ଦେଇ କଳାକୃତି କରାଯାଏ । ଏହା ବ୍ୟତୀତ ପିଲାମାନଙ୍କୁ ସେମାନଙ୍କର ନିଜସ୍ୱ ରୁଚି ଅନୁସାରେ ଶାସ୍ତ୍ରୀୟ ହିନ୍ଦୁସ୍ଥାନୀ ସଙ୍ଗୀତ, ବିଭିନ୍ନ ପ୍ରକାରର ବାଦ୍ୟଯନ୍ତ୍ର, ବିଭିନ୍ନ ପ୍ରକାରର ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ପ୍ରଭୃତି ଶିକ୍ଷାପ୍ରଦାନ କରାଯାଏ । ଆମେ ଆମ ଶିକ୍ଷାନୁଷ୍ଠାନମାନଙ୍କରେ ଅନୁରୂପ ଭାବରେ ଏସବୁକୁ କରି ନପାରିଲେ ସୁଦ୍ଧା କିଛି ଉଦ୍ୟମ ନିଶ୍ଚୟ କରିପାରିବା । ଆଜିକାଲି ବେଶ୍ କେତେଗୁଡ଼ିଏ ଶିକ୍ଷାକେନ୍ଦ୍ରରେ ରବିବାର Art School ଖୋଲୁଛି । ଅର୍ଥାତ୍ ପୂର୍ଣ୍ଣାଙ୍ଗ ଶିକ୍ଷାର ନିର୍ଦ୍ଧାରିତ ପାଠ୍ୟକ୍ରମ (Curriculum) ମଧ୍ୟରେ ଯଦି ଏସବୁ ଶିକ୍ଷା ପାଇଁ ଯଥେଷ୍ଟ ସମୟ ନରହେ ତେବେ ସେଥିପ୍ରତି ଆଗ୍ରହ ଥିବା ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ବ୍ୟବସ୍ଥା କରିବା ଆବଶ୍ୟକ । ମାତ୍ର ତାହା ହେଲା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କର୍ତ୍ତୃପକ୍ଷଙ୍କ ଦାୟିତ୍ୱ । ''ଶ୍ରୀଅରବିନ୍ଦ କଳା ପରିଷଦ''ର ଦାୟିତ୍ୱ ହେଲା ଅନ୍ତତଃ ପ୍ରତ୍ୟେକ ଶିକ୍ଷାକେନ୍ଦ୍ରରେ ଏସବୁ ବିଷୟ ଅନୁଷ୍ଠିତ ହେଉଛି କି ନାହିଁ ଏବଂ ଯଦି ହେଉଥାଏ ତେବେ ଉଚିତ ମର୍ଯ୍ୟାଦା ସହକାରେ ହେଉଛି କି ନାହିଁ ସେ ବିଷୟରେ ଧ୍ୟାନ ଦେବା ।

ଏହା ବ୍ୟତୀତ ଅନ୍ୟ ଏକ ଆବଶ୍ୟକତା ହେଲା ମାସିକ ଏବଂ ବାର୍ଷିକ କଳା ପ୍ରଦର୍ଶନୀ । ପ୍ରତ୍ୟେକ ସ୍କୁଲରେ ଗୋଟିଏ ପତ୍ରିକା ତକ୍ତା (ମାଗାଜିନ୍ ବୋର୍ଡ଼) ଭଳି ଏକ କଳାକୃତିର କାଷ୍ଠଫଳକ (Art Board) ମଧ୍ୟ ରହିବା ଆବଶ୍ୟକ । 'ସାହିତ୍ୟ ପରିଷଦ' ଆଲୋଚନା କଲା ବେଳେ ଆମେ ଯେମିତି କହିଥିଲୁ ଯେ ପ୍ରାଚୀର ପତ୍ରିକା (Wall Magazine)ରେ ପ୍ରତ୍ୟେକ ମାସରେ ଲେଖା ପରିବର୍ତ୍ତନ କଲେ ଅନେକ ପିଲା ଲେଖାଲେଖି କରିବାକୁ ଆଗ୍ରହ ପ୍ରକାଶ କରିପାରିବେ, ସେମିତି ଆମେ ପ୍ରାଚୀର ଚିତ୍ରକଳା (Wall paintings) ନାମରେ ଏକ ବୋର୍ଡ଼ ରଖି ପ୍ରତ୍ୟେକ ମାସରେ ସେଥିରେ ପିଲାମାନେ ଆଙ୍କିଥିବା ଛବିଗୁଡ଼ିକୁ ପ୍ରଦର୍ଶିତ କରିପାରିବା । ପ୍ରତ୍ୟେକ ମାସରେ ଛବିଗୁଡ଼ିକୁ ବଦଳା ଯାଇ ପାରିଲେ ଅନେକ ପିଲାଙ୍କର ଛବିସବୁ ସ୍ଥାନ ପାଇପାରିବ ଏବଂ ସେମାନେ ନିଶ୍ଚୟ ଉତ୍ସାହିତ ହେବେ । ଏମିତି ନିଜ ନିଜ ସ୍କୁଲରେ ପ୍ରଦର୍ଶନୀ କରିବା ପରେ ନିଜ ଜିଲ୍ଲାରେ, ଜୋନ୍‌ରେ ଏବଂ ଶେଷରେ ଏକ ରାଜ୍ୟସ୍ତରୀୟ କଳା ପ୍ରଦର୍ଶନୀ ମଧ୍ୟ କରାଯାଇ ପାରିବ । ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ କଳାଗୁଡ଼ିକୁ ଆବଶ୍ୟକ ହେଲେ ଭିନ୍ନ ଭିନ୍ନ ସମୟରେ ପ୍ରକାଶ ପାଉଥିବା ସ୍ମରଣିକାମାନଙ୍କରେ ମଧ୍ୟ ସ୍ଥାନ ଦେଇ ହେବ । ଗୋଟିଏ 'ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ କଳା ପରିଷଦ' ବୈଠକ ଡକାଇ ଏ ସମ୍ପର୍କରେ ଆଲୋଚନା କରାଯାଇ ପାରିବ । ଅବଶ୍ୟ ଏହା ପୂର୍ବରୁ ପ୍ରତ୍ୟେକ ଜିଲ୍ଲାର 'ଶ୍ରୀଅରବିନ୍ଦ କଳା ପରିଷଦ'ର ଆବାହକମାନେ ନିଜ ନିଜ ଜିଲ୍ଲାରେ କ'ଣ କ'ଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି ସେସବୁ ସମୀକ୍ଷା କରିଥିବେ । ବର୍ଷରେ ଅନ୍ତତଃ ଥରେ ବା ଦୁଇଥର ଜିଲ୍ଲାସ୍ତରୀୟ, ଜୋନ୍‌ସ୍ତରୀୟ ଏବଂ ଅନ୍ତତଃ ଥରେ ରାଜ୍ୟସ୍ତରୀୟ କଳା ପରିଷଦ ବୈଠକ ତଥା କଳା ପ୍ରଦର୍ଶନୀ କରାଯିବା ନିହାତି ଆବଶ୍ୟକ ।

ଏହା ବ୍ୟତୀତ ଆମ ଶିକ୍ଷାକେନ୍ଦ୍ରମାନଙ୍କରେ ଯେଉଁ ସାଂସ୍କୃତିକ କାର୍ଯ୍ୟକ୍ରମସବୁ ଅନୁଷ୍ଠିତ କରାଯାଉଛି ସେସବୁକୁ ମଧ୍ୟ ଗୁରୁତ୍ୱର ସହିତ ଦୃଷ୍ଟି ଦେବାକୁ ହେବ । ବାସ୍ତବିକ ଏପରି କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ନହେଉ ଯେଉଁଥିରେ ଆମର ଶିକ୍ଷାଦର୍ଶ ସହିତ କୌଣସି ତାଳମେଳ ନଥିବ କିଂବା ଆମର ବିରୋଧ କରୁଥିବ । ଅନେକ ସମୟରେ ଦେଖା ଯାଉଛି ସାମାଜିକ ପରମ୍ପରା ଇତ୍ୟାଦିର ଦ୍ୱାହି ଦେଇ ଆମେ ସେଇ ପୁରାତନ ଦୁଃଖାନ୍ତ ନାଟକ, ସେଇ ଯୌତୁକ ନିର୍ଯାତନା ଯୋଗୁଁ ବଧୂର ମୃତ୍ୟୁ ଆଦିକୁ ଅତି ଗଭୀର ଭାବରେ ପରିବେଷଣ କରୁଛୁ । ମାତ୍ର ସେସବୁ ବାସ୍ତବରେ କେହି ଆମ ସମସ୍ୟାର ସମାଧାନ ଦିଅନ୍ତି ନାହିଁ । ଏପରି ସମସ୍ୟାସବୁ ଅଛି ବୋଲି

ଆଉ କହିବାର ଆବଶ୍ୟକତା ନାହିଁ । ଏବେ ଆମେ କିପରି ତା'ର ଊର୍ଦ୍ଧ୍ୱକୁ ଉଠିବା ଯେପରିକି ଏସବୁ ସମସ୍ୟା ଉପରେ ବିଜୟ ହାସଲ ହୋଇ ପାରିବ – ତା'ର ବର୍ଣ୍ଣନା ନାଟକ, ସଙ୍ଗୀତ ଇତ୍ୟାଦିରେ ପରିବେଷଣ କରି ଉପସ୍ଥାପନ କରିବାକୁ ହେବ । 'ଶ୍ରୀଅରବିନ୍ଦ କଳା ପରିଷଦ' ତା'ର ମୁଖ୍ୟ ଦାୟିତ୍ୱ ବହନ କରିବ ।

ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚିତ ନାଟକଗୁଡ଼ିକୁ ସରଳ ଭାବରେ ତଥା ପୂର୍ଣ୍ଣ ମର୍ଯ୍ୟାଦା ସହକାରେ ପରିବେଷଣ କରାଇବା ପାଇଁ ଉଦ୍ୟମ କରିବା । ବିଶେଷ କରି ଜିଲ୍ଲାସ୍ତରୀୟ, ଜୋନାଲ୍‌ସ୍ତରୀୟ ତଥା ରାଜ୍ୟସ୍ତରୀୟ ସମ୍ମିଳନୀଗୁଡ଼ିକରେ ଏସବୁ ପାଇଁ ଗୁରୁତ୍ୱର ସହିତ ଆଲୋଚନା କରିବା ଆବଶ୍ୟକ । ଆମ ଭିତରେ ଯେତେ ଅଧିକ ସଚେତନତା ସୃଷ୍ଟି ହେବ ସେତେ ଆମ କାର୍ଯ୍ୟରେ ତାହା ପ୍ରକାଶ ପାଇବ ।

ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ କରିବା ସମୟରେ କଳା ସମ୍ପର୍କରେ ଶ୍ରୀମାଶ୍ରୀଅରବିନ୍ଦ କହିଥିବା ବାଣୀକୁ ମଧ୍ୟ ଆଲୋଚନା କରାଯାଇପାରେ । 'ଶ୍ରୀଅରବିନ୍ଦ କଳା ପରିଷଦ' ଖୁବ୍ ବେଶୀ ସକ୍ରିୟ ହୋଇ ନାହିଁ । ତାକୁ ସବୁ ଦିଗରୁ ଉତ୍ସାହିତ କରି ସକ୍ରିୟ କରିବାକୁ ହେବ ।

ଉପରୋକ୍ତ ଆଲୋଚନାରେ 'ଶ୍ରୀଅରବିନ୍ଦ କଳା ପରିଷଦ'ରେ ହେଉଥିବା ଆମର କାର୍ଯ୍ୟକ୍ରମ ଓ ସେଥିପାଇଁ ରହିଥିବା ପରବର୍ତ୍ତୀ ଯୋଜନା ସମ୍ପର୍କରେ ବିଶଦ ଆଲୋଚନା କରାଗଲା ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଆମର କାର୍ଯ୍ୟକ୍ରମମାନଙ୍କରେ କଳାର ଭୂମିକା ତଥା ଏହାକୁ ଆଧାର କରି ଆମର ବିକାଶ ସମ୍ପର୍କରେ ଆଲୋଚନା କରିବା । ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା ପ୍ରତି ଅନୁରାଗୀ ଅନୁଷ୍ଠାନମାନଙ୍କରେ ବିଶେଷ କରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ କଳାକୁ ଅଧିକ ବ୍ୟାପକ କରିବାକୁ ପ୍ରୟାସ କରାଯାଉଅଛି ।

୧. ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଆଧାର କରି ସଂଖ୍ୟାଧିକ ଭକ୍ତି ସଙ୍ଗୀତ, ମିଳିତ କଣ୍ଠରେ ଗାନ କରୁଥିବା ସଙ୍ଗୀତ, କର୍ମ ସଙ୍ଗୀତ, ଭଜନ, ଜଣାଣ, ପ୍ରାର୍ଥନା ଇତ୍ୟାଦି ରଚନା କରାଯାଇ ସେସବୁକୁ ୟୁଟ୍ୟୁବ୍ ଚ୍ୟାନେଲ ମାଧ୍ୟମରେ ଆଗ୍ରହୀ ବ୍ୟକ୍ତିମାନଙ୍କ ପାଖରେ ପହଞ୍ଚାଇ ଦେବା ପାଇଁ ପ୍ରୟାସ କରାଯାଉଛି ।
୨. ଆଜିକାଲି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକରେ ଆଉ ହିନ୍ଦୀ ସିନେମା ଗୀତ କିଂବା ପୁରାତନ ଓଡ଼ିଆ ଭଜନସବୁକୁ ଶୁଣିବାକୁ ମିଳୁ ନାହିଁ । ସେସବୁ ସ୍ଥାନରେ ଏବେ ମାତୃବନ୍ଦନାସବୁର ପ୍ରାଧାନ୍ୟ ବଢ଼ି ଚାଲିଛି ।
୩. ଶ୍ରୀଅରବିନ୍ଦଙ୍କ ରଚିତ 'ସାବିତ୍ରୀ', ଶ୍ରୀମା'ଙ୍କ ରଚିତ 'ଧ୍ୟାନ ଓ ପ୍ରାର୍ଥନା' ପ୍ରଭୃତି ଗ୍ରନ୍ଥମାନଙ୍କରୁ କିଛି କିଛି ଅଂଶକୁ ନିର୍ବାଚନ କରି ତା' ସହିତ ଉପଯୋଗୀ ସଙ୍ଗୀତସବୁ ରଚନା କରି ଉଚ୍ଚକୋଟିର କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରାଯାଉଛି ।
୪. ଆଶ୍ରମର ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ପରିବେଶିତ ରଞ୍ଜିତ ଚିତ୍ର (painting) ଛାୟାରେ ଫୁଲଗୁଡ଼ିକର painting, ପୁରାତନ painting ପ୍ରଭୃତି ଧାରାରେ ଅନେକ ପ୍ରକାରର painting ଶିଖା ଯାଉଛି । କୌଣସି ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁ (Theme) ଉପରେ ଆଙ୍କିବାକୁ ମଧ୍ୟ ଉତ୍ସାହିତ କରାଯାଉଛି ।

ବିଶେଷ କରି ରବିବାସରୀୟ 'କଳା ପରିଷଦ'ମାନଙ୍କର କାର୍ଯ୍ୟକ୍ରମ ମାଧ୍ୟମରେ ଏହିସବୁ ସୃଜନାତ୍ମକ କାର୍ଯ୍ୟ କରାଯିବାର ପ୍ରୟାସ କରାଯାଉଛି ।

କିନ୍ତୁ ଏ ଯାବତ୍ ଏହି କଳାକୁ ନେଇ ରାଜ୍ୟସ୍ତରୀୟ କୌଣସି କାର୍ଯ୍ୟକ୍ରମ ସମ୍ଭବ ହୋଇପାରି ନାହିଁ । ତେବେ ନିକଟ ଭବିଷ୍ୟତରେ ଏହି କାର୍ଯ୍ୟକ୍ରମକୁ ସାକାର କରିବା ପାଇଁ ଉଦ୍ୟମ କରାଯାଉଅଛି ।

(କ୍ରମଶଃ) ❑

ଆଗାମୀ ଦିନର ପୂର୍ଣ୍ଣସିଦ୍ଧିରେ ପହଞ୍ଚିବା ପର୍ଯ୍ୟନ୍ତ ସୋପାନରୁ ସୋପାନକୁ, ସତ୍ୟରୁ ସତ୍ୟକୁ ଆମେ ବିରାମହୀନ ଭାବରେ ଆରୋହଣ କରିଚାଲିବୁ ।

– ଶ୍ରୀମା

କାହାଣୀ :

# ଭାଗ୍ୟ-ପ୍ରହେଳିକା

## ମନୋଜ ଦାସ

ଅରଣ୍ୟ ଏବଂ ଗ୍ରାମ ମଧ୍ୟବର୍ତ୍ତୀ ସରୁ ଉପତ୍ୟକାରେ ରହୁଥିଲେ ଜଣେ ସନ୍ଥ । ତାଙ୍କର ବିଶେଷତ୍ୱ ହେଲା, ସେ ଲୋକଙ୍କ ଭବିଷ୍ୟତ କହି ଦେଇ ପାରୁଥିଲେ । ସେ ଯେ ସେ କାମଟି କରି ତୃପ୍ତି ପାଉଥିଲେ ତାହା ନୁହେଁ, କିନ୍ତୁ କୌଣସିମତେ ତାଙ୍କର ସେ ଅଲୌକିକ ଶକ୍ତି ଅଛି ବୋଲି ଜଣା ପଡ଼ିଯିବା ପରେ ଲୋକେ ଆଉ ତାଙ୍କୁ ଶାନ୍ତିରେ ରହିବାକୁ ଦେଉ ନଥିଲେ ।

ଦିନେ ସେ କାହାକୁ କିଛି ନକହି ଉପତ୍ୟକା ତ୍ୟାଗ କଲେ । ଲୋକେ ତାଙ୍କୁ ଖୋଜାଖୋଜି କରି ନପାଇ ନିରସ୍ତ ହେଲେ । କ୍ରମେ ଜନମାନସରୁ ସେ ପାସୋର ହୋଇଗଲେ ।

ଥରେ ସେ ଗାଁର ଦୁଇ ଯୁବକ, ବିପୁଳ ଏବଂ ବିଜନ ସହର ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କଲେ । ଅରଣ୍ୟ ଭିତର ଦେଇ ଗଲେ ବାଟ ଅଧା ପଡ଼ିବ ବୋଲି ସେମାନେ ଜାଣିଥିଲେ । ଅତଏବ ଅରଣ୍ୟରେ ପଶିଲେ କିନ୍ତୁ ଅଚିରେ ବାଟବଣା ହୋଇ ଥରେ ଏ ଦିଗରେ ତ ଥରେ ସେ ଦିଗରେ କିଛି କିଛି ବାଟ ଯାଇ କ୍ଳାନ୍ତ ହୋଇ ପଡ଼ିଲେ ।

ତେଣେ ଅନ୍ଧକାର ଘୋଟି ଆସିବାକୁ ବିଳମ୍ବ ନଥାଏ । ବନ୍ୟଜନ୍ତୁ ତଥା ଦସ୍ୟୁଙ୍କ ଭୟ ସେମାନଙ୍କୁ ଆତଙ୍କିତ କଲା । ଯିବେ କୁଆଡ଼େ ?

ହଠାତ୍ ସେମାନେ ଦେଖିଲେ କେତେକ ବୃକ୍ଷଲତା ଉହାଡ଼ରୁ ଆଲୋକର ଆଭାସ ଆସୁଛି । ସନ୍ତର୍ପଣରେ ସେମାନେ ସେ ଦିଗରେ ଅଗ୍ରସର ହେଲେ । ଦେଖିବା ବେଳକୁ ଛୋଟ କୁଡ଼ିଆ ଭିତରେ ବସିଛନ୍ତି ଜଣେ ସନ୍ନ୍ୟାସୀ । ସେ ଦୁହେଁ ଯାଇ ତାଙ୍କୁ ପ୍ରଣାମ କଲେ ଓ ବାଟବଣା ହେବା କଥା ଜଣାଇଲେ ।

ସନ୍ନ୍ୟାସୀ ସଦୟ କଣ୍ଠରେ କହିଲେ, ''ଚିନ୍ତା ନାହିଁ । ଏଠାରେ ବିଶ୍ରାମ କର । ସକାଳେ ମୋର ଜଣେ, ଦୁଇଜଣ ଅନୁଗତ ଆସିବେ । ମୁଁ କାହାକୁ କହିବି, ସେମାନେ ସହରକୁ ବାଟ ବତାଇ ଦେବେ ।''

ସନ୍ନ୍ୟାସୀ ସେମାନଙ୍କୁ ଫଳମୂଳ ମଧ୍ୟ ଖାଇବାକୁ ଦେଲେ ।

ସକାଳ ହେଲା । ସେତେବେଳକୁ ଯୁବକ ଦୁଇଜଣ ସନ୍ନ୍ୟାସୀଙ୍କ ପରିଚୟ ଆଦାୟ କରି ନେଇଥା'ନ୍ତି । ଦୁହେଁ ତାଙ୍କୁ ପ୍ରଣାମ କରି କହିଲେ, ''ଆଜ୍ଞା, ଆପଣ ଆମ ଗାଁ ଛାଡ଼ି ଚାଲି ଆସିବା ବେଳକୁ ଆମେ ଦୁହେଁ ବାଳକ ଥିଲୁଁ । କିନ୍ତୁ ଆପଣଙ୍କୁ ଚିହ୍ନିବାରେ ଏତେଦିନ ପରେ ମଧ୍ୟ ଆମର ବିଶେଷ ଅସୁବିଧା ହୋଇ ନାହିଁ । ଯେତେବେଳେ ଆପଣଙ୍କୁ ଭେଟିବାର ସୁଯୋଗ ମିଳିଛି, ସେତେବେଳେ ଆପଣଙ୍କଠାରୁ ଆମ ଭବିଷ୍ୟତ୍ ନଜାଣି ଚାଲିଯିବାଠୁଁ ବଳି ବୋକାମି ଆମେ ଆଉ କ'ଣ କରିପାରୁଁ ? ଦୟା କରନ୍ତୁ । ଆମକୁ ଆମ ଭବିଷ୍ୟତ୍ କହି ଦିଅନ୍ତୁ ।''

ସନ୍ଥ ବାରଂବାର ବୁଝାଇଲେ – ସେଥିରେ ସେମାନଙ୍କର ବାସ୍ତବରେ କୌଣସି ହିତ ହେବ ନାହିଁ । ତା'ଛଡ଼ା ଭବିଷ୍ୟତ ମଧ୍ୟ ଅପରିବର୍ତ୍ତନୀୟ ନୁହେଁ । ତୁଚ୍ଛା କୌତୂହଳ ମେଣ୍ଟାଇ କିଛି ଲାଭ ନାହିଁ ।

କିନ୍ତୁ ସେମାନେ ଶୁଣିଲେ ନାହିଁ । ନେହୁରା ହୋଇ ଲାଗିଲେ ।

ଅଗତ୍ୟା ସନ୍ଥ କିଛି ସମୟ ଧ୍ୟାନସ୍ଥ ରହି ସେମାନଙ୍କୁ ଜଣ ଜଣ କରି ନିରୀକ୍ଷଣ କରି ସାରି ବିପୁଳକୁ କହିଲେ, ''ବାପା ! ବର୍ଷକ ଭିତରେ ତୁ ରାଜା ହେବାର ଯୋଗ ଅଛି ।''

ବିଜନକୁ ଅନାଇ କିନ୍ତୁ ଉଦାସ କଣ୍ଠରେ କହିଲେ, ''ଯୁବକ ! ମୁଁ ଦୁଃଖିତ, କିନ୍ତୁ ବର୍ଷକ ଭିତରେ ତୁମର ଅଛି ମୃତ୍ୟୁ ଯୋଗ ।''

ଏହା ପରେ ସନ୍ଥ ତାଙ୍କର ଜଣେ ଅନୁଗତକୁ ସେମାନଙ୍କ ଦିଗ୍‌ଦର୍ଶକ ଭାବରେ ବଣ ବାହାରେ ନେଇ ଛାଡ଼ି ଦେବାକୁ କହିଲେ ।

ସହରକୁ ଯିବା ବେଳେ ଏବଂ ସହରରୁ ଗାଁକୁ ଫେରିବା ବେଳେ ବିପୁଳ ଚାଲୁ ନଥାଏ, ଡେଉଁଥାଏ । ବର୍ଷକ ଭିତରେ ରାଜା ହେବାର ସ୍ୱପ୍ନ ତାକୁ ପ୍ରାୟ ଉନ୍ମତ୍ତ କରିଥାଏ । ଗାଁରେ ପହଞ୍ଚିବା ମାତ୍ରେ ସିଏ ଲୋକଙ୍କୁ ନାନାପ୍ରକାର ହୁକୁମ ଦେବାକୁ ଲାଗିଲା । କେହି ତା'ର ଅବାଧ୍ୟ ହେଲେ ସେ କହେ, ''ରହ, ତୋ'ର ମୁଣ୍ଡକାଟ ନକରି ଛାଡ଼ିବି ନାହିଁ । ଥରେ ରାଜା ବନିଯାଏଁ ।''

ପ୍ରଥମେ ପ୍ରଥମେ ଲୋକେ ଭାବିଲେ ଟୋକାର ମୁଣ୍ଡ ବିଗିଡ଼ି ଯାଇଛି । କିନ୍ତୁ ଯେତେବେଳେ ବିଜନଠୁଁ ସେମାନେ ତା'ର

ଏ ଆଚରଣର ରହସ୍ୟ ଜାଣିଲେ, ସେତେବେଳେ ସେମାନେ ଚୁପ୍ ରହିଲେ । ବିଜନ କେବେ ବି ମିଛ କହେ ନାହିଁ ବୋଲି ସମସ୍ତେ ତାକୁ ବିଶ୍ୱାସ କରୁଥା'ନ୍ତି । ତେବେ ବିଜନ ଭାଗ୍ୟରେ କ'ଣ ଅଛି, ସେକଥା କେହି ଜାଣୁ ନଥା'ନ୍ତି ।

ବିଜନ ଗାଁ ଚାହାଳିରେ ଶିକ୍ଷକତା କରୁଥାଏ । ସେ ଯଥାବିଧି ମନ ଦେଇ ତା'ର କର୍ତ୍ତବ୍ୟ କରେ; ଅନ୍ୟ ସମୟରେ ଧ୍ୟାନ, ପ୍ରାର୍ଥନା କରେ; ଦରକାର ପଡ଼ିବା ମାତ୍ରେ ଗାଁ ଲୋକଙ୍କର ସେବା କରେ । ତା' ଆଚରଣରେ ଥାଏ ନମ୍ରତା ଓ ଆନ୍ତରିକତା । ସମସ୍ତେ ତାକୁ ଶ୍ରଦ୍ଧା କରନ୍ତି । ସମସ୍ତେ ମନେ ମନେ ତା'ର କଲ୍ୟାଣ କାମନା କରନ୍ତି । କ୍ରମେ ତା' ଭିତରୁ ମୃତ୍ୟୁଭୟ ଚାଲିଗଲା । ସେ ରହିଲା ପ୍ରଶାନ୍ତ ।

ଏଗାର ମାସ ବିତିଗଲା । ଦିନେ ବିପୁଳ ଆସି ବିଜନକୁ କହିଲା, ''ଭାଇ, ଆଉ ମାସକ ଭିତରେ ମୁଁ ରାଜା ହେବି । ତୁ ବଞ୍ଚି ରହିଥିଲେ ତୋତେ ମନ୍ତ୍ରୀ କରନ୍ତି । କିନ୍ତୁ ତାହା ତ ସମ୍ଭବ ହେବ ନାହିଁ । ଅନ୍ତତଃ ଯେତେ ଦିନ ଅଛୁ, ତୋ' ବିଜ୍ଞତା ଦ୍ୱାରା ମୋର ସହାୟତା କର । ଚାଲ ଉପତ୍ୟକା ଆଡ଼େ ବୁଲିଯିବା । କେଉଁ ସ୍ଥାନରେ ମୋ ନଅର ବନାଇଲେ ଠିକ୍ ହେବ, ତୁ ସେକଥାଟି ନିରୂପଣ କରିଦେ ।''

ବିଜନ ରାଜି ହେଲା । ଦୁହେଁ ଯାଇ ଗାଁ ଓ ବଣ ମଝିରେ ନିର୍ଜନ ଉପତ୍ୟକାରେ ବୁଲୁଛନ୍ତି, ହଠାତ୍ ବିପୁଳ କିଛି ଗୋଟାଏ ଝୁଣ୍ଟି ପଡ଼ିଲା । ଦେଖିବା ବେଳକୁ ଗୋଟାଏ ପୋତା ଗରା । ବର୍ଷା ପରେ ଉପରୁ ମାଟି ଧୋଇ ହୋଇ ଯାଇଥିବା ଯୋଗୁଁ ଫୁଟି ଦିଶୁଛି ।

ବିପୁଳ ଓଦା ମାଟି ଖୋଳି ଗରାଟିକୁ ବାହାର କରି ଦେଖିଲା ସେଥିରେ ସୁନାମୁଣ୍ଡା ଭର୍ତ୍ତି । ସେ ନାଚିଗଲା । ''ମୋ ରାଜଭାଗ୍ୟର ଏହା ଭୂମିକା !'' ସେ କହିଲା । ସେଥିରୁ କିଛି ସୁନା ସେ ବିଜନକୁ ଯାଚିଲା । କିନ୍ତୁ ବିଜନ ଗ୍ରହଣ କଲା ନାହିଁ । ''ମୋ ଦିନ ହାତ ଗଣତିରେ । ମୁଁ ନେଇ କରିବି କ'ଣ ? ବରଂ ତୋ'ର ସୁଯୋଗ ହେବ, ଲୋକଙ୍କ ହିତରେ ଖର୍ଚ୍ଚ କରି ପାରିବୁ ।'' ସେ କହିଲା । ବିପୁଳ ଆପତ୍ତି କଲା ନାହିଁ ।

କିନ୍ତୁ ଗୋଟାଏ ବୁଦା ଆଢୁଆଳରୁ ସେମାନଙ୍କୁ ଲକ୍ଷ୍ୟ କରୁଥିଲା ଗୋଟାଏ ଦସ୍ୟୁ । ସେ ଝାମ୍ପି ଆସି ବିପୁଳ ହାତରୁ ଗରାଟି ଛଡ଼ାଇ ନେବାକୁ ଚେଷ୍ଟା କଲା । କିନ୍ତୁ ବିଜନ ତାକୁ ବାଧା ଦେଲା । ଦସ୍ୟୁ ହାତରେ ଥିଲା ଛୁରୀ । ଧସ୍ତାଧସ୍ତି ଭିତରେ ସେ ଛୁରୀ ଯୋଗେ ଆଘାତ ପାଇଲା ବିଜନ । କିନ୍ତୁ ଅଦୂରରୁ କେଇଜଣ ପଥିକ ଆସୁଥିବାର ଦେଖି ସୁନାଭର୍ତ୍ତି ଗରାର ଲୋଭ ତ୍ୟାଗ କରି ଦସ୍ୟୁ ପଳାୟନ କଲା । ଦୁଇ ବନ୍ଧୁ ଗାଁକୁ ପ୍ରତ୍ୟାବର୍ତ୍ତନ କଲେ ।

ସେ ବିତ୍ତ ପାଇ ବିପୁଳ ତା'ର କେତେଜଣ ଖୋସାମତକାରୀଙ୍କ ଗହଣରେ ସହରକୁ ଗଲା ଓ ଆମୋଦ-ପ୍ରମୋଦ, ମଦ୍ୟପାନ ଇତ୍ୟାଦିରେ ଯଥେଚ୍ଛା ଖର୍ଚ୍ଚ କଲା । ସବୁ ଉଡ଼ିଯିବା ପରେ ବି ତା'ର କ୍ଷୋଭ ନାହିଁ । ସେତକ ତ ଆରମ୍ଭ ମାତ୍ର; ରାଜମୁକୁଟ ଆଗତପ୍ରାୟ ।

ପୂରା ବର୍ଷ ବିତିଗଲା; ବିତିଗଲା ଆହୁରି ମାସେ । ବିପୁଳକୁ ସିଂହାସନ ମିଳୁ ନାହିଁ କି ବିଜନ ପାଖକୁ ମୃତ୍ୟୁ ଆସୁ ନାହିଁ । ଗଲା ଆହୁରି ମାସେ । ଅଥୟ ହେଲା ବିପୁଳ । ଲୋକେ ବି ଏଣିକି ସନ୍ଦିଗ୍ଧ ଭାବରେ ତାକୁ ଅନାଇବାକୁ ଆରମ୍ଭ କଲେଣି । ସେ ବିଜନକୁ ରାଜି କରାଇଲା ତା' ସହ ସନ୍ଥଙ୍କ ସନ୍ଧାନରେ ଯିବା ପାଇଁ । ଦୁହେଁ ସାରାଦିନ ବାଟ ଚାଲି ସନ୍ଥଙ୍କ କୁଡ଼ିଆରେ ପହଞ୍ଚିଲେ ।

''ମହାତ୍ମା ! ଆପଣଙ୍କ ଭବିଷ୍ୟଦ୍‌ବାଣୀ ତ ଅସଫଳ ହେବା କଥା ନୁହେଁ ! ହେଲା କେମିତି ?'' ବିପୁଳ ପଚାରିଲା ।

ସନ୍ଥ ନିଜେ ବି ଆଶ୍ଚର୍ଯ୍ୟ ହେଲା ପରି ଲାଗିଲେ । ସେ ଧ୍ୟାନରେ ବସିଲେ । ତା'ପରେ ଗମ୍ଭୀର ଭାବରେ କହିଲେ, ''ମୋ ଭବିଷ୍ୟଦ୍‌ବାଣୀ ଅସଫଳ ହୋଇ ନାହିଁ, ସଂଶୋଧିତ ହୋଇ ଯାଇଛି । ତୁମ ଦୁହିଁଙ୍କ କର୍ମହିଁ ତାହା କରିଛି ।''

ବିପୁଳକୁ ଅନାଇ ସେ କହିଲେ, ''ତୋ' ଔଦ୍ଧତ୍ୟ, ଅହମିକା ଏବଂ ନୃଶଂସଭାବ ତଥା ଦୁଷ୍କର୍ମମାନ ତୋ' ରାଜଭାଗ୍ୟକୁ ହ୍ରାସ କରି ସେ ଗରାଭର୍ତ୍ତି ସୁନାରେ ପରିଣତ କଲା !'' ବିଜନକୁ ସେ କହିଲେ, ''ତୋର ଶରଣାଗତି, ନିରନ୍ତର ପ୍ରାର୍ଥନା ଓ ପବିତ୍ର ଚେତନା ତୋ' ମୃତ୍ୟୁଯୋଗକୁ ହ୍ରାସ କରି ଛୁରୀଯୋଗେ ତୁ ପାଇଥିବା ସେ ଆଘାତରେ ପରିଣତ କଲା । ବାସ୍ ।''

ମୁଣ୍ଡ ଆଉଁଶି ଆଉଁଶି ବିପୁଳ ଗାଁକୁ ଫେରିଲା । ବିଜନ ନୀରବରେ କହୁଥାଏ, ''ଭଗବାନ୍, ତୁମ ଇଚ୍ଛାହିଁ ଫଳୁ ।''

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ. ୨୧୧ - ୨୧୪) ❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ଭାଗ୍ୟ ପ୍ରହେଳିକା'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''କର୍ମ ଏକ ଜଟିଳ ବିଷୟ । ଯଦି ଆଜି ଜଣକ ଜୀବନରେ ଅପ୍ରତ୍ୟାଶିତ କିଛି ଘଟିଲେ ତାହା ପୂର୍ବ କର୍ମର ଫଳ ହୋଇ ଥାଇପାରେ, ତେବେ ଭିନ୍ନ ଧରଣର ଚିନ୍ତା ଓ କର୍ମ ସେ ଫଳକୁ ବଦଳାଇ ଦେଇ ନପାରିବ କାହିଁକି ? କାହାଣୀଟି କର୍ମ ତତ୍ତ୍ୱର ଏହି ଦିଗ ଉପରେ ଆଲୋକପାତ କରିଛି । ସୁଖଦୁଃଖ ସାଧାରଣ ଅର୍ଥରେ ଭଲ ବା ମନ୍ଦ କର୍ମର ଫଳ ନୁହେଁ । ସେସବୁ ଜଣକର ଚେତନାର ବିକାଶ ନିମନ୍ତେ ଆବଶ୍ୟକୀୟ ଅଭିଜ୍ଞତା । ତେବେ ତାହା ଏକ ଭିନ୍ନ ବିଷୟ ।

(ତତ୍ରୈବ : ପୃଷ୍ଠା : ୩୩୬) ❑

# ଋଣାତ୍ମକ-ତଡ଼ିତ୍ ପରମାଣୁ

## ଶ୍ରୀଅରବିନ୍ଦ



ଇଲେକ୍‌ଟ୍ରନ୍ ନିର୍ମିତ ଏ ଧରା ଆଉ ରୂପ ଅକଳନ,
ଭାଗବତ କଣା ଏକ, ସତ୍ତା ରୂପେ ପରିଣତ ।
ଶାଶ୍ୱତୀ ଶକ୍ତିର ଏକ ଅଗ୍ନିକଣା ବିଚ୍ଛୁରିତ,
ଅସୀମର ଦୃଷ୍ଟିହୀନ କ୍ଷୁଦ୍ରତମ ନିକେତନ ।

ଆରୋହନ୍ତି ଶିବ ସେହି ସୀମାବଦ୍ଧ ଭାସ୍ୱର ରଥରେ ।
ସୁକୌଶଳେ ସେ ଏକକ ହୋଇ ଅଗଣିତ;
ସଂଗୋପନେ, ଅଦୃଶ୍ୟ ଆକାରେ ରଖି ସ୍ୱକୀୟ ଏକତ୍ୱ,
କାଳବକ୍ଷେ ଶାଶ୍ୱତଙ୍କ କ୍ଷୁଦ୍ର କ୍ଷୁଦ୍ର ଦେବାଳୟେ ।

ଅଣୁ ପରମାଣୁ ଯେତେ ନିଜ ନିଜ ବିଚିତ୍ର ବିଧାନେ
ସ୍ତମ୍ଭସମ ଧରିଛନ୍ତି ଏକତ୍ୱର ଆଶ୍ଚର୍ଯ୍ୟ ପ୍ରାସାଦ,
ସାଥେ ନେଇ ସ୍ଫଟିକ, ପାଦପ, ପଶୁ ପତଙ୍ଗମାନବ,–
ଯେ' ମାନବେ ବିଶ୍ୱ-ଐକ୍ୟ ହେବ ସମାଶ୍ରିତ,

ଆତ୍ମାର ସ୍ଫୁଲିଙ୍ଗ ତା'ର ପ୍ରସରିବ ପରମ ପ୍ରକାଶେ
ଆନନ୍ତ୍ୟର କାଳହୀନ ବିପୁଳ ବୈଭବେ ।

[ଶ୍ରୀଅରବିନ୍ଦଙ୍କ ରଚିତ **"Electron"**
କବିତାର ଭାଷାନ୍ତର]

ଅନୁବାଦ : ଜ୍ୟୋସ୍ନା ମହାନ୍ତି ❑

# ଉନ୍ମୀଳିତ କର ଚିତ୍ତ

## ସୁନାମଣି ରାଉତ

"Be simple, Be happy, Remain quiet, Do your work as well as you can, Keep yourself always open towards me – This is all that is asked from you."
(MCW, Vol. 13, p. 77) – The Mother

''ସରଳ ହୁଅ, ଖୁସୀ ରୁହ, ନୀରବ ହୋଇଯାଅ, ତୁମର କାର୍ଯ୍ୟଟିକୁ ଯଥାସାଧ୍ୟ ଭଲ ଭାବରେ କର, ନିଜକୁ ସର୍ବଦା ମୋ' ଆଡ଼କୁ ଉନ୍ମୀଳିତ କରି ରଖିଥାଅ – ତୁମକୁ କେବଳ ଏତିକି କରିବାକୁହିଁ କୁହାଯାଉଛି ।''

– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଉନ୍ମୀଳିତ କର ଚିତ୍ତ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଏଇ ସଂସାରରେ ରହିଛନ୍ତି କେତେ
ନିଷ୍ଠୁର, ନିର୍ମମ ବ୍ୟକ୍ତି,
ନିଜ କାର୍ଯ୍ୟ ପାଇଁ କରନ୍ତିନି ଶ୍ରମ
ପରକୁ ଦିଅନ୍ତି ଠକି ।।

ପଦ ପଦବୀର ମୋହରେ କେତେକ
ମାନନ୍ତିନି ଚନ୍ଦ୍ର ସୂର୍ଯ୍ୟ,
ଅର୍ଥ ବାହୁବଳେ କଳ କଉଶଳେ
ବଜାନ୍ତି ନିଜର ତୂର୍ଯ୍ୟ ।।

ଏମାନଙ୍କ ପାଇଁ ସମାଜରେ ବହେ
ଦୁଃଖ ଅଶାନ୍ତିର ଝଡ଼,
ସଇତାନୀ ଶକ୍ତି ଜାଗ୍ରତ୍ ହୋଇ
ଜୀବନକୁ କରେ ଜଡ଼ ।।

ଦିବ୍ୟ ଜନନୀ ଅଭୟ-ଦାୟିନୀ
ଅମୃତମୟୀ ମାଆ,
ସତ୍ ଚିତ୍ ଆଉ ଆନନ୍ଦ ପ୍ରକାଶେ
ଦେଖାଇ ଅଛନ୍ତି ରାହା ।।



ଜଟିଳତା ତେଜି 'ସରଳ ହୁଅରେ'
ହେ ମୋର ଅମୃତ ପୁତ୍ର,
ସରଳତା ସିନା ଜୀବନ ଯୁଦ୍ଧରେ
ଜିଣିବାର ମହାସୂତ୍ର ।।

ଅସୁଖୀ ନ ହୋଇ ସଦା ରୁହ ସୁଖୀ
ଆସୁ ଯେତେ ଝଡ଼ଝଞ୍ଜା,
ଦିନ ପରେ ରାତି ସୁଖ ପରେ ଦୁଃଖ
ଜୀବନେ ହୋଇଛି ଖଞ୍ଜା ।।

ପ୍ରଶାନ୍ତ ଚିତ୍ତେ ଦ୍ୱନ୍ଦ୍ୱ ବରଜି
'ନିରବତା' ନିଅ ବରି,
ଅଶାନ୍ତି ହଟିବ ଶାନ୍ତି ଚହଟିବ
ଆଶିଷ ପଡ଼ିବ ଝରି ।।

ନିଜର କର୍ତ୍ତବ୍ୟ ନିଷ୍ଠାରେ କରି
ଉନ୍ମୀଳିତ କର ଚିତ୍ତ,
ଦିବ୍ୟ ଜନନୀଙ୍କ କରୁଣା ତୁମର
ସାଥେ ଥିବ ଅବିରତ !! ❑

# ଜଣେ ମହାଦାନୀଙ୍କର ଆତ୍ମନିବେଦନ

## ବନମାଳୀ ଆଚାର୍ଯ୍ୟ

ଏହା ମହାରାଜ ବଳିଙ୍କର କଥା । ମହାତ୍ମା ବଳି ପୁରାଣ ବର୍ଣ୍ଣିତ ଜଣେ ଅସାଧାରଣ ବ୍ୟକ୍ତିତ୍ୱ । ଗୁରୁ, ବ୍ରାହ୍ମଣ ଓ ଭଗବାନଙ୍କ ପ୍ରତି ତାଙ୍କର ଆନ୍ତରିକ ଭକ୍ତି, ଆତ୍ମନିବେଦନ ଓ ସମର୍ପଣ ଭାବ ତାଙ୍କୁ ଯୁଗ ଯୁଗକୁ ଅମର କରିଛି । ଭଗବାନଙ୍କୁ ସଜ୍ଞାନରେ ଦାନ ଅର୍ପଣ କରି ସେ ନିଜ ଅହଂ ଭାବର ବିଲୋପ ଘଟାଇ ଥିଲେ ଏବଂ କେବଳ ପ୍ରଭୁକୃପାହିଁ ସବୁକିଛି ବୋଲି ମାନି ନେଇଥିଲେ । ଅମିତ ପରାକ୍ରମୀ, ତ୍ରିଭୁବନ ବିଜୟୀ ଦୈତ୍ୟରାଜ ବଳି ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟର ପ୍ରତ୍ୟାଖ୍ୟାନ କରି ଭଗବାନଙ୍କ ଇଚ୍ଛାକୁ ସ୍ୱୀକାର କରି ନେଇଥିଲେ । ଚିରନ୍ତନ ଭାରତୀୟ ସଂସ୍କୃତି ଏବଂ ଅମର ସେହି ମହାନ୍ ବ୍ୟକ୍ତିତ୍ୱ ଯାହାଙ୍କର ସ୍ମରଣରେ ବ୍ୟକ୍ତିର ଆନ୍ତର ଚେତନା ଜାଗ୍ରତ୍ ହୁଏ ଏବଂ ସେ ଭଗବତ୍ ଅଭିମୁଖୀ ହୁଏ ।

ମହାଦାନୀ ବଳି ଥିଲେ ଦୈତ୍ୟରାଜ ବିରୋଚନଙ୍କ ପୁତ୍ର ଏବଂ ଭକ୍ତଶ୍ରେଷ୍ଠ ପ୍ରହ୍ଲାଦଙ୍କ ପୌତ୍ର । ଭକ୍ତ ପ୍ରହ୍ଲାଦଙ୍କର ଭଗବାନ୍ ଶ୍ରୀବିଷ୍ଣୁଙ୍କ ପ୍ରତି ନିଷ୍କାମ ଭକ୍ତି ଥିଲା । ପିଲାଦିନରୁ ସେ ଭଗବାନଙ୍କ ନାମ ସ୍ମରଣ କରୁଥିଲେ ଏବଂ ତାଙ୍କ ଭିତରେ ଭାଗବତ ସାଧନା ଚାଲିଥିଲା । ମାତ୍ର ତାଙ୍କର ପିତା ହିରଣ୍ୟକଶିପୁ ଶ୍ରୀବିଷ୍ଣୁଙ୍କୁ ପରମ ଶତ୍ରୁ ଭାବୁଥିଲେ । ତେଣୁ ସେ ପ୍ରହ୍ଲାଦଙ୍କୁ ବାରଂବାର ଦଣ୍ଡିତ କଲେ । ମାତ୍ର ମହାରାଜ ହିରଣ୍ୟକଶିପୁଙ୍କ ଭୟଙ୍କର ଦଣ୍ଡ ଭିତରେ ପ୍ରହ୍ଲାଦ ଭଗବାନଙ୍କ ଅଭୟ ବାହୁଛାୟା ତଳେ ଆଶ୍ରିତ ରହି ତାଙ୍କର ପୁଲକଭରା ସ୍ପର୍ଶକୁ ଉପଲବ୍ଧି କରୁଥିଲେ । ନୃସିଂହ ଅବତାରରେ ଭଗବାନ୍ ତାଙ୍କର ପ୍ରିୟ ଭକ୍ତକୁ ନିଜ କୋଳରେ ବସାଇ ଥିଲେ । ତାଙ୍କ ଉପରେ ଆଶୀର୍ବାଦ ଓ ଭଲପାଇବା ଅଜାଡ଼ି ଦେଇଥିଲେ । ପ୍ରହ୍ଲାଦଙ୍କର ଏହି ନିର୍ମଳ ଭକ୍ତିର ଧାରା ପୌତ୍ର ବଳିଙ୍କ ବ୍ୟକ୍ତିତ୍ୱରେ ରହିଥିଲା । ବଳିଙ୍କର ପିତା ବିରୋଚନ ଦୈତ୍ୟକୁଳରେ ଜନ୍ମ ହୋଇଥିଲେ ବି ଦୁଇଟି ମହତ୍ କାର୍ଯ୍ୟ କରିବା ତାଙ୍କ ଜୀବନର ବ୍ରତ ଥିଲା । ପ୍ରଥମଟି ଥିଲା ପ୍ରଗାଢ଼ ଗୁରୁଭକ୍ତି ସହ ତପ ଆଚରଣ ଏବଂ ଅନ୍ୟଟି ଋଷି, ବ୍ରାହ୍ମଣ ଓ ଅନ୍ୟମାନଙ୍କୁ ଭକ୍ତି ଓ ଶ୍ରଦ୍ଧା ସହକାରେ ଦାନ ଅର୍ପଣ । ଜାଗତିକ ମଙ୍ଗଳ ସାଧନ ତାଙ୍କ ରାଜପଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିରେ ବିଚଳିତ ହୋଇ ଇନ୍ଦ୍ରଦେବ ନିଜ ଆସନର ସୁରକ୍ଷା ସକାଶେ ବିପ୍ର ରୂପ ଧାରଣ କରି ବିରୋଚନଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ଏବଂ ତାଙ୍କର ପରମାୟୁ ଭିକ୍ଷା କଲେ । ସତ୍ୟବଦ୍ଧ ବିରୋଚନ ସ୍ୱହସ୍ତରେ ନିଜର ଶିର କାଟି ବିପ୍ରରୂପୀ ଇନ୍ଦ୍ରଙ୍କୁ ଅର୍ପଣ କଲେ । ଇନ୍ଦ୍ର ଆଶ୍ୱସ୍ତ ହେଲେ, ମାତ୍ର ବିରୋଚନଙ୍କ ମହାନତା ଆଗରେ ନିଜକୁ ଲଜ୍ଜିତ ଅନୁଭବ କଲେ । ପିତୃଦେବଙ୍କର ଏହି ମହାନ୍ ଗୁଣ ଧରି ବଳି ଜନ୍ମ ହୋଇଥିଲେ । ସେ ଥିଲେ ତାଙ୍କର ଯୋଗ୍ୟତମ ବଂଶଧର, ତାଙ୍କର ଉତ୍ତରାଧିକାରୀ, ମହାଦାନୀ ବଳି ।

ବିରୋଚନଙ୍କ ପରେ ବଳି ହେଲେ ଦୈତ୍ୟମାନଙ୍କର ଅଧିପତି । ସେ ବଂଶର ଗରିମାକୁ ଆହୁରି ମହିମାନ୍ୱିତ କଲେ । ଭକ୍ତି, ସମର୍ପଣ ଓ ଆତ୍ମନିବେଦନର ଜଣେ ଆଚାର୍ଯ୍ୟ ବଳିଙ୍କ ଠାରୁ ଜଗତବାସୀ ଏସବୁର ମହତ୍ତ୍ୱ ବିଷୟରେ ଶିକ୍ଷା ଲାଭ କଲେ । ସମୟକ୍ରମେ ସେ ସ୍ୱର୍ଗ ଆକ୍ରମଣ କଲେ । ଇନ୍ଦ୍ରଦେବଙ୍କୁ ପରାସ୍ତ କରି ଇନ୍ଦ୍ରପୁରୀ ଅଧିକାର କଲେ । ପରାଜିତ ଦେବଗଣ ସୁରକ୍ଷା ସକାଶେ ଶ୍ରୀବିଷ୍ଣୁଙ୍କର ଶରଣାପନ୍ନ ହେଲେ । ଭଗବାନ୍ ସେମାନଙ୍କୁ କ୍ଷୀରସିନ୍ଧୁ ମନ୍ଥନର ପରାମର୍ଶ ଦେଲେ । ତଦନୁସାରେ ଇନ୍ଦ୍ରଦେବ ବଳିଙ୍କ ସହ ସନ୍ଧି ସ୍ଥାପନ କଲେ । କ୍ଷୀରସାଗର ମନ୍ଥନରେ ଧନ୍ୱନ୍ତରୀ ଅମୃତ କଳସ ଧରି ପ୍ରକଟ ହେଲେ । ମାତ୍ର ଦୈତ୍ୟମାନେ ତାଙ୍କ ହସ୍ତରୁ ତାହା ଛଡ଼ାଇ ନେଲେ । ତଥାପି ଭଗବାନ୍ ମୋହିନୀ ରୂପ ଧାରଣ କରି କୌଶଳକ୍ରମେ ଦୈତ୍ୟଙ୍କ ଆଖି ଆଗରେ ଦେବଗଣଙ୍କୁ ଅମୃତ ପିଆଇ ଦେଲେ । ଏକଥା ଜଣା ପଡ଼ିବା ପରେ ଦେବ-ଦାନବ ଲଢ଼େଇ ଆରମ୍ଭ ହୋଇଗଲା । ଦେବଗଣଙ୍କ ଉପରେ ଭଗବାନଙ୍କର ବିଶେଷ କୃପା ଥିଲା । ସେମାନେ ଯୁଦ୍ଧରେ ବିଜୟୀ ହେଲେ । ମହାରାଜ ବଳି ଓ ବହୁ ଦୈତ୍ୟ ଯୁଦ୍ଧରେ ମୃତ୍ୟୁବରଣ କଲେ । ମାତ୍ର ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ସଞ୍ଜୀବନୀ ବିଦ୍ୟା ବଳରେ ସେମାନଙ୍କୁ ଜୀବନ ଦାନ ଦେଲେ ।

ଗୁରୁକୃପାରେ ଉଦ୍‌ଜୀବିତ ବଳିଙ୍କ ଅନ୍ତରରେ ଭକ୍ତି ଭାବ ବଢ଼ିଗଲା । ଶୁକ୍ରାଚାର୍ଯ୍ୟ ତାଙ୍କ ଗୁରୁଭକ୍ତିରେ ସନ୍ତୁଷ୍ଟ ହୋଇ ତାଙ୍କ ଦ୍ୱାରା ବିଶ୍ୱଜିତ୍ ମହାଯଜ୍ଞ କରାଇଲେ । ଅଗ୍ନିଦେବ ପ୍ରୀତ ହୋଇ ଯଜ୍ଞକର୍ତ୍ତା ବଳିଙ୍କୁ ଦିବ୍ୟ ଧନୁ, ଅକ୍ଷୟ ତୂଣୀର ଓ ଅଭେଦ୍ୟ

କବଚ ପ୍ରଦାନ କଲେ । ଏହା ଉପରାନ୍ତେ ମହାରାଜ ବଳି ପୁନର୍ବାର ଅମରାବତୀ ଆକ୍ରମଣ କରି ସେଠାରେ ବିଜୟ ଧ୍ୱଜା ଉଡ଼ାଇଲେ ଏବଂ ତିନିଲୋକର ଅଧିପତି ହେଲେ । ଦେବମାତା ଅଦିତି ପୁତ୍ରମାନଙ୍କର କଷ୍ଟ ସହ୍ୟ କରି ନପାରି ଶ୍ରୀବିଷ୍ଣୁଙ୍କର ଶରଣାଗତ ହେଲେ । ତାଙ୍କୁ ଦର୍ଶନ ଦେଇ ଭଗବାନ୍ କହିଲେ, ''ଦୈତ୍ୟରାଜ ବଳିଙ୍କ ଭକ୍ତିରେ ଦେବତା, ବ୍ରାହ୍ମଣ ଓ ଗୁରୁ ତାଙ୍କ ଉପରେ ପ୍ରସନ୍ନ ଅଛନ୍ତି । ସେ ନିଜ ଭିତରେ ଜଣେ ଧର୍ମାତ୍ମା ଓ ଭକ୍ତ । କୌଣସି ପ୍ରକାର ବଳ ତାଙ୍କ ଉପରେ ପ୍ରଭାବ ପକାଇ ପାରିବ ନାହିଁ । ତୁମେ ଓ ତୁମ ପତି କଶ୍ୟପ ମୋତେ ତୁମର ସନ୍ତାନ ଭାବେ ପ୍ରାପ୍ତ ହେବ । ମୁଁ ଦେବଗଣଙ୍କୁ ରକ୍ଷା କରିବି । ତୁମକୁ ଏକଥା ଗୁପ୍ତ ରଖିବାକୁ ହେବ ।''

ଏହା ପରେ ଭଗବାନ୍ ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ବଟୁବାମନ ରୂପରେ ଅଦିତିଙ୍କ କୋଳରେ ଜନ୍ମ ନେଲେ । ସେହି ତିଥିକୁ 'ବିଜୟା ଦ୍ୱାଦଶୀ' କୁହାଯାଏ । କଶ୍ୟପ ଓ ଅଦିତି ନବଜାତକର ସ୍ୱର୍ଣ୍ଣାଭ କାନ୍ତିଯୁକ୍ତ ଅଙ୍ଗଶୋଭା ଦେଖି ବିମୋହିତ ହୋଇ ଯାଉଥିଲେ । ଯେଉଁ ଦିନ ବଟୁବାମନଙ୍କର ବ୍ରତୋପନୟନ ସରିଲା, ସେ ଯଜ୍ଞୋପବୀତ ଧାରଣ କରି ବ୍ରହ୍ମଚାରୀ ବ୍ରତ ଗ୍ରହଣ କଲେ । କଟିବାସ, କୌପୁନି, ଛତ୍ର, କମଣ୍ଡଳୁ, ରୁଦ୍ରାକ୍ଷମାଳ, ଭିକ୍ଷାପାତ୍ର ଆଦିକୁ ଆପଣେଇ ନେଲେ । ଜଗତର ମଙ୍ଗଳ ସକାଶେ ଜଣେ ଭିକ୍ଷୁକ ବ୍ରହ୍ମଚାରୀ ବେଶରେ ଅବତୀର୍ଣ୍ଣ ହେଲେ । ଦିନେ ମହାଦାନୀ ବଳିଙ୍କ ଭଳି ଜଣେ ଶରଣାଗତ ଭକ୍ତକୁ ଦର୍ଶନ ଦେବା ସକାଶେ ସେ ବାହାରି ପଡ଼ିଲେ । ସେତେବେଳେ ଦୈତ୍ୟରାଜ ବଳି କୁଳଗୁରୁଙ୍କ ପରାମର୍ଶକ୍ରମେ ନର୍ମଦା ତଟବର୍ତ୍ତୀ 'ଭୃଗୁକଚ୍ଛ' ଠାରେ ଅଶ୍ୱମେଧ ଯଜ୍ଞର ଆରମ୍ଭ କରିଥିଲେ । ଭଗବାନ୍ ସକଳ ଯଜ୍ଞର ଭୋକ୍ତା । ବାମନରୂପୀ ଭଗବାନ୍ ନିଜର କୁନି କୁନି ନରମ ପାଦରେ ଚାଲି ଚାଲି ଗଲେ ଏବଂ ଯଜ୍ଞସ୍ଥଳରେ ଉପଗତ ହେଲେ । ଜଗତର ମଙ୍ଗଳ ବିଧାନ ସକାଶେ ତାଙ୍କୁ ଯଜ୍ଞକର୍ତ୍ତା ବଳିଙ୍କୁ ତିନିପାଦ ଭୂମି ଯାଚନା କରିବାକୁ ହେବ । କ୍ରମବର୍ଦ୍ଧିଷ୍ଣୁ ଏକ ଅହଂ ଉପରେ ରୋକ ଲଗାଇବାକୁ ହେବ । ଏଥିରେ ଶରଣାଗତ ଭକ୍ତ ବଳିଙ୍କର ଯଥାର୍ଥ ଆଧ୍ୟାତ୍ମିକ ଅଗ୍ରଗତି ହେବ । ଛତ୍ର, ଦଣ୍ଡ ଓ ଜଳପୂର୍ଣ୍ଣ କମଣ୍ଡଳୁ ଧରି ବଟୁବାମନ ଧୀରେ ଧୀରେ ଯଜ୍ଞମଣ୍ଡପକୁ ପ୍ରବେଶ କଲେ । ତାଙ୍କର ରୂପ, ତେଜ ଓ କାନ୍ତି ଦେଖି ବିସ୍ମିତ ଭୃଗୁବଂଶୀ ବ୍ରାହ୍ମଣମାନେ ତାଙ୍କୁ ସ୍ୱାଗତ କଲେ । ତାଙ୍କର ଦର୍ଶନ ଲାଭ କରି ମହାରାଜ ବଳି ଉଲ୍ଲସିତ ହେଲେ । ତାଙ୍କୁ ପାଛୋଟି ନେଇ ଉପଯୁକ୍ତ ଆସନରେ ବସାଇଲେ । ତାଙ୍କର କୁନି କୁନି ପାଦ ଦୁଇଟିକୁ ଭକ୍ତିର ସହ ଧୋଇ ଦେଲେ । ଭଗବାନଙ୍କ ସେବା କରିବା, ତାଙ୍କର ପଦଧୌତ କରିବା ସର୍ବୋତ୍ତମ ତପସ୍ୟାର ଫଳ ହୋଇଥାଏ — ଯାହା ଭଗବାନଙ୍କ ଇଚ୍ଛାରେ ବଳିଙ୍କୁ ପ୍ରାପ୍ତ ହୋଇଥିଲା । ବଳି ବିନମ୍ର ଭାବରେ କହିଲେ,''ହେ ବ୍ରାହ୍ମଣ କୁମାର ! ଆପଣ ବ୍ରହ୍ମଜ୍ଞାନର ଅଧିକାରୀ ହୋଇ ଏହି ଯଜ୍ଞ ସ୍ଥଳରେ ଉପସ୍ଥିତ ଅଛନ୍ତି । ମୁଁ ଆପଣଙ୍କ ନିକଟରେ କୃତଜ୍ଞ । ଆପଣଙ୍କ ପାଦ ଏ ମାଟିକୁ ପବିତ୍ର କରିଛି । ଏ ଯଜ୍ଞ କାର୍ଯ୍ୟ ସଫଳ ହୋଇଛି । ଆପଣ କୃପା କରି ଏ ସମୟରେ କିଛି ଯାଚନା କଲେ ମୁଁ କୃତାର୍ଥ ହେବି ।

ବଟୁବାମନ କହିଲେ, ''ହେ ରାଜନ୍, ତୁମେ ଭକ୍ତଶ୍ରେଷ୍ଠ ପ୍ରହ୍ଲାଦଙ୍କ ଦାୟାଦ । ଭୃଗୁପୁତ୍ର ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଶିଷ୍ୟ । ଜଣେ ଧର୍ମବନ୍ତ ରାଜା ଭାବରେ ସାରା ଜଗତରେ ବିଖ୍ୟାତ । ଜଣେ ମହାଦାନୀ ଭାବରେ ତୁମର ସୁନାମ ରହିଛି । ମୁଁ ତୁମକୁ ମୋ ପାଦରେ ତିନିପାଦ ଭୂମି ମାଗୁଛି । ତୁମକୁ ଏଥିସକାଶେ ସତ୍ୟ କରିବାକୁ ହେବ ।'' ଅବିଳମ୍ବେ ବଳି ସତ୍ୟ କରିବାକୁ ଜଳପାତ୍ର ଧରିଲେ । ଗୁରୁ ଶୁକ୍ରାଚାର୍ଯ୍ୟ ତାଙ୍କୁ ସେପରି ଭାବେ ସତ୍ୟବଦ୍ଧ ହେବାକୁ ବାରଣ କଲେ । ସେ କହିଲେ, ''ଭଗବାନ୍ ବିଷ୍ଣୁ କୌଶଳ କରି ତୁମଠାରୁ ସମସ୍ତ କିଛି ଛଡ଼ାଇ ନେବାକୁ ଛଳନା କରୁଛନ୍ତି । ସେ ଦୈତ୍ୟକୁଳର ପତନ ଚାହାଁନ୍ତି । ତୁମର ଚଞ୍ଚଳତା ତୁମକୁ ସର୍ବସ୍ୱାନ୍ତ କରିଦେବ । ତୁମେ ଜଳ-ଶପଥ ନିଅ ନାହିଁ ।'' ବଳି ହସି ହସି ଉତ୍ତର ଦେଲେ, ''ଯଦି ବଟୁକ ବ୍ରାହ୍ମଣ କୁମାର ଭଗବାନ୍ ଏବଂ ସେ ମୋ'ଠାରୁ ଦାନଗ୍ରହଣ କରନ୍ତି, ତା'ହେଲେ ମୁଁ ଜଗତର ସବୁଠାରୁ ବଡ଼ ଭାଗ୍ୟଶାଳୀ ବ୍ୟକ୍ତି ହେବି । ଏଭଳି ଯଜ୍ଞଫଳ ଦୁଷ୍ପ୍ରାପ୍ୟ । ସ୍ୱୟଂ ପରମବ୍ରହ୍ମ ସକଳ ଯଜ୍ଞର ଭୋକ୍ତା । ତାଙ୍କର ଇଚ୍ଛା ପୂରଣ କରିବା ଆମର କର୍ତ୍ତବ୍ୟ । ଏହାଛଡ଼ା ଭଗବାନ୍ ଏପରି କିଛି କରିବେ ନାହିଁ ଯାହା ତାଙ୍କର ଅପଯଶକୁ ଡାକି ଆଣିବ ।''

ବଳି ବଟୁକ ବାମନଙ୍କୁ ତ୍ରିପାଦ ଭୂମି ଦାନ କରିବା ପାଇଁ ଜଳ ଧରି ଶପଥ କଲେ । ଏହା ପରେ ବଟୁ ବାମନ ଧୀରେ ଧୀରେ କାୟା ବିସ୍ତାର କରି ବିରାଟ ରୂପ ଧାରଣ କଲେ । ବିରାଟ ଦେହୀ ଭଗବାନଙ୍କ ଶୋଭା ଅବର୍ଣ୍ଣନୀୟ ଥିଲା । ତାଙ୍କର ବିରାଟ ପାଦରେ ସେ ସମଗ୍ର ପୃଥିବୀ ଏବଂ ଅନ୍ୟଟିରେ ସମସ୍ତ ଊର୍ଦ୍ଧ୍ୱଲୋକକୁ ମାପି ନେଲେ । ଭଗବାନଙ୍କ ଦ୍ୱିତୀୟ ପଦପାତର ଚାପରେ ଊର୍ଦ୍ଧ୍ୱରୁ ଚିନ୍ମୟୀ ଜଳଧାରା ଝରି ଆସିଲା । ସେହି

ଜଳରେ ବ୍ରହ୍ମା ଓ ଦେବଗଣ ପ୍ରଭୁଙ୍କ ପାଦ ଧୋଇ ଦେଲେ । ତାହା ସ୍ୱର୍ଗରେ ମନ୍ଦାକିନୀ, ମର୍ତ୍ତ୍ୟରେ ଗଙ୍ଗା ଓ ପାତାଳରେ ଭୋଗବତୀ ନାମରେ ପ୍ରବାହିତ ହେଲା । ଏହି ପବିତ୍ର ଜଳ ଚେତନାର ଉତ୍କର୍ଷତା, ପରମ ଜ୍ଞାନର ପରିପ୍ରକାଶ ଓ ଜୀବନରେ ଆଧ୍ୟାତ୍ମିକ ଅଗ୍ରଗତିକୁ ସୂଚିତ କରେ । ବିରାଟ ପୁରୁଷ ପୁଣି ବଟୁବାମନ ରୂପ ଧାରଣ କଲେ । ଦୁଇ ପାଦରେ ଭଗବାନ୍ ବଳିଙ୍କର ସମସ୍ତ କିଛି ନେଇ ସାରିଥିଲେ । ତୃତୀୟ ଥର ସେ କେଉଁଠାରେ ପାଦ ରଖିବେ ଜାଣିବାକୁ ଚାହିଁଲେ । ଏଥର ସତ୍ୟବଦ୍ଧ ବଳି ନିଜର ମସ୍ତକ ଦେଖାଇଲେ । ଭଗବାନ୍ ତା' ଉପରେ ପାଦ ସ୍ଥାପନ କରନ୍ତୁ ବୋଲି ନିବେଦନ କଲେ । ଭଗବାନଙ୍କ ପାଦ ସ୍ପର୍ଶରେ ବଳିଙ୍କର ଅନ୍ତରାତ୍ମା ଜାଗ୍ରତ ହୋଇ ଉଠିଲା । ସେ ଭଗବାନଙ୍କର ଇଚ୍ଛା ନିକଟରେ ନିଜକୁ ସମର୍ପଣ କରିଦେଲେ । ଭଗବତ୍ କୃପା ତାଙ୍କୁ ଅହଂଶୂନ୍ୟ କରି ଦେଇଥିଲା । ସେ ପାତାଳଗାମୀ ହେଲେ । ଭଗବାନଙ୍କ ପାଦତଳେ ରହି ତ୍ରିଭୁବନ ତାଙ୍କ ପାଇଁ ଏକ ହୋଇ ଯାଇଥିବାର ସେ ଅନୁଭବ କଲେ । ଅପରିମେୟ ଆଧ୍ୟାତ୍ମିକ ଅନୁଭୂତିରେ ତାଙ୍କ ହୃଦୟ ପୂରି ଉଠୁଥିଲା ।

ଗୁରୁଦେବ ଶୁକ୍ରାଚାର୍ଯ୍ୟ ମହାରାଜ ବଳିଙ୍କ ଯଜ୍ଞ ଯଥାବିଧି ସମ୍ପୂର୍ଣ୍ଣ କଲେ । କାହାଣୀର ଚରିତ୍ର ଓ ଘଟଣାମାନ ପ୍ରତୀକାତ୍ମକ ସତ୍ୟକୁ ବହନ କରୁଛନ୍ତି । ଭଗବାନ୍ ଶ୍ରୀବିଷ୍ଣୁ ବଳିଙ୍କ ମସ୍ତକରେ ପାଦ ଥାପିଲେ ଏବଂ ତାଙ୍କୁ ପାତାଳଗାମୀ କରାଇଲେ । ଏହା ଦ୍ୱାରା ସୂଚିତ ହେଉଛି ଯେ ଭଗବାନଙ୍କ ସ୍ପର୍ଶ ଲାଭ କରି ବଳିଙ୍କ ମନରୁ ଇନ୍ଦ୍ରାସନ ପ୍ରାପ୍ତିର ମୋହ ବିଲୁପ୍ତ ହୋଇଗଲା । ସେ ଅହଂରୁ ମୁକ୍ତ ରହି ଭଗବାନଙ୍କ ଇଚ୍ଛାକୁ ଆଦରି ନେଲେ । ଏହା ତାଙ୍କର ଆତ୍ମିକ ଅଗ୍ରଗତିକୁ ସୁସ୍ପଷ୍ଟ କରେ । ଭଗବାନ୍ ବଟୁକ ବ୍ରହ୍ମଚାରୀ ବେଶରେ ବଳିଙ୍କୁ ତ୍ରିପାଦ ଭୂମି ଯାଚନା କରିଥିଲେ ଏବଂ ସେ ଜଳ ଶପଥ ନେବାକୁ କହିଥିଲେ । ଗୁରୁ ଶୁକ୍ରାଚାର୍ଯ୍ୟ ଏହାକୁ ବିରୋଧ କଲେ । ମାତ୍ର ବଳି ଗୁରୁଦେବଙ୍କ କଥାକୁ ଏଡ଼ାଇ ଗଲେ । ସେ ଜାଣିଥିଲେ ଭଗବାନ୍ ଯଜ୍ଞର ଭୋକ୍ତା । ତାଙ୍କ ପ୍ରତି ରାଜାଙ୍କର ହୃଦୟରେ ଆତ୍ମନିବେଦନ ଭାବ ରହିଥିଲା । ପ୍ରଭୁଙ୍କ କୃପା ତାଙ୍କ ପାଇଁ ସବୁକିଛି ଥିଲା । ଏହା ତାଙ୍କ ଆତ୍ମାର ସ୍ୱର ଥିଲା ଯାହା ସେ ଶୁଣି ପାରୁଥିଲେ । ସେ ଭଗବାନଙ୍କ ଇଚ୍ଛା ନିକଟରେ ନିଜକୁ ସମର୍ପଣ କରିଦେଲେ । ଆତ୍ମନିବେଦନ ଏକ ଧାରା ଯେଉଁଥିରେ ଜଣେ ଭଗବାନଙ୍କ ନିକଟରେ ନିଜକୁ ଦେଇଦେବା ସକାଶେ ଚେତନାକୁ ପ୍ରସ୍ତୁତ କରାଏ । ତାହାହିଁ ବଳିଙ୍କ ଭିତରେ ଘଟି ଚାଲିଥିଲା । ପରମପ୍ରଭୁ ଶ୍ରୀଅରବିନ୍ଦ 'ମା' ପୁସ୍ତକରେ ଉଲ୍ଲେଖ କରିଛନ୍ତି – ''ସମର୍ପଣ ଓ ଆତ୍ମନିବେଦନ ଯେଉଁ ଅନୁପାତରେ ବୃଦ୍ଧି ପାଏ, ସେହି ଅନୁପାତରେ ସାଧକ ସଜ୍ଞାନ ହୋଇଉଠେ ଏବଂ ଅନୁଭବ କରେ ଯେ ତା' ମଧ୍ୟରେ ଭାଗବତୀ ଶକ୍ତି ସାଧନା କରୁଛନ୍ତି, ତା' ମଧ୍ୟରେ କ୍ରମେ ସେ ନିଜକୁ ବେଶୀ କରି ଢାଳି ଦେଉଛନ୍ତି ଏବଂ ଦିବ୍ୟ ପ୍ରକୃତିର ସ୍ୱାଧୀନତା ଓ ପୂର୍ଣ୍ଣତାର ଭିତ୍ତିସ୍ଥାପନ କରୁଛନ୍ତି । ...''

❑❑❑

ଯେକୌଣସି କଥାରେ ତୁମେ ସନ୍ଦେହ ଆରୋପ କରିପାର କିନ୍ତୁ ଯିଏ କେବଳ ଭଗବାନଙ୍କୁ ଚାହେଁ ସେ ଭଗବାନଙ୍କ ନିକଟରେ ପହଞ୍ଚିବା ସୁନିଶ୍ଚିତ ଏବଂ ଦୁଇରେ ଦୁଇ ମିଶିଲେ ଚାରି ହେବା କଥାଠାରୁ ଆହୁରି ନିଶ୍ଚିତ । ଏଇ ବିଶ୍ୱାସକୁ ପ୍ରତ୍ୟେକ ସାଧକ ତା'ର ହୃଦୟର ଅଭ୍ୟନ୍ତରରେ ପୋଷଣ କରିବା ଉଚିତ ଯାହାକି ତାକୁ ପ୍ରତ୍ୟେକଟି ଝୁଣ୍ଟି ପଡ଼ିବା ତଥା ଆଘାତ ଓ ଅଗ୍ନି-ପରୀକ୍ଷା ମଧ୍ୟ ଦେଇ ସହାୟତାପୂର୍ବକ ନେଇ ଚାଲିବ ।

– ଶ୍ରୀଅରବିନ୍ଦ

# ଜୋନ୍ ଅଫ୍ ଆର୍କ

## (୧)

ସୂର୍ଯ୍ୟକାନ୍ତି ମହାନ୍ତି

ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରେ ଯେଉଁ ଅଜ୍ଞ, ନିରକ୍ଷର, ଗ୍ରାମ୍ୟ କିଶୋରୀ କନ୍ୟାଙ୍କ ଦୃଢ଼ ସାମରିକ ନେତୃତ୍ୱ ଓ ଅଦମ୍ୟ ସାହସିକତା ପାଇଁ ଫ୍ରାନ୍ସ ରାଜସିଂହାସନ, ବିଚକ୍ଷଣ ବ୍ରିଟିଶ ସେନାଠାରୁ ସୁରକ୍ଷିତ ହେବା ସଙ୍ଗେ ସଙ୍ଗେ 'ଶତାବ୍ଦୀ ଯୁଦ୍ଧ'ର ଅବସାନ ହୋଇ ପାରିଥିଲା, ସେହି ମହାନ୍, ରହସ୍ୟମୟ, ବିସ୍ମୟ ବ୍ୟକ୍ତିତ୍ୱ ହେଉଛନ୍ତି ଜୋନ୍ ଅଫ୍ ଆର୍କ ବା ଜାନ୍ ଦାର୍କ (Joan of Arc or Jeanne d'Arc)।

ଇତିହାସର ଅମର ପୃଷ୍ଠାରେ ତାଙ୍କ ନାମ ସ୍ଥାନିତ ହୋଇଛି 'ଫ୍ରାନ୍ସର ମୁକ୍ତିଦାତ୍ରୀ' (Deliverer of France) ଭାବରେ।

ତାଙ୍କର ଜନ୍ମ ହୋଇଥିଲା ୧୪୧୨ ମସିହାରେ ଉତ୍ତର-ପୂର୍ବ ଫ୍ରାନ୍ସର ଏକ ଛୋଟ ଗ୍ରାମ ଦମ୍‌ରେମି (Domremy)ର କୃଷକ ପରିବାରରେ। ତାଙ୍କ ପିତାଙ୍କ ନାମ ଜାକ୍ ଦାର୍କ (Jacques d'Arc) ଏବଂ ମାତା ଇଜାବେଲ୍ ରୋମେ (Isabelle Romeé)। ତାଙ୍କର ତିନି ଭାଇ ଓ ଜଣେ ଭଉଣୀ ଥିଲେ। ତାଙ୍କର ଜନ୍ମ ତାରିଖ ସମ୍ପୂର୍ଣ୍ଣ ଠିକ୍ ଭାବରେ ଉପଲବ୍ଧ ନାହିଁ। ସେ ନିରକ୍ଷର ଥିଲେ। ସମ୍ଭବତଃ ପରବର୍ତ୍ତୀ ସମୟରେ ସେ ତାଙ୍କ ନାମ ଦସ୍ତଖତ କରି ଶିଖିଥିଲେ। ସେ ନିଜର ପରିଚୟ ଦେଉଥିଲେ ଜୋନ୍ ଦି ମେଡ଼େନ୍ (Joan the Maiden) ଭାବରେ। ତେବେ ତାଙ୍କ ମୃତ୍ୟୁର ଚବିଶ ବର୍ଷ ପରେ ତାଙ୍କର ପ୍ରଥମ ଲିପିବଦ୍ଧ ନାମ ହୋଇଥିଲା Jeanne d'Arc ଭାବରେ। ଏପରି କି ଷୋଡ଼ଶ ଶତାବ୍ଦୀରେ ସେ ଇତିହାସ ପୃଷ୍ଠାରେ ପରିଚିତ ହୋଇଥିଲେ ମେଡ୍ ଅଫ୍ ଅର୍‌ଲେଅଁ ('Maid of Orleans') ଭାବରେ। ଶୈଶବରେ ଜୋନ୍ ଗୃହକାର୍ଯ୍ୟ ସହ ପୋଷାକ ସିଲାଇ କାର୍ଯ୍ୟ କରୁଥିଲେ, କ୍ଷେତରେ ପିତାଙ୍କୁ ସାହାଯ୍ୟ କରୁଥିଲେ ଏବଂ ପରିବାରର ପଶୁମାନଙ୍କର ପାଳନ ମଧ୍ୟ କରୁଥିଲେ। ତାଙ୍କର ମା ତାଙ୍କୁ ଧାର୍ମିକ ଶିକ୍ଷା ଦେଇଥିଲେ।

ଜୋନ୍‌ଙ୍କର ଜନ୍ମ ହୋଇଥିଲା ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା 'ଶହେ ବର୍ଷର ଯୁଦ୍ଧ' ସମୟ ମଧ୍ୟରେ। ଏହି ଯୁଦ୍ଧ ଆରମ୍ଭ ହୋଇଥିଲା ୧୩୩୭ ମସିହାରେ ଏବଂ ଏହାର କାରଣ ଥିଲା — ଇଂରେଜ ଦାବି କରୁଥିଲା ଫ୍ରାନ୍ସର କିଛି ବିସ୍ତୀର୍ଣ୍ଣ ଭୂଭାଗ ଏବଂ ତା' ସହିତ ଫ୍ରାନ୍ସର ରାଜସିଂହାସନ ମଧ୍ୟ। ବହୁ ବର୍ଷର ଯୁଦ୍ଧ ଚାଲିବା ମଧ୍ୟରେ ପ୍ରତ୍ୟେକ ଥରର ଯୁଦ୍ଧ ହୋଇଥିଲା ଫ୍ରାନ୍ସ ମାଟିରେ, ଯାହା ସେ ଦେଶର ଅର୍ଥନୀତିକୁ ବିଧ୍ୱସ୍ତ କରି ଦେଇଥିଲା।

ଜୋନ୍‌ଙ୍କର ଜନ୍ମ ସମୟରେ ଫ୍ରାନ୍ସ ଦେଶ ରାଜନୈତିକ ଦୃଷ୍ଟିକୋଣରୁ ଭାଗ ଭାଗ ହୋଇ ଯାଇଥିଲା। ଫ୍ରାନ୍ସର ସମ୍ରାଟ୍ ଷଷ୍ଠ ଚାର୍ଲସଙ୍କର ବାରଂବାର ମାନସିକ ଅସୁସ୍ଥତା ଦେଖା ଦେଉଥିଲା। ଫଳରେ ସେ ବହୁ ସମୟରେ ଶାସନ କରିବାକୁ ଅକ୍ଷମ ଥିଲେ। ଏଣୁ ତାଙ୍କ ଭାଇ ଲୁଇ, ଯିଏ ଅର୍‌ଲେଅଁ (Orleans)ର ଜମିଦାର ଥିଲେ ଏବଂ ତାଙ୍କ ସମ୍ପର୍କୀୟ ଜନ୍ ଦ ଫିଅରଲେସ୍, ଯିଏ ବରଗଣ୍ଡି (Burgundy)ର ଜମିଦାର ଥିଲେ — ଏହି ଦୁଇଜଣ ସିଂହାସନ ଅଧିକାର ପାଇଁ ପରସ୍ପର ମଧ୍ୟରେ ଝଗଡ଼ା କଲେ। ଫ୍ରାନ୍ସର ଏ ପ୍ରକାରର ଆଭ୍ୟନ୍ତରୀଣ ଗୋଳମାଳର ଫାଇଦା ଉଠାଇ ଇଂଲଣ୍ଡର ସମ୍ରାଟ୍ ପଞ୍ଚମ ହେନ୍‌ରୀ (Henry-V) ଫ୍ରାନ୍ସକୁ ଆକ୍ରମଣ କଲେ। ଏହାରି ମଧ୍ୟରେ ବରଗଣ୍ଡିର ଜମିଦାରଙ୍କୁ ହତ୍ୟା କରାଯିବାରୁ ନୂତନ ଭାବରେ ଜମିଦାର ହେଲେ ଫିଲିପ ଦି ଗୁଡ୍ (Phillip the Good), ଯିଏ ଇଂଲଣ୍ଡ ସହ ମିତ୍ରତା ସ୍ଥାପନ କଲେ। ବରଗଣ୍ଡି ଜମିଦାରଙ୍କ ହତ୍ୟା ପାଇଁ ସମ୍ରାଟ୍ ଷଷ୍ଠ ଚାର୍ଲସ୍ ତାଙ୍କ ଭାଇ ଲୁଇଙ୍କୁ ଦୋଷାରୋପ କଲେ ଏବଂ ପରବର୍ତ୍ତୀ ସମୟରେ ସେ ରାଜସିଂହାସନ ଲାଭ କରିପାରିବେ ନାହିଁ ବୋଲି ଘୋଷଣା କଲେ।

ଏହାରି ମଧ୍ୟରେ ସମ୍ରାଟ୍ ଷଷ୍ଠ ଚାର୍ଲସ୍‌ଙ୍କର ସ୍ତ୍ରୀ ଇଜାବୋ (Isabeau) ସେମାନଙ୍କର କନ୍ୟା କାଥେରିନ୍ (Catherine)ଙ୍କୁ

ବିବାହ ଦେଲେ ଇଂଲଣ୍ଡର ରାଜା ପଞ୍ଚମ ହେନ୍‌ରୀ (Henry-V)ଙ୍କୁ ଏବଂ ଇଜାବୋ ଆଇନତଃ ସନ୍ଧିପତ୍ରରେ ମଞ୍ଜୁର କରିଥିଲେ ଯେ ତାଙ୍କ କନ୍ୟାଙ୍କର ସନ୍ତାନହିଁ ଫ୍ରାନ୍ସର ଉତ୍ତରାଧିକାରୀ ହେବ । ଏହାକୁ କୁହାଗଲା Treaty of Troyes ।

୧୪୨୨ ମସିହାରେ ଇଂଲଣ୍ଡର ରାଜା ପଞ୍ଚମ ହେନ୍‌ରୀ ଏବଂ ଫ୍ରାନ୍ସର ରାଜା ଷଷ୍ଠ ଚାର୍ଲସ୍‌ଙ୍କର ଦୁଇ ମାସର ବ୍ୟବଧାନରେ ମୃତ୍ୟୁ ହେଲା । ସନ୍ଧିପତ୍ର ଅନୁଯାୟୀ ସେତେବେଳେ ନଅ ମାସର ହୋଇଥିବା ଷଷ୍ଠ ହେନ୍‌ରୀ ଇଂଲଣ୍ଡର ନାମମାତ୍ର ଉତ୍ତରାଧିକାରୀ ହେଲେ ଇଂଲିଶ୍-ଫ୍ରେଞ୍ଚ ଦ୍ୱୈତ ରାଜତନ୍ତ୍ରରେ । ଦୋଫାଁ (Dauphin – ଫ୍ରେଞ୍ଚ ଶାସକଙ୍କର ବଂଶାନୁକ୍ରମିକ ଉପାଧି), ଅର୍ଥାତ୍ ସପ୍ତମ ଚାର୍ଲସ୍ ମଧ୍ୟ ଫ୍ରାନ୍ସ ସିଂହାସନ ଦାବି କଲେ । ଏହିଭଳି ଭାବରେ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ଯୁଦ୍ଧ ଚାଲିଲା ଫ୍ରାନ୍ସ ରାଜସିଂହାସନ ପାଇଁ ।

୧୪୨୫ ମସିହାରେ ଜୋନ୍‌ଙ୍କର ଜନ୍ମସ୍ଥାନ ଦମ୍‌ରେମିର ଅଧିବାସୀମାନଙ୍କ ଉପରେ ଆକ୍ରମଣକାରୀମାନେ ଲୁଣ୍ଠନ କରି ସେମାନଙ୍କର ଗୃହପାଳିତ ପଶୁମାନଙ୍କୁ ଚୋରି କରି ନେଇଗଲେ । ଏଥିରେ ଗ୍ରାମବାସୀମାନେ ଉତ୍ତ୍ୟକ୍ତ ହୋଇଥିଲେ ଏବଂ ଶାନ୍ତିରେ ବଞ୍ଚିବାକୁ ହେଲେ ଇଂରେଜମାନଙ୍କୁ ଫ୍ରାନ୍ସରୁ ବହିଷ୍କାର କରିବା ନିହାତି ଆବଶ୍ୟକ ବୋଲି ଅନୁଭବ କଲେ ।

ଏହାରି ମଧ୍ୟରେ ଜୋନ୍‌ଙ୍କର ପ୍ରଥମ ଦିବ୍ୟଦୃଷ୍ଟି (First Vision) ହୋଇଥିଲା । ପରବର୍ତ୍ତୀ ସମୟରେ ତାଙ୍କର ବର୍ଣ୍ଣନାନୁଯାୟୀ ପ୍ରାୟ ୧୪୨୫ ମସିହାରେ ତାଙ୍କର ତେର ବର୍ଷ ବୟସରେ ସେ ଚିହ୍ନି ପାରୁଥିବା ସେଁ ମାଇକେଲ୍ (Saint Michael)ଙ୍କ ସହ ସେଁ ମାର୍ଗାରେଟ୍ ଏବଂ ସେଁ କାଥେରିନ୍ (Saint Margaret and Saint Catherine)ଙ୍କ ପ୍ରତିରୂପ ବା ଛବି ତାଙ୍କୁ ଦୃଶ୍ୟମାନ ହୋଇଥିଲା । ଏହିସବୁ ଦୃଶ୍ୟ ଚର୍ଚ୍ଚରେ ଘଣ୍ଟା ବାଜୁଥିବା ବେଳେ ସେ ବାରଂବାର ଦେଖୁଥିଲେ; ଏପରିକି ସେମାନଙ୍କର ସ୍ୱର୍ଗୀୟ ବାଣୀ ମଧ୍ୟ ଶୁଣିବାକୁ ଆରମ୍ଭ କଲେ । ପ୍ରାୟ ତିନିବର୍ଷ ଧରି ଏହି କଣ୍ଠସ୍ୱର ଜୋନ୍‌ଙ୍କୁ ନିର୍ଦ୍ଦେଶ ଦେଉଥିଲେ ଯେ ତାଙ୍କୁ ଦାୟିତ୍ୱ ଗ୍ରହଣ କରି ନିଶ୍ଚୟ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ । ସେହି ଲକ୍ଷ୍ୟ ହେଉଛି – ଇଂରେଜ ଆକ୍ରମଣକାରୀଙ୍କ ଠାରୁ ଫ୍ରାନ୍ସକୁ ମୁକ୍ତ କରିବା ଏବଂ ରେମ୍ (Rheims)ରେ ସମ୍ରାଟଙ୍କୁ ଅଭିଷିକ୍ତ କରିବା । ଏତେ ବିରାଟ କାର୍ଯ୍ୟ ପାଇଁ ପ୍ରାରମ୍ଭରେ ଜୋନ୍ ନିଜର ଅଜ୍ଞତା ଓ ଅକ୍ଷମତା ପ୍ରକାଶ କରିଥିଲେ ମଧ୍ୟ ଧୀରେ ଧୀରେ ଏହାକୁ ଭଗବାନଙ୍କ ଇଚ୍ଛା ବୋଲି ଭାବି ଗ୍ରହଣ କରିନେଲେ । ଏହି ପ୍ରକାର ଦିବ୍ୟ ଦୃଷ୍ଟି ମଧ୍ୟରେ ଜୋନ୍‌ଙ୍କୁ ଦେଖା ଦେଉଥିବା ସେଣ୍ଟ୍‌ମାନେ ତାଙ୍କୁ ସମ୍ବୋଧନ କରୁଥିଲେ – 'Joan the maiden' ଭାବରେ । ଅବଶ୍ୟ ଏହା ପରଠାରୁ ଜୋନ୍ ବି ନିଜକୁ ଏହି ନାମରେ ପରିଚୟ ଦେଉଥିଲେ ।

ଜୋନ୍‌ଙ୍କର କୈଶୋର ଅବସ୍ଥାରେ ଫ୍ରାନ୍ସର ଭବିଷ୍ୟତ୍ ବକ୍ତା ମାରି ରୋବିନୋ (Marie Robino) ଏବଂ ମେର୍‌ଲାଁ (Merlin) ଉଭୟ ପ୍ରଚାର କରିଥିଲେ ଯେ ଜଣେ ବିବାହିତା ମହିଳା ଦ୍ୱାରା ଫ୍ରାନ୍ସ ଧ୍ୱଂସ ହେବ, ମାତ୍ର ଜଣେ କୁମାରୀ ସନ୍ଥ ଦ୍ୱାରା ପୁନରୁଦ୍ଧାର ହେବ । ଅବଶ୍ୟ ଏ ଭବିଷ୍ୟତ୍ ବାଣୀ ପରବର୍ତ୍ତୀ ସମୟରେ ସତ୍ୟ ବୋଲି ପ୍ରମାଣିତ ହୋଇଥିଲା । ବାସ୍ତବରେ ଭବିଷ୍ୟତର ଏହି ଈପ୍ସିତ କୁମାରୀ ସନ୍ଥ ଥିଲେ ଜୋନ୍ ଅଫ୍ ଆର୍କ ।

୧୪୨୮ ମସିହା ମେ ମାସରେ ଜୋନ୍ ତାଙ୍କର ଜଣେ ପୁରୁଷ ସମ୍ପର୍କୀୟଙ୍କ ସହ ଯାଇ ନିକଟରେ ଥିବା ଭୋକୁଲର୍ (Voucouleurs) ସହରରେ ଅବସ୍ଥିତ ଦୁର୍ଗର ସେନାଧ୍ୟକ୍ଷ ରୋବାର୍ ଦ ବଡ୍ରିକୁର୍ (Robert de Baudricourt)ଙ୍କୁ ସାକ୍ଷାତ୍ କଲେ । ସେଠାରେ ସେ ନିଜର ଉଦ୍ଦେଶ୍ୟ ପ୍ରକାଶ କରି କହିଥିଲେ ଯେ ତାଙ୍କର ଲକ୍ଷ୍ୟ ହେଉଛି ଫ୍ରାନ୍ସକୁ ରକ୍ଷା କରିବା । ଏଣୁ ରାଜକୀୟ ସଭାରେ ଉପସ୍ଥିତ ରହିବା ସକାଶେ ତାଙ୍କୁ ଏକ ଅଶ୍ୱ, ଯୋଦ୍ଧାର ପୋଷାକ, ବର୍ମ ଏବଂ ଜଣେ ସାଥି ରକ୍ଷକ ଯୋଗାଇ ଦେବା ପାଇଁ ସେ ଅନୁରୋଧ କଲେ । ଏହା ଶୁଣି ବଡ୍ରିକୁର୍ ଅନୁଭବ କଲେ ଯେ ଜୋନ୍ ଜଣେ ପାଗଳ ଝିଅ । ଏଣୁ ସେ କଠୋର ଭାବେ ମନା କରିଦେଇ ଜୋନ୍‌ଙ୍କୁ ଘରକୁ ପଠାଇ ଦେଲେ ।

ପୁଣି ଥରେ ଜୋନ୍‌ଙ୍କ ଜନ୍ମସ୍ଥାନ ଦମ୍‌ରେମିକୁ ବର୍‌ଗଣ୍ଡିଆନ୍ ସୈନ୍ୟମାନେ ଆକ୍ରମଣ କରି ଗୃହଗୁଡ଼ିକରେ ଅଗ୍ନି ସଂଯୋଗ କଲେ, ଶସ୍ୟକ୍ଷେତ୍ର ଧ୍ୱସ୍ତ ବିଧ୍ୱସ୍ତ କରିଦେଲେ ଏବଂ ଜୋନ୍‌ଙ୍କ ପରିବାରକୁ ଜୋର୍ କରି ସେ ଅଞ୍ଚଳରୁ ବାହାର କରିଦେଲେ । ଏବେ ଜୋନ୍ ପୁଣି ଥରେ ସାମରିକ ସହଯୋଗ ପାଇଁ ଚେଷ୍ଟା କରି ଦୁଇଜଣ ବଡ୍ରିକୁର୍ ସୈନ୍ୟଙ୍କ ଠାରୁ ସାହାଯ୍ୟ ପାଇଲେ ।

ଏପରି ସମୟରେ ଇଂଲଣ୍ଡ ତରଫରୁ ଫ୍ରାନ୍ସର ବିଭିନ୍ନ ଅଞ୍ଚଳରେ ତୀବ୍ର ଆକ୍ରମଣ ଜାରି ରହିଲା । ସେତେବେଳେ

ଉତ୍ତର-ପୂର୍ବ ଫ୍ରାନ୍ସର କିଛି ଅଞ୍ଚଳ, ପ୍ୟାରିସ ଓ ରେମ୍ (Rheims) ସହର ବର୍ଗଣ୍ଡିଆନ୍ ସୈନ୍ୟ (ଯେଉଁମାନେ ଇଂରେଜମାନଙ୍କ ସହ ମିତ୍ରତା ସ୍ଥାପନ କରିଥିଲେ)ଙ୍କ ଅଧୀନରେ ଥିଲା । ଭବିଷ୍ୟତର ସମ୍ରାଟ୍ ସପ୍ତମ ଚାର୍ଲସ୍ ବି ଏପର୍ଯ୍ୟନ୍ତ ଅଭିଷିକ୍ତ ହୋଇ ନଥିଲେ । ଏହା କରିବାକୁ ହେଲେ ସିଂହାସନର ଆଇନ ଅନୁମୋଦିତ ଦାବିଦାର ହେବା ତାଙ୍କର ଆବଶ୍ୟକ ଥିଲା । ଏ ପରିସ୍ଥିତିରେ ସେ ସିଂହାସନ ଲାଭର ସମସ୍ତ ଆଶା ପରିତ୍ୟାଗ କରିଥିଲେ ।

୧୪୨୮ ମସିହା ଜୁଲାଇ ମାସରେ ଇଂରେଜ ସେନା ଚେଷ୍ଟା କଲା ଚାର୍ଲସ୍‌ଙ୍କର ନିଜ ସହର ଅର୍‌ଲେଅଁକୁ ଘେରାଉ କରିବାକୁ । ସେତେବେଳକୁ ଲୁଆର୍ ନଦୀର ଉପକୂଳରେ ଥିବା ଛୋଟ ଛୋଟ ସହରଗୁଡ଼ିକୁ ସେମାନେ ଅଧିକାର କରି ସାରିଥିଲେ । ଏହି ସମୟରେ ଜୋନ୍‌ଙ୍କୁ ଦିବ୍ୟବାଣୀ ନିର୍ଦ୍ଦେଶ ଦେଇଥିଲା ଯେ ତାଙ୍କୁ ଦମ୍‌ରେମି ପରିତ୍ୟାଗ କରି ଚାର୍ଲସ୍‌ଙ୍କୁ ସାହାଯ୍ୟ କରିବା ପାଇଁ ଯାତ୍ରାରମ୍ଭ କରିବାକୁ ହେବ । ତେବେ ଏଥର ଭୋକୁଲର୍ ଦୁର୍ଗର ସେନାଧକ୍ଷ ବଦ୍ରିକୁର୍ ଜୋନ୍‌ଙ୍କ ଅନୁରୋଧ ରକ୍ଷା କରି ତାଙ୍କୁ ଦେହରକ୍ଷୀଙ୍କ ସମେତ ଅଶ୍ୱ ବି ପ୍ରଦାନ କଲେ ଏବଂ ତାଙ୍କୁ ସିନଁ (Chinon) ଯାତ୍ରା କରିବାକୁ ଅନୁମତି ବି ଦେଲେ । ଜୋନ୍ ପରିଧାନ କଲେ ପୁରୁଷ ପୋଷାକ । ଏହାପର ଠାରୁ ତାଙ୍କ ଜୀବନର ଅବଶିଷ୍ଟ ସମୟ ସେ ଏହି ପୁରୁଷ ପୋଷାକରେହିଁ ଥିଲେ ।

୧୪୨୯ ମସିହା ମାର୍ଚ୍ଚ ମାସରେ ପ୍ରଥମ ଥର ପାଇଁ ସିନଁରେ ଛବିଶ ବର୍ଷୀୟ ସପ୍ତମ ଚାର୍ଲସ୍ ଜୋନ୍‌ଙ୍କୁ ସେ ଭେଟିଲେ । ଜୋନ୍ ଚାର୍ଲସ୍‌ଙ୍କୁ କହିଲେ ଯେ ସେ ଅର୍‌ଲେଅଁକୁ ମୁକ୍ତ କରି ତାଙ୍କର ଅଭିଷେକ ପାଇଁ ରେମ୍‌କୁ ଯୁଦ୍ଧ ଯାତ୍ରା କରିବେ । ଆଲୋଚନା ମାଧ୍ୟମରେ ଚାର୍ଲସ୍ ନିଜ ସମ୍ବନ୍ଧରେ ସୁନିଶ୍ଚିତ ହେଲେ ଯେ ସେ ଷଷ୍ଠ ଚାର୍ଲସ୍‌ଙ୍କର ପୁତ୍ର ଏବଂ ଭବିଷ୍ୟତର ଆଇନସଙ୍ଗତ ରାଜା । ତାଙ୍କର ଅନୁଗାମୀମାନେ ମଧ୍ୟ ଜୋନ୍‌ଙ୍କୁ ଜଣେ ରୋମାନ୍ କ୍ୟାଥଲିକ୍ ଭାବରେ ଗ୍ରହଣ କରି ତାଙ୍କୁ ଅର୍‌ଲେଅଁକୁ ପଠାଇବାକୁ ରାଜି ହେଲେ । ଏହା ସତ୍ତ୍ୱେ ଚାର୍ଲସ୍‌ଙ୍କ ଶାଶୂଙ୍କ ନିର୍ଦ୍ଦେଶରେ କିଛି ନାରୀମାନଙ୍କ ଦ୍ୱାରା ଜୋନ୍‌ଙ୍କର କୁମାରୀତ୍ୱ ପରୀକ୍ଷା କରିବାର ବନ୍ଦୋବସ୍ତ ହୋଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଯେ ଫ୍ରାନ୍ସର ରକ୍ଷାକର୍ତ୍ତ୍ରୀ କୌଣସି ସଇତାନ ବା ପିଶାଚ ଦ୍ୱାରା ଯେ ପରିଚାଳିତ ନୁହନ୍ତି – ଏହାର ସତ୍ୟତା ପରୀକ୍ଷା କରିବା । ଏହା ପରେ ଜୋନ୍‌ଙ୍କୁ ଆତ୍ମରକ୍ଷା ପାଇଁ ଧାତବ ବର୍ମ ବା କବଚ ପିନ୍ଧିବାକୁ ଦିଆଗଲା ଏବଂ ସେ ନିଜେ ନିଜର ଯୁଦ୍ଧ ପତାକା ମନୋନୟନ କରିଥିଲେ ।

ଏହି ସମୟରେ ଜୋନ୍‌ଙ୍କୁ ଦିବ୍ୟବାଣୀ କହିଲା ଯେ ଫିଏର୍‌ବୁଆ (Fierboi)ରେ ଥିବା ଚର୍ଚ୍ଚବେଦୀର ପଛ ପଟରେ ଅଛି ଏକ ଲୁକ୍କାୟିତ ପୁରାତନ ତରବାରି । ତାହାକୁ ଆଣି ସେ ବ୍ୟବହାର କରିବେ । ଏଣୁ ଦ ମେତ୍‌ଜ (De Metz)ଙ୍କୁ ତରବାରି ଆଣିବାକୁ ପଠାଗଲା । ବାସ୍ତବରେ ଧର୍ମଯାଜକମାନେ ଜାଣି ନଥିଲେ ଯେ ସେଠାରେ ଏକ ତରବାରି ଅଛି । ମାତ୍ର ଖୋଜାଖୋଜି ପରେ ମାଟିର ଟିକିଏ ତଳେ ପୋତା ହୋଇଥିବା ତରବାରି ମିଳିଲା । ଧରିବା ପାଇଁ ଏହାର ଖୋଳ ନଥିଲା ଏବଂ ଏଥିରେ କଳଙ୍କି ବି ଲାଗି ଯାଇଥିଲା । ଅବଶ୍ୟ ଏହାକୁ ସୁନ୍ଦର ଭାବରେ ମସୃଣ କରି ଧରିବା ପାଇଁ ଏକ ଖୋଳ ଲଗାଯାଇ ଜୋନ୍‌ଙ୍କୁ ଦିଆଗଲା । ଜୋନ୍ ଏହାକୁ ଧାରଣ କରି ନିଜକୁ ଘୋଷଣା କଲେ 'Joan the Maiden' ଭାବରେ । ଏହାପରେ ଆରମ୍ଭ ହେଲା ତାଙ୍କର ବିଜୟ ଯାତ୍ରା ।

ଜୋନ୍ ସିନଁ ପହଞ୍ଚିବା ପୂର୍ବରୁ ଫ୍ରାନ୍ସ ସପକ୍ଷରେ ଥିବା ଆର୍‌ମାଇଁୟାକ୍ (Armagnac) ସେନାର ଅବସ୍ଥା ଭଲ ନଥିଲା । ମାତ୍ର ଜୋନ୍‌ଙ୍କର ଉନ୍ନତ ବ୍ୟକ୍ତିତ୍ୱରେ ସୈନ୍ୟମାନେ ଅଭିଭୂତ ହେଲେ । ସେମାନଙ୍କର ସାହସ ବହୁ ଗୁଣିତ ହେଲା । ଜୋନ୍ ଏଠାରୁ ଅର୍‌ଲେଅଁକୁ ଯୁଦ୍ଧଯାତ୍ରା କରିବା ପୂର୍ବରୁ ଡ୍ୟୁକ୍ ଅଫ୍ ବେଡ୍‌ଫୋର୍ଡ (Duke of Bedford)ଙ୍କୁ ଏକ ଧମକ ପୂର୍ଣ୍ଣ ପତ୍ର ପ୍ରେରଣ କଲେ ଯେ ଫ୍ରାନ୍ସରୁ ଇଂରେଜଙ୍କୁ ବହିଷ୍କାର କରିବା ପାଇଁ ଭଗବାନ୍ ତାଙ୍କୁ ପ୍ରେରଣ କରିଛନ୍ତି ।

ତେବେ ଅର୍‌ଲେଅଁକୁ ଯିବା ରାସ୍ତାରେ ସେ ଦେଖିଲେ ଯେ ଜଣେ ସୈନ୍ୟଙ୍କୁ ଶିକୁଳିରେ ବନ୍ଧା ଯାଇଛି । ପଚାରି ବୁଝିଲେ ଯେ ସେ ଆର୍ମି ଛାଡ଼ି ଚାଲି ଯାଇଥିଲେ, ମାତ୍ର ପୁଣି ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କୁ ବନ୍ଦୀ କରାଯାଇ ମୃତ୍ୟୁ ଦଣ୍ଡାଦେଶ ହୋଇଛି । ଏହା ଜାଣି ଜୋନ୍ ତାଙ୍କୁ କ୍ଷମା କରି ମୁକ୍ତ କରିଦେଲେ । ସେହି ସୈନ୍ୟ ଜଣଙ୍କର ଉଚ୍ଚତା ଥିଲା ପ୍ରାୟ ସାତଫୁଟ । ସେ ସ୍ୱେଚ୍ଛାରେ ଜୋନ୍‌ଙ୍କ ପାର୍ଶ୍ୱରେ ସର୍ବଦା ଦେହରକ୍ଷୀ ଭାବରେ ଯୁଦ୍ଧ ସମୟରେ ରହିଲେ । ତାଙ୍କର ଉଭୟ ହସ୍ତରେ ରହୁଥିଲା ତରବାରି ଏବଂ କହୁଥିଲେ ଏହି ଅସ୍ତ୍ର ଅଛି ଫ୍ରାନ୍ସର ସୁରକ୍ଷା ପାଇଁ ।

ଏହାଥିଲା ତାଙ୍କର ପ୍ରଥମ ସାମରିକ ଅଭିଯାନ । ଅର୍‌ଲେଅଁରେ ତାଙ୍କୁ ଅତ୍ୟନ୍ତ ଉତ୍ସାହର ସହ ସ୍ୱାଗତ କରାଗଲା ।

ଆର୍‌ମାଇଁୟାକ୍ ସେନା ତରଫରୁ ସେ ପୂର୍ଣ୍ଣ ସହଯୋଗ ପାଇଲେ । ସୈନ୍ୟମାନେ ନୂତନ ଉତ୍ସାହର ସହ ଲଢ଼ିବାକୁ ଆରମ୍ଭ କଲେ । ଏଥିରେ ଜୋନ୍ ରହୁଥିଲେ ଯୁଦ୍ଧକ୍ଷେତ୍ରର ସମ୍ମୁଖ ଭାଗରେ । ତାଙ୍କ ପରାମର୍ଶ ବି କମାଣ୍ଡରମାନେ ଗ୍ରହଣ କରୁଥିଲେ । କେଉଁ ସ୍ଥାନରୁ, କେତେବେଳେ ଓ କିପରି ଆକ୍ରମଣ କରାଯିବ ତାହା ଜୋନ୍‌ହିଁ ନିର୍ଣ୍ଣୟ କରୁଥିଲେ । ବାସ୍ତବରେ ତାଙ୍କର ଥିଲା କ୍ଷିପ୍ର ମସ୍ତିଷ୍କ ଓ ସମର୍ଥ ଜିହ୍ୱା ।

ମେ ୪ ତାରିଖ ଦିନ ଆର୍‌ମାଇଁୟାକ୍ ସେନା ସେଣ୍ଟ୍ ଲୁପ୍ ଦୁର୍ଗକୁ ଆକ୍ରମଣ କଲେ ଏବଂ ଜୋନ୍ ନିଜ ପତାକା ସହ ଅଶ୍ୱାରୋହଣ କରି ସେଠାରେ ପହଞ୍ଚିଲେ । ତାଙ୍କର ଉପସ୍ଥିତିରେ ସେନାବାହିନୀ ଏହି ଦୁର୍ଗ ଅଧିକାର କଲେ । ଏହା ଥିଲା ତାଙ୍କର ପ୍ରଥମ ବିଜୟ । ଏହିପରି ଭାବରେ ଗୋଟିଏ ପରେ ଗୋଟିଏ ଦୁର୍ଗ ଓ ସ୍ଥାନକୁ ସେ ଅଧିକାର କରିବାକୁ ଲାଗିଲେ । ମେ ୮ ତାରିଖ ଦିନ ଇଂରେଜ ସେନା ଅର୍‌ଲେଅଁରୁ ପଛକୁ ହଟିଗଲେ ଏବଂ ଜୋନ୍ ଘୋଷିତ ହେଲେ ‘Maid of Orleans’ ଭାବରେ ।

ଏହି ଯୁଦ୍ଧରେ ବନ୍ଦୀମାନଙ୍କ ମଧରେ ଥିଲେ ଅନେକ ଧର୍ମଯାଜକ । ଜୋନ୍ ଏମାନଙ୍କୁ ମୁକ୍ତ କରି ଜୀବନର ସୁରକ୍ଷା ପ୍ରଦାନ କରିଥିଲେ । କାରଣ ଜୋନ୍ ଥିଲେ ଜଣେ ଅଳ୍ପ ବୟସ୍କ ତରୁଣୀ ଏବଂ ତାଙ୍କର ଥିଲା ଏକ ସହାନୁଭୂତିଶୀଳ ବୀରତ୍ୱଭରା ହୃଦୟ । ଫ୍ରାନ୍ସ ପାଇଁ ସେ ହୋଇଥିଲେ ଜଣେ ଦେବଦୂତ ।

ପକ୍ଷାନ୍ତରେ ଇଂରେଜ ଦେଖିଲେ ଯେ ଏହି ଗ୍ରାମ୍ୟ କିଶୋରୀର ଏପରି ଏକ ଶକ୍ତି ଅଛି ଯଦ୍ୱାରା ସେ ଦକ୍ଷ ଇଂରେଜ ସେନାଙ୍କୁ ପରାଜିତ କରିପାରୁଛି । ଏଣୁ ସେମାନେ କହୁଥିଲେ ଯେ ଜୋନ୍ ଏକ ସଇତାନ ଦ୍ୱାରା କବଳିତ ହୋଇଛି ।

ଅର୍‌ଲେଅଁ ସଫଳତା ପରେ ଜୋନ୍ ଏବଂ ସେନାବାହିନୀ ରେମ୍ (Rheims) ସହର ଆଡ଼କୁ ଆଗେଇ ଚାଲିଲେ । ଏହି ସହର ଥିଲା ଚାର୍ଲସ୍‌ଙ୍କର ରାଜ୍ୟାଭିଷେକ ସ୍ଥାନ । ରେମ୍ ଅଧିକାର କରିବା ପୂର୍ବରୁ ଲୁଆର୍‌କୁ ଅଧିକାର କରିବା ଆବଶ୍ୟକ ଥିଲା ଏବଂ ପରିଶେଷରେ ଜୋନ୍ ଇଂରେଜ ସେନାଙ୍କୁ ଆତ୍ମସମର୍ପଣ କରିବାକୁ ସମ୍ବାଦ ପ୍ରେରଣ କଲେ । ଜୁନ୍ ୧୧ ତାରିଖ ଦିନ ଆର୍‌ମାଇଁୟାକ୍ ସେନା କିଛି ଇଂରେଜ ସୈନ୍ୟଙ୍କୁ ବନ୍ଦୀ କଲେ ଏବଂ ଲୁଆର୍ ସହରକୁ ଅଧିକାର କଲେ । ଜୋନ୍‌ଙ୍କର ସେନାବାହିନୀ ଆଗେଇ ଚାଲିଲା ଏବଂ ଜୁନ୍ ୧୮ ତାରିଖ ଦିନ ଇଂରେଜ ଦଳ ଲୁଆର୍ ପରିତ୍ୟାଗ କଲେ । ଜୋନ୍‌ଙ୍କର ନିର୍ଣ୍ଣୟାତ୍ମକ ନିଷ୍ପତ୍ତି ଏବଂ ସମ୍ପୂର୍ଣ୍ଣଠିକ୍ ମାର୍ଗଦର୍ଶନ ପାଇଁ ଏ ବିଜୟ ସମ୍ଭବ ହୋଇ ପାରିଲା ।

ଏହାପରେ ରେମ୍‌ର ଫାଟକ ଖୋଲା ହେଲା । ୧୪୨୯ ମସିହା ଜୁଲାଇ ୧୬ ତାରିଖ ଦିନ ଚାର୍ଲସ, ଜୋନ୍ ଏବଂ ସେନା ଏହା ମଧକୁ ପ୍ରବେଶ କଲେ । ତା’ ପରଦିନ ସକାଳେ ଔପଚାରିକ ପବିତ୍ରୀକରଣ ଏବଂ ରାଜ୍ୟାଭିଷେକ ଉତ୍ସବ ପାଳନ କରାଗଲା । ଏଥିରେ ସମ୍ରାଟଙ୍କ ପାର୍ଶ୍ୱରେ ଜୋନ୍ ଦଣ୍ଡାୟମାନ ହୋଇ ଘୋଷଣା କଲେ ଯେ ଭଗବାନଙ୍କ ଇଚ୍ଛା ପୂର୍ଣ୍ଣ ହେଲା ।

(କ୍ରମଶଃ)

❑❑❑

ସେହି ଏକ ଦିବ୍ୟଶକ୍ତିହିଁ ବ୍ୟକ୍ତି ଓ ବିଶ୍ୱରେ ତଥା ବିଶ୍ୱାତୀତରେ କାର୍ଯ୍ୟ କରନ୍ତି — ମା ଏହି ସମସ୍ତର ପ୍ରତୀକ, କିନ୍ତୁ ସେ ଏହି ବିଶ୍ୱରେ ମୂର୍ତ୍ତ ହୋଇ କାର୍ଯ୍ୟ କରୁଛନ୍ତି, ଏପରି ଗୋଟିଏ ବସ୍ତୁକୁ ଆଣିବା ସକାଶେ ଯାହା ଆଜି ବି ଏହି ଜଡ଼ଜଗତରେ ପ୍ରକଟ ନୁହେଁ, ତାଙ୍କର ଉଦ୍ଦେଶ୍ୟ ହେଲା ପାର୍ଥିବ ଜୀବନର ରୂପାନ୍ତର । ତାଙ୍କୁ ତୁମେ ଦେଖିବ ଏହି ଭାବରେ, ଏହି ଉଦ୍ଦେଶ୍ୟ ନେଇ କ୍ରିୟମାଣା ଦିବ୍ୟଶକ୍ତି ବୋଲି । ଦେହଧାରୀ ଜନନୀଙ୍କର ଏହି ହେଲା ସ୍ୱରୂପ, କିନ୍ତୁ ତାଙ୍କର ସମଗ୍ର ଚେତନାରେ ସେ ଭଗବାନଙ୍କର ଅନ୍ୟ ସମସ୍ତ ବିଭାବ ସହିତ ଅଭିନ୍ନ ।

— ଶ୍ରୀଅରବିନ୍ଦ

# ବିଚିତ୍ରବର୍ଣ୍ଣା ୨୦୨୫ : ଯାଦୁର ଗନ୍ତାଘର

## ଧର୍ମକୁମାର ଶତପଥି

ମକର ସଂକ୍ରାନ୍ତିର ସକାଳ । ଛୁଟିଦିନ । ମୁଁ ଆମ ବସାଘର ଅଗଣାର ଶିପ ଗଛର ଅଧା ଖରା, ଅଧା ଛାଇରେ ବସିଛି । ଆଜି ଜାନୁଆରୀ ୧୪ ତାରିଖ । ଏଇ ୧୪ ତାରିଖହିଁ ମକର ସଂକ୍ରାନ୍ତି ପାଇଁ ଯେପରି ପ୍ରତିବର୍ଷ ନିର୍ଦ୍ଦିଷ୍ଟ ହୋଇଥାଏ । ହଁ, ଖାଲି ମକର ସଂକ୍ରାନ୍ତି ନୁହେଁ, ମହାବିଷୁବ ସଂକ୍ରାନ୍ତି ଯାହା ହିନ୍ଦୁ କ୍ୟାଲେଣ୍ଡରରେ ସର୍ବତ୍ର ପଣାସଂକ୍ରାନ୍ତି ରୂପରେ ମଧ ଜଣାଶୁଣା, ଯାହା ଏପ୍ରିଲ ମାସର ୧୪ ତାରିଖରେ ପଡ଼େ । ଏଇ ଦୁଇଟି ସଂକ୍ରାନ୍ତି କ୍ୟାଲେଣ୍ଡରରେ ଦୁଇଟି ସମାନ ତାରିଖ ନିର୍ଦ୍ଧାରିତ ହୋଇ ରହିଛି ।

କୁହାଯାଏ ମକର ସଂକ୍ରାନ୍ତି ସହିତ ସୂର୍ଯ୍ୟଙ୍କ ଗତି ଜଡ଼ିତ । ସୂର୍ଯ୍ୟଙ୍କ ଦକ୍ଷିଣାୟନ ଗତିରୁ ଉତ୍ତରାୟଣ ଗତି କରିବା ଆରମ୍ଭ ହୁଏ ମକର ସଂକ୍ରାନ୍ତି ଠାରୁ । ପୁଣି ପୃଥିବୀର ବିଷୁବ ବୃତ୍ତର ତଳକୁ ମକର କ୍ରାନ୍ତି ରହିଛି । ଏଇ ମକର ସଂକ୍ରାନ୍ତି ଦିନ ମକର କ୍ରାନ୍ତି ଉପରେ ସୂର୍ଯ୍ୟରଶ୍ମି ସିଧାସଳଖ ସମକୋଣରେ ପଡ଼େ । ସୂର୍ଯ୍ୟଙ୍କ ଗତି ଧୀରେ ଧୀରେ ଉତ୍ତର ଆଡ଼କୁ ହୁଏ, ଦିନ ବଡ଼ ହୋଇ ରାତି ସାନ ହୁଏ । ଏମିତି ଗତି କରି କରି ମାର୍ଚ୍ଚ ୨୩ ତାରିଖରେ ଦିନ ଓ ରାତି ସମାନ ହୁଏ । ସୌର ଜଗତର ଏଇ ମନୋମୁଗ୍ଧକର ଗତିର ଭୂଗୋଳ ପାଠ ମନରେ କେତେ ଆଗ୍ରହ ସୃଷ୍ଟି କରେ । ପିଲାଦିନର ପାଠର ଏକ କବିତା ପଙ୍କ୍ତି : ''ଅଦ୍ଭୁତ କେଡ଼େ ସତେ ପୃଥିବୀଟି ଆମରି, ଘୂରୁଛି ସେ କେଉଁ କାଳୁ, ଘୂରୁଥିବ ଆହୁରି ... ।'' ମନେ ପଡ଼ିଗଲା ସୂର୍ଯ୍ୟ, ସୌର ଜଗତର ଗ୍ରହ ନକ୍ଷତ୍ରଙ୍କ ଗତିବିଧି ଇତ୍ୟାଦିର କେତେ କଥା ଭାବି ହେଲି । ଭାବନା ରାଜ୍ୟରେ ଆସି ଉଭାହେଲେ ଆମକୁ ପଢ଼ାଉଥିବା ଭୂଗୋଳ ଶିକ୍ଷକ ଶଶଧର ସାର୍ । ଭୂଗୋଳ ପାଠ ପଢ଼ାଉଥିବା ବେଳେ ଆମେ ଛାତ୍ରମାନେ ଆଉ ଶ୍ରେଣୀ କୋଠରିରେ ଆବଦ୍ଧ ହୋଇ ନଥାଉ । କେଉଁ ଅଜଣା ରାଜ୍ୟର ଭାବ ଓ ଭାବନାରେ ବୁଡ଼ିଯାଇ ସେ ଅଞ୍ଚଳର ଅଧିବାସୀ, ଜୀବନଯାପନ, ଫ୍ରାନ୍ସ, ଆମେରିକା ବା ଇଜିପ୍ଟ ଦେଶର ପିରାମିଡ଼ମାନଙ୍କ ବିଷୟରେ କେତେ ମଜା ମଜା କଥା କହନ୍ତି । ସାରଙ୍କ କହିବା ଶୈଳୀ ଆମକୁ ପାଠ ତ ନୁହେଁ, ଗଳ୍ପ ଶୁଣିବା ଭଳି ଲାଗେ ଏବଂ ଆମକୁ କେଉଁ ଏକ ଅଜଣା ମୁଲକରେ ନେଇ ଥୋଇଦିଏ । ... ସେଇ ଶଶଧର ସାର ଆମର ଭୂଗୋଳ ଶିକ୍ଷକ ଥିଲେ । ଏଇ ଡିସେମ୍ବର ପ୍ରଥମ ସପ୍ତାହରେ ସେ ଇହଲୀଳା ତ୍ୟାଗ କରିଛନ୍ତି । ମୁଁ ହାତଯୋଡ଼ି ସେଇ ପ୍ରବାଦ ଶିକ୍ଷକଙ୍କୁ ପ୍ରଣାମ ଜଣାଇଲି ।

ମୋ ଠାରୁ ଅଳ୍ପ ଦୂରରେ ପଟା ଖଟରେ ଝିଅ ତା'ର ପାଠପଢ଼ାରେ ବ୍ୟସ୍ତ ଅଛି । ମୁଁ ମୋ ଭାବନା ରାଜ୍ୟରେ ଶଶଧର ସାରଙ୍କ ଠାରୁ ପ୍ରଧାନ ଶିକ୍ଷକ, ସ୍କୁଲ ପରିବେଶ ତଥା ଦୁଇ ପିଅନ ଶ୍ରୀମୁଖ ଓ ଯଜ୍ଞେଶ୍ୱର ସହ କୌତୁକିଆ ସମୟସବୁ ମନେ ପକାଉଥିଲି । ଝିଅ ପଛକୁ ଲେଉଟି ମୋତେ ଦେଖି ମୋ ପାଖକୁ ଆସିଲା, କହିଲା – ''ଆଜି ଛୁଟି ଅଛି । ତୁମେ ୨୦୨୫ର ଆଉ କିଛି କୌତୁକ କଥା କହିବାକୁ ଏଇ ନୂଆ ବର୍ଷ ଦିନ ମୋତେ କଥା ଦେଇଥିଲ । ଆଜି କହିବ ବାପା !'' ମୁଁ ତାକୁ କିଛି ସମୟ ଅନେଇଲି । ତା' ଛଳ ଛଳ ଆଖିରେ କେତେ ଉତ୍ସାହ, ଉଦ୍ଦୀପନା ଚହଲି ଯାଉଛି ସତେ ! ଆମ ଏଇ ଅଞ୍ଚଳର ଆମ୍ବ, ପଣସ, ମହୁଲ ଇତ୍ୟାଦି ଗଛମାନଙ୍କରେ ଶିରି ଶିରି ପବନରେ ମୁକୁଳିତ ହେବେ ! ମକର ସଂକ୍ରାନ୍ତି ପରଠାରୁ ଫୁଲ ଆସିବ, ଫଳ ଧରିବ ! ତେଣେ ଖରା ବଢ଼ି ବଢ଼ି ଗଲେ ସେଇ ଫଳଗୁଡ଼ିକ ରସାଳ, ସୁଗନ୍ଧଯୁକ୍ତ ଓ ସ୍ୱାଦିଷ୍ଟ ହୋଇ ପାରିବ ! ତା'ର ମହକରେ ଚଉଦିଗ ମତୁଆଲା ହେବେ ! ''ଆମ୍ବ ବଉଳଇ ଫଗୁଣ ମାସେ, ଦିଗ ଚହଟଇ ତା'ର ସୁବାସେ'' – ବର୍ଣ୍ଣବୋଧର ସେଇ ମନଛୁଆଁ ଧାଡ଼ିଏ ଭକ୍ତ କବି ଲେଖିଥିଲେ । ଝିଅ ଆମର ସେମିତି ଏଇ ଗଣିତ ଜ୍ଞାନରେ ଏବଂ ସଂଖ୍ୟାର କୌତୁକକୁ ବେଶ୍ ଅନୁଧ୍ୟାନ କରି ପ୍ରଖର ଉତ୍ସାହୀ ହୋଇଉଠିଛି । ମୁଁ ଠଉରାଇ ନେଲି । କହିଲି – ''ତୁ ଯେତେବେଳେ ଆଗ୍ରହୀ ଅଛୁ ତେବେ ଶୁଣ, ଗତ ନୂଆବର୍ଷ ଦିନ ମୁଁ ତୋତେ ଏଇ ୨୦୨୫ ସଂଖ୍ୟାର କୌତୁକ ତଥ୍ୟ ଦେଇଥିଲି ତାହା ତୋତେ ଶେଷ ଆଡ଼କୁ ଉଦାସ, ବାକ୍‌ରୁଦ୍ଧ ଓ ଅବଶ କରିଦେଇଥିଲା । ଏହା ତୋ' ପାଇଁ ନିରୁତ୍ସାହିତ ଥିଲା ନା' !'' ଝିଅ କହିଲା, ''ନା' ବାପା, ସେମିତି ନୁହେଁ । ମୁଁ ୨୦୨୫ର କୌତୁକ ଗୁଣ ଶୁଣି ଶୁଣି ସ୍ତମ୍ଭୀଭୂତ ହୋଇ ଯାଇଥିଲି । ସେସବୁ ତ ଖାତାରେ ଟିପି ନେଇଥିଲି । ପରେ ପୁଣି ତାକୁ ଥରେ ଦୁଇଥର ପଢ଼ି ତା' ଭିତରର ଅଦ୍ଭୁତ ଗୁଣ ସନ୍ଧାନ କଲି । ବେଶ୍ ମଜାଦାର କଥା ଅଛି ତା' ଭିତରେ ! ଖୁବ୍ ଖୁସି ହେଲି ! ସତରେ ବାପା, ଆମର ସମ୍ବଲପୁରୀ ବାନ୍ଧକଳା ପରି ଏଇ ସଂଖ୍ୟା ଜଗତର

କୌତୁକ ଗୁଣ ସବୁ ବେଶ୍ ଆମୋଦ ଦିଏ । ବିହ୍ୱଳ କରେ ।''

ଝିଅର ଉତ୍ତର ମୋତେ ମୁଗ୍ଧ କରିଦେଲା !

ମୁଁ କହିଲି – ''ଏଇ ଦେଖ୍, ଖରା ଟାଇଁ ଟାଇଁ ହେଲାଣି । ଚାଲ ଅଗଣାରେ ଶୀତଳ ଛାଇରେ ବସି ଆଲୋଚନା କରିବା ।'' ଆମେ ଅଗଣାକୁ ଗଲୁ । ମୁଁ ଆରମ୍ଭ କଲି – ''ଗତଥର ଆମର ଆଲୋଚ୍ୟ ୨୦୨୫ର କୌତୁକରେ ସଂଖ୍ୟା ୪୫ର ବେଶ୍ ଭୂମିକା ଥିଲାଟି !'' – ହଁ, ବାପା ! ୪୫ ସଂଖ୍ୟାଟିର ବେଶ୍ ଭୂମିକା, କାରଣ ୨୦+୨୫=୪୫ ଆଉ ୪୫x୪୫=୨୦୨୫ ! ଏମିତି ଆହୁରି କେତେ କଥା !'' ମୁଁ ଉତ୍ସାହିତ ହୋଇ କହିଲି –''ଆଜି ସେଇ ୪୫ରୁ ପୁଣି ଆରମ୍ଭ କରିବା !'' ଝିଅ ମୁଣ୍ଡ ଟୁଙ୍ଗାରି 'ହଁ' ଭରିଲା । ମୁଁ ଆରମ୍ଭ କଲି – ''୧ ଠାରୁ ଆରମ୍ଭ କରି ୪୫ଟି ଅଯୁଗ୍ମ ସଂଖ୍ୟାକୁ ମିଶାଇବୁ । ତେବେ ତୁ ସେଇ ୨୦୨୫ କୁ ପାଇବୁ ! ଅର୍ଥାତ୍, ୧+୩+୫+୭+୯...+୮୩+୮୫+୮୭+୮୯(୪୫ଟି ସଂଖ୍ୟା) =୨୦୨୫ ହେବ !! ପୁଣି ତିନୋଟି ସଂଖ୍ୟା ୧୧୫୫, ୧୧୫୮ ଓ ୧୧୯୪ର ବର୍ଗର ସମଷ୍ଟି ନେଇ ତା'ର ବର୍ଗମୂଳ ନେଲେ ଆମେ ୨୦୨୫ ପାଇବା !'' ଝିଅ ଏ ତଥ୍ୟ ଖାତାରେ ଟିପି ନେଲା । ହିସାବ ମଧ୍ୟ କଲା ଯେ ୪୫ଟି ଅଯୁଗ୍ମ ସଂଖ୍ୟାର ସମଷ୍ଟି ୨୦୨୫ ହେଉଛି । ମାତ୍ର ଦ୍ୱିତୀୟ ତଥ୍ୟ ଟିପିବାରେ ଭୁଲ୍ କଲା । ମୁଁ ସୁଧାରି ଦେଇ ଲେଖିଦେଲି – (୧୧୫୫ର ବର୍ଗ + ୧୧୫୮ର ବର୍ଗ + ୧୧୯୪ର ବର୍ଗ)ର ବର୍ଗମୂଳ = ୨୦୨୫ । ଝିଅ ପରୀକ୍ଷା କରି ମୋ କଥାର ସତ୍ୟତା ଜାଣିଲା । କିଛି ସମୟ ନୀରବ ରହି ମୁଁ କହିଲି – ଗତଥର ୧ରୁ ଆରମ୍ଭ କରି ୪୫ ପର୍ଯ୍ୟନ୍ତ ସଂଖ୍ୟାର ବର୍ଗ ସହିତ ଅନ୍ୟ ସଂଖ୍ୟାମାନଙ୍କର ବର୍ଗର ସମଷ୍ଟି, ଯାହା ମୁଁ ତୋତେ ଗତଥର ଶେଷ ଆଡ଼କୁ କହିଥିଲି, ତୁ ସ୍ତମ୍ଭୀଭୂତ ହୋଇ ଯାଇଥିଲୁ, ଠିକ୍ ସେହିପରି ଏଇ ୬ଟି ସଂଖ୍ୟାର ବର୍ଗର ସମଷ୍ଟି ମଧ୍ୟ ୨୦୨୫ ହେବ । ସେଗୁଡ଼ିକ ହେଲା ୩ର ବର୍ଗ+୪ର ବର୍ଗ+୧୨ର ବର୍ଗ+୧୬ର ବର୍ଗ+୨୪ର ବର୍ଗ+୩୨ର ବର୍ଗ = ୨୦୨୫!!''

– ''ଆରେ ବାପ୍‌ରେ ! ଏତେ ମଜାଦାର ବର୍ଗର ସମଷ୍ଟି !''– ଝିଅ ହଠାତ୍ କହି ପକାଇଲା ।

ମୁଁ ତାକୁ ଆଶ୍ଚର୍ଯ୍ୟ କରିବା ପାଇଁ ଯାଦୁକର କୁହୁକ ପେଡ଼ିରୁ ଗୋଟିଏ ପରେ ଗୋଟିଏ ଅଦ୍ଭୁତ ଦ୍ରବ୍ୟ ବାହାର କରିବା ପରି ନୂଆ ନୂଆ ତଥ୍ୟ କହିଚାଲିଥାଏ । ସେ ପୂରା ହତବାକ୍ !

ଏଇ ଦେଖ, ଏଠାରେ ପ୍ରଦତ୍ତ ବର୍ଗମୂଳସବୁକୁ ଲକ୍ଷ୍ୟ କର :

- (୫୨୬୫ର ବର୍ଗ–୪୮୬୦ର ବର୍ଗ)ର ବର୍ଗମୂଳ=୨୦୨୫
- (୩୫୯୩ର ବର୍ଗ–୨୯୬୮ର ବର୍ଗ)ର ବର୍ଗମୂଳ=୨୦୨୫
- (୩୩୭୫ର ବର୍ଗ–୨୭୦୦ର ବର୍ଗ)ର ବର୍ଗମୂଳ=୨୦୨୫
- (୩୧୭୭ର ବର୍ଗ–୨୪୪୮ର ବର୍ଗ)ର ବର୍ଗମୂଳ=୨୦୨୫
- (୨୩୮୫ର ବର୍ଗ–୧୨୬୦ର ବର୍ଗ)ର ବର୍ଗମୂଳ=୨୦୨୫
- (୨୨୯୫ର ବର୍ଗ–୧୦୮୦ର ବର୍ଗ)ର ବର୍ଗମୂଳ=୨୦୨୫
- (୨୦୩୧ର ବର୍ଗ–୧୫୬ର ବର୍ଗ)ର ବର୍ଗମୂଳ=୨୦୨୫

ଝିଅର ଆଖିଦୁଇଟି ଯେମିତି ଏକଲୟରେ, ଅପଲକ ଭାବରେ ଏଇ ସଂଖ୍ୟାସବୁରେ ଲାଖି ରହିଛି ! ସେ କ'ଣ କହିବ ଭାବିପାରୁ ନାହିଁ । ମୁଁ ତାକୁ ସଚେତ କରିବା ପାଇଁ ପଚାରିଲି, ''ଝିଅ, କ'ଣ ଦେଖୁଛୁ ?'' – ସେ ନିରୁତ୍ତର ।

ମୁଁ ତାକୁ ଏଥର କହିଲି : ''ଏଇ ତଳର ଶ୍ରେଣୀ (series)କୁ ଲକ୍ଷ୍ୟ କର । ସବୁଠି କିପରି ୨୦୨୫ ଛପି ରହିଛି !

(କ) ୩ର ସପ୍ତମ ଘାତରୁ ୩ର ପଞ୍ଚମ ଘାତକୁ ବିୟୋଗ କରିବା ଏବଂ ବିୟୋଗ ଫଳରେ ୩ର ଚତୁର୍ଥ ଘାତକୁ ମିଶାଇବା । ଅର୍ଥାତ୍, $(୩^{୭}–୩^{୫}+୩^{୪})=୨୦୨୫$

(ଖ) ୨ର ଶୁନ ଘାତ, ୨ର ତୃତୀୟ ଘାତ, ୨ର ପଞ୍ଚମ ଘାତ, ୨ର ଷଷ୍ଠ ଘାତ, ୨ର ସପ୍ତମ ଘାତ, ୨ର ଅଷ୍ଟମ ଘାତ, ୨ର ନବମ ଘାତ ଏବଂ ୨ର ଦଶମ ଘାତର ସମଷ୍ଟି ହୁଏ ୨୦୨୫ । ଅର୍ଥାତ୍,

$(୨^{୦}+୨^{୩}+୨^{୫}+୨^{୬}+୨^{୭}+୨^{୮}+୨^{୯}+୨^{୧୦})=୨୦୨୫$

(ଗ) ପୁଣି ୧ର ତୃତୀୟ ଘାତ, ୨ର ତୃତୀୟ ଘାତ, ୨ର ତୃତୀୟ ଘାତ, ୪ର ତୃତୀୟ ଘାତ, ୬ର ତୃତୀୟ ଘାତ ଏବଂ ୧୨ର ତୃତୀୟ ଘାତର ସମଷ୍ଟି ସେଇ ୨୦୨୫ହିଁ ହେବ ! ଅର୍ଥାତ୍, $(୧^{୩}+୨^{୩}+୨^{୩}+୪^{୩}+୬^{୩}+୧୨^{୩})=୨୦୨୫$ ।

ଏଥର ମୁଁ ନୀରବରେ ତାକୁ ନିରେଖିଲି । ଝିଅ ପ୍ରତ୍ୟେକ ସଂଖ୍ୟା ସଂରଚନାକୁ ଅତ୍ୟନ୍ତ ଖୁସ୍ ନଜରରେ ଦେଖି ନେଉଥାଏ ଏବଂ ତା' ମଧ୍ୟରୁ ୨୦୨୫ ସଂଖ୍ୟା କିପରି ବାହାରି ଆସୁଛି ପରଖୁ ଥାଏ ।

ମୁଁ ତାକୁ ପୁଣି ସଚେତ କରି କହିଲି – ''ଝିଅ ! କ'ଣ ଭାବୁଛୁ ? ଶୁଣ, ଏକ ଅଦ୍ଭୁତ ବିଷୟଟେ ଏବେ କହୁଛି । ୨୦୨୫ ମସିହାରେ ଆମେ ଏପରି ଦୁଇଟି ତାରିଖ ପାଇବା ଏଇ ସେପ୍‌ଟେମ୍ବର ମାସରେ, ଯେପରି ସେଇ ତାରିଖ ଦୁଇଟିର ଅଙ୍କମାନଙ୍କୁ ନେଇ ଆମେ ଦୁଇଟି ଅଦ୍ଭୁତ ସଂଖ୍ୟା ପାଇବା ଯାହା ପୂର୍ଣ୍ଣବର୍ଗ ଅଟେ !! ସେଇ ତାରିଖ ଦୁଇଟି ହେଲା

ତାରିଖ ୦୧.୦୯.୨୦୨୫ ଓ ତାରିଖ ୨୭.୦୯.୨୦୨୫ ।

(କ) ତା. ୦୧.୦୯.୨୦୨୫ରୁ ମିଳୁଥିବା ସଂଖ୍ୟା ୧୦୯୨୦୨୫=୧୦୪୫ର ବର୍ଗ ।

(ଖ) ତା. ୨୭.୦୯.୨୦୨୫ରୁ ମିଳୁଥିବା ସଂଖ୍ୟା ୨୭୦୯୨୦୨୫=୫୨୦୫ର ବର୍ଗ ।

ଠିକ୍ ସେହିପରି a+b+b+c ର ମୂଲ୍ୟ ୨୭ ଏବଂ $a^3+b^3+b^3+c^3$=୨୦୨୫ ହେଉଥିବା ଅଙ୍କମାନଙ୍କୁ ନେଇ ଆମେ ୨୦୨୫କୁ ଦୁଇ ପ୍ରକାରରେ ପ୍ରକାଶ କରିପାରିବା । ଯଥା –

(କ) ୧ର ଘନ+୮ର ଘନ+୮ର ଘନ+୧୦ର ଘନ =୨୦୨୫ । ଅର୍ଥାତ୍ :

$୧^{ଘ} + ୮^{ଘ} + ୮^{ଘ} + ୧୦^{ଘ}$ =୨୦୨୫ । ଏଠାରେ a=୧, b=୮ ଓ c=୧୦ ହେବ । ଏଠାରେ a+b+b+c=୨୭ ।

(ଖ) ୨ର ଘନ+୭ର ଘନ+୭ର ଘନ+୧୧ର ଘନ=୨୦୨୫ । ଅର୍ଥାତ୍ :

$୨^{ଘ} + ୭^{ଘ} + ୭^{ଘ} + ୧୧^{ଘ}$ =୨୦୨୫ । ଏଠାରେ a=୨, b=୭ ଓ c=୧୧ ହେବ । ଏବଂ a+b+b+c=୨୭ ।

ଏଥର କିଛି ସମୟ ଅତିକ୍ରାନ୍ତେ ମୁଁ ତା'ର ଏକାଗ୍ରତାକୁ ଭଙ୍ଗ କରି କହିଲି – ''ଝିଅ, ଏଇ ୨୦୨୫ ସଂଖ୍ୟାକୁ ଆମେ ୧ ଠାରୁ ୯ ପର୍ଯ୍ୟନ୍ତ ଅଙ୍କମାନଙ୍କ ମଧ୍ୟରୁ ଗୋଟିଏ ଅଙ୍କ ବ୍ୟବହାର କରି ସଜ୍ଜୀକରଣ କରିପାରିବା, ଅତି ସୁନ୍ଦର ଢଙ୍ଗରେ । ଏଥିରେ ତୋତେ ହୁଏତ ସାମାନ୍ୟ କଠିନ ଲାଗିପାରେ । ମାତ୍ର ତୁ ଏହାର ସତ୍ୟତା ପରୀକ୍ଷା କରିପାରୁ ।

କେବଳ 1ର ସଜ୍ଜୀକରଣ :

(କ) $(1111-111+11+1)\times(1+1)+1=2025$

(ଖ) $\{(1+1+1+1)\times11+1\}$ ର ଘାତ $(1+1)=2025$

(ଗ) $1111\times(1+1)-111\times(1+1)+11+11+1+1+1=2025$

କେବଳ 2ର ସଜ୍ଜୀକରଣ :

(କ) $2222-222+22+2+(2\div2)=2025$

(ଖ) $\left(2\times22+\frac{2}{2}\right)$ ର ବର୍ଗ $=2025$

(ଗ) $\left(\frac{(2+2+2+2)\times\frac{22}{2}+2}{2}\right)^{\frac{2+2}{2}}=2025$

(ଘ) $\left[\left(2^2+\frac{2}{2}\right)^2\left(2^2\times2+\frac{2}{2}\right)\right]$ ର ଘାତ$2=2025$

କେବଳ 3ର ସଜ୍ଜୀକରଣ :

(କ) $333\times(3+3)+(3\times3\times3)=2025$

(ଖ) $3^3[3\times3+3^3+3^3+\frac{33}{3}]+3^3=2025$

(ଗ) $\left[\frac{(3333-333+33+3)\times\frac{3+3}{3}+3}{3}\right]=2025$

କେବଳ 4ର ସଜ୍ଜୀକରଣ :

(କ) $\left(44+\frac{4}{4}\right)^{\frac{4+4}{4}}=2025$

(ଖ) $\left[\frac{(4+4+4+4)\times\frac{44}{4}+4}{4}\right]^{\frac{4+4}{4}}=2025$

(ଗ) $\left[\frac{(4444-444+44+4)\times\frac{4+4}{4}+4}{4}\right]=2025$

କେବଳ 5ର ସଜ୍ଜୀକରଣ :

(କ) $5\{5\times(5\times5+55)+5\}=2025$

(ଖ) $\left[\frac{(5+5+5+5)\times\frac{55}{5}+5}{5}\right]^{\frac{5+5}{5}}=2025$

(ଗ) $\left[\frac{(5555-555+55+5)\times\frac{5+5}{5}+5}{5}\right]=2025$

କେବଳ 6ର ସଜ୍ଜୀକରଣ :

(କ) $\left\{(6\times6\times6\times6)+\left(\frac{6\times6}{6+6}\right)^6\right\}=2025$

(ଖ) $\left\{\frac{(6+6+6+6)\times\frac{66}{6}+6}{6}\right\}^{\frac{6+6}{6}}=2025$

(ଗ) $\left[\frac{(6666-666+66+6)\times\frac{6+6}{6}+6}{6}\right]=2025$

କେବଳ 7ର ସଜ୍ଜୀକରଣ :

(କ) $\left(7+7+\frac{7}{7}\right)\times\left\{\left(\frac{7+7}{7}\right)^{7}+7\right\}=2025$

(ଖ) $\left[\frac{(7+7+7+7)\times\frac{77}{7}+7}{7}\right]^{\frac{7+7}{7}}=2025$

(ଗ) $\left[\frac{(7777-777+77+7)\times\frac{7+7}{7}+7}{7}\right]=2025$

କେବଳ ୮ର ସଜ୍ଜୀକରଣ :

(କ) $88\times\left(8+8+8-\frac{8}{8}\right)+\frac{8}{8}=2025$

(ଖ) $\left[\frac{(8+8+8+8)\times\frac{88}{8}+8}{8}\right]^{\frac{8+8}{8}}=2025$

(ଗ) $\left\{\frac{(8888-888+88+8)\times\frac{8+8}{8}+8}{8}\right\}=2025$

କେବଳ ୯ର ସଜ୍ଜୀକରଣ :

(କ) $9\times[(9+9)\times(9+9)-99]=2025$

(ଖ) $\left\{\frac{(9+9+9+9)\times\frac{99}{9}+9}{9}\right\}^{\frac{9+9}{9}}=2025$

(ଗ) $\left[\frac{(9999-999+99+9)\times\left(\frac{9+9}{9}\right)+9}{9}\right]=2025$

''ସବୁ ଅଙ୍କମାନଙ୍କର ସଜ୍ଜୀକରଣରେ ଏକ ସ୍ୱତନ୍ତ୍ର ପ୍ରକାର ଧାରାର ପ୍ରୟୋଗ କରାଯାଇଛି । ତୁ ଲକ୍ଷ୍ୟ କରି ଜାଣିପାରୁଥିବୁ । ତୋତେ ସାମାନ୍ୟ ଜଟିଳ ବୋଧ ହୋଇପାରେ । ମାତ୍ର ଖୁବ୍ ଆଶ୍ଚର୍ଯ୍ୟଭରା ସଜ୍ଜୀକରଣ କରାଯାଇଛି । ତୁ ଲକ୍ଷ୍ୟ କଲେ ଜାଣିପାରିବୁ ।'' – ଝିଅ ଆଖି ବୁଲାଇ ଆଣିଲା ଏଇ ସଜ୍ଜୀକରଣକୁ ପୁଣି ଥରେ । କହିଲା – ''ବାପା, ଆମ ସାହିତ୍ୟ ସାର୍ ଗତ ଶନିବାର ଦିନ ଆମ ଶ୍ରେଣୀରେ ଛାନ୍ଦ ଓ ଅଳଙ୍କାର ବିଷୟ ପଢ଼ାଉ ଥିଲେ । ସେଥିରେ ସେ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ଏକ ପଙ୍‌କ୍ତି ଉଦ୍ଧୃତ କରି ଆବୃତ୍ତି କରିଥିଲେ – 'ଦେଖି ନବ-କଳିକା, ବକାଳିକା ମାଳିକା ଆଳି କାଳିକା କାନ୍ତ ସ୍ମରି ...' ଇତ୍ୟାଦି ଇତ୍ୟାଦି ଆହୁରି କେତେ କ'ଣ ! ମୁଁ ମୋ ଟିପା ଖାତାରେ ଏତିକି ଲେଖି ପାରିଛି । ଏହା ତ ସେମିତି ସଂଖ୍ୟାର ଚାତୁରୀରେ ବେଶ୍ ମନୋମୁଗ୍ଧକର ହୋଇଛି ।''

ମୁଁ କହିଲି – ''ତୁ ଏକଦମ୍ ଠିକ୍ କହିଛୁ, ଝିଅ ! ତୋର ସାହିତ୍ୟ ଜ୍ଞାନ ମଧ୍ୟ କିଛି କମ୍ ନୁହେଁ ।''

ଝିଅ ଏଥର ଉଠିଲା ଖାତା କଲମ ଧରି । ସିଏ ତା ପଢ଼ା କୋଠରିକୁ ଗଲା ।

ମୁଁ ଅନ୍ୟ କାମରେ ମଗ୍ନ ରହିଲି ।

❑❑❑

One has to be more persistent than the difficulty – there is no other way. Nothing can prevail against the soul's entire will to reach the Divine.

– Sri Aurobindo

ପ୍ରତିବନ୍ଧକ ତୁଳନାରେ ଜଣକୁ ଅଧିକ ପ୍ରଯତ୍ନବାନ୍ ହେବାକୁ ପଡ଼ିବ – ଅନ୍ୟ ପଥ ନାହିଁ । ଭଗବାନଙ୍କ ସନ୍ନିକଟେ ଉପନୀତ ହେବା ଦିଗରେ ଅନ୍ତରାତ୍ମାର ଅଖଣ୍ଡ ସଂକଳ୍ପ ବିରୋଧରେ କିଛିହିଁ ତିଷ୍ଠି ନପାରେ ।

– ଶ୍ରୀଅରବିନ୍ଦ

ଚେତନାର ଦିଗ୍‌ବଳୟ :

# ନିଦ୍ରାଘାତକ ଅପବିଳାସ

ରୋମ ସଭ୍ୟତାର ପୁରାକଥାରେ ରହିଛି ଏକ ତାତ୍ପର୍ଯ୍ୟପୂର୍ଣ୍ଣ କିଂବଦନ୍ତି : ସେ ସୁପ୍ରାଚୀନ ପରମ୍ପରାରେ ଯେଉଁ ସମସ୍ତ ଦେବଦେବୀ ପୂଜା ପାଉଥିଲେ, ସେମାନଙ୍କ ଭିତରେ ଅନ୍ୟତମ ହେଲେ ହେରା । ମୁଖ୍ୟତଃ ବିବାହ, ମାତୃତ୍ୱ ଇତ୍ୟାଦି ଅନୁଷ୍ଠାନ ନିମନ୍ତେ ଲୋକେ ସେ ଦେବୀଙ୍କ ଆଶିଷ କାମନା କରୁଥିଲେ ।

ଦେବୀଙ୍କ ପ୍ରଧାନ ପୂଜାରିଣୀ ଥରେ ବେଶ୍ କିଛି ଦୂର ଗ୍ରାମରେ ଅବସ୍ଥିତ ସ୍ୱଗୃହକୁ ଯାଇଥା'ନ୍ତି । ଯେଉଁଦିନ ସେ ପର୍ବତୋପରି ମନ୍ଦିରକୁ ଫେରିବା କଥା, ସେଦିନ ପ୍ରାକୃତିକ ଦୁର୍ଯୋଗବଶତଃ ସେ ଫେରି ପାରିଲେ ନାହିଁ । ତେଣେ ଦିନକ ପରେ ଦେବୀଙ୍କ ବାର୍ଷିକ ଆରାଧନା ପର୍ବ । ପୂଜାରିଣୀ ସଜବାଜ ହୋଇ ବାହାରିବା ବେଳକୁ ସେ ଦୂରପଥ ଅତିକ୍ରମ କରିବା ନିମନ୍ତେ କୌଣସି ଘୋଡ଼ାଗାଡ଼ି ମିଳିଲା ନାହିଁ । ସନ୍ଧ୍ୟା ହୋଇ ଆସିଲା । ସକାଳ ହେବା ମାତ୍ରେ ମନ୍ଦିରରେ ପୂଜା ଆରମ୍ଭ ହେବ । ପୂଜାରିଣୀଙ୍କ ଅନୁପସ୍ଥିତି ହେବ ଅକ୍ଷମଣୀୟ ଅପରାଧ ।

''ମା, ତୁମେ ଗାଡ଼ିରେ ବସିଯାଅ । ଆମେ କିଛି ଦୂର ଟାଣିନେଇ ଗଲେ ପର ଗାଁରେ ଘୋଡ଼ା ମିଳିଯିବେ ।'' ଏ ପ୍ରସ୍ତାବ ଦେଲେ ତାଙ୍କର ଦୁଇ ତରୁଣ ପୁତ୍ର କ୍ଲିଓବିସ୍ ଓ ବେଟାନ୍ । ଅଗତ୍ୟା ପୂଜାରିଣୀ ତାହାହିଁ କଲେ । ପାଖ ଗାଁରେ କିନ୍ତୁ ଘୋଡ଼ା ମିଳିଲେ ନାହିଁ । ଦୁଇ ପୁତ୍ର ସାରାରାତି ଗାଡ଼ି ଟାଣି ସୂର୍ଯ୍ୟୋଦୟ ପୂର୍ବରୁ ମା'ଙ୍କୁ ନେଇ ପହଞ୍ଚାଇ ଦେଲେ ଦେବୀ ହେରାଙ୍କ ମନ୍ଦିରରେ ।

ପୂଜା ଯଥାବିଧି ସମ୍ପାଦନ ହେବା ଉତ୍ତାରୁ ପୂଜାରିଣୀ ଦେବୀଙ୍କୁ ଜଣାଇଲେ ଏହି ପ୍ରାର୍ଥନା : ''ମା ! ମୋର ଦୁଇ ସୁପୁତ୍ରଙ୍କୁ ଏଭଳି କୌଣସି ବରଦାନ କର, ଯାହା ଫଳରେ ସେ ଦୁହେଁ ଆଜୀବନ କୌଣସି ଦୁଃଖ ଭୋଗିବେ ନାହିଁ !''

ତତ୍‌କ୍ଷଣାତ୍ ଦୁଇ ପୁଅଙ୍କୁ ନିଦ ଘାରି ଆସିଲା । ଦୁହେଁ ଦେବୀଙ୍କ ଆସନ ପଛ ପାଖରେ ଶୋଇଗଲେ – ଏବଂ ନିଦ୍ରିତ ରହିଲେ ସାରାଜୀବନ । ଯଥା ସମୟରେ ସେହି ନିଦ୍ରା ଭିତରେ ହେଲା ସେମାନଙ୍କ ଜୀବନାବସାନ । ଏହି ରୂପେ ଦେବୀଙ୍କ ଆଶୀର୍ବାଦ ହେଲା ଫଳବତୀ ।

ଏ କିଂବଦନ୍ତିର ବକ୍ତବ୍ୟ ହେଲା ନିଦ୍ରାହିଁ ସାଧାରଣ ଜୀବନରେ ସବୁଠାରୁ ସୁଖକର ଅବସ୍ଥା । ସେ ଅବସ୍ଥାରେ ଆମକୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ । ଆମେ ସାମୟିକ ଭାବେ ସବୁ ଦୁଃଖ ବିସ୍ମୃତ ହୋଇଯାଉଁ ।

ଆମେ ଉପଭୋଗ କରୁଥିବା ବହୁ ସୁବିଧାର ମୂଲ୍ୟ ବିଷୟରେ ଆମେ ସଚରାଚର ସଚେତନ ନଥାଉଁ । ଯେତେବେଳେ ସୁବିଧାଟିରୁ ଆମେ ବଞ୍ଚିତ ହେଉଁ ସେତେବେଳେ କିନ୍ତୁ ତା'ର ଗୁଣ ଝୁରି ହେଉଁ । ସେକ୍ସପିଅରଙ୍କ ବିଖ୍ୟାତ ନାଟକ 'ମ୍ୟାକ୍‌ବେଥ୍' ଶିକ୍ଷକମାନେ ଅନେକେ ପଢ଼ିଥିବେ ଏବଂ ଛାତ୍ରମାନେ ତା'ର କାହାଣୀ ଜାଣିଥିବେ । ନିଜେ ରାଜା ବନିବା ନିମନ୍ତେ ମ୍ୟାକ୍‌ବେଥ୍ ତାଙ୍କରି ଆତିଥ୍ୟ ଗ୍ରହଣ କରି ନିଦ୍ରିତ ଥିବା ତାଙ୍କ ରାଜା ଡନ୍‌କାନ୍‌ଙ୍କୁ ନିଶାର୍ଦ୍ଧରେ ହତ୍ୟା କରିଛନ୍ତି । କିନ୍ତୁ ପରେ ପରେ ସେ ହୃଦୟଙ୍ଗମ କରୁଛନ୍ତି – ଜୀବନରେ ସେ ନିଜେ ଆଉ କେବେ ବି ନିଦ୍ରା ଉପଭୋଗ କରି ପାରିବେ ନାହିଁ । ସେତେବେଳେ ନିଦ କେମିତି ଏକ ନିରୀହ ଅବସ୍ଥା, ତାହା କେମିତି ଦୁଃଖଶୋକ ଭୁଲାଇ ଦିଏ, ଆହତ ମନ ଉପରେ ମଲମ ଭଳି କାର୍ଯ୍ୟ କରେ, ଏସବୁ କଥା ମନେ ପକାଇ ସେ ଭୀଷଣ ସନ୍ତପ୍ତ ।

ଅବଶ୍ୟ ଆମ ସମସ୍ତଙ୍କ ସକାଶେ ନିଦ୍ରା ଯେ ସର୍ବଦା ସୁଖନିଦ୍ରା ହୋଇଥାଏ, ତାହା ନୁହେଁ । ନିଦ୍ରାର ଉପକାରିତା ଯଥାର୍ଥଭାବେ ଲାଭ କରିବା ନିମନ୍ତେ ଶୋଇବା ପୂର୍ବରୁ ମନରୁ ସମସ୍ତ ଚିନ୍ତା ଓ ଉତ୍ତେଜନା ଦୂର କରିଦେବା ଆବଶ୍ୟକ । ତା'ହେଲେ ଦୁଃସ୍ୱପ୍ନ ମଧ୍ୟ ଆମକୁ କ୍ଳେଶ ଦେବ ନାହିଁ । ଶ୍ରୀମାଙ୍କ ଭାଷାରେ, ''ବିଶୁଦ୍ଧ ଶୁଭ୍ର ନୀରବତା ଭିତରେ ମନକୁ ଉଶ୍ୱାସ କରିଦେବା ଚାହି ...'' (One must relax the mind in the pure white silence ...)

ଅଭ୍ୟାସ ଦ୍ୱାରା ଏହା ସମ୍ଭବ । କିନ୍ତୁ ଆଜି ବହୁ ଲୋକ, ବିଶେଷତଃ ଛାତ୍ରମାନେ ବିପରୀତମୁଖୀ ଅଭ୍ୟାସର କ୍ରୀତଦାସ ବନି ଯାଉଛନ୍ତି । ମନକୁ ଶାନ୍ତ ରଖିବାର ଚେଷ୍ଟା କରି ନିଦ୍ରାକୁ ଅପେକ୍ଷା କରିବା ପରିବର୍ତ୍ତେ ସେମାନେ ମନକୁ ଉତ୍ତେଜିତ ଓ ମସ୍ତିଷ୍କକୁ ଚଳଚଞ୍ଚଳ ରଖି ଶୋଇବାକୁ ଯାଉଛନ୍ତି । ଫଳରେ

ସହଜରେ ନିଦ୍ରା ସମ୍ଭବପର ହେଉ ନାହିଁ । ବିଳମ୍ୱରେ ଯେତିକି ନିଦ୍ରା ଆସୁଛି, ତାହା ଆମର କ୍ଳାନ୍ତି ଅପନୋଦନ କରିବାକୁ ଅକ୍ଷମ; ନିଦ୍ରା ତୁଟିବା ଅନ୍ତେ ସତେଜତା ପରିବର୍ତ୍ତେ ତାହା ଆମକୁ ଅବସନ୍ନତାର ଅନୁଭୂତି ଦେଉଛି ।

ଗତ ଦୁଇମାସ ଭିତରେ ପ୍ରକାଶିତ କେତୋଟି ଗବେଷଣାରୁ ଜଣାଯାଏ ଶୋଇବା ପୂର୍ବରୁ ଅନେକେ ବିଦ୍ୟୁତ୍ ଅଧୁଷିତ ପର୍ଦାସବୁ (ଟି.ଭି., ଇ-ବୁକ୍ ହେଉ ବା ସ୍ମାର୍ଟ ଫୋନ୍ ହେଉ) ଉପରେ ମନ ଓ ଦୃଷ୍ଟି ନିବଦ୍ଧ ରଖିଥା'ନ୍ତି । ସେସବୁ ପର୍ଦା-ବିଚ୍ଛୁରିତ ଆଲୋକ ନିଦ୍ରା ନିମନ୍ତେ ଅତ୍ୟାବଶ୍ୟକ ହର୍‌ମୋନ୍ ମେଲାଟୋନିନ୍‌କୁ ଷ୍ଥାଣୁ କରିଦିଏ । ସେ ପ୍ରାକୃତିକ କ୍ରିୟାରେ ବିଭ୍ରାଟ ହେବା ଫଳରେ ଖାଲି ଯେ ନିଦ୍ରା ହାନି ହୁଏ ସେତିକି ନୁହେଁ, ତାହା ଆମ ମାନସିକ ଭାରସାମ୍ୟକୁ ମଧ ଦୋହଲାଇ ଦିଏ । ଫଳରେ ଆମ ସ୍ୱାଭାବିକ ଚିନ୍ତାଧାରା ଏବଂ ଆଚରଣ ନେତିବାଚକ ଭାବରେ ପ୍ରଭାବିତ ହୁଏ ।

ଏ ସ୍ଥୂଳ ଶାରୀରିକ ବିପନ୍ନତା ସହ ଶୋଇବା ପୂର୍ବରୁ ଆମେ ଦେଖୁଥିବା ବିଷୟ ବା ଦୃଶ୍ୟର ପ୍ରଭାବ ଆମ ମଗଜକୁ ବିଶ୍ରାମ ଦିଏ ନାହିଁ । ଅତଏବ ଅବସନ୍ନତା ଅନିବାର୍ଯ୍ୟ ।

ଏ ସମସ୍ୟା ଉପରେ ବିଶଦ ଆଲୋଚନା କରିଛନ୍ତି ମୁମ୍ବାଇର ନିଦ୍ରା-ବିଶେଷଜ୍ଞ ଡ. ପ୍ରୀତି ଦେବ୍‌ନାନୀ, ଗୁରୁଗାଓଁର ଗବେଷକ ଡ. ହିମାଂଶୁ ଗର୍ଗ ତଥା ବିଦେଶରେ କେନ୍ଦ୍ର ମିଚିଗାନ୍ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ଅଧ୍ୟାପିକା ଡ. ସାରା ଡୋନୋଫ୍ । ନାନାଦି ତଥ୍ୟ ଉପସ୍ଥାପନ କରି ସେମାନେ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ତାହାର ମର୍ମ ହେଲା, ଏହି ନୂତନ ନିଶା ଆଉ ବର୍ଷ କେତୋଟି ଭିତରେ ବିକୃତ ନିଦ୍ରା ଅଥବା ନିଦ୍ରାର ଅଭାବ ଯୋଗୁଁ ତରୁଣ ସମାଜର ସ୍ୱାସ୍ଥ୍ୟ ତଥା ଚିନ୍ତାଶକ୍ତିକୁ ରୁଗ୍ଣ କରିଦେବ । ଏକ ସମ୍ବାଦପତ୍ର ପରିବେଷଣ କରିଥିବା ହିସାବ ଅନୁସାରେ ଭାରତରେ ସ୍ମାର୍ଟ ଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ପାଞ୍ଚଶହ ତିରିଶ ନିୟୁତ (530 Millions) । ସେମାନଙ୍କ ଭିତରୁ ଶତକଡ଼ା ୩୬ ଜଣ ଫିଲିପ୍‌ସ୍ ଦ୍ୱାରା ଅନୁଷ୍ଠିତ ଏକ ସର୍ବେକ୍ଷଣ ଅବସରରେ ସ୍ୱୀକାର କରିଛନ୍ତି ଯେ ଏହି ଚିଜଟି ସେମାନଙ୍କ ନିଦ୍ରାବିଭ୍ରାଟ ନିମନ୍ତେ ଦାୟୀ !

ତଥାପି ଆମେ ଏ ଅପବିଳାସ ପାଖରେ ଆତ୍ମସମର୍ପଣ କରି ଜୀବନରେ ଗୁଣଗତ ବିପନ୍ନତା ଡାକି ଆଣିବା କ'ଣ ଅପରିହାର୍ଯ୍ୟ ? କିଞ୍ଚିତ୍ ଇଚ୍ଛାଶକ୍ତି ପ୍ରୟୋଗ କରି ଆମେ ନିଶ୍ଚୟ ଏ ଆପଦରୁ ମୁକ୍ତ ରହିପାରିବା ।

— **ମନୋଜ ଦାସ** ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com